

ସାଫ୍ ଟାଇଟଲ ଉପରେ ଛେତ୍ରୀଙ୍କ ଲକ୍ଷ୍ୟ | ୧୧

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଆଲିଆଙ୍କ 'ହାର୍ଟ ଅଫ୍ ଷ୍ଟୋନ'ର ଟ୍ରେଲର ରିଲିଜ | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur.

ବିଂଶତମ ବର୍ଷ ସଂଖ୍ୟା-୯୦ Vol. 20 No-90 21 JUNE 2023 WEDNESDAY BHUBANESWAR ବୁଧବାର, ୨୧ ଜୁନ୍ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ବଡ଼ଦାଣ୍ଡ ଲୋକାରଣ୍ୟ

# ଭକ୍ତ-ଭଗବାନ ଏକାକାର





### ଶରଧାବାଲିରେ ଲାଗିଲା ତାଳଧ୍ୱଜ ରଥ

### ବଡ଼ଶଙ୍ଖରେ ଦେବଦଳନ, ମାଉସୀମା ଛକରେ ଅଟକିଲା ନନ୍ଦିଘୋଷ

### ୧୦ଲକ୍ଷ ଭକ୍ତଙ୍କ ସମାଗମ, ରଥ ଟାଣିଲେ ମୁଖ୍ୟମନ୍ତ୍ରୀ

### ଠେଲାପେଲାରେ ବହୁଭକ୍ତ ଗୁରୁତର, ହସ୍ପିଟାଲରେ ଭର୍ତ୍ତି

ପୁରୀ, ୨୦।୬(ଭାସ୍କର ନ୍ୟୁଜ): ବଡ଼ଦାଣ୍ଡରେ କାଳିଆ ଠାକୁରଙ୍କ ଦିବ୍ୟଲୀଳା। ଭକ୍ତ ଓ ଭଗବାନଙ୍କର ଅପୂର୍ବ ମିଳନ। ଭକ୍ତିରେ ଭରିଯାଇଥିଲା ଭକ୍ତର ମନ। ରତ୍ନବେଦୀରୁ ଜନ୍ମବେଦୀକୁ ବାହୁଡ଼ିଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ଏହି ନବଦିନାତ୍ମକ ଯାତ୍ରା ପାଇଁ ଉଛୁଳି ଉଠିଥିଲା ବଡ଼ଦାଣ୍ଡ। ଲକ୍ଷାଧିକ ଭକ୍ତଙ୍କ ସମାଗମ ଓ ହରିବୋଲ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ପରିବେଶ। କାଳିଆ ଠାକୁରଙ୍କ ଆଖିରେ ଆଖି ମିଶାଇ ଭକ୍ତ ହୋଇ ଉଠିଥିଲା କୃତ୍ୟ କୃତ୍ୟ। ମନ ପୂରାଇ ମହାପ୍ରଭୁଙ୍କୁ ରଥ ଉପରେ ଦେଖିବା ସହ ଆନନ୍ଦରେ ଆଖିରୁ ଗଡ଼ାଇ ଦେଇଥିଲା ଆନନ୍ଦର ଲୁହ। ବର୍ଷକରେ ଥରେ ରତ୍ନ ସିଂହାସନ ଛାଡ଼ି ବଡ଼ଦାଣ୍ଡକୁ ଓହ୍ଲାଇ ଆସିବା ସହ ଭକ୍ତଙ୍କୁ ଦେଇଥିଲେ ଦର୍ଶନ। ମଙ୍ଗଳବାର ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇଥିଲା ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡିବିଜେ ନୀତି। ପ୍ରଥମେ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ହୋଇଥିଲା। ପରେ ବଡ଼ଭାଇ ପ୍ରଭୁ ବଳଭଦ୍ରଙ୍କୁ ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ଧାଡ଼ିପହଣ୍ଡିରେ ବଡ଼ ଠାକୁରଙ୍କୁ ରତ୍ନବେଦୀରୁ ରଥ ଉପରକୁ ଆଣିଥିଲେ ସେବାୟତ। ଟାହିଆ ହଲାଇ ବଡ଼ଦାଣ୍ଡରେ ଝୁଲିଝୁଲି ଆସିଥିଲେ ବଡ଼ ଠାକୁର। ପରେ ପରେ ଦେବୀ ସୁଭଦ୍ରା ପହଣ୍ଡିରେ ଆସି ରଥାରୂଢ଼ ହୋଇଥିଲେ। ଶୂନ୍ୟ ପହଣ୍ଡିରେ ରତ୍ନବେଦୀରୁ ରଥ ଉପରକୁ ଆସିଥିଲେ ଦେବୀ ସୁଭଦ୍ରା। ସୁଭଦ୍ରାଙ୍କ ପହଣ୍ଡିବିଜେ ପରେ ଜଗତର ନାଥ ଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ଶେଷରେ କାଳିଆ ସାଆନ୍ତ ଟାହିଆ ହଲାଇ ପହଣ୍ଡିବିଜେ କରୁଥିବାବେଳେ ସତେ ଯେପରି ଭକ୍ତଙ୍କ ଉପରେ କରୁଣାର ବାରି ବର୍ଷି ଯାଉଥିଲେ। ଭକ୍ତ ହୋଇଥିଲା କୃତ୍ୟ କୃତ୍ୟ। ଘଣ୍ଟଘଣ୍ଟା, ହରିବୋଲ ଓ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ବଡ଼ଦାଣ୍ଡ। ଜଗତଗୁରୁ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ତାଙ୍କ ଅନୁଗାମୀଙ୍କ ସହ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଆସିଥିଲେ। ପରେ ମହାପ୍ରଭୁଙ୍କ ଆଦ୍ୟ ସେବକ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ୨.୪୫ରେ ହାତରେ ସୁବର୍ଣ୍ଣ ଖଡ଼ିକା ଧରି ତିନିରଥରେ ଛେରାପହଁରା କରିଥିଲେ। ତିନିରଥରେ ଶ୍ରୀଜିଉଙ୍କ ରୁନ୍ଧା ଚାରମାଳ ଫିଟା ପରେ ଅପରାହ୍ନ ୩ଟା ୫ରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଥମେ ବଳଭଦ୍ରଙ୍କ ରଥକୁ ୩ଟା୫ରେ ଶ୍ରଦ୍ଧାର ସହ ଭକ୍ତ ଟାଣି ନେଇଥିଲେ। ପରେ ପରେ ଦେବୀ ସୁଭଦ୍ରାଙ୍କ ରଥକୁ ୩ଟା ୪୮ରେ ଟାଣିଥିଲେ ଅଗଣିତ ଶ୍ରଦ୍ଧାଳୁ। ଅପରାହ୍ନ ୪ଟା ୪୨ରେ ଜଗତର ନାଥ ମହାପ୍ରଭୁ ଜଗନ୍ନାଥଙ୍କ ରଥ ଟଣା ଆରମ୍ଭ ହୋଇଥିଲା। ମଙ୍ଗଳବାର ସକାଳ ୬ଟାରେ ମଙ୍ଗଳ ଆଳତୀ କରାଯିବା ପରେ ୬ଟା ୧୦ରେ ମଇଲମ, ୬ଟା ୩୦ରେ ତଡ଼ପଲାଗି ଓ ରୋଷହୋମ, ୭ଟାରେ ଅବକାଶ, ୭ଟା ୧୦ରେ ସୂର୍ଯ୍ୟପୂଜା, ୭ଟା୩୦ରେ ଦ୍ୱାରପାଳ ପୂଜା ଓ ବେଶ ପୂଜା, ୮ଟାରୁ ୯ଟା ମଧ୍ୟରେ ଗୋପାଳବଲ୍ଲଭ ଓ ସକାଳ ଧୂପ, ପୂର୍ବାହ୍ନ ୯ଟାରେ ରଥ ପ୍ରତିଷ୍ଠା ଏବଂ ୯ଟା ୧୫ରେ ● ପୃଷ୍ଠା ୮ ଦେଖନ୍ତୁ

## ସଂକ୍ଷେପରେ...

### ବଢ଼ିଲା ଯୁକ୍ତଦୁଇ ଆଡମିଶନ ଆବେଦନ ତାରିଖ

ଭୁବନେଶ୍ୱର, ୨୦।୬(ଭାସ୍କର ନ୍ୟୁଜ): ଯୁକ୍ତଦୁଇ ନାମଲେଖା ନିମନ୍ତେ ଆବେଦନ ତାରିଖ। ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ଏହାକୁ ବୃଦ୍ଧି କରାଯାଇଛି। ଜୁଲାଇ ୨ରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ଅଭିଭାବକ, ଅଧ୍ୟକ୍ଷ ଏବଂ ଛାତ୍ରଛାତ୍ରୀଙ୍କ ଅନୁରୋଧକ୍ରମେ ଏହି ଅବଧିକୁ ବୃଦ୍ଧି କରାଯାଇଥିବା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ପୁଣି ଏକ ଦନ୍ତାର ମୃତଦେହ ଠାବ

ଆଠଗଡ଼, ୨୦।୬(ଭାସ୍କର ନ୍ୟୁଜ): ରାଜ୍ୟରେ ହାତୀ ମୃତ୍ୟୁ କମିବାର ନାଁ ନେଉନାହିଁ। ପୁଣି ଏକ ଦନ୍ତାହାତୀର ମୃତ୍ୟୁ ହୋଇଛି। କଟକ ଜିଲ୍ଲା ଆଠଗଡ଼ ବନଖଣ୍ଡ ବଡମ୍ବା ରେଞ୍ଜ ଅରଣ୍ଡା ବିଟ୍ ଭିଲେଜ ଏରିଆ ପାଖରେ ଏହି ହାତୀର ମୃତଦେହ ଠାବ ହୋଇଛି। ବଜ୍ରାଘାତରେ ହାତୀର ମୃତ୍ୟୁ ହୋଇଥିବା ଆଠଗଡ଼ ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

### ଗୁଳିମାଡ଼ରେ ପ୍ରୋଜେକ୍ଟ ମ୍ୟାନେଜର ଗୁରୁତର

ଯାଜପୁର, ୨୦।୬(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ସୁକିନ୍ଦା ନିକଟରେ ଏକ ଠିକା ସଂସ୍ଥାର ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ଗୁଳିମାଡ଼ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ଥିବା ହସ୍ପିଟାଲ ସୂତ୍ରରୁ ଜଣାପଡ଼ିଛି। ଏହି ଘଟଣାରେ ପୋଲିସ ଗୁଳି ଚଳାଇଥିବା ହୃଦାନନ୍ଦ ମିଶ୍ର ଓ ତାଙ୍କ ଭାଇଙ୍କୁ ଅଟକ ରଖିଛି।

ସେନ୍‌ସେକ୍ସ: ୬୩,୩୨୭.୭୦
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୪୧.୬ ଡିଗ୍ରୀ
ସର୍ବନିମ୍ନ: ୨୮ ଡିଗ୍ରୀ

### ୨୦।୬ର ମତାମତ

ଦରଦାମ ବୃଦ୍ଧିରେ ରୋକ୍ ଲଗାଇବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପଦକ୍ଷେପ ନେବା ଉଚିତ୍ ନୁହେଁ କି?




### ଆଜିର ପ୍ରସଙ୍ଗ

ବାହାନଗା ଟ୍ରେନ୍ ଟ୍ରାଜେଡିର ପ୍ରକୃତ ରହସ୍ୟ ସିବିଆଇ ଉନ୍ମୋଚନ କରିବା ସମ୍ଭବ କି?

ମତାମତ ଦେବା ପାଇଁ ଲଗ୍ଅନ୍ କରନ୍ତୁ
www.odishabhaskar.com

## ଆମେରିକା ଗସ୍ତରେ ପ୍ରଧାନମନ୍ତ୍ରୀ

# ଭାରତ-ଆମେରିକା ସମ୍ପର୍କ ବହୁ ଶକ୍ତିଶାଳୀ



ନୂଆଦିଲ୍ଲୀ, ୨୦।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଆମେରିକା ଗସ୍ତରେ ଯାଇଛନ୍ତି। ଏହି ସମୟରେ ତାଙ୍କୁ ପ୍ରଥମଥର ପାଇଁ ହ୍ୱାଇଟ ହାଉସରେ ଆତିଥ୍ୟ ପ୍ରଦାନ କରାଯିବ। ଆମେରିକା ଗସ୍ତ ପୂର୍ବରୁ ମୋଦୀ କହିଥିଲେ ଯେ ଆମେରିକା ଓ ଭାରତର ସମ୍ପର୍କ ଅତ୍ୟନ୍ତ ଗଭୀର ଓ ଶକ୍ତିଶାଳୀ। ଦୁଇ ଦେଶ ମଧ୍ୟରେ ଗୋଟିଏ ଅଭୂତ ପୂର୍ବ ବିଶ୍ୱାସ ରହିଛି। ସାରା ବିଶ୍ୱରେ ଭାରତର ଭୂମିକା ଅତି ଉଚ୍ଚ ବୋଲି ସେ କହିଥିଲେ। ସେ କହିଥିଲେ ଆମେ ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ● ପୃଷ୍ଠା ୮ ଦେଖନ୍ତୁ

## ପାଣିପାଗ ବିଭାଗର ସୂଚନା

# ମୌସୁମୀ ପୂର୍ବରୁ ଭିଜିବ ଓଡ଼ିଶା

ଭୁବନେଶ୍ୱର, ୨୦।୬(ଭାସ୍କର ନ୍ୟୁଜ): ସମ୍ପ୍ରତି ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଥିବାବେଳେ ପାଣିପାଗ ବିଭାଗ ଏକ ଆଶ୍ୱସ୍ତିକର ଖବର ଦେଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଉପକୂଳ ଛୁଇଁବା ପୂର୍ବରୁ ବର୍ଷାରେ ଭିଜିବ ସାରା ରାଜ୍ୟ। ଗୁଳୁଗୁଳି ଓ ଗରମରୁ ମିଳିବ ଆଶ୍ୱସ୍ତି। ବୁଧବାର ଦକ୍ଷିଣ ଓ ଉପକୂଳ ଓଡ଼ିଶାର ବହୁ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଥିବାବେଳେ ୨୩ ଓ ୨୪ ତାରିଖରେ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୨୧ ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ● ପୃଷ୍ଠା ୮ ଦେଖନ୍ତୁ



### ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସହ ଗୁଳୁଗୁଳି ଜାରି

## ପଶ୍ଚିମ ଓଡ଼ିଶା ସ୍ଥିତି ସାଙ୍ଘାତିକ

ଭୁବନେଶ୍ୱର, ୨୦।୬(ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ତାତି ରାଜୁତି କରୁଛି। ଯଦିଓ କେତେବେଳେ କେମିତି କାଳବୈଶାଖୀ ବର୍ଷା ହେଉଛି ତଥାପି ତାତିର ତେଜ କମିବାର ନାଁ ନେଉନାହିଁ। ଉପକୂଳଠାରୁ ଆରମ୍ଭ କରି ଆଭ୍ୟନ୍ତର ଓ ପଶ୍ଚିମ ଓଡ଼ିଶାରେ ତାତି ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ଉଠିଛି। ବିଶେଷ କରି ପଶ୍ଚିମ ଓଡ଼ିଶାର ସ୍ଥିତି ସଙ୍ଗୀନ ରୂପ ଧାରଣ କରିଛି। ଉପକୂଳ ଓଡ଼ିଶାରେ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ପଶ୍ଚିମ ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ସକାଳ ୭ଟାରୁ ସୂର୍ଯ୍ୟଙ୍କ ତେଜ ସ୍ପଷ୍ଟ ଭାବେ ବାରି ହୋଇ ପଡୁଛି। ଦିନ ୧୧ଟା ପରେ ରାସ୍ତାଘାଟ ଶୂନଶାନ ହେବା ସହ ଦୋକାନବଜାର ବନ୍ଦ ରହୁଛି। ଆହୁରି ଦୁଇଦିନ ଏଭଳି ପାଗ ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ମଧ୍ୟ ପ୍ରବଳ ଗରମ ସହ ଅସହ୍ୟ ଗୁଳୁଗୁଳି ଅନୁଭୂତ ହୋଇଛି। ପୁରୀରେ ଆର୍ଦ୍ରତା ୬୯ ପ୍ରତିଶତ ରେକର୍ଡ କରାଯାଇଛି। ଆକାଶ ମେଘଶୂନ୍ୟ ରହିଥିବାରୁ ଖରାର ମାତ୍ରା ଏବଂ ଉଚ୍ଚ ଆର୍ଦ୍ରତା ହେତୁ ଗୁଳୁଗୁଳି ଅନୁଭୂତ ହେଉଛି। ଏହି ସମୟରେ ଯଥେଷ୍ଟ ମାତ୍ରାରେ ପାନୀୟ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି।

## ୪ ଜିଲ୍ଲାରେ ବଢ଼ିଲା ଖରା ଛୁଟି

ଭୁବନେଶ୍ୱର, ୨୦।୬ (ଭାସ୍କର ନ୍ୟୁଜ): ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ସ୍କୁଲ ଚଳିତ ମାସ ୧୯ ପରିବର୍ତ୍ତେ ୨୧ ତାରିଖରେ ଖୋଲିବାକୁ ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି। ତେବେ ଏବେବି ରାଜ୍ୟର କିଛି ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ଏହା ଦୃଷ୍ଟିରେ ରଖି ୩ଟି ଜିଲ୍ଲାରେ ଛୁଟିକୁ ଆଉ ଗୋଟିଏ ଦିନ ବଢାଇ ଦିଆଯାଇଛି। ଏହି ୩ଟି ଜିଲ୍ଲାରେ ୨୧ ପରିବର୍ତ୍ତେ ୨୨ ତାରିଖରେ ଶିକ୍ଷାନୁଷ୍ଠାନ ଖୋଲାଯିବ। ଏହି ୩ ଜିଲ୍ଲା ହେଲା ସମ୍ବଲପୁର, ଝାରସୁଗୁଡ଼ା ଓ ବଲାଙ୍ଗିର। ଏନେଇ ଜିଲ୍ଲାପାଳଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ୩ ଜିଲ୍ଲାର ସବୁ ସ୍କୁଲ ସକାଳୁଆ ହେବ। ସକାଳ ୬.୩୦ରୁ ଆରମ୍ଭ ହୋଇ ୧୦ଟା ପର୍ଯ୍ୟନ୍ତ ପାଠ ପଢାଯିବ। ସେହିପରି ତାତିକୁ ନଜରରେ ରଖି ନୂଆପଡ଼ା ଜିଲ୍ଲାରେ ମଧ୍ୟ ସ୍କୁଲ ଛୁଟିକୁ ଆଉ ଦୁଇଦିନ ବଢାଇ ଦିଆଯାଇଛି। ୨୧ ପରିବର୍ତ୍ତେ ୨୩ ତାରିଖରେ ଶିକ୍ଷାନୁଷ୍ଠାନ ଖୋଲାଯିବାକୁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଛି। ୨୩ ଓ ୨୪ ତାରିଖରେ ସକାଳୁଆ ସ୍କୁଲ ହେବ ଏବଂ ୨୬ ତାରିଖ ଠାରୁ ନିୟମିତ ସମୟ ଅନୁସାରେ ସ୍କୁଲ ଚାଲିବ ବୋଲି ଜିଲ୍ଲାପାଳଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଜଗନ୍ନାଥ ହେ !
କିଛି ମାଗୁନାହିଁ ତୋତେ ।
ମଉସୁମୀ ଆସୁ ବିଜୁଳି ନଯାଉ
ମହଙ୍ଗା ନହେଉ ଏତେ ।
ଜଗନ୍ନାଥ ହେ !

### ବାହାନଗା ଟ୍ରେନ ଟ୍ରାଜେଡି

# ସିଗ୍‌ନାଲ ଜେଇଙ୍କୁ ମାରାଥନ ଜେରା

ବାହାନଗା, ୨୦।୬(ଭାସ୍କର ନ୍ୟୁଜ): ଗତ ୨ ତାରିଖ ସନ୍ଧ୍ୟାରେ ବାଲେଶ୍ୱର ଜିଲ୍ଲା ବାହାନଗା ଷ୍ଟେସନ ନିକଟରେ ଘଟିଥିବା ଭୟାବହ ଟ୍ରେନ ଦୁର୍ଘଟଣାର ତଦନ୍ତ ପ୍ରକ୍ରିୟାକୁ ସିବିଆଇ ଜୋରଦାର କରିଛି। ଏହି କ୍ରମରେ ମଙ୍ଗଳବାର ସିବିଆଇ ଟିମ୍ ସୋର ସେକ୍ସନ ସିଗନାଲ ଜେଇ ଅମିର ଖାନଙ୍କୁ ତାଙ୍କ ସୋରସ୍ଥିତ ଭଡ଼ାଘରେ ମାରାଥନ ଜେରା କରିଛି। ଦୀର୍ଘ ୬ ଘଣ୍ଟା ଧରି ତାଙ୍କୁ ଜେରା କରିବା ପରେ ସିବିଆଇ ଗାଡ଼ିରେ ବସାଇ ଏକ ଅଜ୍ଞାତ ସ୍ଥାନକୁ ନେଇଥିବା ସୂଚନା ମିଳିଛି। ଦୁର୍ଘଟଣା ପରଠାରୁ ସିଗନାଲ

### ଜେରା ପରେ ଅଜ୍ଞାତ ସ୍ଥାନକୁ ନେଲା ସିବିଆଇ

ଜେଇଙ୍କୁ ତାଙ୍କ ବାସଭବନରେ ଦେଖିବାକୁ ମିଳିନଥିଲା। ଏପରିକି ସୋମବାର ସିବିଆଇ ଟିମ୍ ଭଡ଼ାଘରକୁ ଯାଇ ଫେରିବା ପରେ ସେହି ଘରକୁ ସିଲ କରିଥିଲା। ତେବେ ମଙ୍ଗଳବାର ସକାଳେ ଜେଇ ଅମିର ଖାନକୁ ସାଙ୍ଗରେ ନେଇ ସିବିଆଇ ଭଡ଼ାଘରକୁ ଯାଇଥିଲା। ଭଡ଼ାଘରେ ସିବିଆଇ ଟିମ କାଗଜପତ୍ର ମଧ୍ୟ ଯାଞ୍ଚ କରିଥିଲା। ତେବେ ଦୁର୍ଘଟଣା ପରଠାରୁ ଅମିର କେଉଁଠାରେ ଥିଲେ, କ'ଣ ପାଇଁ ସେ ଗାଏବ ହୋଇ ଯାଇଥିଲେ ସେନେଇ କିଛି ସୂଚନା ମିଳିପାରି ନାହିଁ। ସିବିଆଇ ବିଭିନ୍ନ ଲୋକଙ୍କୁ ଦୁର୍ଘଟଣା ସମ୍ପର୍କରେ ମଧ୍ୟ ପଚରାଉଚରା ଜାରି ରଖିଛି। ଦୁର୍ଘଟଣା ପରେ ସିବିଆଇ ଟିମ ଏହାର ତଦନ୍ତ କରୁଥିବା ବେଳେ ଗତ ୧୬ ତାରିଖରୁ ବାହାନଗାରୁ ଫେରି ଯାଇଥିଲା। ପୁଣି ସୋମବାର ବାହାନଗାରେ ପହଞ୍ଚି ଥିଲା। ପୂର୍ବରୁ ସିବିଆଇ ସିଗନାଲ ଜେଇ ଅମିର ଖାନ ଏବଂ ଷ୍ଟେସନ ମାଷ୍ଟର ଏସ୍ ପି ମହାନ୍ତଙ୍କୁ ପଚରାଉଚରା କରିଥିଲା। ତେବେ ଏହା ପରେ ଅମିର ଖାନ ଗାଏବ ହୋଇ ଯାଇଥିଲେ। ଏହା ପରେ ପୁଣି ଥରେ ● ପୃଷ୍ଠା ୮ ଦେଖନ୍ତୁ

## ବାହାନଗାର ବିକାଶ ପାଇଁ ୨ କୋଟି



ବାହାନଗା, ୨୦।୬(ଭାସ୍କର ନ୍ୟୁଜ): ବାହାନଗା ଟ୍ରେନ ଦୁର୍ଘଟଣାକୁ ଇତି ମଧ୍ୟରେ ୨୦ ଦିନରୁ ଊର୍ଦ୍ଧ୍ୱ ବିତି ଯାଇଛି। ତେବେ ମଙ୍ଗଳବାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାହାନଗା ଯାଇ ଦୁର୍ଘଟଣାରେ ସାହାଯ୍ୟ କରିଥିବା ଲୋକମାନଙ୍କୁ ଧନ୍ୟବାଦ ଦେବା ସହ ବାହାନଗାର ବିକାଶ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ସାଂସଦ ପାଣ୍ଡିରୁ ● ପୃଷ୍ଠା ୮ ଦେଖନ୍ତୁ







କଟକ(ଭାସ୍କର ନ୍ୟୁଜ): ଭଗତପୁର ସ୍ଥିତ ଶ୍ରୀମା ସରସ୍ୱତୀ ଶିଶୁ ମନ୍ଦିରର ୨୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସନ୍ୟାସିନୀ ବିଦ୍ୟୁତ କୁମାରୀ ଲାଲାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ପ୍ରଥମେ ଅଧ୍ୟାପକ ଅଶୋକ କୁମାର ପଣ୍ଡା ପ୍ରତିଷ୍ଠା ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ମତାମତ ରଖିଥିଲେ । ମୁଖ୍ୟବକ୍ତା ଭାବେ ମକାମ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡ.କ୍ଷିରୋଦ କୁମାର ସାହୁ ଶ୍ରୀ ଜଗନ୍ନାଥ ସଂସ୍କୃତିର ମହାନତା କିପରି ଓଡ଼ିଶାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇ ପାରିଛି ସେ ବିଷୟରେ ମତବ୍ୟକ୍ତ କରିଥିଲେ । ବିଦ୍ୟା ବିକାଶ ସମିତିର ଉପ-ସଭାପତି ସୁରେଶ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିଶୁ ମାନଙ୍କ ମନରେ ଭଗବତ୍ ଚିନ୍ତା ସୃଷ୍ଟି କରିପାରିଲେ ଭାରତୀୟ ପରମ୍ପରା ର ଉନ୍ନତି ହୋଇ ପାରିବ ବୋଲି କହିଥିଲେ ।



# ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଲା ଚଉଦିଗ

## ଟ୍ୱିନ୍‌ସିଟିରେ ମହାପ୍ରଭୁଙ୍କ ଘୋଷଯାତ୍ରା


କଟକ ଦୋଳମୁଣ୍ଡାଇ


କଟକ ଚାନ୍ଦିନୀଚୌକ୍


କଟକ ରାଣୀହାଟ


ଇସ୍କନ

ଭୁବନେଶ୍ୱର/କଟକ (ଭାସ୍କର ନ୍ୟୁଜ୍): ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ମଙ୍ଗଳବାର ବାଣୀକ୍ଷେତ୍ରରେ ଭଗବାନ-ଭକ୍ତ-ରଥ-ପଥର ମହାମିଳନ ପର୍ବ ଅନୁଷ୍ଠିତ ହୋଇଛି। ଆରମ୍ଭ ହୋଇଛି ମହାପ୍ରଭୁଙ୍କ ନବ ଦିନାତ୍ମକ ଯାତ୍ରା। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ଗଗନ ପବନ। ଭାଇଭଉଣୀଙ୍କ ସହିତ ଭଗବାନ ଶ୍ରୀଜଗନ୍ନାଥ ଘୋଷଯାତ୍ରାରେ ବାହାରି ମାଉସୀମା' ମନ୍ଦିରରେ ପହଞ୍ଚିଛନ୍ତି। ଏହି ଅବସରରେ ଟ୍ୱିନ୍‌ସିଟିର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା ଭାବାବେଗ ପରିବେଶରେ ସଂପନ୍ନ ହୋଇଛି। ପୁଣ୍ୟଭୂମି ବାଣୀବିହାରର ବାଣୀକ୍ଷେତ୍ରରେ ସକାଳୁ ପାରମ୍ପରିକ ରୀତିନୀତି ଅନୁସାରେ ଶ୍ରୀଜୀଉଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଥମେ ସୁଦର୍ଶନଙ୍କ ପହଣ୍ଡି ବିଜେ ହେବା ପରେ ବଳଭଦ୍ର ଓ ଦେବୀ ସୁଭଦ୍ରା। ଏହାପରେ ପୂର୍ବାହ୍ନରେ ପହଣ୍ଡି ପରେ ଝୁଲି ଝୁଲି ରାଜରାସ୍ତାକୁ ଓଲ୍ଲାଇ ଆସିଥିଲେ ବଡ଼ଠାକୁର। ସନ୍ଧ୍ୟା ସୁଦ୍ଧା ମହାପ୍ରଭୁଙ୍କ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ରଥ ଉପରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶହ ଶହ ଭକ୍ତଙ୍କ ସମାଗମ ହୋଇଥିଲେ। ବାଣୀବିହାରର ବାଣୀକ୍ଷେତ୍ରରେ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ୨୮ଫୁଟ ଲମ୍ବର ସୁସଜ୍ଜିତ ରଥ ପ୍ରସ୍ତୁତ କରାଯାଇଥିଲା। ସେହିପରି କଟକ ସହରର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରା ଆରମ୍ଭ ହୋଇଛି । କଟକ ସହରର ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର, ରଘୁନାଥଜୀଉ ଜଗନ୍ନାଥ ମନ୍ଦିର, ଖାନ୍‌ନଗର ଜଗନ୍ନାଥ ମନ୍ଦିର, ମର୍କତନଗର ସେକ୍ଟର ୬ ଜଗନ୍ନାଥ ମନ୍ଦିର, ମହମଦିଆ ବଜାର ଜଗନ୍ନାଥ ମନ୍ଦିର, ରାଣୀହାଟ ଜଗନ୍ନାଥ ମନ୍ଦିର, ଯୋବ୍ରା ଜଗନ୍ନାଥ ମନ୍ଦିର, ନୂଆବଜାର ସମେତ ସମେତ ସହରର ବିଭିନ୍ନ ସ୍ଥାନରେ ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା । କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରରେ ଛେରା ପହଁରା କରିଥିଲେ । ଏହା ପରେ ପ୍ରଭୁ ବଳଭଦ୍ରଙ୍କ ତଳଧ୍ୱଜ ରଥ ଟଣା ପରେ ଶ୍ରଦ୍ଧାଳୁମାନେ ସୁଭଦ୍ରାଙ୍କ ଦର୍ପଦଳନ ରଥ ଟାଣିଥିଲେ । ଶେଷରେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ଟାଣି ମାଉସୀମା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ଏହି କ୍ରମରେ ଚାନ୍ଦିନୀଚୌକରୁ ରଥଟଣା ଆରମ୍ଭ ହୋଇ ମାଉସୀମା ମନ୍ଦିର ଅଭିମୁଖେ ନିଆଯାଇଥିଲା । ଏହିକ୍ରମରେ ବାରଙ୍ଗର ବିଭିନ୍ନ ସ୍ଥାନରେ ପ୍ରଭୁ ଶ୍ରୀପତିତପାବନ ଦେବ ଭକ୍ତଙ୍କ ଗହଣରେ ରଥଟଣାରେ ରାସ୍ତା ଜୟଜଗନ୍ନାଥ, ହରିବୋଲ,ହୁଳାହୁଳି ଧ୍ୱନୀରେ କମ୍ପି ଉଠିଥିଲା। ଏହି ଅବସରରେ କାନନ କ୍ଷେତ୍ର ନନ୍ଦନକାନନରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସର୍ବପୁରାତନ ମହାପ୍ରଭୂଙ୍କ ରଥଯାତ୍ରା ଉତ୍ସବ ଆନନ୍ଦ ଉଲ୍ଲାସର ସହିତ ଭକ୍ତ ମାନଙ୍କ ଗହଣରେ ପାଳିତ ହୋଇଯାଇଛି। ସେହିପରି ଜୟପୁରରେ ସକାଳ ପ୍ରହରରୁ ମହାପ୍ରଭୁଙ୍କୁ ରୀତିନୀତି କରାଯାଇ ପୂଜାର୍ଚ୍ଚନା କରାଯିବା ପରେ ପୂର୍ବାହ୍ନରେ ଜଗନ୍ନାଥ, ବଳଭଦ୍ର, ଦେବୀସୁଭଦ୍ରାଙ୍କୁ ପହଣ୍ଡି କରାଯାଇ ରଥାରୁଢ କରାଯାଇଥିଲା । ଏଥିପାଇଁ ନୀତିକାନ୍ତ ଶେଷ କରାଯାଇ ରଥଟଣା ଆରମ୍ଭ ହୋଇଥିଲା । ଶିବ ମନ୍ଦିର ଠାରୁ ଘଡେଇ ସାହି ହନୁମାନ ମନ୍ଦିର ପର୍ଯ୍ୟନ୍ତ ଦୀର୍ଘ ଦେଢ କିଲୋମିଟର ଶତାଧିକ ଭକ୍ତ ଆନନ୍ଦ ଉତ୍ସାହର ସହ ରଥକୁ ଟାଣି ନେଇଥିଲେ । ଝିଙ୍କରଡିହ ଗ୍ରାମରେ ସଢେ଼ ୧୨ଟା ସମୟରେ ମହାପ୍ରଭୁଙ୍କୁ ରୀତିନୀତି କରାଯାଇ ପୂଜାର୍ଚ୍ଚନା କରାଯିବା ପରେ ସମାଜସେବୀ କୃଷ୍ଣଚନ୍ଦ୍ର ସାସମଲ ଠାକୁର ମାନଙ୍କର ଛେରା ପହଁରା କରିବା ପରେ ମଧ୍ୟାନ ସାଢେ ଗୋଟାଏ ପରେ ଠାକୁରଙ୍କୁ ରଥରେ ବିଜେ କରାଯାଇ ଘଣ୍ଟଘଣ୍ଟା, କାହାଳୀ, ମୃଦଙ୍ଗ ସାଙ୍ଗକୁ ହରିବୋଲ ହୁଳାହୁଳି ଧ୍ୱନୀରେ ରାସ୍ତା ପ୍ରକମ୍ପିତ ହୋଇଥିଲ। ମା'ମଙ୍ଗଳା ମନ୍ଦିର ଠାରୁ ମାଉସୀ ମା ମନ୍ଦିର ପର୍ଯ୍ୟନ୍ତ ଦୀର୍ଘ ଏକ କିଲୋମିଟର ଶତାଧିକ ଭକ୍ତ ଆନନ୍ଦ ଓ ଉତ୍ସାହର ସହ ରଥକୁ ଟାଣି ନେଇଥିଲେ । ନରାଜ ପରମହଂସ ଗୁରୁକୁଳା ଆଶ୍ରମରେ ପୂଜା ପାଉଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଡଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ବିଭିନ୍ନ ରିତୀନିତୀ ସମ୍ପନ୍ନ କରାଯିବା ପରେ ନରାଜ ପରମହଂସ ମଠ ଠାରୁ ମାର୍ଥାପୁର ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଶତାଧିକ ଭକ୍ତ ଆନନ୍ଦ ଓ ଉତ୍ସାହର ସହ ରଥକୁ ଟାଣି ନେଇଥିଲେ ।

**ମଙ୍ଗଳବାର ଥିଲା ପବିତ୍ର ରଥଯାତ୍ରା। ଏଥିନେଇ ଚଳଚଞ୍ଚଳ ହୋଇଉଠିଥିଲା ଟ୍ୱିନ୍‌ସିଟିର ବିଭିନ୍ନ ଜଗନ୍ନାଥ ମନ୍ଦିର। ଭକ୍ତମାନଙ୍କ ଗହଳିରେ ଭରପୁର ହୋଇ ଉଠିଥିଲା ରଥଯାତ୍ରା ମାହୋଲ। ପ୍ରବଳ ଗରମ ଓ ଗୁଳୁଗୁଳ ସତ୍ତ୍ୱେ ହଜାର ହଜାର ସଂଖ୍ୟକ ଭକ୍ତ ଯୋଗଦେଇ ରଥ ଟାଣିବାରେ ନିମଗ୍ନ ହୋଇଥିଲେ। ମହାପ୍ରଭୁଙ୍କ ଆଖି ସହ ଆଖି ମିଶାଇ ସେମାନେ କୃତକୃତ୍ୟ ହୋଇଉଠିଥିଲେ। ଏପରିକି ଅନେକ ଶ୍ରଦ୍ଧାଳୁଙ୍କ ଆଖିରୁ ଆନନ୍ଦର ଅଶ୍ରୁ ବୋହିଯାଉଥିବା ଦେଖିବାକୁ ମିଳିଥିଲା।**

## ଶ୍ରୀବାଣୀକ୍ଷେତ୍ରରେ ଘୋଷଯାତ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରତିବର୍ଷ ପରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ମହାସମାରୋହରେ ସଂପନ୍ନ ହୋଇଯାଇଛି। ଶ୍ରୀବାଣୀକ୍ଷେତ୍ର ରଥ ଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି। ପାଗ ଅନୁକୂଳ ଥିବାରୁ ଘୋଷଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ୪୦ହଜାରରୁ ଊର୍ଦ୍ଧ୍ୱ ଭକ୍ତ ସମାଗମ ହୋଇଥିଲା। ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଭକ୍ତମାନେ ଦୈବୀକୃପା ଲାଭ କରିଥିଲେ। ସୂଚନାଯୋଗ୍ୟ, ପୁରୀ ଜଗନ୍ନାଥ ମନ୍ଦିରର ପରମ୍ପରାକୁ ଆଧାର କରି କିସ୍ ଶ୍ରୀବାଣୀ କ୍ଷେତ୍ରରେ ମହାପ୍ରଭୁଙ୍କ ସମସ୍ତ ନୀତି ଅନୁସାରେ ପୂଜା ହୋଇଥାଏ। ରଥଯାତ୍ରାରେ ମଧ୍ୟ ପୁରୀ ରଥଯାତ୍ରାର ସମସ୍ତ ନିୟମକୁ ଅନୁସରଣ କରାଯାଇ ଏଠାରେ ଆୟୋଜନ କରାଯାଇଥାଏ। ରଥ ନିର୍ମାଣ ପାଇଁ ପୁରୀରୁ ସ୍ୱତନ୍ତ୍ର ବିନ୍ଧାଣୀ, ମହାରଣା ଓ ଚିତ୍ରକର ନିଯୁକ୍ତ ହୋଇଥାନ୍ତି।


ଶ୍ରୀବାଣୀ କ୍ଷେତ୍ର

## ଭିଏସ୍ଏସ୍ ନଗରରେ ରଥଯାତ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୀର ସୁରେନ୍ଦ୍ର ସାଏ ନଗରରେ ଶ୍ରୀ ଶ୍ରୀ ଭୁବନେଶ୍ୱରୀ ମନ୍ଦିର ପରିଚାଳନା ସମିତି ପକ୍ଷରୁ ୧୬ ତମ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରଭୁ ଜଗନ୍ନାଥ ବଡ ଭାଇ ବଳରାମ ଓ ଭଉଣୀ ସୁଭଦ୍ରାଙ୍କ ସହିତ ସୁସଜ୍ଜିତ ରଥରେ ଡି.ଏଲ. କଲୋନୀ ସ୍ଥିତ ଭୁବନେଶ୍ୱରୀ ମନ୍ଦିରରୁ ଯାତ୍ରା ଆରମ୍ଭ କରି ସନ୍ଧ୍ୟା ପୁର୍ବରୁ ଆଡପ ମଣ୍ଡପ ନିକଟରେ ପହଞ୍ଚିଥିଲେ । ଆଜିର ଯାତ୍ରାରେ ଅନୁଷ୍ଠାନର ସଭାପତି ଡ. ଜୟନ୍ତ ପରିଡା ଛେରା ପହଁରା କରିଥିବା ବେଳେ ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦ ପହଣ୍ଡି ବିଜେ କରାଇଥିଲେ । ଉପ-ସଭାପତି ପ୍ରଶାନ୍ତ ଷଡଙ୍ଗୀ, କୋଷାଧକ୍ଷ ନିତ୍ୟରଞ୍ଜନ ନନ୍ଦ, ନବିନ କୁମାର ଭୁକ୍ତା, ସନ୍ତୋଷ କୁମାର ଶତପଥୀ ସହିତ ବହୁ ସଦସ୍ୟ ଓ ସ୍ୱେଚ୍ଛାସେବକ ରଥଯାତ୍ରାରେ ସହଯୋଗ କରିଥିଲେ। ବିଧାୟକ ସୁଶାନ୍ତ କୁମାର ରାଉତ, ପୋଲିସ କମିସନର ସୌମେନ୍ଦ୍ର ପ୍ରୀୟଦର୍ଶୀ ଓ ପୁର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ ଓ ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ଉପସ୍ଥିତ ଥିଲେ ।

## ରାଜ୍ୟ ଖବର



ବାଲିପାଟଣା (ଭାସ୍କର ନ୍ୟୁଜ୍):ଆଜି ବାଲିପାଟଣା ର ବିଭିନ୍ନ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରେ ସରିଲା ଶ୍ରୀ ଜଗନ୍ନାଥଙ୍କ ଗୁଣ୍ଡିଚା ଯାତ୍ରା। ସକାଳ ଠାରୁ ବିଧି ପୂର୍ବକ ରଥଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହୋଇ ପହଣ୍ଡିବିଜେ ପରେ ଗୌରାଙ୍ଗ ଗୋଚ୍ଛାୟତ ଛେରା ପହଁରା କରିଥିଲେ। ଅପରାହ୍ନରେ ପ୍ରବଳ ଭକ୍ତଙ୍କ ସମାଗମ ରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ସାରଥୀ ମାଗାରଣାଙ୍କ ଡାହୁକଗୀତ ସହିତ ରଥ ଗଡିଥିଲା। ସ୍ଥାନୀୟ ଥାନାଧିକାରୀ ଓମ୍ ପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ବାହିନୀ ଶାନ୍ତି ଶୃଙ୍ଖଳା ରକ୍ଷା କରି ଥିଲେ। ଏହିସହିତ ଗୋବିନ୍ଦପୁର, ନୂଆସାହି, ଡେରା ସାହି ଗ୍ରାମରେ ମଧ୍ୟ ମହାସମାରୋହରେ ରଥଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସର ରେ ବହୁ ସାମାଜିକ ସଂଗଠନ ଭକ୍ତମାନଙ୍କ ପାଇଁ ଜଳ ଛତ୍ରର ବ୍ୟବସ୍ଥା କରିଥିଲେ। ଏହି ଅନୁକ୍ରମରେ ବାଲିପାଟଣା ର ଅଗ୍ରଣୀ ସାମାଜିକ ସଂଗଠନ ବର୍ନଟୁ ହେଲ୍ପ ତରଫରୁ ବାଲିପାଟଣାର ବିଭିନ୍ନ ସ୍ଥାନରେ ଦହି ପାଣି ସହିତ ଥଣ୍ଡା ପାଣିର ମଧ୍ୟ ବ୍ୟବସ୍ଥା କରିଥିଲେ।

## କଣାସରେ ଶାନ୍ତି ଶୃଙ୍ଖଳାର ସହିତ ଘୋଷଯାତ୍ରା ସମାପ୍ତ





କଣାସ,(ଭାସ୍କର ନ୍ୟୁଜ୍): ସାରା ବିଶ୍ୱର ବଡଠାକୁର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ କଣାସରେ ଶାନ୍ତିଶୃଙ୍ଖଳାର ସହିତ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । କଣାସର ଦୋକନ୍ଦା ଗ୍ରାମରେ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିରରୁ ରଥରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ପହଣ୍ଡି କରାଯାଇ ବସାଯିବାପରେ ଦଳବେହେରା ନିରଞ୍ଜନ ପଶ୍ଚିମକବାଟ ରିତୀନିତୀ ଅନୁଯାୟୀ ଛେରାପହଁରା କରିବାପରେ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଗୋଲାବଜାର, କଣାସ ବସ୍‌ଷ୍ଟାଣ୍ଡ, କୁଶ୍ୱେରୀ ବଜାର, ବାଲିଘାଇ ଛକ, ବ୍ଲକ ବଜାର, ଦେଇ ସହାନା ଗ୍ରାମର ମାଉସୀ ମା' ମନ୍ଦିରରେ ପହଞ୍ଚି ପୋଡପିଠା ଭୋଗ ଖାଇ ସହନା, ରାହାନ୍ଦିଆ, ସିରେଇ ଗ୍ରାମ ଅତିକ୍ରମକରି ଜଙ୍ଘାର ଠାରେ ପ୍ରତିଷ୍ଠିତ ଗୁଣ୍ଡିଚାମନ୍ଦିରେ ସନ୍ଧ୍ୟା ପୂର୍ବରୁ ପହଞ୍ଚିଯାଇଥିଲେ। ରାସ୍ତାର ଉଭୟ ପାଶ୍ୱରେ ଶହଶହ ଭକ୍ତ ହରିବୋଲ ହୁଳୋହୋଳି ଧ୍ୱନୀରେ ଜଗନ୍ନାଥଙ୍କୁ ଦର୍ଶନ କରିଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷାକରିବାପାଇଁ କଣାସ ଥାନା ପକ୍ଷରୁ ପୋଲିସ୍ ବ୍ୟସ୍ଥା କରାଯାଇଥିବା ବେଳେ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ କୌଣସି ଦୁର୍ଘଟଣା ନ ଘଟିବାପାଇଁ ବିଦ୍ୟୁତ୍ ତାରଗୁଡିକ ସୁରକ୍ଷାର ସହିତ ରକ୍ଷଣବେକ୍ଷଣ କରିଥିଲେ । ଅତ୍ୟାଧିକ ଗୁଳୁଗୁଳୁ ଓ ରୌଦ୍ରତାପ ଯୋଗୁଁ ବ୍ଲକଛକରେ ଦମକଳ କର୍ମଚାରୀ ଓ ପିସ୍ କ୍ୟାରିୟର ଛାତ୍ରଛାତ୍ରୀମାନେ ଭକ୍ତମାନଙ୍କୁ ଦହି ସର୍‌ବତ ବଣ୍ଟନ କରୁଥିବା ଦେଖିବାକୁ ମିଳିଥିଲା । ବିଶେଷ ଆକର୍ଷଣ ହେଲା ଗାଁ ଗହଳିରେ ଛୋଟଛୋଟ ପିଲାମାନେ କାଗଜରେ ରଥ ନିର୍ମାଣ କରି ଜଗନ୍ନାଥଙ୍କ ଫଟୋ ଚିତ୍ର ରଖି ଘଣ୍ଟବଜାଇ ଟାଣୁଥିବା ଦେଖାଯାଇଥିଲା ।

## ନଳକୂପରୁ ବାହାରୁନି ପାଣି, ପାଇପଜଳ ଯୋଗାଣ ବ୍ୟବସ୍ଥା ଠପ୍



ଧାମନଗର,(ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକର ଦିନକୁ ଦିନ ପାନୀୟଜଳ ସମସ୍ୟା ଏବେ ଉତ୍କଟ ହେଉଛି। ଗୁଳୁଗୁଳିଓ ଖରା ଯୋଗୁଁ ଭୂତଳ ଜଳସ୍ତର ନିମ୍ନଗାମୀ ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଛି। ବହୁ ଦିନ ଧରି ବର୍ଷା ହେଉନାହିଁ, ଗ୍ରୀଷ୍ମ ପ୍ରବାହ ଓ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଏବେ ନଦୀ ନାଳ, ପୋଖରୀ ଓ ନଳକୂପ ଗୁଡିକ ସୁଖିଲା ଗଲାଣି। ବିଶେଷ କରି ବୈତରଣୀ, ଗେଙ୍ଗୁଟି ଓ କୋଚିଲା ନଦୀ କୂଳିଆ ଅଞ୍ଚଳରେ ଜଳ ସମସ୍ୟା ଅଧିକ ଦେଖାଦେଇଛି। ଅଧିକାଂଶ ସ୍ଥାନରେ ଜଳକଷ୍ଟର ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ଜନସାଧାରଣ। ଅଧିକାଂଶ ଲୋକଙ୍କ ବାଡ଼ିରେ କୂଅ ଓ ନଳକୂପ ରହିଛି । ହେଲେ କାହାରି ଜଣକ କୂଅରେ ପାଣି ନାହିଁ କି ନଳକୂପରୁ ପାଣି ବାହାରୁନାହି । ଯେଉଁ କେତେ ଜଣ ବୋରିଂ ନଳକୂପ ବସାଇଛନ୍ତି ସେଥିରୁ ବହୁ ସମୟ ଧରି ହାବିସ କଲେ ଅଳ୍ପ ପରିମାଣର ଗୋଳିଆ ପାଣି ବାହାରୁଛି ତାହା ବି ପିଇବା ଉପଯୋଗୀ ନୁହେଁ। ତାତି ବଢ଼ିବାରୁ ପାଣିର ଅଭାବ ଲୋକଙ୍କୁ କଲବଲ କରିଦେଲାଣି । ବୈତରଣୀ କୂଳରେ ଥିବା ଆନନ୍ଦପୁର ପଞ୍ଚାୟତର ବାଲିପାଟଣା, ଉଡେଇପୁର, ମାନଲାପୁର, କୁମ୍ଭାରସାହି, ବାବୁସାହି, ଚମ୍ପାବାଗ, ପାହଡପୁର, ଖଡିପଦା ପଞ୍ଚାୟତ ଦକ୍ଷିଣକୋରୁଆ, କାଞ୍ଜିଆପାଳ, କରସାହି, ମୁଥାନଗର ଏସବୁ ଅଞ୍ଚଳରେ ଘୋର ଜଳ ସଙ୍କଟ ସୃଷ୍ଟି ହୋଇଛି। ପୂର୍ବରୁ ଏ ଅଞ୍ଚଳରେ ୧୦୦/୧୨୦ ଫୁଟ ଗଭୀରର ନଳକୂପରୁ ପାଣି ବାହାରୁଥିଲା। କୂଅରେ ମଧ୍ୟ ପାଣି ରହୁଥିଲା । ହେଲେ ବୈତରଣୀ ନଦୀ ଗର୍ଭରୁ ବାଲି ଖନନ ଯୋଗୁଁ ନଦୀଗର୍ଭ ଏବେ ସୁଖୁଲା ଚଟାଣ ହୋଇଛି। ଏଥର ତାତି ଜୋର ହେବାରୁ ସବୁ କୂଅ ଓ ନଳକୂଅ ଶୁଖିଯାଇଛି । କେବଳ ବାଙ୍କ ନଳକୂପ ଗୁଡ଼ିକ କାମ କରୁଛି । ସରକାରଙ୍କ ପକ୍ଷରୁ ଖୋଳାଯାଇଥିବା ବାଙ୍କ ନଳକୂପ ଉପରେ ନିର୍ଭର କରୁଛନ୍ତି ଗ୍ରାମର ଲୋକେ। ବୈତରଣୀ ନଦୀ ଶୁଖିଲା ପଡ଼ିଥିବାରୁ ଭୂତଳ ଜଳସ୍ତର ହ୍ରାସ ପାଇଛି। ଯାହାଫଳରେ କାହାରି କୂଅ କିମ୍ବା ନଳକୂପରେ ପାଣି ନାହିଁ। ସେପଟେ ଆନନ୍ଦପୁର ପଞ୍ଚାୟତରେ ବସୁଧା ଯୋଜନାରେ ୩ ଟି ପାଣି ଟାଙ୍କି ନିର୍ମାଣ ହୋଇଛି । ସେଥିରୁ ଉଡେଇପୁର ଓ ଆନନ୍ଦପୁରର ମହାନ୍ତିସାହି ଟାଙ୍କି କାର୍ଯ୍ୟକ୍ଷମ ହୋଇଛି। ତେବେ ଅଧିକାଂଶ ଗ୍ରାମକୁ ପାଇପ୍ ବିଛା ହୋଇଥିଲେ ବି ପାଣି ଟାଙ୍କି ସହ ସଂଯୋଗ ହୋଇ ନ ଥିବାରୁ ସପ୍ଲାଏ ପାଣି ଆସି ପାରୁନାହିଁ । ସେହିପରି ଆନନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଦୀର୍ଘ ବର୍ଷ ଧରି ପାଇପଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ ହୋଇଛି। କେବଳ ବୋରିଂ କରାଯାଇଥିବା ବେଳେ ଅନ୍ୟ କୌଣସି କାର୍ଯ୍ୟ ଆଜି ପର୍ଯ୍ୟନ୍ତ ହୋଇନାହିଁ। ଚଳିତ ବର୍ଷ ବୋରିଂ ନଳକୂପରୁ ପାଣି ନବାହାରିବା ପ୍ରଥମ ବୋଲି ଆନନ୍ଦପୁର ପଞ୍ଚାୟତର ଲୋକମାନେ କହିଛନ୍ତି। ସେପଟେ ପାଇପଜଳ ଯୋଗାଣ ବ୍ୟବସ୍ଥା ଠପ ହୋଇପଡିଛି। ଯେଉଁ କେତୋଟି କାର୍ଯ୍ୟକ୍ଷମ ଅଛି ସେ ଲୋକଙ୍କ ଶୋଷ ମେଣ୍ଟାଇବାରେ ସକ୍ଷମ ହେଉନି। ସବୁ ଗାଁ କୁ ପାଇପ ବିଛା ଯାଇନାହିଁ, ଯେଉଁଠି ପାଇପ ବିଛା ଯାଇଛି ସେଠି ଟାଙ୍କି ସହିତ ସଂଯୋଗ କରାଯାଇନାହିଁ ବୋଲି ଅଭିଯୋଗ ହୋଇଛି। ତେଣୁ ଅଧିକାଂଶ ସ୍ଥାନରେ ବଙ୍କ ନଳକୂପ ବସାଇବା ସହିତ ପାଇପ ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବା ପାଇଁ ସାଧାରଣରେ ଦାବି ହେଉଛି।ବିଭାଗୀୟ ଅଧିକାରୀଙ୍କ ଖାମ ଖିଆଲି ମନ ଭାବ ଯୋଗୁଁ ପାନୀୟ ଜଳ ସମସ୍ୟା ଦିଗ ହରା ହୋଇ ପଡୁଛି ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

## ସଡ଼କରେ ଦୁର୍ଘଟଣାରେ ୨ ଆହତ

କଣାସ,(ଭାସ୍କର ନ୍ୟୁଜ୍): କଣାସ ଥାନା ଅନ୍ତଗତ ନୂଆଜଗନ୍ନାଥ ସଡକର ବରୁଣଛକ ନିକଟରେ ଗତକାଲି ରାତିରେ ଓଡି୦୨ ବିଏସ୍୦୫୪୬ ବୋଲର ସହିତ ଓଡି୧୩ପି୦୪୬୬ ସ୍କୁଟି ମୁହାଁମୁହିଁ ଧକା ହେବାରୁ ସ୍କୁଟିରେ ଥିବା ସତ୍ୟବାଦୀ ଥାନା ଦୋଖଣ୍ଡପୁର ଗ୍ରାମର ଦୁଇଜଣ ବ୍ୟକ୍ତି ଗୁରୁତର ଭାବେ ଆହାତ୍ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଲୋକମାନେ ପ୍ରଥମେ କଣାସ ଡାକ୍ତରଖାନାକୁ ୧୦୮ଆମ୍ବୁଲାନ୍ସ ଯୋଗେ ପଠାଇଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା ପାଇଁ ଭୁବନେଶ୍ୱର ଡାକ୍ତରଖାନାକୁ ପଠାଇଦିଆଯାଇଛି । ବୋଲର ଡାଇଭର ସଞ୍ଜୟ କୁମାର ଜଗଦେବଙ୍କୁ ସ୍ଥାନୀୟ ଲୋକମାନେ ଅଟକ ରଖିଥିବା ବେଳେ କଣାସ ଥାନା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ତେକ୍ତ ଲୋକମାନଙ୍କୁ ବୁଝାସୁଝା କରି ସଞ୍ଜୟଙ୍କୁ ଆଣି ଥାନାରେ ଅଟକ ରଖିଥିବା ବେଳେ ଦୁଇଟି ଗାଡ଼ିକୁ ଯବତ କରି ଥାନାକୁ ଆଣିଛନ୍ତି । ଖବର ଲେଖାହେବା ସୁଧା କୌଣସି ଲିଖିତ ଅଭିଯୋଗ ଥାନାରେ ହୋଇନଥିବା ଜଣାପଡଛି ।

## 'ସାରସ୍ୱତ ସାଧନା କ୍ଷେତ୍ରରେ ବୟସ ବାଧକ ହୋଇନପାରେ'



ରାଜନଗର,(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ପ୍ରାବନ୍ଧିକ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ରଚିତ ପ୍ରବନ୍ଧ ସଂକଳନ 'ହେ ପାଦପ !'ର ଶୁଭ ଉନ୍ମୋଚନ ଉତ୍ସବ ଅବସରରେ 'ସାରସ୍ୱତ ସାଧନା କ୍ଷେତ୍ରରେ ବୟସ ବାଧକ ହୋଇନପାରେ' ବୋଲି ବହୁ ବକ୍ତା ମତବ୍ୟକ୍ତ କରିଛନ୍ତି। ରାଜନଗର ମାଟି ପ୍ରତି ଶ୍ରୀଯୁକ୍ତ ମହାପାତ୍ରଙ୍କ ଅବଦାନ ଅତୁଳନୀୟ। ପ୍ରାବନ୍ଧିକ ଶ୍ରୀଯୁକ୍ତ ମହାପାତ୍ର ମଧ୍ୟ ନିଜ ବକ୍ତବ୍ୟରେ ତାଙ୍କ ସାଧନାମୟ ଜୀବନର ବହୁ ଉଲ୍ଲେଖନୀୟ ଘଟଣାର ଅବତାରଣା କରିଥିଲେ। ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ, ରାଜନଗର ଅଧକ୍ଷ ପ୍ରଫେସର ଅତୁଳ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କବି ଅଭିରାମ ସାହୁ,ମୁଖ୍ୟବକ୍ତା କଥାକାର ପ୍ରଦୀପ ନାୟକ,ସମ୍ମାନିତ ବକ୍ତା ଅଧ୍ୟାପକ ସତ୍ୟବାଦୀ ଜେନା ଓ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ବିକ୍ରମାଦିତ୍ୟ ଦାସ ପ୍ରମୁଖ ଯୋଗଦେଇ ସାତଟି ପ୍ରବନ୍ଧ ସଂକଳନର ସ୍ରଷ୍ଟା ଅଶୀତିପର ବର୍ଷୀୟାନ୍ ପ୍ରାବନ୍ଧିକ ଶ୍ରୀଯୁକ୍ତ ମହାପାତ୍ରଙ୍କ ନିରବଚ୍ଛିନ୍ନ ସାହିତ୍ୟ ସାଧନା ଓ ବୃକ୍ଷଜଗତ ପ୍ରତି ଥିବା ଲେଖକୀୟ ମମତ୍ୱବୋଧ ଆଧାରରେ 'ହେ ପାଦପ'ର ଆଲୋଚନା କରିଥିଲେ। ଏହି ସଭାରେ ଅଧ୍ୟାପକ ରତ୍ନାକର ନାୟକ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ସମାଜସେବୀ କୃପାସିନ୍ଧୁ ସାମଲ, କୈଳାସ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ ବିଜୟ କୁମାର ଜେନା, କ୍ଷୀରୋଦ ମଲ୍ଲିକ, ମାନସ ମିଶ୍ର, ସର୍ବେଶ୍ୱର ମହାନ୍ତି, ବୀରବର ଜେନା, ପଣ୍ଡିତ ସଙ୍କର୍ଷଣ ମିଶ୍ର ପ୍ରଭୃତି ଉପସ୍ଥିତ ଥିଲେ। ବନଫୁଲ ପ୍ରକାଶନୀର କବି ପବିତ୍ର ବ୍ରହ୍ମପୁତ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗୀତଗୁରୁ ରାମଚନ୍ଦ୍ର ବାରିକ ସ୍ୱାଗତ ସଂଗୀତ ଗାନ କରିଥିଲେ। ଧନ୍ୟବାଦ ଦେଇଥିଲେ କୃଷ୍ଣଚନ୍ଦ୍ର ସାହିତ୍ୟ ସଂସଦର ସମ୍ପାଦକ ସୁଶ୍ରୀକାନ୍ତ ପରିଡା।

## ବ୍ୟାଙ୍କରୁ ଉଠାଇଥିବା ୪୫ହଜାର ଟଙ୍କା ଲୁଟେରା ଝାମ୍ପି ନେଲେ

କଣାସ,(ଭାସ୍କର ନ୍ୟୁଜ୍): କଣାସ ପ୍ରତିଷ୍ଠିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାରୁ ଜଗନ୍ନାଥପୁର ଗ୍ରାମର ରବିର ପ୍ରଧାନ ଗତକାଲି ୫୫ହଜାର ଟଙ୍କା ଉଠାଇ ବେଳେ ସେହି ଟଙ୍କାକୁ ପିଛାକରୁଥିବା ଲୁଟେରା ଝାମ୍ପିନେଇ ପଳାଇଥିବା କଣାସ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଶ୍ରୀ ପ୍ରଧାନ ଟଙ୍କା ଉଠାଇବା ପରେ ଏକ ବ୍ୟାଗରେ ଟଙ୍କା ରଖି ସାଇକେଲ୍ ହ୍ୟାଡେଲ୍‌ରେ ବ୍ୟାଗ ଟାଙ୍ଗି ବ୍ୟାଙ୍କ ନିକଟରେ ଏକ ପାନ ଦୋକାନରୁ ଗୁଟୁକା କିଣୁଥିବା ବେଳେ ଦୁଇଜଣ ଯୁବକ ଟଙ୍କା ବ୍ୟାଗ ନେଇ ମଟର ସାଇକେଲ୍‌ରେ ଦ୍ରୁତଗତିରେ ପଳାଯାଇଥିଲେ । ଶ୍ରୀ ପ୍ରଧାନ କଣାସ ଥାନାରେ ଅଭିଯୋଗ କରିବାପରେ ପୋଲିସ୍ ପକ୍ଷରୁ ତଦନ୍ତ ଚାଲୁଥିଲେ ମଧ୍ୟ ପୋଲିସ ଲୁଟେରାଙ୍କ ସନ୍ଧାନ ପାଇ ନ ଥିବାଜଣାପଡିଛି ।

**RESULT: JEE (Adv.) 2023**

# ALLEN TRANSFORMING DREAMS INTO REALITY

## 37 STUDENTS IN TOP 100

ALLEN Celebrating 35 Years of Trust

Authenticity of Result
Power of ALLEN




| AIR | Name | Mode |
|---|---|---|
| 4 | Raghav Goyal | Classroom |
| 6 | Prabhav Khandelwal | Classroom |
| 8 | Malay Kedia | Classroom |
| 9 | Nagireddy Balaaji Reddy | Distance Learning |
| 16 | Harshit Kansal | Distance Learning |
| 19 | Moulik Jindal | Classroom |
| 20 | Sameer A. Patil | Classroom |
| 22 | Deshank P. Singh | Classroom |
| 24 | Jatsya Jariwala | Classroom |
| 26 | Mayank Soni | Digital-OLTS |
| 33 | Naman Goyal | Classroom |
| 37 | Sumedh S S | Classroom |
| 39 | Sagnik Nandi | Classroom |
| 41 | Navya Garg | Classroom |
| 44 | Kaushal Vijayvergiya | Classroom |
| 46 | Harshul Suthar | Classroom |
| 48 | Niral Charan | Classroom |
| 49 | Kunj Bhesaniya | Classroom |
| 50 | Abhineet Majety | Distance Learning |

✔ 19 Students in Top 50
✔ 64 Students in Top 200
✔ 158 Students in Top 500

Students Qualified **6647** CCP: 4637 DLP: 2010

As per result compiled till Date 18 June 2023 (10:00 PM)

## ALLEN (BHUBANESWAR) RESULT




| AIR | Name | Mode |
|---|---|---|
| 621 | Priyanka Sar (ODISHA GIRLS TOPPER) | Classroom |
| 633 | Swarnim Verma | Classroom |
| 966 | Himansu Sahu | Classroom |
| 981 | Varun Mishra | Classroom |
| 1252 | Pratyush Dash | Classroom |
| 1277 | Adyansu Beura | Classroom |
| 1339 | Sourav K. Patel | Classroom |
| 1509 | Aditya Rana | Classroom |
| 1599 | S. Pramanik | Classroom |
| 1606 | Debasis Patnaik | Classroom |
| 1660 | Sanket Rout | Classroom |
| 1747 | Sanket Das | Classroom |
| 2123 | Subhashree K. | Classroom |
| 2172 | Piyush Agrawal | Classroom |
| 2318 | Priyanshu Panda | Classroom |
| 2433 | Devesh Choudhury | Classroom |
| 2743 | S. Mohapatra | Classroom |
| 3297 | Swatik S. | Classroom |
| 3882 | P. Samantaray | Classroom |
| 3952 | Pratyush Biswal | Classroom |
| 3985 | A. P. Pasayat | Classroom |
| 4017 | Rounak Mishra | Classroom |
| 4225 | S. Panda | Classroom |
| 4332 | Charushree A. | Classroom |
| 4349 | Sujit Parida | Classroom |
| 4622 | S. S. Dash | Classroom |
| 4987 | Zeeshan M. | Classroom |
| 5328 | S. Panigrahi | Classroom |
| 5391 | P. K. Panda | Classroom |
| 5585 | Ayush Dixit | Classroom |
| 6021 | B. Mahanta | Classroom |
| 6110 | M. Pattnaik | Classroom |
| 6199 | Toyaj Kabi | Classroom |

✔ 03 Students in Top AIR 500
✔ 30 Students in Top AIR 5000
✔ 46 Students in Top AIR 10000
✔ 71 Students in Top AIR 16500

TALLENTEX 2024 ALLEN'S Talent Encouragement Exam

## INDIA'S BIGGEST

Talent Encouragement Exam
for class 5, 6, 7, 8, 9 & 10

**Exam Date: 5th November 2023**



SCHOLARSHIPS ₹250 CRORE
CASH PRIZES ₹1.25 CRORE

Upto **90%** Scholarship in ALLEN Classroom Courses of 2024-25

Scan for Register

**Register Before 30 June 2023 and Get 50% Discount on Online Registration**

ALLEN® CAREER INSTITUTE KOTA (RAJASTHAN) path to success

**Bhubaneswar Center :**
Plot No. J/1 First Floor, Signature Plaza, Maitree Vihar,
Opp.- Tech Mahindra, 751023 | Helpline : 0674-6662800
Web.: allen.ac.in/bhubaneswar

KOTA: 0744-3556677, 2757575 | 0744-2757700 | allen.ac.in

**ADMISSION OPEN**
Scholarship upto **90%**

Scan for Classroom Courses

ALLEN DIGITAL

Scan for Online Courses

Disclaimer: We provide an academic ecosystem and environment to prepare students for their target examinations. Studying in a coaching institute does not guarantee selection for the examination. Selection depends on preparation, admission seats in competitive exam and the number of applicants appearing.



କୁହୁଡ଼ି, (ଭାସ୍କର ନ୍ୟୁଜ): ଆଜି ଶେଷ ରଜକୁ ସମସ୍ତେ ପିଠାପଣା ଓ ଭୋଜି ଭାତ କରି ଖୁସି ମନାଉ ଥିବା ବେଳେ। ଖୋରଧା ଜିଲ୍ଲା ଚିଲିକା ବ୍ଲକ୍ ସୋରଣ ସ୍ଥିତ ଭଗବତୀ ବିଦ୍ୟାପୀଠର ୨୦୦୦ ମସିହା ମାଟ୍ରିକ ବ୍ୟାଚର ଛାତ୍ର ଛାତ୍ରୀ ନିଆରା ଢଙ୍ଗରେ ପାଳିଲେ ରଜପର୍ବ। ବିଚିବାଡି ସ୍ଥିତ ମା ରତ୍ନମାଳୀଙ୍କ ପୀଠରେ ଗୁରୁ ପୂଜନ ଉତ୍ସବ ପାଳନ ପାଳିତ ହୋଇଯାଇଛି। ୨୦୦୦ମସିହା ମାଟ୍ରିକ ବ୍ୟାଚର ଛାତ୍ର ଛାତ୍ରୀ ସେତେବେଳର ନିଜ ପ୍ରିୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମଞ୍ଚକୁ ନିମନ୍ତ୍ରଣ କରି ପୁଷ୍ପ ଗୁଚ୍ଛ ଓ ଉପ ଧଉକନ୍ ପ୍ରଦାନ କରିବା ସହ ଗୁରୁ ପୂଜନ ଉତ୍ସବ ପାଳନ କରିଥିଲେ। ଏହା ସହ ବିଦ୍ୟାଳୟର ଅନେକ ସ୍ମୃତିକୁ ସ୍ମରଣ କରିବା ସହ ପିଲା ଦିନର ଅନେକ କଥା ଓ ବ୍ୟଥାକୁ ନିଜ ନିଜ ଭିତରେ ଭାବର ଆଦାନ ପ୍ରଦାନ କରିଥିଲେ। ସେତେବେଳର ପ୍ରଧାନ ଶିକ୍ଷକ ପବିତ୍ର ସ୍ୱାଇଁ, ସମେତ ବିଜୟ ସାର, ମହାକୁଡ ସାର, ରଘୁନାଥ ସାର, ଗୌରାଙ୍ଗ ସାର, ଭିକାରୀ ସାର୍ ଉପସ୍ଥିତ ରହି ପିଲାମାନଙ୍କ ଉତ୍ସାହ ଓ ସ୍ନେହ ଶ୍ରଦ୍ଧା ଭାବ ବିହ୍ୱୋଳ ହୋଇଯାଇଥିଲା। ଉକ୍ତ ବନ୍ଧୁ ମିଳନ ଉତ୍ସବରେ ଛାତ୍ରଛାତ୍ରୀମାନଙ୍କ ସହ ସେମାନଙ୍କ ପରିବାରବର୍ଗ ସାମିଲ ହୋଇଥିଲେ। ଦିଲ୍ଲୀପ ସାହୁ, ପ୍ରଦୀପ ପ୍ରଧାନ, ମନୋଜ ଚମ୍ପତି, ବିଶ୍ୱଜିତ୍, ସୁବାସ, ସୁନିଲ, ଶିବ ପ୍ରସାଦ, ପ୍ରଭାକର, ଗଦାଧର, ଯୁଧିଷ୍ଠର, କୈଳାସ, ଦୀପକ, କୃଷ୍ଣ, ରଞ୍ଜିତା, ବନିତା, ସମେତ ସମସ୍ତ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ଶାଳ ମଞ୍ଜି କିଣି ଦଲାଲ ମାଲେମାଲ୍, ଦୁର୍ଦ୍ଦିନରେ ସଂଗ୍ରହକାରୀ



କରଞ୍ଜିଆ, (ଭାସ୍କର ନ୍ୟୁଜ୍): ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ହେଉଛି ମୟୁରଭଞ୍ଜ। ଏହି ଜିଲ୍ଲାରେ ରହିଛି ଶିମିଳିପାଳ ଅଭୟାରଣ୍ୟ। ଶିମିଳିପାଳରେ ଶହ ଶହ ବର୍ଷ ପୁରୁଣା ମୂଲ୍ୟବାନ ଗଛ ଥିବା ବେଳେ ଏହାର ଆଖପାଖରେ ଅନେକ ଗଛ ଦେଖାଯାଇଥାଏ। ଶିମିଳିପାଳ ଅଭୟାରଣ୍ୟରେ ହିଁ ୧୦୭୬ ପ୍ରକାରର ଗଛ ଥିବା ବେଳେ ସେଥିମଧ୍ୟରୁ ଶାଳ ଗଛ ସ୍ୱତନ୍ତ୍ର ପରିଚୟ ରହିଛି। ଶାଳ କାଠ ଯେତେ ମୂଲ୍ୟବାନ ତାର ଫଳ ବି ସେତିକି ମୂଲ୍ୟବାନ। ଶାଳ ଗଛ ବିଶ୍ୱରେ ୪ରୁ ୫ଟି ଦେଶରେ ଦେଖା ଦେଇଥାଏ। ସେଥିମଧ୍ୟରୁ ନେପାଳ, ବାଙ୍ଗାଳାଦେଶ, ପ୍ରଭୃତି ଦେଶ ରହିଛି। ଏବେ ଶାଳ ଗଛର ଫଳର ମିଞ୍ଜି ପଡୁଥିବାରୁ ଶାଳ ଗଛ ମୂଳରେ ଭିଡ଼ ଦେଖିବାକୁ ମିଳୁଛି। ଶାଳ ମଞ୍ଜିକୁ ଅମଳ କରି ଶୁଖା ଯାଇଥାନ୍ତି ଲୋକମାନେ। ମଞ୍ଜି ଶୁଖିଲା ପରେ ମଞ୍ଜି ସହିତ ଲାଗିଥିବା ପତ୍ର କୁ ଜାଳିଥାନ୍ତି। ତାପରେ ମଞ୍ଜି କୁ ବାଟିବା ପରେ ପାଛୋଟି ସାରିଲା ପରେ ବିକ୍ରି ଉପଯୋଗୀ ହେଇଥାଏ। ଶାଳ ମଞ୍ଜି ଚଳିତବର୍ଷ ପ୍ରଚୁର ପରିମାଣରେ ହେଇଛି ମୟୁରଭଞ୍ଜ ଜିଲ୍ଲାରେ। ଶାଳ ମଞ୍ଜିରୁ ଦାମୀ ଚକଲେଟ, ସାବୁନ ଏବଂ ଖାଇବା ତେଲ ତିଆରି ହେଇଥାଏ। ସରକାର ଯୋଜନା ପରେ ଯୋଜନା କରୁଥିଲେ ବି ଏହାର ବାସ୍ତବ ଚିତ୍ର ଏଠି କିଛି ଅଲଗା ଦେଖିବାକୁ ମିଳିଛି।

ସରକାର ଆଗରୁ ମହୁଲ, କରଞ୍ଜ, କୁସୁମ, ଶାଳ ମଞ୍ଜି ଆଦି ଜଙ୍ଗଲ ଜାତ ଦ୍ରବ୍ୟକୁ ବନ ଉନ୍ନୟନ ବିଭାଗ ଜରିଆରେ କିଣିବା ସହ ଉଚିତ ମୂଲ୍ୟ ଦେଉଥିଲେ। କିଛି ବର୍ଷ ହେବ ନିୟମରେ ପରିବର୍ତ୍ତନ ଆସିଛି। ଏବେ ପଞ୍ଚାୟତ କିମ୍ବା ଆଦିବାସୀ ଉନ୍ନୟନ ସମବାୟ ନିଗମମାନଙ୍କୁ ଏସବୁର କ୍ଷମତା ଦେଲେ ସରକାର ହେଲେ ଏହାର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ମୟୁରଭଞ୍ଜ ବାସୀ। ଜଙ୍ଗଲ ଜାତ ଦ୍ରବ୍ୟକୁ ସଂଗ୍ରହ କରି ବିକ୍ରି କରିବା ମୟୁରଭଞ୍ଜ ବାସୀଙ୍କର ଏହା ରୋଜଗାରର ପନ୍ଥା, ମୟୁରଭଞ୍ଜ ଜିଲ୍ଲାର ଦୁର୍ଗମ ଅଞ୍ଚଳ ହେଉ ବା ଉପାନ୍ତ ଅଞ୍ଚଳ ସବୁଆଡେ ଏବେ ଶାଳ ମଞ୍ଜିର ପସରା। ତେବେ ଏହି ଶାଳ ମଞ୍ଜି ଆଦିବାସୀମାନଙ୍କୁ ଯୋଗାଇଛି ରୋଜଗାର। ରାତି ପହିଲେ ନିଜର ଖାଦ୍ୟ ପେୟ, ବସ୍ତା ଧରି ବାହାରି ଯାନ୍ତି ଘଞ୍ଚ ଜଙ୍ଗଲ ଘେରା ପାହାଡ଼କୁ ଆଦିବାସୀ ମହିଳା ଓ ପୁରୁଷମାନେ। ଲାଗି ପଡ଼ନ୍ତି ଶରଗି ଫୁଲ ବା ଶାଳ ମଞ୍ଜି ସଂଗ୍ରହରେ।

ଶରଗି ଫୁଲ ବା ଶାଳ ମଞ୍ଜିରୁ ବିଭିନ୍ନ ପ୍ରକାର ସାବୁନ ଓ ତେଲ ଭଳି ଜିନିଷ ତିଆରି ହୋଇ ବଜାର ରେ ବିକ୍ରି ହେଉଥିବା ବେଳେ ଏହାର ଚାହିଦା ମଧ୍ୟ ବେଶ ଭଲ ରହିଛି, ବର୍ତ୍ତମାନ ଶାଳ ମଞ୍ଜି କିଲୋ ପିଛା ସରକାରୀ ମୂଲ୍ୟ ୨୦ ଟଙ୍କା ଥିବା ବେଳେ ମଞ୍ଜି ସଂଗ୍ରହ କାରୀମାନେ ୧୦ ରୁ ୧୨ ଟଙ୍କା ରେ ବିକ୍ରି କରୁଛନ୍ତି। ତେବେ ବଜାରରେ ଏହାର ଉପଯୁକ୍ତ ମୂଲ୍ୟ ମିଳୁ ନଥିବାରୁ କ୍ଷତି ସହୁଛନ୍ତି ସଂଗ୍ରହ କାରୀ, ସରକାରଙ୍କ ଉଦାସୀନତା ମନୋଭାବ ଯୋଗୁଁ ଏହି ଲଘୁ ବନ୍ୟ ଜାତ ଦ୍ରବ୍ୟ ର ସହାୟକ ମୂଲ୍ୟ ବୃଦ୍ଧି ହୋଇ ପାରୁନାହିଁ, ଯାହା ଫଳରେ ମୟୁରଭଞ୍ଜ ବାସୀ ବାଧ୍ୟ ହୋଇ କମ ଦାମରେ ବିକ୍ରି କରୁଛନ୍ତି ଓ ସେଥିରୁ ଯାହା ପଇସା ରୋଜଗାର ହୁଏ ତେଲ ଲୁଣର ସଂସାର ଚଳି ଥାଏ। ଅପର ପକ୍ଷେ କିଛି ଦଲାଲ ବେପାରୀମାନେ ଆସି ଲୋକଙ୍କୁ ଠକି ନେଇ ଶାଳ ମଞ୍ଜିକୁ କମ ଦରରେ କିଣୁଛନ୍ତି। ଯାହା ଫଳରେ ଶାଳ ମଞ୍ଜି ସଂଗ୍ରହକାରୀମାନେ ପରିଶ୍ରମ ଅନୁଯାୟୀ ପ୍ରକୃତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଚଳିତବର୍ଷ ମୟୁରଭଞ୍ଜ ଜିଲ୍ଲାରେ ଶାଳ ମଞ୍ଜି ସରକାରୀସ୍ତରରେ କିଣା ଯାଉ ନାହିଁ। ମିଳିଥିବା ସୂଚନା ଅନୁଯାୟୀ ଓଡ଼ିଶାରେ ୭ଟି ଜିଲ୍ଲାରେ ଶାଳ ମଞ୍ଜି କିଣୁଛନ୍ତି ସରକାର କିନ୍ତୁ ମୟୁରଭଞ୍ଜ ଜିଲ୍ଲାରରେ ସବୁଠାରୁ ଅଧିକ ଶାଳ ମଞ୍ଜି ମିଳୁଥିଲେବି କେବଳ ସରକାରୀ କର୍ମଚାରୀଙ୍କ ଅବହେଳା ପାଇଁ କିଣା ହେଉ ନାହିଁ ଶାଳ ମଞ୍ଜି। ଶାଳ ମଞ୍ଜି ଅତି କମ ଦରରେ ବିକ୍ରି ହେଉଥୁବାରୁ ସ୍ଥାନୀୟ ଲୋକମାନେ କିଛି ଦିନ ପୂର୍ବରୁ କରଞ୍ଜିଆ ବନ ଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ମଧ୍ୟ କରିଛନ୍ତି। ତେବେ ଖରା ଦିନରେ ଏହି ଶାଳ ମଞ୍ଜି ଯେତେବେଳେ ଆଦିବାସୀମାନଙ୍କ ରୋଜଗାରର ମାଧ୍ୟମ ସାଜିଛି। ପରିଶ୍ରମ ଅନୁଯାୟୀ ମିଳିପାରୁନି ମୂଲ୍ୟ। ପ୍ରଶାସନ ପକ୍ଷରୁ ଯଦି ଏହାର ଉଚିତ ମୂଲ୍ୟ ନିର୍ଦ୍ଧାରଣ କରି ଶାଳ ମଞ୍ଜି କିଣା ଯାଆନ୍ତା ବେଶ ଲାଭ ବାନ ହୋଇ ପାରନ୍ତେ ଲୋକେ। ଏଥିପ୍ରତି ସରକାରଙ୍କ କେବେ ଶୁଭ ଦୃଷ୍ଟି ପଡୁଛି ତାହାକୁ ହି ଦେଖିବାକୁ ବାକି ରହିଲା।

## ନିଟ୍‌ରେ କୃତକାର୍ଯ୍ୟ ହୋଇଥିବା ଆସିୟାଙ୍କୁ ସ୍କଲାର ଟୁଇଟରିଆଲ ପକ୍ଷରୁ ସମ୍ବର୍ଦ୍ଧନା

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅଧୀନସ୍ଥ ଜୟଷୋଳ ପଞ୍ଚାୟତ ଅନ୍ତର୍ଗତ ଧନୀପୁର ଗ୍ରାମର ଆସିୟା ଶେଖ ନିଟ ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରି ଅନ୍ୟପାଇଁ ପ୍ରେରଣା ସାଜିଛନ୍ତି। ଆସିୟା ମୋଟ ୭୨୦ ନମ୍ବର ପରୀକ୍ଷା ଦେଇ ୬୩୧ ନମ୍ବର ହାସଲ କରିଛନ୍ତି। ସେ ମାଟ୍ରିକ ପରୀକ୍ଷା ଓ ଯୁକ୍ତ ୨ ପରୀକ୍ଷାରେ ଜଗତସିଂହପୁର ଜିଲ୍ଲା ଟପର ହୋଇ ଅଞ୍ଚଳବାସୀଙ୍କ ପାଇଁ ଗୌରବ ଆଣିଥିଲେ। ଆସିୟାଙ୍କ ଅଧ୍ୟାପନା କ୍ଷେତ୍ରରେ ୫ବର୍ଷ ପର୍ଯ୍ୟନ୍ତ ତାଙ୍କୁ ପୂର୍ଣ ସହାୟତା ଯୋଗାଇ ଦେଇଥିଲେ ସ୍କଲାର ଟିଉଟୋରିଆଲର ଅଧ୍ୟକ୍ଷ ରବୀନ୍ଦ୍ରନାଥ ତ୍ରିପାଠୀ। ପିତା ଶେଖ ଆସଫ ଅଲ୍ଲୀ ଓ ମାତା ନଜନିନ ଆଫରଜା ପିଲାଦିନୁ ଆସିୟାଙ୍କ ଅନ୍ତର୍ନିହିତ ଗୁଣକୁ ଚିହ୍ନିପାରିଥିଲେ। ଆସିୟାଙ୍କୁ ଶିକ୍ଷା ପ୍ରତି ମନନିବେଶ କରାଇ ଭବିଷ୍ୟତରେ ଜଣେ ଭଲମଣିଷ ହେବାପାଇଁ ଅନୁପ୍ରାଣିତ କରିଥିଲେ। ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହେବା ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ସୁଅ ଛୁଟିଥିବାବେଳେ ସ୍କଲାର ଟୁଇଟରିଆଲ ପକ୍ଷରୁ ଏକ ସମ୍ବର୍ଦ୍ଧିତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ତରିକୁନ୍ଦ ବଜାର କମିଟି ପକ୍ଷରୁ ସଭାପତି ମହମ୍ମଦ ଇଲିୟାସ ଖାଁ, ସ୍କଲାର ଟିଉଟୋରିଆଲ ଅଧକ୍ଷ ତ୍ରିପାଠୀ, ଶିକ୍ଷକ ସିରାଜ ଉଦ୍ଦିନ ଖାଁ, ସ୍ମୃତିରଞ୍ଜନ ସେଠି, ଆଞ୍ଜୁମ ଜାହାଁ ଓ ଡା ମହମ୍ମଦ ଅକିଲ ନଓ୍ୱାଜ ଆସିୟାଙ୍କୁ ସମ୍ବର୍ଦ୍ଧିତ କରି ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ଏଥିରେ ଏହି ଟୁଇଟରିଆଲରେ ଅଧ୍ୟାନରତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ଅର୍କକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପବିତ୍ର ରଥଯାତ୍ରା

## ସନ୍ଧ୍ୟାବେଳେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଲା ରଥ



କୋଣାର୍କ, (ଭାସ୍କର ନ୍ୟୁଜ୍): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ତଥା ଅର୍କକ୍ଷେତ୍ରଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ଶ୍ରୀ ସୁଦର୍ଶନ ଚତୁର୍ଦ୍ଧାମୂର୍ତ୍ତିଙ୍କ ଧାର୍ମିକ ରୀତିନୀତି ଅନୁଯାୟୀ ଶ୍ରୀଜିଉମାନଙ୍କ ଦ୍ୱାରା ଫିଟା ନୀତି, ମଙ୍ଗଳ ଆଳତୀ, ମଇଲମ ନୀତି, ଦ୍ୱାରାପାଳ ପୂଜା ନୀତି, ଭୋଗ ଲାଗି, ହୋମଯଜ୍ଞ ଆଦି କାର୍ଯ୍ୟ ମାନ ସମ୍ପନ୍ନ ଧାର୍ମିକ ରୀତିନୀତି ଅନୁଯାୟୀ ସଂପନ୍ନ କରାଯାଇଥିଲା। ପରେପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ଅଣାଯାଇ ରଥାରୁଢ଼ କରାଯାଇଥିଲା। ଏହାପରେ ରଥରେ ଚାରମାଳ ଓ ଘୋଡା ବନ୍ଧା ଯିବା ପରେ ରଥରେ ସାରଥୀମାନଙ୍କୁ ରଥାରୁଢ଼ କରାଯାଇଥିଲା। କୋଣାର୍କ ଠାରେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥରେ ଆଦ୍ୟ ସେବକ ମହାରାଜ ଗୋପାଳ ଚନ୍ଦ୍ର ଛେରାପହଁରା ନୀତି ସଂପାଦନ କରିଥିଲେ। ପରେପରେ ଅପରାହ୍ନ ୫ଟା ୨୦ ମିନିଟ ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ରଥଯାତ୍ରାରେ କୋଣାର୍କ ତଥା ଆଖପାଖ ଅଞ୍ଚଳର ୧୦ହଜାରରୁ ଉର୍ଦ୍ଧ୍ୱ ଜଗନ୍ନାଥ ପ୍ରେମୀଙ୍କ ସମାଗମ ହୋଇଥିଲା। ଏହି ସମୟରେ ଶ୍ରଦ୍ଧାଳୁ ଭକ୍ତମାନେ ରଥାରୁଢ଼ ଶ୍ରୀଜିଉମାନଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଦର୍ଶନ କରିଥିଲେ। କୋଣାର୍କ ଥାନା ଅଧିକାରୀ ପଞ୍ଚାନନ ପରିଡାଙ୍କ ନେତୃତ୍ୱରେ କୋଣାର୍କ ରଥଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା। ରାତ୍ର ୭ଟା ସମୟରେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥ ରାଉଳପାଟଣା ସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚି ଥିଲା। କୋଣାର୍କଠାରେ ଅନୁଷ୍ଠିତ ରଥଯାତ୍ରା ଅବସରରେ ସ୍ଥାନୀୟ ଅଞ୍ଚଳର ଓ୍ୱାଟକୋ, ଟାଟା ପାଓ୍ୱାର, କୋଣାର୍କ ସ୍ୱାସ୍ଥ୍ୟ କେନ୍ଦ୍ର, ତହସିଲ ପ୍ରଶାସନ, ପୂର୍ତ୍ତବିଭାଗ, ଅଗ୍ନିସମ ବିଭାଗ, କୋଣାର୍କ ଏନ୍‌ଏସି ସମେତ ବିଭିନ୍ନ ବିଭାଗ ପକ୍ଷରୁ ନିରବଚ୍ଛିନ୍ନ ସେବା ଯୋଗାଇ ଦିଆଯାଇଥିଲା। କୋଣାର୍କ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ମୁଖ୍ୟ ଟ୍ରଷ୍ଟି ଇଂ ଅମରେଶ୍ୱର ନାୟକ, ଟ୍ରଷ୍ଟ ବୋର୍ଡର ସଦସ୍ୟ ଓ ଟ୍ରଷ୍ଟ ବୋର୍ଡର ପରିଚାଳକ ନିରଞ୍ଜନ ବାରିକ ଓ ସେବାୟତ ମାନେ ରଥଯାତ୍ରା କାର୍ଯ୍ୟ ସୁଚାରୁରୂପେ ପରିଚାଳନା କରିଥିଲେ।

## ମେରୁଦଣ୍ଡ ରୋଗରେ ପୀଡିତ ସୁଶାନ୍ତଙ୍କୁ ଆର୍ଥିକ ସହାୟତା

କୁଜଙ୍ଗ, (ଭାସ୍କର ନ୍ୟୁଜ): ପବିତ୍ର ରଥଯାତ୍ରା ଉପଲକ୍ଷେ କୁଜଙ୍ଗ ବ୍ଲକ ପାରାଦୀପ ଗଡ ଅନ୍ତର୍ଗତ ମହାବୀର ବସ୍ତିର ମେରୁଦଣ୍ଡ ଜନିତ ରୋଗରେ ପୀଡିତ ସୁଶାନ୍ତ ମହାନ୍ତିଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ କି, ସୁଶାନ୍ତ ଦୀର୍ଘ ସାତ ମାସ ହେବ ମେରୁଦଣ୍ଡ ଜନିତ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ସେ ଜଣେ କୁଲି ହିସାବରେ କାମ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। କିଛି ଦିନ ତଳେ ତାଙ୍କ ସ୍ତ୍ରୀ ତାଙ୍କୁ ଛାଡିକି ପଳେଇ ଯାଇଛନ୍ତି। ଗୋଟେ ଦିନ ଖଟରୁ ଶୋଇଥିବା ସମୟରେ ସେ ତଳେ ପଡି ଯାଇଥିଲେ ଯାହା ଫଳରେ ତାଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିଲା ଏବଂ ତା ପରେ ସେ ଶଯ୍ୟାଶାୟୀ। ପାଖରେ କେହି ନାହାନ୍ତି ତାଙ୍କର ଭଲ ମନ୍ଦ ବୁଝିବା ଲାଗି ପାଖ ପଡୋଶୀ ଏବଂ ତାଙ୍କ ବିବାହିତା ଭଉଣୀ ଆସିକି ତାଙ୍କର ଦେଖାଶୁଣା କରନ୍ତି। ତାଙ୍କ ପାଖରେ ଟଙ୍କାଟିଏ ବି ନାହିଁ ନିଜ ପେଟକୁ ଦାନା ଗଣ୍ଡାଏ ଖାଇବାକୁ। ଅର୍ଥ ଅଭାବରୁ ସେ ନିଜର ଅସ୍ତ୍ରୋପଚାର କରାଇବାକୁ ଅସମର୍ଥ। ଏବେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ଉପସଭାପତି ବିଜୟ କୁମାର ସାହୁ, ସଂଯୋଜକ ମାନସ କୁମାର ମଲ୍ଲିକ, ପରାମର୍ଶଦାତା ସରୋଜ କୁମାର ବେହେରା, ବରିଷ୍ଠ ସଦସ୍ୟ ନନ୍ଦନନ୍ଦନ ଜୟସିଂ, ସଂଞ୍ଜୟ କୁମାର ବେହେରା, ବିଶ୍ୱନାଥ ସ୍ୱାଇଁ ଏବଂ ସ୍ୱେଚ୍ଛାସେବୀ ସଦସ୍ୟ ଗୌତମ ବାରିକ ପ୍ରମୁଖ ସୁଶାନ୍ତଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ ସୁଶାନ୍ତ ଏବଂ ତାଙ୍କ ପଡୋଶୀ କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୁୟୀୟସୀ ପ୍ରଶଂସା କରାଯାଇଛି।

## ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍): ପୁରୁଷୋତ୍ତମପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ଏକ କୋଟି ତିନି ଲକ୍ଷ ତେୟାଳିସି ହଜାର ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ଉଦ୍‌ଘାଟନ କଲେ ଖଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ। ଦଶ ଲକ୍ଷ ଟଙ୍କା ବିନିମୟରେ ଦୁଇ ଗୋଟି ଟାଟା ଏସି ଗାଡି ଓ ନଅ ଲକ୍ଷ ଟଙ୍କା ବିନିମୟରେ ଗୋଟିଏ ଟ୍ରକଟର ଗାଡି, ଚବିଶ ଲକ୍ଷ ତେୟାଳିସି ହଜାର ଟଙ୍କା ବିନିମୟରେ ଆହାର ରୋଷେଇ କେନ୍ଦ୍ର, ଓ ଷାଠିଏ ଲକ୍ଷ ଟଙ୍କା ବିନିମୟରେ ଚାରି ଗୋଟି ଏଲ୍ଇଡିଟିଭିକୁ ଉଦ୍‌ଘାଟନ କରାଯଇଛି। ଏହି ଅନୁଷ୍ଠାନିକ ଉଦ୍‌ଘାଟନୀ ଉତ୍ସବରେ ମାନ୍ୟବର ଆସ୍କା ସାଂସଦ ପ୍ରମିଳା ବିଷୋଇ କୌଣସି କାରଣ ବଶତଃ ଯୋଗ ଦେଇପାରିନଥିବା ବେଳେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ ମୁଖ୍ୟ ଉଦ୍‌ଘାଟକ ଭାବେ ଏନ୍‌ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ଼ ମୁଖ୍ୟ ଅତିଥିଭାବେ, ଉପାଧ୍ୟକ୍ଷ୍ୟ କୃଷ୍ଣ ଚନ୍ଦ୍ର ପଣ୍ଡା ସନ୍ମାନିତ ଅତିଥିଭାବେ, କାର୍ଯ୍ୟନିର୍ବାହୀ ଅଧିକାରୀ ସୋମ୍ୟ ରଞ୍ଜନ ମିଶ୍ର, ଏମପି ପ୍ରତିନିଧି ପ୍ରେମାନନ୍ଦ ସାହୁ, ବଜେଡି ନଗର ସଭାପତି ପ୍ରଭାତ କୁମାର ପଟ୍ଟନାୟକ, ନଗର ବିଜେଡି ଯୁବ ସଭାପତି ମନୋଜ କୁମାର ଗୌଡ଼ କାଉନସିଲର ଭାସ୍କର ବେହେରା, ଅଶୋକ କୁମାର ମାହାଙ୍କୁଡ, କେ. ପ୍ରମୋଦ କୁମାର ଆଚାରୀ, ଭବାନୀ ଶଙ୍କର ନାହାକ, ଲିଙ୍ଗରାଜ ବେହେରା, କାଉନସିଲର ପ୍ରତିନିଧି ବିଶ୍ୱ ଭୂଷଣ ମହାପାତ୍ର, ରଞ୍ଜନ ବେହେରା, ବିପ୍ର ଚରଣ ବେହେରା, ଭାଗିରଥି ବେହେରା, ଲୋକନାଥ ବେହେରାଙ୍କ ସହ ପ୍ରମୁଖ କର୍ମୀ ବିଭିନ୍ନ ଉଦ୍‌ଘାଟନନୀସ୍ଥଳରେ ଯୋଗ ଦେଇଥିଲେ।

## ବାସନ୍ଦକୁ ମିଥ୍ୟା କହିଲା ରେଡି ମହାଜନ ସଂଘମ୍ ତଦନ୍ତ ପାଇଁ ଏସ୍‌ପିଙ୍କୁ ଅନୁରୋଧ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ବ୍ଲକ୍ ପୋଇରାଶି ପଞ୍ଚାୟତର ୧୧ ପରିବାରଙ୍କୁ ସାମାଜିକ ବାସନ୍ଦ ବିଷୟ ମିଥ୍ୟା ବୋଲି ବିରୁଳି ତାଲୁକା ରେଡି ମହାଜନ ସଂଘମ ପକ୍ଷରୁ କୁହାଯାଇଛି। ବାସନ୍ଦ ସମ୍ପର୍କରେ ବିଭ୍ରାନ୍ତିକର ତଥ୍ୟ ଦେଇ ଗଂଜାମ ବ୍ଲକରେ ଅଶାନ୍ତି ସୃଷ୍ଟି କରାଯାଉଥିବା ନେଇ ସୋମବାର ଛତ୍ରପୁର ଆସି ରେଡି ମହାଜନ ସଂଘମ ପକ୍ଷରୁ ଗଂଜାମ ଏସ୍‌ପିଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଛି। ଏହାର ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ ଗତ ସପ୍ତାହରେ ଗଞ୍ଜାମ ବ୍ଲକ ନୁଆଁପଲ୍ଲୀ ଓ ପୋଇରସୀ ଗ୍ରାମର ୧୧ଟି ପରିବାର ଛତ୍ରପୁର ଆସି ଏସ୍‌ପିଙ୍କୁ ଭେଟିଥିଲେ ଏବଂ ସେମାନଙ୍କୁ କୁଳରୁ ବାସନ୍ଦ କରାଯାଇଥିବା ଲିଖିତ ଭାବେ ଅଭିଯୋଗ କରିଥିଲେ। ଜନୈକ ପଂଚାୟତିରାଜ ପ୍ରତିନିଧିଙ୍କ ଦ୍ୱାରା ରାଜନୈତିକ ସ୍ୱାର୍ଥ ସାଧନ ସହ ଅଶାନ୍ତି ସୃଷ୍ଟି କରାଯିବା ଉଦ୍ଦେଶ୍ୟରେ ଏଭଳି ବାସନ୍ଦ ଅପପ୍ରଚାର କରାଯାଉଥିବା ସଂଘମ ପକ୍ଷରୁ ଅଭିଯୋଗ କରାଯାଇଛି। ବିରୁଳି ତକ୍ଷଲୁକା ରେଡି ମହାଜନ ସଂଘମର ସମ୍ପାଦକ ଖଲି ରେଡି, ସହସମ୍ପାଦକ ନରହରି ରେଡ଼ିଙ୍କ ସମେତ କୁଳର ବହୁ ମହିଳା, ପୁରୁଷ ଉପସ୍ଥିତ ଥିଲେ।

## ଏନ୍‌ସିସି ଓ ରୋଟାରୀ କ୍ଲବ୍ ଅଫ୍ ବ୍ରହ୍ମପୁରର ସହଭାଗିତାରେ ରକ୍ତଦାନ ଶିବିର

ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ବ୍ରହ୍ମପୁର ଏନ୍‌ସିସି ହେଡ୍ କ୍ୱାଟର ଗ୍ରୃପ୍ ଏବଂ ରୋଟାରୀ କ୍ଲବ୍ ଅଫ୍ ବ୍ରହ୍ମପୁର ଇଷ୍ଟର ସହଭାଗିତାରେ ଧର୍ମ ନଗରସ୍ଥିତ ରୋଟାରୀ କମ୍ୟୁନିଟି ହଲ୍‌ରେ ଏକ ରକ୍ତ ଦାନ ଶିବିର ସଂଗଠିତ ହୋଇଯାଇଛି। ଏହି ଶିବିରକୁ ଗୃପ୍ ହେଡ୍ କ୍ୱାଟରର ମୁଖ୍ୟ ଡଃ ମେଜର ସୌରଭ ତିୱାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱୋଳନ କରି ଉଦ୍‌ଘାଟନ କରିଥିଲେ ଏବଂ ନିଜେ ରକ୍ତଦାନ କରି ଶୁଭାରମ୍ଭ କରିଥିଲେ। ଶୁବେଦାର ମେଜର ଆର୍‌ଏନ୍. ସୁବୁଦ୍ଧି ଏବଂ ବ୍ରହ୍ମପୁର ରକ୍ତଦାନ ରକ୍ତ ବ୍ୟାଙ୍କର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରଶ୍ମିତା ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରକ୍ତ ଦାନର ମହତ୍ତ୍ୱ ସମ୍ପର୍କରେ ଉପସ୍ଥିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ବିଶେଷକରି ବାହାନଗାଠାରେ ଘଟିଯାଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ଆହତଙ୍କୁ ରକ୍ତ ଦାନ କରିବା ପାଇଁ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଥିଲା ସେ ସଂକ୍ରାନ୍ତରେ ଅତିଥିମାନେ ଆଲୋଚନା କରିଥିଲେ। କ୍ଲବର ସଭାପତି ସୁମିତ୍ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଇ କାର୍ଯ୍ୟକ୍ରମରେ ସଂପାଦକ ଜଗଜୀବନ ପାତ୍ର କ୍ଲବର ବିବରଣୀ ପ୍ରଦାନ କରିଥିଲେ। ପ୍ରଜେକ୍ଟ ଡାଇରେକ୍ଟର ଅଜିତ କୁମାର ପୃଷ୍ଟି ରକ୍ତ ଦାନ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। କ୍ଲବର ପବ୍ଲିକ୍ ଇମେଜ୍ ଚେୟାରମ୍ୟାନ୍ କାମରାଜୁ ମହାରଣାଙ୍କ ସମେତ ପୂର୍ବତନ ସଭାପତି ବୃନ୍ଦ ଗଦାଧର ରାଉଳ, ଅରୁଣ ଚାନ୍ଦ ଦାଶ, ପ୍ରଦୀପ କୁମାର ପଣ୍ଡା, କୁଶ ପାତ୍ର, ସୁଧାଂଶୁ ଶେଖର ଖଡଗ ରାୟ, ଆସନ୍ତା ବର୍ଷର ସଭାପତି ନାରସୁ ଜେନା, ଲିଙ୍ଗରାଜ ସ୍ୱାଇଁ, ଜୟନ୍ତ କିଶୋର ପାତ୍ର, ଭି. ମଧୁ, ଏମ୍.ମନୋଜ, ଦୁର୍ଗା ରାଓ ଏବଂ ଏନ୍‌ସିସି ଫାଷ୍ଟ ଅଫିସର୍ ଭିକାରୀ ଗୌଡ ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଇ ଶିବିରରେ ୩୭ ୟୁନିଟ ରକ୍ତ ସଂଗ୍ରହ କରା ଯାଇ ଥିଲା। ଏ ପର୍ଯ୍ୟନ୍ତ ୧୦୮ ଥର ରକ୍ତ ଦାନ କରିଥିବା ଆସ୍କାର ଲକ୍ଷ୍ମୀ ନାରାୟଣ ପାତ୍ରଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀ ପାତ୍ର ରକ୍ତ ଦାନରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

## ହଳଦିଆ ତୈଳିକ ବୈଶ୍ୟ ସମାଜର ନିର୍ବାଚନ ପକ୍ରିୟା ଶେଷ



ଚିକିଟୀ, (ଭାସ୍କର ନ୍ୟୁଜ୍): ଚିକିଟୀ ଖେମୁଣ୍ଡୀ ହଳଦିଆ ତୈଳିକ ବୈଶ୍ୟ ସମାଜର ଦୀର୍ଘ ତିନିମାସ ଧରି ଚାଲିଥିବା ନିର୍ବାଚନ ପକ୍ରିୟା ଶେଷ ହୋଇ ସମସ୍ତ ଗ୍ରାମ୍ୟ ପରିଷଦର ନୂତନ କର୍ମକର୍ତ୍ତା ଗଠନ କରାଯାଇ ରବିବାର କେନ୍ଦ୍ରୀୟ ପରିଷଦ ଅନ୍ତର୍ଗତ ୨୫ ଗୋଟି ଗ୍ରାମ୍ୟ ପରିଷଦର କର୍ମକର୍ତ୍ତାମାନଙ୍କୁ ନେଇ କେନ୍ଦ୍ରୀୟ ପରିଷଦ ଓ ଆଞ୍ଚଳିକ ପରିଷଦର ନୂତନ କର୍ମକର୍ତ୍ତା ଚୟନ ଶେଷ ହୋଇଛି। ବଡ଼ଖେମୁଣ୍ଡି ଆଞ୍ଚଳିକ ପରିଷଦ ଅନ୍ତର୍ଗତ ଦେଉଳିଆପଡା କୋଠଘରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ପରିଷଦର ସମସ୍ତ ପୂର୍ବତନ କର୍ମକର୍ତ୍ତା ଯୋଗ ଦେଇ ସର୍ବପ୍ରଥମେ ଉକ୍ତ ପରିଷଦକୁ ଭଙ୍ଗ କରାଯାଇ କୈଳିକ ନିର୍ବାଚନୀ ନିୟମ ଅନୁଯାୟୀ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଶ୍ରୀ ଧର୍ମା ସାହୁ, ଉପଦେଷ୍ଟା-ଶ୍ରୀ ଯୋଗୀ ସାହୁ, ସଭାପତି-ଶ୍ରୀ ଦଣ୍ଡାସି ସାହୁ, ଚାରି ଜଣ ଉପସଭାପତି ଶ୍ରୀ ପ୍ରଶାନ୍ତ କୁମାର ସାହୁ, ସୁରେନ୍ଦ୍ର ନାଥ ସାହୁ, ଅଭିମନ୍ୟୁ ସାହୁ, ପ୍ରଶାନ୍ତ ସାହୁ, ସମ୍ପାଦକ ଶ୍ରୀ ତ୍ରିପତି ସାହୁ, ଅଫିସ ସମ୍ପାଦକ ସୁଶାନ୍ତ ସାହୁ, ସଂଗଠନ ସମ୍ପାଦକ ଶ୍ରୀ ଶରତ ଚନ୍ଦ୍ର ସାହୁ, ମିଡିଆ ସେଲ ସମ୍ପାଦକ ଶ୍ରୀ ଅକ୍ଷୟ କୁମାର ସାହୁ, କୋଷାଧ୍ୟକ୍ଷ ଶ୍ରୀ ଜିତେନ୍ଦ୍ର ସାହୁ, ବେହେରା ଶ୍ରୀ ଅଲେଖ ସାହୁ ଓ ଶ୍ରୀ ବିପିନ ବିହାରୀ ସାହୁ। ସେହିପରି ଆଞ୍ଚଳିକ ସଭାପତି ଭାବେ ଶ୍ରୀ କୃଷ୍ଣଚନ୍ଦ୍ର ସାହୁ (ଚିକିଟୀ), ଶ୍ରୀ ଚନ୍ଦ୍ରଶେଖର ସାହୁ (ସାନଖେମୁଣ୍ଡି), ଶ୍ରୀ ବିପ୍ର ସାହୁ (ବଡ଼ଖେମୁଣ୍ଡି), ଶ୍ରୀ ଦଣ୍ଡ ସାହୁ (ପାଣ୍ଡିରୀ), ମୋନନୀତ ହୋଇ ଶପଥ ପାଠ କରିଥିଲେ। ନୂତନ ଭାବେ ଚୟନ ସମସ୍ତ କର୍ମକର୍ତ୍ତା ସମାଜକୁ ସଦୃଢ଼ କରିବା ସହ ଅଗ୍ରଣୀ ସମାଜର ପୂର୍ବ ସ୍ଥିତି ବଜାୟ ରଖିବାକୁ ମତବ୍ୟକ୍ତ କରିଥିଲେ। ଉକ୍ତ ଦିନର କାର୍ଯ୍ୟକ୍ରମ ଦେଉଳିଆପଡା ଗ୍ରାମ୍ୟ ସଭାପତି ଓ ସଭ୍ୟଙ୍କ ସହଯୋଗରେ ସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିବା ବେଳେ ସମାଜକୁ ନୂତନ ଦିଗଦର୍ଶନର ବାର୍ତ୍ତା ଦେଇ ସମ୍ପାଦକ ଧନ୍ୟବାଦ ଅର୍ପଣ କରି ସଭାଭଙ୍ଗ କରିଥିଲେ।

# ସୃଦୃଢ଼ିକରଣ ପରେ ଧସିଲା ଗେଙ୍ଗୁଟି ନଦୀବନ୍ଧ



ଧାମନଗର, (ଭାସ୍କର ନ୍ୟୁଜ): ନଦୀ ବନ୍ଧ ଯୋଜନା ରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରା ଯାଇ ନଦୀବନ୍ଧ ଶୃଦ୍ରୁଡି କରଣ କରା ଯାଉଛ ହେଲେ କାର୍ଯ୍ୟ ର କିଛି ଦିନ ପରେ ବନ୍ଧ ଧଶୁଚି। ମାସ ମାସ ବିତଯାଇଥିଲେ ମଧ୍ୟ ଆଜି ସୁଧା ମରାମତି ହୋଇ ପାରିଲା ନାହିଁ। ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତର ଗୋବିନ୍ଦାଗଡ଼ିଆ ରୁ ରାମେଶ୍ୱରପୁର ଯାଏ ହୋଇଥିବା ନଦୀବନ୍ଧ ୨ ବର୍ଷ ତଳେ ୯ କୋଟି ଟଙ୍କା ଖର୍ଚ୍ଚ କରା ଯାଇ ନଦୀବନ୍ଧ ମରାମତି ଓ ପ୍ରଶସ୍ତିକରଣ କାମ ହୋଇଥିଲା। ହେଲେ ଗତ ବର୍ଷା ଋତୁ ପରେ ବନ୍ଧ ଅବସ୍ଥା ଏବେ ପୂରା ଖରାପ। ଗୋବିନ୍ଦାଗଡ଼ିଆ, ବେଲମଳା, ରଘୁନାଥପୁର, ଦୋବଲ, ସୋଧ ଓ କୋଳେଇପଦା ହୋଇ ରାମେଶ୍ୱରପୁର ପାଖରେ ସ୍ଥାନେ ସ୍ଥାନେ ବନ୍ଧ ଧାର ଧସିଗଲାଣି। ପାଖାପାଖି ୪ କିଲୋମିଟର ଲମ୍ବର ଏ ବନ୍ଧରେ ପ୍ରାୟ ୩୦ ଟି ଜାଗାରେ ବନ୍ଧ ଧାର ଧସିଗଲାଣି। ଆଗାମୀ ଦିନରେ ଏହା ବଡ଼ ଗାତରେ ପରିଣତ ହୋଇଯିବା ଆଶଙ୍କା ରହିଛି। ବୈତରଣୀର ଶାଖା ନଦୀ ଗେଙ୍ଗୁଟିରେ ବର୍ଷାବେଳେ ଅଧିକ ପାଣି ଆସିଥାଏ। ନଦୀଟି ସଂପୂର୍ଣ୍ଣ ଭାବେ ଅଙ୍କାବଙ୍କା ହୋଇଥିବାରୁ ଏହାର ଉଭୟ ପାର୍ଶବରେ ଥିବା ବନ୍ଧ ଉପରେ ଅଧିକ ଚାପ ପଡ଼ିଥାଏ। ଏଣୁ ବେଲମଳା ପାଖରୁ ରାମେଶ୍ୱରପୁର ଯାଏ ପୂର୍ବରୁ ବିଭିନ୍ନ ସ୍ଥାନରେ ନଦୀବନ୍ଧରେ ଘାଇ ହୋଇଛି। ଏହାକୁ ନଜରରେ ରଖି ଏହି ବନ୍ଧକୁ ମରାମତି କରିବା ଲାଗି ସବୁବେଳେ ଗୁରୁତ୍ୱ ଦିଆଯାଇଛି। ନାବାର୍ଡରୁ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି ଜରିଆରେ ରାଜ୍ୟ ସରକାର ଶହ ଶହ କୋଟି ଟଙ୍କା ଋଣ ଆଣିଥିଲେ। ଏହି ଋଣ ଟଙ୍କା ସହ ନିଜସ୍ୱ ଅର୍ଥ ମିଶାଇ ୯ କୋଟି ୯୬ ଲକ୍ଷ ଟଙ୍କା ଏହି ବନ୍ଧ ମରାମତି ଓ ସୁଦୃଢ଼ୀକରଣ କରିବା ଲାଗି ମଞ୍ଜୁର କରିଥିଲେ। ଆରଆଇଡିଏଫରୁ ୯ କୋଟି ୪୭ ଲକ୍ଷ ଟଙ୍କା ଅଣାଯାଇଥିଲା। ନଦୀବନ୍ଧରେ ମାଟି ପକାଯାଇ ଉପର ଅଂଶକୁ ୧୮ ଫୁଟ୍ ଚଉଡ଼ା କରାଯାଇଥିଲା। ତା ସହ ୧୦ ଫୁଟ୍ ଚଉଡ଼ାର ପିଚୁ ବି ପଡ଼ିଥିଲା। ୨୦୨୨ରେ ଗୋବିନ୍ଦାଗଡ଼ିଆରୁ ରାମେଶ୍ୱରପୁର ଯାଏ କାମ ଶେଷ ହୋଇଥିଲା। ଏହାପରେ ୨୦୨୨ ମସିହା ବର୍ଷା ଋତୁ ପରେ ଏବେ ବନ୍ଧର ଅବସ୍ଥା ଅତି ଖରାପ ହୋଇଗଲାଣି। ବର୍ଷେ ବିତିଲାନି, କାମ ଖରାପ ହୋଇଗଲା। ଦୋବଲ ପଂଚାୟତ ର ବାହୁ ବଳେନ୍ଦ୍ରିୟ ସାହି ନିକଟ ନଦୀ ବନ୍ଧ ରେ ଗତ ବର୍ଷା ରିତୁ ରେ ଧସି ଥିବା ବେଳେ ପୁଣି ବର୍ଷେ ହେବ ସେଠାରେ ବନ୍ଧ ମରା ମତି ହୋଇ ପାରିଲା ନାହିଁ। ପୁଣି ବର୍ଷା ଦିନ ଆସିଗଲାଣି। ଉକ୍ତ ଦୁବଳ ନଦୀ ବନ୍ଧ ପାଇଁ ନଦୀ କୁଳିଆ ଲୋକ ଙ୍କ ମନରେ ଭୟ ଆସି ଲାଣି। ସରକାର କୋଟି କୋଟି ଟଙ୍କା ଋଣ କରି ଆଣିଲେ। ହେଲେ କ୍ଷେତ୍ରୀୟ ଅଧିକାରୀ ଉପଯୁକ୍ତ ଭାବେ ଜଗାରଖା ନ କରିବାରୁ କାମ ନିମ୍ନମାନର ହେଲା। ଆଉ ବର୍ଷକ ଭିତରେ ନଷ୍ଟ ହୋଇଗଲା। ଏନେଇ ଧାମନଗର ଜଳସଂପଦ ବିଭାଗ ର ବିଭାଗୀୟ ଏସ୍ ଡିଓ ବିଜୟ ସେଠୀ ଙ୍କୁ ପଚାରିବାରୁ, ସେ କହିଛନ୍ତି ଯେ ଠିକାଦାରଙ୍କ ଉପରେ ମରାମତି କରିବାର ଦାୟିତ୍ୱ ରହିଛି। ସେ କାମ କରିଥିବାରୁ ପାଞ୍ଚ ବର୍ଷ ଯାଏ ସେ ମରାମତି କରିବେ। ଏଣୁ ଯେଉଁଠି ସବୁ ଧସିଛି ଓ ନଷ୍ଟ ହୋଇଛି, ସେ ସ୍ଥାନରେ ଶୀଘ୍ର ମରାମତି କରାଯିବ ବୋଲି ସେ କହିଛନ୍ତି। ତେଣୁ ତୁରନ୍ତ ନଦୀ ବନ୍ଦ ମରାମତି କରିବା ପାଇଁ ସ୍ଥାନୀୟ ଅଞ୍ଚଳ ବାସୀ ଦାବି କରିଛନ୍ତି।

# ରାଜ୍ୟ ଖବର





ଖପ୍ରାଖୋଲ, (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ତୁର୍ଲା ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ତଥା ବରିଷ୍ଠ କଳାକାର ଈଶ୍ୱର ଚନ୍ଦ୍ର ପଣ୍ଡାଙ୍କର ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୯ ବର୍ଷ ହୋଇଥିଲା । ସେ ଜଣେ ପରୋପକାରୀ, ମେଳାପି ଏବଂ ଧର୍ମ ପରାୟଣ ବ୍ୟକ୍ତି ଥିଲେ । ସ୍ୱର୍ଗତ ପଣ୍ଡା ପ୍ରାକ ସ୍ୱାଧୀନତା କାଳରେ ୧୯୩୮ ମସିହାରେ ବଲାଙ୍ଗିର ସଂସ୍କୃତ ଟୋଲରେ ସଂସ୍କୃତ ମଧ୍ୟମା ପର୍ଯ୍ୟନ୍ତ ପଢିଥିବା ବେଳେ କିଛି କାଳ ଶିକ୍ଷକତା କରିଥିଲେ । ଭାନପୁର ପଞ୍ଚାୟତ ରେ କିଛି ଦିନ ସମ୍ପାଦକ ଭାବରେ କାର୍ଯ୍ୟ କରିଥିଲେ । ଜଣେ ସୌଖିନ ଦାସ କାଠିଆ କଳାକାର ଭାବରେ ରାଜ୍ୟ ସ୍ତରୀୟ ବହୁ ସମ୍ମାନ ପ୍ରାପ୍ତ ହୋଇଥିଲେ । ପୂର୍ବତନ ମୁଖ୍ୟ ମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସକ୍ରିୟ ରାଜନୀତିରେ ରହିଥିଲେ । ସେହି ପରି କବିରାଜ ଭାବରେ ଅଶି ଦଶକରୁ ନବେ ଦଶକ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ପ୍ରଦାନ କରି ଅଞ୍ଚଳରେ ବେଶ ଲୋକ ପ୍ରିୟତା ଅର୍ଜନ କରିଥିଲେ । ସେ ଜଣେ ପୁରାଣ ଗାୟକ ଓ ପ୍ରବଚକ ଭାବରେ ପ୍ରସିଦ୍ଧି ଲାଭ କରିଥିଲେ । ମୃତ୍ୟୁ ସମୟରେ ତାଙ୍କ ବଡ଼ ପୁଅ ଅଶୋକ ପଣ୍ଡା, ମଝିଆଁ ପୁଅ ଡ଼. ଅକ୍ଷୟ କୁମାର ପଣ୍ଡା, ସାନ ପୁଅ ଅଶ୍ୱିନୀ କୁମାର ପଣ୍ଡାଙ୍କ ସମେତ ପୁତ୍ର ବଧୂ ଓ ନାତି ନାତୁଣୀ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ ।

### ସିନାପାଲିରେ ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ

## ଦେବୀ ସୁଭଦ୍ରାଙ୍କ ରଥ ଟାଣିଲେ ମହିଳାଶ୍ରଦ୍ଧାଳୁ

ନୂଆପଡ଼ା,(ଭାସ୍କର ନ୍ୟୁଜ୍): ସିନାପାଲି : ରୀତିନୀତି ଅନୁଯାୟୀ ନୂଆପଡ଼ା ଜିଲ୍ଲା କୋଣ ଅନୁକୋଣରେ ରଥଟଣା ଯାଇଥିଲା । ନୂଆପଡ଼ା, କୋମନା, ଖଡ଼ିଆଳ, ବୋଡ଼େନ ସିନାପାଲି , ୫ଟି ବ୍ଲକର କୋଣ ଅନୁକୋଣରେ ଯାତ୍ରା ହେଇଥିଲା । ଜିଲ୍ଲାର ଏସବୁ ଯାତ୍ରାରୁ ଭିନ୍ନ ଯାତ୍ରା ହେଉଛି ସିନାପାଲି ରଥଯାତ୍ରା ଓ ଏହି ଯାତ୍ରା ନୂଆପଡ଼ା ଜିଲ୍ଲା ପ୍ରସିଦ୍ଧ ବୋଲି ଲୋକେ କହନ୍ତି । ତେବେ ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା । ଭକ୍ତ ଓ ଭଗବାନଙ୍କ ମହାମିଳନର ମହାପର୍ବ । ରନ୍ ସିଂହାସନ ଛାଡି ବଡଦାଣ୍ଡକୁ ଓହ୍ଲାଇଛନ୍ତି ଶ୍ରୀଜୀଉ । ରଥରେ ବିଜେ କରି ନବଦିନାତ୍ମକ ଯାତ୍ରାରେ ଶ୍ରୀଗୁଣ୍ଡିଚା ସିନାପାଲି ( ନେହେରୁ ମଣ୍ଡପ ଛକ) ମନ୍ଦିର ଯିବେ କାଳିଆ ସାଆନ୍ତେ । ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ବୈଶମ୍ପାୟନ ମେହେରଙ୍କ ଦ୍ୱାରା ତିନି ରଥରେ ଛେରା ପହଁରା ସରିଲା ପରେ ରଥଟଣା ଆରମ୍ଭ ହୋଇଥଲା । ପାରମ୍ପରିକ ସଙ୍କୀର୍ତ୍ତନ ଢୋଲ ନିଶାନ ଓ ଘଣ୍ଟ ଶଙ୍ଖ ବାଦ୍ୟା ସହ ମହିଳା ଶ୍ରଦ୍ଧାଳୁଙ୍କ ହୁଳହୁଳୀରେ ସମଗ୍ର ପରିବେଶ ଦୁଲୁକି ଯାଇଥିଲା । ସବୁଠାରୁ ଆକର୍ଷଣ ଏ ଯାତ୍ରାରେ ଥିଲା ଦେବୀ ସୁଭଦ୍ରାଙ୍କ ରଥ ଟଣା ସବୁ ବର୍ଷ ପରି ଏ ଚଳିତ ବର୍ଷ ମଧ ଦେବୀ ସୁଭଦ୍ରାଙ୍କ ରଥ ଟାଣିଛନ୍ତି



ମହିଳା । ଦେବୀ ସୁଭଦ୍ରାଙ୍କ ରଥକୁ ମହିଳା ଦୁଇ ପଟେ ଦୌଡ଼ି ଟାଣି ଥିଲେ ସେ ଦୃଶ୍ୟ ଦେଖିବାକୁ ମିଳିଥିଲା । ହଜାର ହଜାର ଭକ୍ତଙ୍କ ଭିଡ଼ ସହିତ ରଥଯାତ୍ରା ପାଇଁ ସଜେଇ ହୋଇଛି ସାରା ସିନାପାଲି ଶ୍ରୀମନ୍ଦିର ଓ ବସଷ୍ଟାଣ୍ଡ ବଡଦାଣ୍ଡ ଭକ୍ତିମୟ ପରିବେଶ ହୋଇଥିଲା । ଜଗନ୍ନାଥ ଛକ ମନ୍ଦିର ସମ୍ମୁଖରେ ଦାରୁଦିଅଁଙ୍କ ଅପେକ୍ଷାରେ ଭକ୍ତ ମାନେ ରହିଥିଲେ ଓ ତିନି ରଥକୁ ଟାଣିଛନ୍ତି । ଘଣ୍ଟ ଶଙ୍ଖ ଢୋଲ ନିଶାନ ହରିବୋଲ୍ ହୁଳହୁଳିରେ ଦୁଲୁକୁଛି ସିନାପାଲି ସହର ଲୋକାରଣ୍ୟ ହେବାରେ ଲାଗିଛି ସାରା ସିନାପାଲି । ଜଗନ୍ନାଥ ମନ୍ଦିରରୁ ରଥ ବାହାରି ରାବଣଛକ ଗାୟତ୍ରୀଛକ ଦୁର୍ଗା ମନ୍ଦିରଛକ ତହସିଲ ଅଫିସଛକ ଦେଇ ମାଉସୀ ମନ୍ଦିର ନେହେରୁ ମଣ୍ଡପ ଛକ ( ବସଷ୍ଟାଣ୍ଡ ) ପହଞ୍ଚି ଥିଲେ ଭଗବାନ ଓ ଭକ୍ତ ରଥଟାଣି । ନୂଆପଡ଼ା ଜିଲ୍ଲାର କୋଣ ଅନୁକୋଣରୁ ଭକ୍ତଙ୍କ ସୁଅ ଛୁଟୁଛି । ରଥ ଉପରେ ଚକାଆଖିଆକୁ ଆଖି ପୁରାଇ ଦର୍ଶନ କରିବା ପାଇଁ ସମସ୍ତେ ଚାହିଁବସିଥିଲେ । ମଣିମାଙ୍କୁ ଚର୍ମଚକ୍ଷୁରେ ଦର୍ଶନ କରିବାକୁ ବ୍ୟାକୁଳ ହେଉଥିଲେ ଭକ୍ତ ମାନ । ଆଜି ସକାଳ ସାଢେ ୯ଟାରେ ଠାକୁରମାନଙ୍କ ପହଣ୍ଡି ହୋଇଥିଲା । ଅପରାହ୍ନ ୪ଟାର ରଥଟଣା ଆରମ୍ଭ ହେବ ହୋଇଥିଲା । ରଥଯାତ୍ରା ପାଇଁ ନୀତିନିର୍ଘଣ୍ଟ ଅନୁସାରେ, ଆଜି ସକାଳ ୬ଟାରେ ମହାପ୍ରଭୁଙ୍କ ମଙ୍ଗଳା ନୀତି ଓ ୬ଟା ୨୦ରେ ମଇଲମ ନୀତି ସମ୍ପନ୍ନ ହୋଇଥିଲା । ପରେ ୪ଟାରେ ରଥଟଣା ଆରମ୍ଭ ହୋଇଥଲା ସୁରକ୍ଷା ବ୍ୟବସ୍ଥା ରଥଯାତ୍ରା ପାଇଁ ଆଜି ସିନାପାଲିରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା ଏଥିରେ ସିନାପାଲି ପୋଲିସ ଭିଭାଗ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।

### ଝିଅକୁ ମାରିଦେଇଥିବା ଅଭିଯୋଗ

## ସ୍ତ୍ରୀକୁ ହତ୍ୟାକରି ପୋଡ଼ିଦେଲା ସ୍ୱାମୀ



ଖପ୍ରାଖୋଲ,(ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ମଟିଆଭଟା ପଞ୍ଚାୟତ ପୁତଲାମହୁଲ ଗାଁର ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀକୁ ହତ୍ୟାକରୀ ଏକ ଆଖା ରେ ମୃତଦେହ ପୁରାଇ ପେଟ୍ରୋଲ ଢ଼ାଳି ସମ୍ପର୍କୀୟଙ୍କ ସହ ପୋଡ଼ି ଦେଇଥିବା ପୋଲିସ ସୂଚନା ଦେଇଛି । ସୂଚନା ଅନୁସାରେ ଗତ ୧୭ ତାରିଖ କିନ୍ଦ୍ରିଟାଲ ଗାଁ ର ଶ୍ରୀପତି ଭୋଇ ତାଙ୍କ ଝିଅ ଚୁଳବତି ସାହୁ (୨୮) ପୁତୁଲାମହୁଲ ଗାଁର ଜ୍ୱାଇଁ ଘରୁ ନିରୁଦ୍ଦିଷ୍ଟ ଥିବା ଖପ୍ରାଖୋଲ ପୋଲିସରେ ଜଣାଇଥିବା ବେଳେ ପରେ ଜ୍ୱାଇଁ ପରିବାର ଝିଅକୁ ହତ୍ୟା କରିଥାଇ ପାରନ୍ତି ବୋଲି ପୋଲିସ କୁ ଜଣାଇଥିଲେ । ଅଭିଯୋଗକୁ ଭିତ୍ତି କରି ଖପ୍ରାଖୋଲ ଥାନା ଦାୟିତ୍ୱରେ ଥିବା ଲାଠୋର ଥାନା ଅଧିକାରୀ ଝସକେତନ୍ ଭୋଇଙ୍କ ନେତୃତ୍ୱରେ ପୁତୁଲାମହୁଲ୍ ଗାଁକୁ ଯାଇ ତଦନ୍ତ କଲାପରେ ଚୁଳବତୀକୁ ତାର ସ୍ୱାମୀ ତେଜରାଜ ସାହୁ ( ୩୦ )ହତ୍ୟା କଲାପରେ ମୃତଦେହକୁ ଆଖାରେ ପୁରାଇ ରାତିରେ ଗାଁଠୁ ଦୂରରେ ଏକ ନାଳରେ ପେଟ୍ରୋଲ ଓ ଟାୟାର ସହାୟତାରେ ପୋଡ଼ି ଦେଇ ଅବସିଷ୍ଟାଂଶକୁ ପାଣିରେ ଫୋପାଡି ଦେଇଥିବା ଜାଣିବାକୁ ପାଇଥିଲେ । ଏହି ଘଟଣାରେ ସ୍ୱାମୀ ତେଜରାଜ୍, ତାର ବଡ଼ ଭାଇ ଟିକେଲାଲ୍ ସାହୁ (୩୫)ଓ ମଉସା ଗୁଣନିଧି ସାହୁ(୪୫ )କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି । ସୂଚନା ଅନୁସାରେ ଚୁଳବତି ଓ ଟିକେ ଲାଲ ନିଜ ନିଜ ପରିବାର ସହ ୮ ବର୍ଷ ତଳେ ଆନ୍ଧ୍ରପ୍ରଦେଶକୁ ଦାଦନ ଯାଇଥିବା ବେଳେ ସେଠାରେ ଉଭୟଙ୍କ ମଧ୍ୟରେ ପ୍ରେମ ହେବାସହ ସେଠାରୁ ଉଭୟେ ଫେରାର ହୋଇ ବରଗଡ଼ ଅଞ୍ଚଳରେ ରହିଥିଲେ । ପରେ ଉଭୟ ପରିବାର ସହମତିରେ ନିଜ ଗାଁ ପୁତୁଲାମହୁଲ ଗାଁରେ ରହିବା ସହ ତାଙ୍କ ଏକ ୪ ବର୍ଷର ଏକ ଝିଅ ଅଛନ୍ତି । ଝିଅ ନିଖୋଜ ଥିବା ନେଇ ସ୍ୱାମୀ ଘରେ ଖବର ଦେଲା ପରେ ବାପ ଘର ଲୋକେ ପ୍ରଥମେ ନିରୁଦ୍ଦିଷ୍ଟ ଥିବା ଥାନାକୁ ଜଣାଇବା ସହ ପରେ ହତ୍ୟା କରିଥିବା ଅଭିଯୋଗ କରିଥିଲେ । ଏନେଇ ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ଜ୍ୟୋତିର୍ମୟ ଭୁକ୍ତା ଏକ ଖବର ଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏନେଇ ଖପ୍ରାଖୋଲ ଥାନା କେସ୍ ନମ୍ବର ୯୫/୨୩ରେ ଦଫା ୪୯୮(କ),୩୦୨,୨୦୧,ଓ ୩୪ ଆଇପିସି ଓ ଅନୁସୂଚିତ ଜାତି ଜନଜାତି ନିର୍ଯ୍ୟାତନା ନିରୋଧ ଆଇନରେ ଏକ ମାମଲା ରୁଜୁ କରି ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ଘୁନସରରେ ବ୍ଲକସ୍ତରୀୟ ସରପଞ୍ଚ ସଂଘର ବୈଠକ



ଖପ୍ରାଖୋଲ,(ଭାସ୍କର ନ୍ୟୁଜ): ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସରପଞ୍ଚ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ସିମାଞ୍ଚଳ ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ । ବୈଠକରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିଜୟ କୁମାର ହୋତା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଉପ ସଭାପତି ବୈଦ୍ୟନାଥ ମିଶ୍ର, ସମ୍ପାଦିକା ସୁମତି ପଧାନ, କୋଷାଧ୍ୟକ୍ଷ ଦେବାଶିଷ ସାହୁ ଯୋଗ ଦେଇଥିଲେ । ବୈଠକରେ ସରକାରୀ ଯୋଜନାର ସଫଳ ରୂପାୟନ ଏବଂ ଦରିଦ୍ର ଦୂରୀକରଣ ଉପରେ ସଚେତନ ହେବାକୁ ଆଲୋଚନା ହୋଇଥିଲା । ବିଭିନ୍ନ ସମୟରେ କିଛି ଖଳ ପ୍ରକୃତିର ଲୋକ ଉନ୍ନୟନ ମୂଳକ କାମ ଉପରେ ବାଧା ଦେଉଥିବା ବେଳେ ଆଗାମୀ ଦିନରେ ସଂଘ ତରଫରୁ ଏହାକୁ ତୀବ୍ର ବିରୋଧ କରାଯିବ ବୋଲି ମତ ପ୍ରକାଶ ପାଇଥିଲା । ବୈଠକରେ ସରପଞ୍ଚ ଉମାକାନ୍ତ ମେହେର , ଅନୁଶୟା ସାହୁ , ବେଟିଖାଇ ସେନ୍ଦ୍ରିଆ , ଦେବରାଜ ପଧାନ , ଜୟଶ୍ରୀ ଭାଇଁସାଲ , ନିଲେନ୍ଦ୍ରି ପୁଝାରୀ , ସନ୍ତୋଷିନି ବରିହା, ତାରାକାନ୍ତି ତାଣ୍ଡି, ରିନାଜାଲ ପ୍ରମୁଖ ସରପଞ୍ଚମାନେ ଦେଇଥିଲେ । ଶେଷରେ ଯତୀଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେଡି ସଂଗଠକଙ୍କ ଜନ୍ମ ଦିନରେ ମେଗା ରକ୍ତଦାନ ଶିବିର



ଚିକିଟୀ/ଗଞ୍ଜାମ, (ଭାସ୍କର ନ୍ୟୁଜ୍): ଜିଲ୍ଲା ଅନ୍ତର୍ଗତ ଚିକିଟୀ ବ୍ଲକର ବାହିନୀପତି ଠାରେ ମେଘା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସୂଚନା ପ୍ରକାରେ ଅର୍ଥାତ ମଙ୍ଗଳ ବାରରେ ବରିଷ୍ଠ ବିଜେଡି ସଂଗଠକ ସୁରେନ୍ଦ୍ର ମଣ୍ଡଳଙ୍କ ପଞ୍ଚବନ ତମ ପୁଣ୍ୟ ଜନ୍ମ ତିଥିରେ ଏକ ମେଗା ରକ୍ତଦାନ ଶିବିର ବାହିନୀପତି ସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଚିକିଟୀ ନିର୍ବାଚନ ମଣ୍ଡଳୀର କୋଣ ଅନୁକୋଣରୁ ଯୁବପ୍ରତିଭା ଓ ଯୁବତୀମାନେ ମଧ ସ୍ୱତପ୍ରବୃତ୍ତ ଭାବରେ ରକ୍ତଦାନ କରିବା ସକାଶେ ଆଗଭର ହୋଇଥିବା ବେଳେ ରକ୍ତଦାନ କରିଥିଲେ । ଏହି ରକ୍ତ ଦାନ ଶିବିରରେ ଜିଲ୍ଲା ପରିଷଦ ସଭ୍ୟ ଏମ ନଗରାଜୁ, ପିତାତୋଳି ସରପଞ୍ଚ ଆସି.ରଙ୍ଗାରାଓ, ସହରାଞ୍ଚଳ ବିକାଶ ମନ୍ତ୍ରୀଙ୍କ ସୁପୁତ୍ର ଶ୍ରୀରୂପ ଦେଓ, ପ୍ରମୁଖ ଯୋଗ ଦେଇ ଥିବାବେଳେ ଓ ରମ୍ଭା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ନର୍ସିଙ୍ଗଲୁ,ଦେବରାଜ ପାଣିଗ୍ରାହୀ, ବିପଦ ପଣ୍ଡା, ପ୍ରଶାନ୍ତ ପାଢ଼ୀ, ସୁଶାନ୍ତ ପଣ୍ଡା, କିଶୋର ପଣ୍ଡା,ଟି. ଆନନ୍ଦ ସୁବୁଦ୍ଧି,ଚିକିଟି ବ୍ଲକ ଅଧ୍ୟାପନା ସେଠୀ, ବାରିକ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ ।

## ଟ୍ରେନରୁ ଖସି ଜଣକର ମୃତ୍ୟୁ

ବାମରା,(ଭାସ୍କର ନ୍ୟୁଜ): ଦକ୍ଷିଣପୂର୍ବ ରେଳ ବାମରା- ଟାଙ୍ଗରମୁଣ୍ଡା ରେଳ ଷ୍ଟେସନ ମଧ୍ୟରେ ଥିବା ଭଗପଡା ରେଳ ଫାଟକ ନିକଟ ପିଲାର ସଂଖ୍ୟା - ୪୭୧/୯ ଅପ ଲାଇନ୍ କଡରେ କୌଣସି ଚଳନ୍ତା ଟ୍ରେନରୁ ଖସିପଡି ଜଣକର ମୃତ୍ୟୁ ଘଟିଥିବା ଜଣାପଡିଛି । ସେ ରାତ୍ରିରେ କୌଣସି ଏକ୍ସ୍ ପ୍ରେସ ଟ୍ରେନରୁ ପଡିଥିବା ଅନୁମାନ କରାଯାଉଛି । ମୃତ ଦେହ ନିକଟରେ ଏକ ମୋବାଇଲ ଫୋନ ଓ ଟ୍ରେନ ଟିକେଟ ମଧ ପଡିଥିବା ଲୋକେ ଦେଖି ଥିଲେ । ଟିକେଟ ରେ କଲ୍ୟାଣ ଜଗସନ ରୁ ରାଉରକେଲା ଜଗସନ ଉଲ୍ଲେଖ ରହିଛି । ଖବରପାଇ ବାମରା ଜିଆରପି ପହଞ୍ଚି ଶବ ଓ ମୋବାଇଲ , ଟିକେଟ ଜବତ କରିଥିବା ଜଣାପଡିଛି । ତେବେ ସମ୍ବାଦ ଲେଖା ଯିବା ପୂର୍ବରୁ ମୃତକ ଜଣକଙ୍କ ପରିଚୟ ମିଳିପାରିନି । ଏନେଇ ଜିଆରପି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ମିଶନ ଶକ୍ତି ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



ଲହୁଣୀପଡ଼ା, (ଭାସ୍କର ନ୍ୟୁଜ): ମିଶନ ଶକ୍ତି ଜରିଆରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ଏବଂ ନିଜ ଗ୍ରୁପ ସହ ଅନ୍ୟ ଗ୍ରୁପ ମଧ ଆତ୍ମନିର୍ଭରଶୀଳ ହୋଇପାରିବେ ତଥା ବ୍ୟାଙ୍କ ଋଣନେଇ ଠିକ ସମୟରେ ମୂଳ ଓ ସୁଧ ଫେରସ୍ତ କରିବା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଜଣାପଡିଛି । ଲହୁଣୀପଡ଼ା ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଲହୁଣୀପଡା ମିଶନ ଶକ୍ତି ପକ୍ଷରୁ ଆଜି ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ଉପାଧକ୍ଷ କମଲ ଲାକ୍ରାମୁଖ୍ୟ ବକ୍ତା ଭାବେ ସିଡିପିଓ ପୁଷ୍ପଲତାନାଏକ, ସମ୍ମାନିତ ଅତିଥି ଭାବେଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚୁକା ଓରାମ, ଲହୁଣୀପଡା (କ) ଜିଲ୍ଲାପରିଷଦ ସଭ୍ୟା ଜଲିଆନି କାଣ୍ଡିର , ସୁପରଭାଇଜର ପୁଷ୍ପାଞ୍ଜଳି ବେହେରା ,ଲହୁଣୀପଡା ପଞ୍ଚାୟତ ସମିତି ସଭ୍ୟା ଲକ୍ଷ୍ମୀ କିଷାନ,ପୂର୍ବତନ ବ୍ଲକ ଅଧକ୍ଷା କୁନି ମୁଣ୍ଡା, ଲହୁଣୀପଡା ଷ୍ଟେଟବ୍ୟାଙ୍କ ଫିଲ୍ଡ ଅଫିସର ବିନିତା କୁଲୁ, ,ଏସଡି ସି ସି ବ୍ୟାଙ୍କଲିଙ୍ଗରାଜ ପାତ୍ର,ଭାରପ୍ରାପ୍ତ ଲ୍ୟାମ୍ପ ଏମଡି ଚତ୍ତରଞ୍ଜନ ପାତ୍ର ମଞ୍ଚାସୀନ ଥିଲେ ।ମିଶନ ଶକ୍ତି ବିପିସି ପ୍ରଜ୍ଞାପରମିତା ସୁନ୍ଦରାୟ ଙ୍କ ଅଧକ୍ଷତାରେ ଏହି ସଚେତନତା ସଭା ଅନୁଷ୍ଠିତ ହୋଇଥିଲା ।ପ୍ରାରମ୍ଭରେ ଅତିଥି ମାନଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିବା ଥିଲେ ଏବଂ ଅତିଥି ମାନେ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମ ରେ ସ୍ୱୟଂ ସହାୟତା ଗୋଷ୍ଠୀ, ବିଏଲ ଏଫ ସିଆରପି, ଏମବିକେ ମାନେ ବହୁ ସଂଖ୍ୟକ ଯୋଗ ଦେଇଥିଲେ । ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଯୋଜନା ପ୍ରଚଳିତ କରାଯାଇଛି, ଏବଂ ଏଥିପାଇଁ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଋଣ ପ୍ରଦାନ ମଧ କରାଯାଉଛି କିନ୍ତୁ ଅନେକ ଗୋଷ୍ଠୀ ସଚେତନତା ଅଭାବରୁ ସଫଳତା ହାସଲ କରି ପାରୁନାହାନ୍ତି । ଏବଂ ଋଣ ନେଇ ଠିକ ସମୟରେ ଋଣ ପରିଶୋଦ କରି ପାରୁ ନାହାନ୍ତି, ଏଣୁ ଏ ସମ୍ପର୍କରେ ବ୍ୟାଙ୍କ ଲ୍ୟାମସ ଅଧିକାରୀ ମାନେ ବିସ୍ତୃତ ଭାବରେ ସୂଚନା ଦେଇଥିଲେ ଓ କି ଭଳି ଭାବରେ ବ୍ୟାଙ୍କ ମାନଙ୍କ ସହିତ ସମ୍ପର୍କ ରଖି ସରକାରୀ ନିୟମ ଅନୁସାରେ କାରବାର କରି ଗୋଷ୍ଠୀର ଉନ୍ନତି ଘଟିବ ସେ ସବୁ ବିଷୟରେ ବକ୍ତବ୍ୟ ମାଧମରେ ସଚେତନତା ସୃଷ୍ଟି କରିଥିଲେ ।ସଭା ଶେଷରେ ଚମ୍ପା ବତୀ ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ଜୟନ୍ତୀ ମାହାନ୍ତ,ବିଲାସିନୀ ମାହାନ୍ତ, ଅରୁଣା ସାହୁ, ଇନ୍ଦିରା ବୋଡା ଆଇଁଚି ଓରାମ, ସମେତ ମିଶନ ଶକ୍ତିର ସଦସ୍ୟା ମାନଙ୍କ ସହାୟତା ରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବୋଲି ଜଣାପଡିଛି ।

## ଚିକିତ୍ସାରେ ଅର୍ଥ ସାଜିଛି ବାଧକ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): ଜଣେ ବୃଦ୍ଧଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧାକ । ସିଏ ପ୍ରାୟ ଏକ ବର୍ଷଧରି ପକ୍ଷାଘାତ ରୋଗରେ ପଡିଛନ୍ତି । ନିଜର କୌଣସି ଯରୁରତ ମନ୍ଦ କର୍ଯ୍ୟ ମଧ କରି ପାରୁ ନାହାନ୍ତି । ତାଙ୍କ ସେବାରେ ସ୍ତ୍ରୀ ଦିନ ରାତି ଏକ କରିଦେଇଛନ୍ତି । ଏହି ଭଳି ଏକ ଦୁଃଖଦ ଘଟଣା ଲକ୍ଷ୍ମୀପୁର ବ୍ଲକ ସଦର ପଞ୍ଚାୟତର ପରଜା ସାହିରେ ଦେଖିବାକୁ ମିଳିଛି । ତାଙ୍କ ନାଁ ହେଲା କମୁଲୁ ଗୌଡ । ତାଙ୍କ ସ୍ତ୍ରୀ ପର ଘରେ କାମ କରି ପରିବାର ଚଳାନ୍ତି । କମୁଲୁଙ୍କ ଚିକିତ୍ସା ପାଇଁ କୋଉଠୁ ଏତେ ପଇସା ଆଣିବେ ବୋଲି ବଡ ଦୁଃଖର ସହ ତାଙ୍କ ସ୍ତ୍ରୀ ରାଧା ଗୌଡ କହିଛନ୍ତି । ଖାଲି ସେତିକିରେ ତାଙ୍କ ଦୁଃଖ ସରିନି ଅନେକ ଦିନ ହେଲାଣି ତାଙ୍କର ଝିଅ ପଦ୍ମା ଗୌଡ ଅଜଣା ରୋଗରେ ପଡି ଛନ୍ତି ।ଅନେକ ଔଷଧ ପତ୍ର କଲେବି ସିଏ ଭଲ ହେଇ ପାରୁନି । ଏପଟେ ଝିଅ କଥା ବୁଝୁ ବୁଝି ସ୍ୱାମୀ ପକ୍ଷାଘାତ ରୋଗରେ । ସିଏ ଜଣେ ସ୍ତ୍ରୀ ଲୋକ କରିବେତ କଣ କରିବେ କିଛି ବୁଝି ପାରୁନାହାନ୍ତି ।ଜଦି କିଛି ସରକାରି ସାହାଯ୍ୟ ମିଳନ୍ତା ତେବେ ଦୁହିଁଙ୍କ ଚିକିତ୍ସା କରି ପାରନ୍ତେ ବୋଲି ସିଏ ନିବେଦନ କରିଛନ୍ତି । ବର୍ତ୍ତମାନ କମୁଲୁଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୫ ସହ ଟଙ୍କା ମିଳୁଥିବା ବେଳେ ଝିଅ ପଦ୍ମା ଗୌଡକୁ କିଛିବି ମିଳୁନି । ଗରିବ ପରିବାର ପ୍ରତି ପ୍ରଶାସନ ଆଗେଇ ଆସିବାକୁ ସାଧାରଣରେ ଦାବି ହୋଇଛି ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର




କୋରାପୁଟ,(ଭାସ୍କର ନ୍ୟୁଜ): ସେମିଳିଗୁଡା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ସେମିଳିଗୁଡା ବିଡିଓ ସବ୍ୟସାଚୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ କୋରାପୁଟ ଜିଲ୍ଲାପାଳ ଅବଦଲ ଏମ୍ ଅଖତର , ଏସପି ଅଭିନବ ସୋନକାର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଅରୁଣ କୁମାର ପାଢୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସେମିଳିଗୁଡା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ରାସ୍ତାଘାଟ, ପାନୀୟ ଜଳ, ଶିକ୍ଷା , ସ୍ୱାସ୍ଥ୍ୟ ଓ ଭତ୍ତା ସମ୍ପର୍କିତ ଭଳି ୩୨ଟି ଅଭିଯୋଗର ଶୁଣାଣି ହୋଇଥିଲା । ସମସ୍ୟା ଗୁଡ଼ିକର ଶୀଘ୍ର ସମାଧାନ କରିବା ନିମନ୍ତେ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶୁଣାଣିରେ ସେମିଳିଗୁଡା ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଡାବାରିଆ, ଉପାଧ୍ୟକ୍ଷ ଶିବା ବାଙ୍ଗାରି, ସହକାରୀ ନିର୍ବାହି ଯନ୍ତ୍ରୀ ସୃଷ୍ଟି ସୁହାସିନୀ ମଲ୍ଲିକ, ସେମିଳିଗୁଡା ଥାନା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମହାପାତ୍ରଙ୍କ ସମେତ ସେମିଳିଗୁଡା ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଭଞ୍ଜ ଜୟନ୍ତୀ ପାଳିତ



କୋରାପୁଟ, (ଭାସ୍କର ନ୍ୟୁଜ): ଆଦିବାସୀ ସଂଗ୍ରହାଳୟ ପରିସରରେ କୋରାପୁଟ ସତା ସାହିତ୍ୟ ସଂସଦ ପକ୍ଷରୁ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ କବି ମୋତାଲାଲ ପତି ଓ ଗାଳ୍ପିକ ଶ୍ରୀନାଥ ମିଶ୍ରଙ୍କୁ କବି ସମ୍ରାଟ ଉପେନ୍ଦ୍ର ଭ ସମ୍ମାନ ପ୍ରଦାନ କରାଯାଇଛି । ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଲକ୍ଷ୍ମୀକାନ୍ତ ପାଢି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଡ. ପ୍ରଦୀପ କୁମାର ମିଶ୍ର ଓ ଡ.ପ୍ରୀତିଧାରା ସାମଲ ସମ୍ମାନିତ ଅତିଥି ଥିଲେ । ମୁଖ୍ୟବକ୍ତାଭାବେ ମୋତିଲାଲ ପତି ଯେଗାଦେଇ ଭ ସାହିତ୍ୟରେ ଥିବା ଛନ୍ଦ ଓ ଚଉପଦୀର ଭାବ ବିଭବ ଉପରେ ଆଲୋକପାତ କରିଥିଲେ । କବି ଜଳଧର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କବି ମୋତିଲାଲ ଓ ଗାଳ୍ପିକ ଶ୍ରୀନାଥ ମିଶ୍ରଙ୍କୁ କବିସମ୍ରାଟ ଉପେନ୍ଦ୍ର ଭ ସମ୍ମାନ ପ୍ରଦାନ କରାଯାଇଥିଲା । ଦ୍ୱିତିୟ ଅଧିବେଶନରେ କବିତା ପାଠ କରାଯାଇଥିଲା । କବି ଚନ୍ଦ୍ରକାନ୍ତ ବିଶ୍ୱାଳ ଓ ଅଶୋକ କୁମାର ସାମଲ, ରାଜୀବ କୁମାର ନାୟକ, ପ୍ରଶାନ୍ତ କୁମାର ସ୍ୱାଇଁ, ସୁଧାଂଶୁ ସେଖର ପଟ୍ଟନାୟକ ପ୍ରମୁଖ ୩୦ଜଣରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । କବି ଶୁଭ ନାରାୟଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁ କାହ୍ନୁଚରଣ ପ୍ରଧାନ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଅଧ୍ୟାପକ ସୌମେନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଫୁଲବାଣୀ ପୌରପରିଷଦରେ ଟ୍ରାଫିକ ସମସ୍ୟା ବୃଦ୍ଧି

କନ୍ଧମାଳ,(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲା ଫୁଲବାଣୀ ପୌରପରିଷଦର ଦୋ ମୁହାଁ ନୀତି ଯୋଗୁଁ ଦିନକୁ ଦିନ ମୁଖ୍ୟ ବଜାର , ଜିଲ୍ଲା ପାଳଙ୍କ ଅଫିସ,ବାସଭବନ,କୋର୍ଟ ଛକ, ମେଡିକାଲ ସ୍ଥାନରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ସମସ୍ୟା ବୃଦ୍ଧି ହେବା ସହିତ ଜଟିଳ ହେଉଛି ।ଏହାକୁ ଜାଣି ଦେଖି ମଧ ଅଣାୟତ ନ କରି ଜିଲ୍ଲା ପ୍ରଶାସନ ଓ ପୌରପରିଷଦ ଚୁପ ମାରି ବସିପଡୁଛି ।ଉଠା ଦୋକାନୀ, କେବିନ ଦୋକାନ, ଠେଲା ଗାଡି ମାନଙ୍କ ଠାରୁ ମନଇଛା ବିନା ରସିଦରେ ଟଙ୍କା ଆଦାୟ ହେଉଛି । ତେଣୁ ଯେଉଁଠି ପାଇଲେ ସେଠି ବସିବାକୁ ଦିଆଯାଉଛି ଏହି ଦୋକାନୀ ମାନଙ୍କୁ । ଏହା ସହିତ ଫୁଲବାଣୀ ପୌରପରିଷଦ ଅଞ୍ଚଳରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ସମସ୍ୟା ବୃଦ୍ଧି ପାଉଛି । ଏହାସହିତ ପ୍ରତିଦିନ ଛୋଟ ବଡ ଦୃଘଟଣା ହେଉଛି । ଏଥିରେ ଜୀବନ ମଧ ପଳାଇ ଯାଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଟ୍ରଫିକ ସମସ୍ୟା ପ୍ରତି ଦୃଷ୍ଟି ଦେଇ ବିଭିନ ସଚେତନତା ମୂଳକ କାର୍ଯ୍ୟକ୍ରମ କରି ହ୍ରାସ କରାଯାଇଥିଲା । ବର୍ତ୍ତମାନ ପୌରପରିଷଦ ର ଏକଛତ୍ରବାଦ ଶାସନ ରେ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ମନ ଇଛା ଦୋକାନ ,ଠେଲା ଗାଡ଼ି, ଉଠାଦୋକାନୀ ମାନେ ମାଡିବସି ଦୋକାନ କରୁଛନ୍ତି । ଏହି ମାନଙ୍କ ପ୍ରତି କୌଣସି ପଦକ୍ଷେପ ନିଆଯାଉନାହିଁ । କିଛି ବର୍ଷ ହେବ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଲୁହାର ବୋର୍ଡ଼ତିଆରି କରାଯାଇ ସେଠାରେ ଲେଖାଯାଇଥିଲା ଉଠାଦୋକାନୀ ଓ ଢେଲାଗାଡି ଗୁଡିକ ଏଠାରେ ରଖନ୍ତୁନାହିଁ । କିନ୍ତୁ ଜିଲ୍ଲା ପ୍ରଶାସନକୁ ଅଣଦେଖା କରି ଉଠା ଦୋକାନୀ, ଠେଲା ଗାଡି ମାନେ ଜିଲ୍ଲା ପାଳଙ୍କ କାର୍ଯ୍ୟଳୟ, ବାସଗୃହ, ଏସପି ବାସଭବନ, ଟାଉନ ଥାନା, ମେଡିକାଲ, ସ୍କୁଲ, କଲେଜ, କୋର୍ଟ ଛକ, ମୁଖ୍ୟ ବଜାର, ମାଡିକୁଣ୍ଡା ଛକ ଓ ବିଭିନ ଅଫିସ ସମୁଖରେ ଅବାଧରେ ମାଡି ବସି ବେପାରିଆ ମାନେ ବେପାର କରିବା ଏବଂ ପୌରପରିଷଦର ଦୋ ମୁହାଁ ନୀତି, ଜିଲ୍ଲା ପ୍ରଶାସନକୁ ନ ଡରି ଟ୍ରାଫିକ ସମସ୍ୟା ବୃଦ୍ଧି କରିଚାଲିଛନ୍ତି । ତେଣୁ ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି ବେପାରିଆ ମାନେକହୁଛନ୍ତି ପୌରପରିଷଦ ଆମଠାରୁ ଟିକସ ନେଉଛି ଆମେ ଯେଉଁଠି ପାରିଲେ ସେଠି ବସିବୁ । ଏଥି ପ୍ରତି କନ୍ଧମାଳ ଜିଲ୍ଲା ପାଳ ଆଶିଷ ଈଶ୍ୱର ପାଟିଲ ଦୃଢ଼ପଦକ୍ଷେପ ନେଲେ ମନଇଛା ପୌରପରିଷଦ କାର୍ଯ୍ୟକରିପାରିବ ନାହିଁକି ବେପାରୁଆମାନେ ଯେଉଁଠି ପାରିଲେ ସେଠି ବସି ବେପାର କରି ପାରିବେ ନାହିଁ । ସହିତ ବୌଦ୍ଧ ଜିଲ୍ଲାରେ ଟ୍ରାଫିକକୁ କଣ୍ଟ୍ରୋଲ ପାଇଁ ଟ୍ରାଫିକ ବ୍ୟବସ୍ଥା କରାଯାଇଛି । ଏହିପରି ବ୍ୟବସ୍ଥା କଲେ ଟ୍ରାଫିକ ସମସ୍ୟା ହ୍ରାସ ପାଇପାରିବ ।

## ବିଭିନ୍ନ ସମସ୍ୟା ନେଇ କଂଗ୍ରେସ ପକ୍ଷରୁ ସ୍ମାରକ ପତ୍ର ପ୍ରଦାନ

ଡାବୁଗାଁ, (ଭାସ୍କର ନ୍ୟୁଜ): ବ୍ଲକ କଂଗ୍ରେସ ଦଳ ତରଫରୁ ବିଭିନ୍ନ ସମସ୍ୟା ନେଇ ବ୍ଲକ, ତହସିଲ ଓ ସ୍ୱାସ୍ଥ୍ୟ ବିଭାଗକୁ ସ୍ମାରକ ପତ୍ର ପ୍ରଦାନ, ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ କରା ନ ଗଲେ କାର୍ଯ୍ୟାଳୟ ଘେରାଉ ଚେତାବନୀ ଡାବୁଗାଁ, ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ କଂଗ୍ରେସ ତରଫରୁ ଆଜି ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ , ସ୍ୱାସ୍ଥ୍ୟ ବିଭାଗ ଓ ଲ୍ୟାମ୍ପ ରେ ବିଭିନ୍ନ ସମସ୍ୟା ର ସମାଧାନ ନେଇ ଅଲଗା ଅଲଗା ସ୍ମାରକ ପତ୍ରମାନ ପ୍ରଦାନ କରାଯାଇଥିଲା । ବ୍ଲକ କଂଗ୍ରେସ ସଭାପତି ଜି ସାଇ ରାଜୁଙ୍କ ନେତୃତ୍ୱରେ ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝୀ, ପାପଡାହାଣ୍ଡି ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଡକ୍ଟର ଲିପିକା ମାଝୀ, ପ୍ରମୁଖ ଶତାଧିକ କର୍ମୀ ଙ୍କ ସହ ମିଶି ଦାବୀ ପତ୍ର ମାନ ପ୍ରଦାନ କରିଥିଲେ. ଡାବୁଗାଁ ବିଡିଓ ଶରତ ମାଝୀଙ୍କୁ ଦାବି ପାତ୍ର ପ୍ରଦାନ ସମୟରେ ମନରେଗା ଯୋଜନା ସରକାରଙ୍କ ନିୟମକୁ ଉଲ୍ଲଙ୍ଘନ କରାଯାଇ ଲୋକ ପ୍ରତିନିଧିଙ୍କ ନିର୍ଦ୍ଦେଶାନୁସାରେ କାର୍ଯ୍ୟ କରାଯାଇଥିବା ଅଭିଯୋଗ କରିଥିଲେ । ଅମୃତ ସରବୋର ପୋଖରୀ, ୫ ଟି ବିଦ୍ୟାଳୟ ନିର୍ମାଣ ତଥା ସାମଗ୍ରୀ କ୍ରୟରେ ନିମ୍ନମାନର କାର୍ଯ୍ୟ ସହ ଦୁର୍ନୀତି ହୋଇଥିବା ଅଭିଯୋଗ କରିଥିଲେ । ବାର୍ଦ୍ଧକ୍ୟ ଧାରୀଙ୍କୁ ହାତାହାତି ଭତ୍ତା ପ୍ରଦାନ କରାଯାଉ । ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇବା ସହ ଗ୍ରାମାଞ୍ଚଳରେ ପାନୀୟଜଳ ସମସ୍ୟାର ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ । ସେହିପରି ତହସିଲଦାରଙ୍କୁ ବୀଣା ପଲ୍ଲୀ ସଭା ଓ ଗ୍ରାମ ସଭାରେ ଆମ ଅଞ୍ଚଳରୁ ଖଣି ଖାଦାନ ଓ ବାଲି ଲୁଟ ହେଉଥିବା ଅଭିଯୋଗ କରିଥିଲେ । ଭାରତମାଳା ରାସ୍ତା କାର୍ଯ୍ୟରେ ବେନିୟମ ଭାବେ ଖଣି ଖାଦାନ ଲୁଟ ହୋଇ ବିନିଯୋଗ କରାଯାଉଥିବା ଅଭିଯୋଗ କରିଥିଲେ । ଗରିବ ଲୋକଙ୍କୁ ଚିହ୍ନଟ କରାଯାଇ ଘର ଜିଅ ପଟ୍ଟା ତୁରନ୍ତ ପ୍ରଦାନ କରିବା ବ୍ୟେବସ୍ଥା କରିବା ସହ ଆଦିମ ଅଧିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଉ । ଜାତି ପ୍ରମା ପାତ୍ର ଦେବାରେ ଅନିୟମିତତା ହେଉଥିବା ଅଭିଯୋଗକ୍ରମେ । ଡ଼ାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ସହ ମେଦନା ଓ ରାବଣାଗୁଡ଼ା ଉପ ସ୍ୱାସ୍ଥ୍ୟ କେନ୍ଦ୍ରରେ ତୁରନ୍ତ ଡାକ୍ତର ପଦବି ପୂରଣ । ଏ ଏନ୍ ଏମ୍ ସେଣ୍ଟର୍ ମାନଙ୍କରେ ଏ ଏନ୍ ଏମ୍ ରହୁ ନ ଥିବା ଅଭିଯୋଗ, ଡାବୁଗାଁ ରେ ଷ୍ଟାଫ୍ ନର୍ସ ନିଯୁକ୍ତି ସହ ଅଲଟ୍ରା ସାଉଣ୍ଡ ଓ ଏକ୍ସରେ ବ୍ୟେବାସ୍ଥା ନେଇ ଡାବୁଗାଁ ଭାରପ୍ରାପ୍ତ ଚିକିତ୍ସାଧିକାରୀ ସୁବାଶିଷ ସାହୁଙ୍କୁ ଦାବୀ ପାତ୍ର ଦିଆ ଯାଇଥିଲା । ଡାବୁଗାଁ ଲ୍ୟାମ୍ପ ଏମ ଡି ହରିବନ୍ଧୁ ମିର୍ଗାନଙ୍କୁ ଚାଷୀଙ୍କୁ ଠିକ ସମୟରେ ଚାଷ ଋଣ ପ୍ରଦାନ ସହ ଖତ ବିହନ ପ୍ରଦାନ କରିବାକୁ ଦାବିପତ୍ର ଦିଆଯାଇଥିଲା । ୧୫ ଦିନ ମଧ୍ୟରେ ସବୁ ବିଭାଗର ସ୍ଥାୟୀ ସମାଧାନ କରା ନ ଗଲେ ବ୍ଲକ କଂଗ୍ରେସ ତରଫରୁ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏହି ଦାବିପତ୍ର ଦେବା ସମୟରେ ଡାବୁଗାଁ କଂଗ୍ରେସ ବ୍ଲକ ଉପ ସଭାପତି କୃର୍ଷ ପନକା, ଧର୍ମାନନ୍ଦ ନାୟକ, ଜୋନ ୧ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ଜୋନ ୨ ସଭାପତି ବଇଁଶୀ ଧର ମାଝୀ, ବ୍ଲକ କଂଗ୍ରେସ ଯୁବ ସଭାପତି ଶଶି ଧର ମାଝୀ, ସୁରେଶ ବିଶୋଇ, ରାମେଶ୍ୱର ପାଣିଗ୍ରାହୀ, ସତ୍ୟ ରଞ୍ଜନ ପାତ୍ର, କେଶବ ରେଲି, ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।
-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର
-ଭକ୍ତକବି ମଧୁସୂଦନ ରାଓ



## ଅସୁରକ୍ଷିତ ଅଭୟାରଣ୍ୟ !

# ଦୁଇ ବନ କର୍ମଚାରୀଙ୍କ ହତ୍ୟା ଅକ୍ଷମଣୀୟ

ଦିନକୁ ଦିନ ବିଲୁପ୍ତ ହୋଇଯାଉଥିବା ବନ୍ୟପ୍ରାଣୀଙ୍କୁ ସୁରକ୍ଷା ବଳୟ ମଧ୍ୟରେ ରଖିବା ପାଇଁ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟ ସ୍ଥାପିତ ହୋଇଛି। ଏଠାରେ ବିରଳ ପ୍ରଜାତିର ଜୀବଜନ୍ତୁଙ୍କୁ ପ୍ରାକୃତିକ ପରିବେଶ ମଧ୍ୟରେ ରଖାଯିବାକୁ ସବୁ ପ୍ରକାର ସୁବନ୍ଦୋବସ୍ତ କରାଯାଇଛି ଏବଂ ଏଥିଲାଗି ବନ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ନିରାପତ୍ତା ଦାୟିତ୍ୱ ନ୍ୟସ୍ତ ହୋଇଛି। ଏହାସତ୍ତ୍ୱେ ଶିମିଳିପାଳ ଅଭୟାରଣ୍ୟରେ ଜୀବଜନ୍ତୁ ଏବେ ମଧ୍ୟ ସୁରକ୍ଷିତ ନଥିବା ଏବଂ ଅସାଧୁ ଶିକାରୀମାନେ ସୁରକ୍ଷା ବଳୟ ଭେଦ କରି ଏହା ଭିତରକୁ ପ୍ରବେଶ କରି ଶିକାର କରିବା ଏକ ନିୟମିତ ଘଟଣାରେ ପରିଣତ ହୋଇଛି। ବନ୍ୟପ୍ରାଣୀଙ୍କୁ ଅଭୟାରଣ୍ୟ ଭିତରେ ହତ୍ୟା କରିବା ସହିତ ନିରାପତ୍ତା ଦାୟିତ୍ୱରେ ଥିବା ବନ ଅଧିକାରୀଙ୍କୁ ବି ହତ୍ୟା କରିବାକୁ ପଛାଉନାହାନ୍ତି ଅସାଧୁ ଶିକାରୀ ଦଳ। ଗୋଟିଏ ମାସ ଭିତରେ ଶିମିଳିପାଳ ଅଭୟାରଣ୍ୟରେ ଦୁଇ ଦୁଇ ଜଣ ବନ କର୍ମଚାରୀଙ୍କୁ ଅସାଧୁ ଶିକାରୀମାନେ ଗୁଳି ଚଳାଇ ନୃଶଂସ ଭାବରେ ହତ୍ୟା କରିବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ଦୁର୍ଭାଗ୍ୟଜନକ ଘଟଣାକୁ ନେଇ ରାଜ୍ୟବ୍ୟାପୀ ବନ କର୍ମଚାରୀଙ୍କ ମଧ୍ୟରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇବା ସଂଗେସଂଗେ ନିଜର ସୁରକ୍ଷାକୁ ନେଇ ସେମାନେ ଆନ୍ଦୋଳନାତ୍ମକ ପନ୍ଥାର ଆଶ୍ରୟ ନେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଗତ ୧୬ ତାରିଖ ବିଳମ୍ବିତ ରାତ୍ରିରେ ଶିମିଳିପାଳ ବନ୍ୟପ୍ରାଣୀ ଉତ୍ତର ଡିଭିଜନରେ ବନ୍ଧୁକ ଓ ମାରଣାସ୍ତ୍ର ଧରି ଛ' ଜଣ ଶିକାରୀ ଅନୁପ୍ରବେଶ କରିବା ସଂଗେସଂଗେ ଶିକାର କରିବାକୁ ଯୋଜନା କରୁଥିଲେ। ବନ କର୍ମଚାରୀମାନେ ଏହି ଖବର ପାଇ ତୁରନ୍ତ ସେଠାରେ ପହଞ୍ଚିବାରୁ ଦୁଇ ପକ୍ଷ ମୁହାଁମୁହିଁ ହେଲେ ଏବଂ ସେମାନଙ୍କ ମଧ୍ୟରେ ଗୁଳି ବିନିମୟ ଚାଲିଥିଲା। ଶିକାରୀଙ୍କ ଗୁଳିମାଡରେ ବନପାଳ(ଫରେଷ୍ଟର) ମାଥି ହାଁସଦା ଗୁରୁତର ଭାବରେ ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାକୁ ଅଣାଯାଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ହତ୍ୟାକାଣ୍ଡ ଘଟାଇଥିବା ଶିକାରୀଙ୍କୁ ଧରିବା ଲାଗି ପୋଲିସ୍ ଓ ବନବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ଏବଂ ଘଟଣାସ୍ଥଳରୁ ଏକ ବନ୍ଧୁକ ଜବତ ହୋଇଛି। ଗତ ମାସ ୨୨ ତାରିଖରେ ବନରକ୍ଷୀ ବିମଳ ଜେନାଙ୍କୁ ଶିକାରୀମାନେ ଅନୁରୂପ ଢ଼ଙ୍ଗରେ ଗୁଳି କରି ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡକୁ ଗୋଟିଏ ମାସ ପୂରିନଥିବା ସ୍ଥଳେ ଆଉ ଜଣେ ବନ ଅଧିକାରୀଙ୍କ ଜୀବନ ଚାଲିଯିବା ଘଟଣା ରାଜ୍ୟର ବନ କର୍ମଚାରୀଙ୍କ ମନରେ ଭୟ ସଞ୍ଚାର କରିଛି। ଶିମିଳିପାଳ ପାଦଦେଶ ସଂଲଗ୍ନ ଜନବସତିଗୁଡିକରେ ଘରେ ଘରେ ବନ୍ଧୁକ ଓ ମାରଣାସ୍ତ୍ର ରହିଥିବାର କୁହାଯାଉଛି। ଗତ ମାସରେ ବନରକ୍ଷୀ ବିମଳ ଜେନାଙ୍କୁ ଶିକାରୀମାନେ ହତ୍ୟା କରିବା ପରେ କମ୍ବିଂ ଅପରେସନ ବେଳେ ୧୦ ରୁ ଅଧିକ ବନ୍ଧୁକ, ବହୁ ପରିମାଣରେ ଧନୁତୀର ଏବଂ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ ହୋଇଥିଲା। ଶିମିଳିପାଳ ରାଜ୍ୟର ସର୍ବବୃହତ ଅଭୟାରଣ୍ୟ ହୋଇଥିଲେ ହେଁ ଏଠାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ଅସାଧୁ ଶିକାରୀ ଦଳ ବନ୍ଧୁକ ଓ ମାରଣାସ୍ତ୍ର ଧରି ଆସୁଥିବାବେଳେ ବନ କର୍ମଚାରୀଙ୍କ ପାଖରେ ବନ୍ଧୁକ ନାହିଁ ଓ କେବଳ ବାଉଁଶର ଲାଠି ଖଣ୍ଡେ ଧରି ସେମାନେ ପ୍ରତିରୋଧ କରୁଛନ୍ତି। ଶିମିଳିପାଳ ଅଭୟାରଣ୍ୟକୁ ବଞ୍ଚାଇବାକୁ ହେଲେ ତୁରନ୍ତ ଅଧିକ ସଂଖ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବା ସହିତ ବଡଧରଣର କମ୍ବିଂ ଅପରେସନ ଚଳାଇବାର ଜରୁରି ଆବଶ୍ୟକତା ରହିଛି। ମାସକରେ ଦୁଇ ବନ କର୍ମଚାରୀଙ୍କ ହତ୍ୟା ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କ ଅବହେଳା ଯେ ଅନେକାଂଶରେ ଦାୟୀ, ଏଥିରେ ସନ୍ଦେହ ନାହିଁ। ନିରସ୍ତ୍ର କର୍ମଚାରୀଙ୍କୁ ମରଣମୁହଁକୁ ଠେଲି ନଦେଇ ସରକାର ତୁରନ୍ତ ଆଲୋଚନା ମାଧ୍ୟମରେ କର୍ମଚାରୀଙ୍କ ଅନ୍ଦୋଳନର ପରିସମାପ୍ତି ଘଟାନ୍ତୁ।

# ଆମ ପରମ୍ପରାର ଅନନ୍ୟ ପର୍ବ ରଥଯାତ୍ରା



ହିଂମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

ପର୍ବପର୍ବାଣିର ରାଜ୍ୟ ଓଡିଶା । ଏଠାରେ ବାରମାସରେ ତେର ପର୍ବ ପାଳନ କରାଯାଏ । ଏଠି ପର୍ବ ପାଳନର ଆରାଧ୍ୟ ଦେବତା ମହାପ୍ରଭୁ ଜଗନ୍ନାଥ । ଏହି ପର୍ବମାନଙ୍କ ମଧ୍ୟରୁ ରଥଯାତ୍ରା ସ୍ୱତନ୍ତ୍ର । ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ ବରଂ ଅନନ୍ୟ ପରମ୍ପରା । ମହାପ୍ରଭୁଙ୍କ ଏହି ମହାଯାତ୍ରା ସବୁବେଳେ ଆକୃଷ୍ଟ କରିଛି ବିଶ୍ୱବାସୀଙ୍କୁ। ପ୍ରତି ବର୍ଷ ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୁଏ ଏହି ଘୋଷଯାତ୍ରା। କାଳିଆ ସାଆନ୍ତଙ୍କୁ ଆଖି ପୁରାଇ ଦେଖିବା ପାଇଁ ସାରା ବିଶ୍ୱରୁ ଭକ୍ତ ଛୁଟି ଆସନ୍ତି ନୀଳାଚଳକୁ। ଏଠାରେ ସୂଚନାଯୋଗ୍ୟ ଯେ, ବଡ ଠାକୁର ବିଶ୍ୱର ଏକମାତ୍ର ଦେବତା ଯିଏ ବରଷକେ ଥରେ ରତ୍ନବେଦୀରୁ ଓହ୍ଲାଇଆସନ୍ତି ବଡଦାଣ୍ଡକୁ । ଭକ୍ତ ଓ ଭଗବାନ ଏକ ହୋଇଯାଆନ୍ତି । ଛୁଆଁ ଅଛୁଆଁ, ଜାତି ଅଜାତି, ବଡ ସାନର ଏଠି ସ୍ଥାନ ନଥାଏ । ଭାବ ବିନୋଦିଆ ଠାକୁର ସିଏ। ଭାବରେ ବନ୍ଧାସିଏ । ତା ଭକ୍ତକୁ ସିଏ କେବେ ନିରାଶ କରେନାହିଁ । ସେଥିପାଇଁ କେତେବେଳେ ଯବନ ସାଲବେଗଙ୍କୁ ଅପେକ୍ଷାକରି ରଥକୁ ବଡଦାଣ୍ଡରେ ଅଟକାଇ ଦେଇଛନ୍ତି ତ ପୁଣି କେତେବେଳେ ବଳରାମ ଦାସଙ୍କ ବାଲିରଥରେ ବସିଛନ୍ତି । ଆଉ କେତେବେଳେ ଦାସିଆ ପଠାଇଥିବା ନଡିଆକୁ ହସିହସି ସାଦରେ ନେଇଛନ୍ତି। ଭକ୍ତ ପାଖରେ ସେ ନିଜକୁ ବିକି ଦେଇଛନ୍ତି ଅନେକ ଥର । ମର୍ତ୍ତ୍ୟମଣ୍ଡଳରେ ନିଆରା ଠାକୁର ସିଏ।

ଦୁଇ ବର୍ଷ ଧରି ମହାମାରୀ କରୋନାକୁ ନେଇ ମହାପ୍ରଭୁଙ୍କ ରଥଯାତ୍ରା ଶେଷଦିନ ପର୍ଯ୍ୟନ୍ତ ଅନିଶ୍ଚିତତା ମଧ୍ୟରେ ରହିଥିଲା। ଏପରିକି ରଥଯାତ୍ରା ହେବନାହିଁ ବୋଲି ସମସ୍ତଙ୍କ ମନରେ ଆଶଙ୍କା ଆସିଥିଲା। କିନ୍ତୁ ମହାପ୍ରଭୁଙ୍କ ଦୟାରୁ ଶେଷ ସମୟରେ ସବୁ ଓଲଟିଯାଇଥିଲା । ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ ହେବ ବୋଲି ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁଠି ଏକରୁ ଅଧିକ ଲୋକ ଏକାଠି ହେଲେ କରୋନା ଜୀବନ ନେବାର ଭୟ ରହୁଛି ସେଠାରେ ଭକ୍ତ ନଥାଇ ମଧ ସେବାୟତ ଓ ପୋଲିସ ପ୍ରଶାସନର ମିଳିତ ସହଯୋଗରେ ଉଭୟ ଗୁଣ୍ଡିଚା ଓ ବାହୁଡା ଯାତ୍ରା ସୁରୁଖୁରୁରେ ଶେଷ ହେଲା। ସବୁ ଅସମ୍ଭବକୁ ସମ୍ଭବ କରିଲେ ମହାବାହୁ । ନଅ ଦିନର ଯାତ୍ରା ସାରି ମହାପ୍ରଭୁ ରତ୍ନ ସିଂହାସନକୁ ବିଜେ କରିଛନ୍ତି । ମହାପ୍ରଭୁଙ୍କ ରଥଯାତ୍ରାରେ ରାଜ୍ୟ ସରକାର, କେନ୍ଦ୍ର ସରକାର, ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ, ସେବାୟତ, ବରିଷ୍ଠ ଅଧିକାରୀ ଓ ଶ୍ରୀମନ୍ଦିର ପ୍ରଶାସନକୁ ଗଜପତି ମହାରାଜା ଦିବ୍ୟସିଂହଦେବ କୃତଜ୍ଞତା ଜ୍ଞାପନ କରିଥିଲେ । ଗଜପତିଙ୍କ କହିବା ଅନୁଯାୟୀ କରୋନ ସମୟରେ ରଥଯାତ୍ରା ଇତିହାସ ପୃଷ୍ଠାରେ ଅବିସ୍ମରଣୀୟ ହୋଇ ରହିବ।

ଚଳିତ ବର୍ଷ ଶ୍ରୀକ୍ଷେତ୍ରରେ ରଥଯାତ୍ରାର ସମସ୍ତ କାର୍ଯ୍ୟ ଯଥାବିଧି ସମାପ୍ତ ହୋଇଥିଲା । ରଥଖଳାରେ ଅନୁକୂଳ କାର୍ଯ୍ୟ ମଧ ଯଥାରୀତି ହୋଇଛି । ଅକ୍ଷୟ ତୃତୀୟାରେ ରଥ ନିର୍ମାଣ କାମ ଅନୁକୂଳ ହୋଇଥିଲା। ଏବର୍ଷ ରଥ ଯାତ୍ରା ପାଇଁ ପ୍ରାକ୍ ପ୍ରସ୍ତୁତି ଶେଷ ହୋଇଛି। ଶ୍ରଦ୍ଧାଳୁମାନଙ୍କ ମନରେ ଅପୂର୍ବ ଆନନ୍ଦ ଚର୍ମ ଚକ୍ଷୁରେ ଦେଖିବେ ଜଗା କାଳିଆକୁ । ଦୁଇ ବର୍ଷର ଅବଶୋଷର ଅବସାନ ଘଟିବ ଭକ୍ତର ଇଚ୍ଛାପୁରଣ ହେବ । କରୋନା ସଙ୍କଟ ସମୟରେ ରଥଯାତ୍ରା ବନ୍ଦହେବା ନିଷ୍ପତି ଚୂଡାନ୍ତ ହୋଇଥିଲେ ମଧ ପ୍ରଭୁଙ୍କ ଅଲୌକିକ ଲୀଳା ଦେଖିଥିଲା ସାରା ବିଶ୍ୱ। କେଉଁ ପରିସ୍ଥିତିରେ ଓ କିଭଳିଭାବେ ମହାପ୍ରଭୁ ଲୀଳା ବିସ୍ତାରି ଥିଲେ ଓ ଅନୁମତି ଆସିଥିଲା ତାହା ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ । ତଥାପି ଏବେବି ବିଶ୍ୱ କରୋନା ମୁକ୍ତ ନୁହେଁ ଆମ ଦେଶ ଓ ରାଜ୍ୟରେ ମଧ ଅନୁରୂପ ଅବସ୍ଥା । ତେଣୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତି ନେଇଛନ୍ତି ଶ୍ରଦ୍ଧାଳୁ ମାନଙ୍କୁ ୧୦ ଲକ୍ଷ ମାସ୍କ ଯୋଗାଇ ଦିଆଯିବ । ସ୍ୱାସ୍ଥ୍ୟ ସେବା ଓ ପାନୀୟ ଜଳ ଯୋଗାଣର ସୁବନ୍ଦୋବସ୍ତ କରାଯିବ । ଏସବୁ ସତ୍ତ୍ୱେ ଆମକୁ ସତର୍କ ଓ ସଚେତନ ରହିବାକୁ ପଡିବ । ମାସ୍କ ପରିଧାନ ପୂର୍ବକ ଆମକୁ ଯିବା ସହ ଅଯଥା ଭିଡଠାରୁ ଦୁରରେ ରହିବାକୁ ହେବ । କାରଣ ସଚେତନତା ହିଁ କରୋନା ଠାରୁ ମୁକ୍ତ ରହିବାର ଶ୍ରେଷ୍ଠ ପ୍ରତିଷେଧକ ।ଏକଥା ଆମକୁ ଗୁରୁତ୍ୱର ସହ ଚିନ୍ତା କରିବାର ଅଛି ।

ରଥଯାତ୍ରାର ଇତିହାସକୁ ଦେଖିଲେ ଜଣାଯାଏ ଯେ, ରଥଯାତ୍ରା ବନ୍ଦ ହେବା କିଛି ନୂଆ କଥା ନୁହେଁ । ଯୁଦ୍ଧ ଓ ବାହ୍ୟଶତ୍ରୁ ଆକ୍ରମଣ ଏହାର ପଧାନ କାରଣ ଥିଲା। ୧୫୬୮ ରୁ ୧୫୭୭ ଖ୍ରୀଷ୍ଟାବ୍ଦ ଯାଏ ବନ୍ଦ ଥିଲା ରଥଯାତ୍ରା। କଳାପାହାଡ ଆକ୍ରମଣ ପାଇଁ ଚିଲିକା ନିକଟରେ ପାତାଳୀ ହୋଇଥିଲେ ଶ୍ରୀଜିଉ । ସେହିପରି ୧୬୦୧ ଖ୍ରୀଷ୍ଟାବ୍ଦରେ ମଧ ଘୋଷଯାତ୍ରା ବନ୍ଦ ହୋଇଥିଲା ।ସେହି ସମୟରେ ମିର୍ଜା ଖୁରମ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ । ୧୬୧୧ ଖ୍ରୀଷ୍ଟାବ୍ଦରେ ହୋଇପାରିନଥିଲା ରଥଯାତ୍ରା। କଲ୍ୟାଣ ମଲ୍ଲ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିବାରୁ ସେହି ସମୟରେ ବିଗ୍ରହମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ୧୬୨୧ ଖ୍ରୀଷ୍ଟବ୍ଦରେ ସୁବେଦାର ବେଗ୍ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ। ସେହି ସମୟରେ ଦୁଇ ବର୍ଷ ଧରି ରଥଯାତ୍ରା ହୋଇପାରିନଥିଲା । ୧୬୯୨ ଖ୍ରୀଷ୍ଟାବ୍ଦରେ ସୁବଦୋର ଏକ୍‌ରାମ ଖାଁ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ । ଫଳରେ ୧୬୯୨ରୁ ୧୭୦୭ ଯାଏ ୧୫ବର୍ଷ ଧରି ଠାକୁର ଶ୍ରୀମନ୍ଦିର ବାହାରେ ଅବସ୍ଥାନ କରିଥିଲେ। ଏହି ୧୫ ବର୍ଷରୁ ୧୩ ବର୍ଷ ରଥଯାତ୍ରା ହୋଇପାରିନଥିଲା । ସେହିପରି ୧୭୭୧ ଖ୍ରୀଷ୍ଟାବ୍ଦରେ ମହମ୍ମଦ ତକି ଖାଁ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲା । ଏହି ସମୟ ମଧ୍ୟରେ ଠାକୁର ୧୬୪ ବର୍ଷଧରି ଶ୍ରୀମନ୍ଦିର ବାହାରେ ରହିଥିଲେ। ଏହି ସମୟରେ ୧୫୫ ବର୍ଷ ମଧ୍ୟରେ ରଥଯାତ୍ରା ହୋଇ ପାରିନଥିଲା । କେବଳ ୯ଥର ପ୍ରଭୁଙ୍କ ରଥଯାତ୍ରା ବାହାରେ ଆୟୋଜନ ହୋଇଥିଲା । ଏହିପରି ଭାବେ ୪୫୨ ବର୍ଷରେ ୩୨ଥର ପାଇଁ ରଥଯାତ୍ରା ହୋଇପାରିନଥିଲା । ଏସବୁ ଘଟଣା ମାଦଳା ପାଞ୍ଜି ଓ ଚକଡାପୋଥିରେ ଉଲ୍ଲେଖ ହୋଇ ରହିଛି।

ସେହିପରି ଏଥର ପୁରୀ ସହିତ ଅନ୍ୟସ୍ଥାନରେ ମଧ ରଥଯାତ୍ରା ଅନୁଷ୍ଠିତ ହେଉଛି । ଏଥିପାଇଁ ସାରା ରାଜ୍ୟରେ ଖୁସିର ଲହରୀ । ତେବେ ଏବେ ସାରା ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ଜାରି ରହିଛି ଓ ଆକାଶରୁ ନିଆଁ ବର୍ଷୁଛି । ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗନ ହେବ ଯଦି ଆକାଶ ମେଘୁଆ ନରହେ ବା ବର୍ଷା ଝିପି ଝିପି ନହୁଏ ତେବେ ଭକ୍ତମାନେ ଖରାରେ ଆଉଟୁ ପାଉଟୁ ହେବେ, ଏଥିପାଇଁ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ ବିଭାଗ ତଥା ସ୍ୱାଚ୍ଛାଶେବୀ ସଂଗଠନ ମାନଙ୍କର ଗୁରୁ ଦାୟିତ୍ୱ ରହିଛି । ଓଡିଶାର ସଂସ୍କୃତି, ପରମ୍ପରା, ଚଳଣି ଓ ସାଧାରଣ ଜୀବନଯାତ୍ରା ସବୁ କିଛି ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ। ତାଙ୍କର ଲୀଳା ଅପାର। ତେଣୁ ଏ ବର୍ଷ ଜଗା କାଳିଆର ଘୋଷଯାତ୍ରା ପୁରୀ ସମେତ ଅନ୍ୟସ୍ଥାନରେ ସୁରୁଖୁରୁରେ ସମ୍ପାଦିତ ହେଉ ଏହାହିଁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ କାମନା ।

# ଅନ୍ଧବିଶ୍ୱାସକୁ ନେଇ...



ସୌମ୍ୟଶ୍ରୀ ପାଣିଗ୍ରାହୀ
ଛାଇ, ଜଗନ୍ନାଥ ବିହାର
ମୋ- ୭୦୦୮୯୦୧୧୬୧

ମୁଁ ଘର ପାଖ ନଳକୂଅରୁ ସାଙ୍ଗେସାଙ୍ଗେ ଗାଧୋଇ ଫେରିଥାଏ । ନହନହକା ଦେହରେ ପଇତା ଖଣ୍ଡକ ପଡିଥାଏ । ଦେହରୁ ମୁଣ୍ଡରୁ ଥପଥପ ହୋଇ ପାଣି ଟୋପାମାନ ଗଳିପଡୁଥାଆନ୍ତି । ମୁଁ ଓଦା ଗାମୁଛା ଖଣ୍ଡକ ଶୁଖେଇବି ବୋଲି ଦାଣ୍ଡ ଦୁଆର ଡେଇଁ ପିଣ୍ଡାରେ ଛିଡା ହୋଇଥାଏ। ଏତିକି ବେଳେ ଦେଖିଲି, ଗେରୁଆ ଲୁଗା ପିନ୍ଧା ଦାଢିଆ ଲୋକଟେ ଆମ ହତା ଭିତରେ ପଶୁଛି । ମୁଁ ଗାମୁଛା ଶୁଖେଇ ସାରି ମୁହଁ ବୁଲେଇଚି ତ ସାମ୍ନାସାମ୍ନି ହୋଇଗଲି । ଖରାଛୁଟିର ତତଲା ଦ୍ୱିପହରେ, ସତେ ଯେମିତି ନିଆଁ ପରି ଦାଉଦାଉ ଜଳୁଛି ଆଖି ଦୁଇଟି । କପାଳର ମୋଟା ଚନ୍ଦନର ଲେପ ଆଉ ବେକରେ ଝୁଲୁଛି ୧୦ ରୁ ଅଧିକ ରଙ୍ଗବେରଙ୍ଗର ପଥର/କାଚ/ରୁଦ୍ରାକ୍ଷ ଆଦିର ମାଳ । ଆଖି ମୋର ଏକ ଭଣ୍ଡ ବାବା ବୋଲି ଠଉରେଇ ସାରିଥିଲେ ବି ମନ କହୁଥିଲା ଦଣ୍ଡେ ରହି ଯିବାକୁ । ଆଖିରେ ଆଖି ମିଶେଇ ଅଳ୍ପ କେଇ କ୍ଷଣ ଉଭୟ ଛିଡା ହୋଇ ରହିଲୁ ।

ହଠାତ୍ ମୋ କାନରେ ବାଜିଲା ବଜ୍ର ପରି କେଇ ଧାଡି କଥା । ତୋର ଅଙ୍କ ଗଣିତ ଆଦୌ ହବନି । ଆଜି ଠୁଁ ରବିବାର ଦିନ ମୁଣ୍ଡରେ ତେଲ ଲଗେଇବୁ ନାହିଁ । ମୋ ମନରେ ଛନକା ପଶିଲା । ମୁଁ ସେତେବେଳେ ୧୦ ଶ୍ରେଣୀ ଟପି କଲେଜରେ ନୂଆନୂଆ ପାଦ ଥାପିଥାଏ। ଅଙ୍କ ଗଣିତରେ ଶତ ପ୍ରତିଶତ ନମ୍ବର ନଆସିଲେ ମଧ୍ୟ ନିହାତି ଖରାପ ମଧ୍ୟ ହେଉନଥାଏ। କହିବା ବାହୁଲ୍ୟ ଯେ, ପୂର୍ବବର୍ଷର ବୀଜଗଣିତରେ ୭୫ ରୁ ୬୮ ଏବଂ ଜ୍ୟାମିତିରେ ୭୫ ରୁ ୬୩ ରଖିଥାଏ । ଯାକୁ ଆପଣ ନିହାତି ଖରାପ ପ୍ରଦର୍ଶନ ବୋଲି କହିପାରିବେ କି ? ମାତ୍ର ବିଶ୍ୱାସ କରନ୍ତୁ, ସେଦିନ ସେଇ ବାବାଙ୍କ କଥାର କି ପ୍ରଭାବ ମୋ ଉପରେ ପଡିଲା, ମୁଁ ଆଉ ଗଣିତ ମନସ୍କ ହୋଇପାରିଲିନାହିଁ ଏବଂ ପର ବର୍ଷର ବାର୍ଷିକ ପରୀକ୍ଷାରେ ମୁଁ ୨୦୦ ରୁ ରଖିଥିଲି ମାତ୍ର ୬୮ ନମ୍ବର । ମୋର ଆଗ୍ରହ ସେଇ କଥା ପଦକରୁ ହିଁ ମରିଗଲା ଏବଂ ମୁଁ ଗଣିତ / ସଂଖ୍ୟା / ଅଙ୍କ ପ୍ରତି ବୀତସ୍ପୃହ ହୋଇଗଲି ।

ସେ ବାବା କ'ଣ ମୋର ମୁହଁ ପଢିଦେଲେ ନା ଏମିତି ନିରୋଳା ଗାଲୁଆମିଟିଏ କରୁକରୁ ଅକସ୍ମାତ ଠିକ୍ ଜାଗାରେ ବାଜିଗଲା । ଯାହାବି ହେଉ କାକତାଳିକ ନ୍ୟାୟରେ ମୋର ଗଣିତ ପ୍ରତି ସ୍ପୃହା ସମୂଳେ ନିପାତ କରିବା ପାଇଁ ତାଙ୍କର ସେ କଥା ପଦକ ହିଁ ଅମୋଘ ଅସ୍ତ୍ରର କାମ କଲା। ଆଜି ପ୍ରାୟ ୨୫ ବର୍ଷ ପରେ ମୁଁ ଭାବୁଛି, ହାୟରେ ମୁଁ କାହିଁକି ଏମିତି ଏକ ପ୍ରମାଣ ରହିତ ଉକ୍ତିକୁ ସତ୍ୟ ମାନିବସିଲି । ଏହା ମୋର ଅନ୍ଧବିଶ୍ୱାସର ପରିଣତି ନୁହେଁ କି ? ଏମିତିରେ ବି ମୁଁ ପିଲାବେଳୁ ଟିକିଏ ସରଳ ବିଶ୍ୱାସୀ । ଯିଏ ଯାହା କହିଦେଉ, ଯେତେ ଛୋଟିଆ କଥାଟେ ହେଇଥାଉ, ମୁଁ ବଡ ସହଜରେ ବିଶ୍ୱାସ କରିଯାଏ । ତେଣୁ ବୋଧେ ମୋତେ ବୋକା ବନେଇବା ସବୁଠୁଁ ସହଜ ବୋଲି ସଭିଏଁ ଧରିନିଅନ୍ତି ।

**ବିକଳ୍ପ ବିଚାର : ୮୯**

ପିଲାଦିନେ ଆମ ମୁଣ୍ଡ ଭିତରେ ଏମିତି ଅନେକ କଥା ପୂରେଇ ଦିଆଯାଏ ଯେ, ଆମେ ତାକୁ ସତ ମାନିବସୁ । ଏଇ ଯେମିତି ଖାତା ଭିତରେ ମୟୂର ପରଟିଏ ରଖିଲେ ତାହା ଆପେ ଆପେ ଦୁଇଟାରେ ପରିଣତ ହେଇଯିବ । ନେହେଲେ ଅମରପୋଇ ପତ୍ରଟିଏକୁ ବହିର ପୃଷ୍ଠା ଭିତରେ ଚପେଇଦେଲେ ସେଥିରୁ ଚେର ବାହାରିବ । ଆହୁରି ପୁଣି ରାସ୍ତାରେ ଯୋଡାବଣି ଦେଖି ଜୁହାର ହେଲେ ଦିନଟି ଭଲରେ ବିତିବ । ଅନେକଥର ଯୋଡାବଣି ଖୋଜିଖୋଜି ମୁଁ ସ୍କୁଲ ଯିବା ବଦଳରେ ଯାଡେ ସିଆଡେ ଚାଲିଯିବାର ବି ନଜିର ଅଛି । ରାସ୍ତାରେ ଯାଉଯାଉ ବିରାଡିଟିଏ ସାମ୍ନାରେ ଚାଲିଗଲେ, ଦଣ୍ଡେ ରହିଯିବା ଓ କପାଳରେ ହାତମାରି ଜୁହାର ହେଇ ପୁଣି ଆଗେଇବା ଆମର ଅସ୍ଥି ମଜ୍ଜାଗତ ହୋଇସାରିଛି । ଏସବୁ ଆମ ମୁଣ୍ଡ ଭିତରେ ଏମିତି ବସାବାନ୍ଧି ରହିଛି ଯେ ଆମେ ଏତେ ବର୍ଷ ପରେ ବି ଏସବୁକୁ ସତ ମାନିବସୁଛୁ । ୧୩ ସଂଖ୍ୟାକୁ ଅଶୁଭ ମାନିବା ହେଉ କି ଚନ୍ଦ୍ରଗ୍ରହଣ / ସୂର୍ଯ୍ୟପରାଗରେ ଆମିଷ ଖାଇବା ହେଉ, ଆମେ ବୈଜ୍ଞାନିକ ତର୍କ ଦେଖେଇଲେ ମଧ୍ୟ ମନ ଭିତରେ କେଉଁଠି ନା କେଉଁଠି ଶଙ୍କା ରହିଯାଉଛି । ଆଜିର ବିଜ୍ଞାନଯୁଗରେ ଯୁକ୍ତି ଦର୍ଶାଇ ଆମେ ଏସବୁକୁ କୁସଂସ୍କାର କହି ଆଡେଇଦେବାକୁ ଯେତେ ଚେଷ୍ଟା କଲେବି ଅନୁଭବ କରୁଛୁ ସେ ଏସବୁ ଆମ ମନରେ ଘର କରିସାରିଛି, ଅତି ସହଜରେ ଏସବୁ ଯିବନି ।

ଏଇ ଦେଖୁନାହାନ୍ତି ଆପଣ ଭୂତପ୍ରେତରେ ବିଶ୍ୱାସ କରନ୍ତି କି ? ଗତସପ୍ତାହରେ କରମଣ୍ଡଳ ଏକ୍ସପ୍ରେସ୍‌ର ଦୁର୍ଘଟଣାରେ ମୃତବ୍ୟକ୍ତିମାନଙ୍କୁ ନେଇ ରଖାଗଲା ନିକଟସ୍ଥ ସ୍କୁଲ୍‌ରେ । ଏ ନିଷ୍ପତ୍ତି ଥିଲା କାହାର ? ନିଶ୍ଚିତ କୌଣସି ପ୍ରଶାସନିକ ଅଧିକାରୀଙ୍କର । ପୁଣି ଯେତେବେଳେ ଶବ ସବୁକୁ ସ୍ଥାନାନ୍ତରିତ କରିଦିଆଗଲା ସେତେବେଳେ ପିଲା ଓ ଅଭିଭାବକ ମାନେ ସ୍କୁଲରେ ପଶିବାକୁ ଡରିଲେ ଏବଂ ପିଲାଙ୍କ ମନରୁ ଭୂତଭୟ ଛଡେଇବାକୁ ଉକ୍ତ ସ୍କୁଲକୁ ଭାଙ୍ଗିଦିଆଗଲା । ଏ ନିଷ୍ପତ୍ତି ମଧ୍ୟ କୌଣସି ଜଣେ ପ୍ରଶାସକଙ୍କର ହେଇଥିବ । ସ୍କୁଲ ପିଲା ଭୂତପ୍ରେତଙ୍କୁ ଡରିବେ ବୋଲି ସ୍କଲଘରକୁ ଭାଙ୍ଗିନଦେଇ ପିଲାମାନଙ୍କୁ ବୈଜ୍ଞାନିକ ମନସ୍ତତ୍ତ୍ୱ ବିଷୟରେ ଅବଗତ କରାଇ ସେମାନଙ୍କ ମନରୁ ଭୂତର ଡରକୁ ମଧ୍ୟ ବାହାର କରିବାର ଚେଷ୍ଟା କରାଯାଇପାରିଥାନ୍ତା। ଆଜି ଏକବିଂଶ ଶତାବ୍ଦୀରେ ଆମେ ଭୂତପ୍ରେତଙ୍କ ଅସ୍ତିତ୍ୱକୁ ସ୍ୱୀକାର କରି କେଉଁ ବୈଜ୍ଞାନିକ ଦୃଷ୍ଟିକୋଣରୁ ସୁଦୃଢ କରୁଛୁ ।

ଜରାଜୀର୍ଣ୍ଣ ସ୍କୁଲ ଘରର ପୁନରୁଦ୍ଧାର କରି ଚକାଚକ ଘର ଛିଡା କରିଦେବା ନିଶ୍ଚୟ ସ୍ୱାଗତଯୋଗ୍ୟ । ମାତ୍ର ଏହା ଭୂତପ୍ରେତଙ୍କ ଭୟରେ ନହେଉ । ଆମେ ପରା ଡାହାଣୀ ଲାଗିବା ଓ ଗୁଣିଗାରେଡି ବିରୋଧରେ ସ୍ୱତନ୍ତ୍ର ଅଭିଯାନ ଚଳାଇ ଜନସଚେତନତା ସୃଷ୍ଟି କରୁ । ଆମର ପୋଲିସ ବିଭାଗ ପରା ଭୂତ-ପ୍ରେତ ଆଦି ଅନ୍ଧବିଶ୍ୱାସର ବଶବର୍ତ୍ତୀ ନହେବା ପାଇଁ ଲୋକଙ୍କୁ ବୁଝାଉଛି । ଏସବୁ ଭିତରେ ଆମେ ପୁଣି ସେଇ ଭୂତପ୍ରେତଙ୍କୁ ବିଶ୍ୱାସ କରି ଘର ଭାଙ୍ଗିଦେବା ଘଟଣାକୁ ମୋ ମୁଣ୍ଡ ହଜମ କରିପାରୁନି। ସେମିତି ଦେଖିଲେ ତ ହାସ୍‌ପାତାଳରେ ଅନେକ ଲୋକଙ୍କର ମୃତ୍ୟୁ ହେଉଛି, ତାକୁ ବି ସବୁ ଭାଙ୍ଗିଦେବା ଦରକାର ।

ମୋଟାମୋଟି କଥା ଏୟା ଯେ, ଆମେ ହିଁ ଅନ୍ଧବିଶ୍ୱାସକୁ ତିଆରି କରୁ । ମୁଣ୍ଡରେ ଭୁକାଉ ପୁଣି ବର୍ଷ ପରେ ବର୍ଷ ବିନା କୌଣସି ତର୍କମାରେ ମାନିଚାଲୁ। ଆଜିର ବିଜ୍ଞାନ ଯୁଗରେ କିନ୍ତ ସବୁ ଯୁକ୍ତି ପଛରେ ଗୋଟେ ଯଥାଯଥ କାରଣ ଖୋଜିବାର ସମୟ ଆସିଛି । ଆଉ କୌଣସି କଥାକୁ ଅନ୍ଧ ଭାବରେ ଗ୍ରହଣ ନକରି ସତ୍ୟାସତ୍ୟ ବୁଝି, ପରଖି ଦେଖି ବିଶ୍ୱାସ କରିବାର ସମୟ ଆସିଛି। ନହେଲେ ଆଦିମାନବ ଠାରୁ ଆମେ ଆଉ କେଉଁ ଗୁଣରେ ଉନ୍ନତ ବୋଲି ନିଜକୁ ପିଠି ଥାପୁଡେଇବା । ଏ ବିଚାର ଆପଣଙ୍କର ।

# ଯୋଗର ଆଭିମୁଖ୍ୟ



ରଞ୍ଜନ କୁମାର ପାତ୍ର
ଶିକ୍ଷକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ସିଆଳିଆ, ଖୋର୍ଦ୍ଧା
ମୋ- ୯୯୩୮୭୯୭୬୫୯

ଥରେ ଯୋଗୀ ଅରବିନ୍ଦ କହିଥିଲେ ' To be cured is good ,But to avoid being ill is better ' ଅର୍ଥାତ୍ ରୋଗରୁ ଆରୋଗ୍ୟ ଲାଭ କରିବା ଭଲ ମାତ୍ର ରୋଗକୁ ଦୂରେଇ ଦେବା ତାହା ଠାରୁ ଭଲ। ସେହି ରୋଗକୁ ଦୂରେଇ ଦେବା ପାଇଁ ବର୍ତ୍ତମାନ ଯୋଗର ଆବଶ୍ୟକତା ଅଛି କାରଣ ଯୋଗ ହିଁ ଉତ୍ତମ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରଦାୟକ। ସୁସ୍ଥ ଜୀବନ ଯାପନ ପାଇଁ ଯୋଗାସନ ଓ ପ୍ରାଣାୟାମର ଆବଶ୍ୟକତା ଅଛି। ଯୋଗ କୌଣସି ଏକ ଧର୍ମ ନୁହେଁ। ଏହା ଏକ ଜୀବନଯାପନ ପଦ୍ଧତି । କୌଣସି ଧର୍ମର ଲୋକମାନେ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ କରିପାରିବେ। ଆଜିର ଆଧୁନିକ ବିଜ୍ଞାନ ଯୁଗରେ ମଧ ଭାରତୀୟ ପ୍ରାଚୀନ ବିଦ୍ୟା ଯୋଗ ମଣିଷର ଶାରୀରିକ, ମାନସିକ ଓ ସ୍ୱାସ୍ଥ୍ୟ ରକ୍ଷା ରେ ସହାୟକ ହେଉଛି। ସେହି ପ୍ରାଚୀନ ପରମ୍ପରା ବିଦ୍ୟାକୁ ମହର୍ଷି ପତଞ୍ଜଳି ଉଦ୍ଭାବନ କରିଥିଲେ। ସେଥିପାଇଁ ତାଙ୍କୁ ଯୋଗର ପିତା ବୋଲି କୁହାଯାଉଛି।

ମଣିଷର ବାଲ୍ୟ, କୈଶୋର, ଯଉବନ ଯେପରି ବିଭିନ୍ନ ଅବସ୍ଥା ତାଙ୍କ ଦ୍ୱାରା ଉଦ୍ଭାବିତ ' ଅଷ୍ଟାଙ୍ଗ ଯୋଗ ' ଠିକ୍ ସେହିପରି ମନର ଏକ ଉତ୍କୃଷ୍ଟ ଅବସ୍ଥା। ତାଙ୍କର ଏହି ଅଷ୍ଟାଙ୍ଗ ଯୋଗକୁ ଏକ କବିତାରେ ଉପସ୍ଥାପିତ କରିଅଛି ଯଥା:- ଜୀବନ ଯାପନ କର ଯମ ଏବଂ ନିୟମରେ ଦୃଢ଼ କର ସ୍ଥିର, ସୁଖ ସିଧା ଆସନରେ ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ପରିଗ୍ରହ ସନ୍ତୋଷଶୈଚ, ତପସ୍ୟା, ଈଶ୍ୱର ଧ୍ୟାନ ଓ ସ୍ୱାଧ୍ୟାୟ ଯମ ଏବଂ ନିୟମରେ ୧୦ଟି ସୋପାନ ଏହୁ ପ୍ରାଣାୟମେ ଶୁଦ୍ଧକର ପ୍ରାଣ ଆଜି ପଞ୍ଚବାୟୁ ବିଶୟରସୁ ଇନ୍ଦ୍ରିୟକର ଆଗ ପ୍ରତ୍ୟାହର ଧାରଣାରେ ଚିତ୍ତବୃତ୍ତି କର ଏକ ସୁଖୀ ସ୍ଥିର ଧ୍ୟାନ କର ଜ୍ଞାନଯୋଗେ ବୃତ୍ତିରେ କରି ସାରଥି ସମାଧି ହୋଇବ ଲାଭ ନୀରବ ନିଶ୍ଚଳ ସ୍ଥିତି ପଞ୍ଚ ବହିରଙ୍ଗ ତିନି ଅନ୍ତରଙ୍ଗ ଏ ସାଧନ ପାଇବ ପରମ ପଦ କୈବଲ୍ୟ ମୁକ୍ତି ନିର୍ବାଣ । ସେହିପରି ଆଉ ଏକ କବିତା ଯୋଗ ମାର୍ଗ ଉପରେ:- ଯୋଗ ମାରଗରେ ଦୁଇଗୋଟି ନାମ ଗୋଟିଏ ତପସ୍ୟା ଅନ୍ୟ ସମର୍ପଣ ତିନୋଟି ସାଧନ କର୍ମ, ଭକ୍ତି ଓ ଜ୍ଞାନ କେହି ନ୍ୟୁନ ନୁହେଁ ସର୍ବେ ସମାନ ଅନ୍ତର୍ଯ୍ୟାମୀ ଗୁରୁ (ଆତ୍ମା) ହୃଦୟେ ଗୁହାରେ ସର୍ବଆତ୍ମା ରୂପେ ରହିଛି ଅନ୍ତରେ ସେହିତ ସାଧକ ସେହିତ ସାଧନ ପୂର୍ଣ୍ଣ ସମର୍ପଣେ ମିଳେ ଆତ୍ମଜ୍ଞାନ ତେଣୁ ଯୋଗ ଶରୀର, ମନ ଏବଂ ପ୍ରାଣକୁ ଶୃଙ୍ଖଳିତ କରେ । ' ଯୋଗାସନ' ଦ୍ୱାରା ବାହ୍ୟ ଶରୀରରେ ସଙ୍ଗତି ଆସେ। ତତ୍ତ୍ୱଜ୍ଞାନ ମାଧ୍ୟମରେ ମନକୁ ଉତ୍ତରଣ ଓ ନିୟନ୍ତ୍ରଣ କରି ଆତ୍ମା- ପରମାତ୍ମା ସଂପର୍କରେ ଜ୍ଞାନ ଲାଭ କରିବା ହେଉଛି 'ଜ୍ଞାନଯୋଗ' । ସମସ୍ତ କର୍ମକୁ ଭଗବତ ଉଦ୍ଦେଶ୍ୟରେ ସମର୍ପଣ କରିବା ଦ୍ୱାରା ନିଷ୍କାମ ଭଗବଦ୍ ଅନୁଭବ ହିଁ 'କର୍ମଯୋଗ'।

ଭଗବତ୍ ପାଦରେ ସଂପୂର୍ଣ୍ଣ ଆତ୍ମ ସମର୍ପଣପୂର୍ବକ ନିରନ୍ତର ଭଗବତ୍‌ଚିନ୍ତନ ମାଧ୍ୟମରେ ସଂସାର ଅତିକ୍ରମ କରବା ହିଁ 'ଭକ୍ତିଯୋଗ'। ମନୁଷ୍ୟର ଅନ୍ତିମ ଚରମ ଲକ୍ଷ୍ୟ ସିଦ୍ଧି ନିମନ୍ତେ ଉପରୋକ୍ତ ମାର୍ଗଗୁଡ଼ିକର ଅବତାରଣା କରାଯାଇଥିଲେ ମଧ କର୍ମଯୋଗରେ ଉତ୍କର୍ଷ ମନୁଷ୍ୟକୁ ତାର ଫଳ ପ୍ରଦାନ କରି ଶେଷ ହୋଇଯାଏ। 'ଯୋଗ ମାର୍ଗ'ରେ ଉତ୍କର୍ଷତା ମଧ ବ୍ୟକ୍ତିକୁ ଋଦ୍ଧି, ସିଦ୍ଧି ପ୍ରଦାନ କରି ପରିସମାପ୍ତ ହୋଇଯାଏ। ଭେଷଜ ବିଜ୍ଞାନରେ ସୁସ୍ଥ ମନ ପାଇଁ କୌଣସି ଔଷଧ ନଥିବାବେଳେ ସ୍ୱଚ୍ଛ ମନର ନିରନ୍ତର 'ଯୋଗ' ଦ୍ୱାରା ସୁସ୍ଥ ମାନସିକତା ସୃଷ୍ଟି ହୁଏ ଏବଂ ତାହାର ପ୍ରତିକାର ହୋଇଥାଏ। ଗୀତାରେ ମଧ ଏହି ଯୋଗ ତତ୍ତ୍ୱକୁ ପ୍ରକାଶ କରାଯାଇଛି।' ଯୋଗଃ କର୍ମସୁ କୈଶଳମ୍' ଅର୍ଥାତ୍ - କର୍ମରେ କୁଶଳତା ହିଁ ଯୋଗ। ଦେଖାଯାଏ ଅନେକ ସମୟରେ ଶରୀର ବିଶ୍ରାମ ରେ ଥିଲେ ମଧ ମନ ବିଶ୍ରାମ ନେଇ ପାରେନା। ଠିକ୍ ସେତିକିବେଳେ 'ଯୋଗନିଦ୍ରା'ର ପଦ୍ଧତି ଦ୍ୱାରା ସୂକ୍ଷ୍ମ ଶରୀର ବିଶ୍ରାମ ନେଇଥାଏ। ମହର୍ଷି ପତଞ୍ଜଳିଙ୍କ ଅନୁଶାସିତ ବିଭିନ୍ନ ଆସନ ଓ ପ୍ରାଣାୟାମ ଚୟନରେ ଉପଯୋଗିତା ଓ ସାର୍ବତ୍ରିକତାକୁ ଧ୍ୟାନରେ ରଖି ସାଧାରଣ ଭାବରେ ମନକୁ ଏକାଗ୍ର କରିବା ଯୋଗର ଅନ୍ୟତମ ପ୍ରଥମ କାମ। ଏତଦ୍‌ବ୍ୟତୀତ ନେତ୍ର ସଞ୍ଚାଳନ, ଗ୍ରୀବା ସଞ୍ଚାଳନ,ବଜ୍ରାସନ, ସିଂହାସନ, ହାସ୍ୟାସନ , ପଦ୍ମାସନ, ଶବାସନ, ସୁଖାସନ, ଅନୁଲୋମ-ବିଲୋମ , କପାଳଭାତି, ଭ୍ରାମରି ପ୍ରାଣାୟାମ ଇତ୍ୟାଦିକୁ ଦୈନିକ କରିବା ଦ୍ୱାରା କିଛି କିଛି ଚିତ୍ତବୃତ୍ତିର ନିରୋଧ ହୋଇ ମାନବମାତ୍ରେ ନିରୋଗଶାନ ଓ ସକରାତ୍ମକ ରହିପାରିବେ।

ଆୟୁ ଏବଂ ଶାରିରୀକ ବ୍ୟବସ୍ଥା ଉପରେ ଧ୍ୟାନରଖି ଆସନମାନଙ୍କର ଚୟନ ଏବଂ ଅଭ୍ୟାସ କରିବା ଉଚିତ୍। ଯେତିକି ମାତ୍ରାରେ କରିବା ଦ୍ୱାରା ମନ ଉତ୍ସାହିତ ଓ ପ୍ରସନ୍ନ ରହେ। ସେତିକି ଆବୃତ୍ତି କରଣୀୟ। ବିଭିନ୍ନ ଯୋଗାସନ ଦ୍ୱାରା ଶରୀରର ସଙ୍କୁଚନ ପ୍ରସାରଣ ତଥା ଆକର୍ଷଣ- ବିକର୍ଷଣ ହେବା ଫଳରେ ବିଭିନ୍ନ ଅଙ୍ଗ, ଗ୍ରନ୍ଥି, ତନ୍ତ୍ରିକା, ମାଂସପେଶୀ ସୁସ୍ଥ, ସନ୍ତୁଳିତ ଓ ସକ୍ରିୟ ରହେ। ନିରନ୍ତର ଅଭ୍ୟାସ ଦ୍ୱାରା ସିଦ୍ଧି ଓ ମାଂସପେଶୀ ସକ୍ରିୟ ତଥା ଉଜ୍ଜୀବିତ ରହନ୍ତି। ପାଚନତନ୍ତ୍ର ,ରକ୍ତସଞ୍ଚାର ତନ୍ତ୍ର, ଶ୍ୱାସନତନ୍ତ୍ର, ଅନ୍ତସ୍ରାବୀ ତନ୍ତ୍ର ସମସ୍ତେ ଆରୋଗ୍ୟ ଓ ଉର୍ଜାବାନ ହୋଇଥାଆନ୍ତି ଏବଂ ପରୋକ୍ଷରେ ମନକୁ, ପ୍ରାଣକୁ ସତେଜ ଓ ପ୍ରଫୁଲ୍ଲ ରଖିବାରେ ସହାୟକ ହୁଅନ୍ତି।

ଯୋଗର ବାସ୍ତବ ମୂଲ୍ୟ ପାଇବାକୁ ଇଚ୍ଛୁକ ବ୍ୟକ୍ତି ପ୍ରଥମେ ପରଚର୍ଚ୍ଚା, ସମାଲୋଚନା, ପରଦୋଷ ଦର୍ଶନ ଛାଡ ଅନ୍ତର୍ମୁଖୀ ହେବା ଆବଶ୍ୟକ ନଚେତ୍ ଏହା କେବଳ ଶାରୀରିକ ବ୍ୟାୟାମ ହୋଇରହିବା ସହ ଅନଃସାର ଶୂନ୍ୟ ହୋଇଯିବ। ତେଣୁ ସମଗ୍ର ଜୀବନ ହିଁ 'ଯୋଗ'। ଯୋଗ ହିଁ ଭାରତୀୟ ଜୀବନଚର୍ଯ୍ୟା , ଜୀବନ ଚେତନା ଓ ଜୀବନ ଧାରାର ଭିତ୍ତିଭୂମି। ଯୋଗର ସାଧାରଣ ଅର୍ଥ ମିଳନ , ଶରୀର ସହିତ ମନର, ମନ ସହିତ ଆତ୍ମାର ଏବଂ ସର୍ବୋପରି ଆତ୍ମା ସହିତ ପରମାତ୍ମାର ମିଳନ ହିଁ ଯୋଗର ଆଭିମୁଖ୍ୟ।

# ଆନ୍ତର୍ଜାତୀୟ ଯୋଗ ଦିବସ

ବିଶ୍ୱବିଜୟୀ ଦାଶ
ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ମୋ- ୬୩୭୦୨୦୮୪୨୮

ଆନ୍ତର୍ଜାତିକ ଯୋଗ ଦିବସ ବିଶ୍ୱବ୍ୟାପୀ ଜୁନ ୨୧ ତାରିଖରେ ପାଳନ ହୁଏ ।ଶରୀରକୁ ସୁସ୍ଥ, ମନକୁ ଶାନ୍ତ ଓ ଶ୍ୱାସକ୍ରିୟାକୁ ନିୟନ୍ତ୍ରିତ କରିବା ପାଇଁ ସାରା ବିଶ୍ୱରେ ଏହି ଯୋଗ ଦିବସ ପାଳନ କରାଯାଉଛି। ଯୋଗ କରିବା ଦ୍ୱାରା ଶରୀର ଓ ମନର ସର୍ବୋତ୍ତମ ସ୍ୱାସ୍ଥ୍ୟରକ୍ଷା ଯେ ସମ୍ଭବ,ସେଥିଲାଗି ବିଶ୍ୱବ୍ୟାପି ଲୋକ ଏବେ ସୁସ୍ଥ ରହିବା ପାଇଁ ଯୋଗକୁ ଆପଣେଇ ନେଇଛନ୍ତି। ଏହା ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର। ଏହା ମନ ଏବଂ ଶରୀରକୁ ସଂଯୋଗ କରିଥାଏ। ଯୋଗ କରିବା ଦ୍ୱାରା ଚିନ୍ତା, କ୍ରିୟା, ସଂଯମ ଏବଂ ପୂର୍ଣ୍ଣତା ଆଣିବା ଲାଗି ଏକ ସିଦ୍ଧ ଉପଚାର। ୨୦୧୪ ସେପ୍ଟେମ୍ବର ୨୭ରେ ଭାରତର ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୁନ ୨୧କୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଅଭ୍ୟାସ ପୂର୍ବକ ଯୋଗ ଦିବସ ପାଳନ ପାଇଁ ପ୍ରଥମେ ପ୍ରସ୍ତାବ ଦେଇଥିଲେ । ଆମେରିକାର ମିଳିତ ଜାତିସଂଘ ସାଧାରଣ ପରିଷଦର ୬୯ତମ ଅଧିବେସନକୁ ପ୍ରଥମ କରି ସମ୍ବୋଧିତ କରି ଅଭିଭାଷଣରେ କହିଥିଲେ ଯେ, 'ପରିବର୍ତ୍ତନଶୀଳ ଦୁନିଆରେ ସବୁକିଛି ପରିବର୍ତ୍ତନ ହେଉଥିବାବେଳେ ଜଳବାୟୁ ପରିବର୍ତ୍ତନ ହେବା ସମସ୍ତଙ୍କ ପାଇଁ ଏକ ଚିନ୍ତାର ବିଷୟ । ଆମ ଭାରତୀୟ ସଂସ୍କୃତିରେ ଏହାର ମୁକାବିଲା କରିବା ପାଇଁ ଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି । ଯୋଗକୁ କେବଳ ବ୍ୟାୟାମରେ ସୀମିତ ନରଖି ଶାସ୍ତ୍ରାନୁସାରେ ପରିବ୍ୟାପ୍ତ କରାଗଲେ ସବୁକିଛିର ପରିବର୍ତ୍ତନ କରାଯାଇପାରିବ। ତେଣୁ ଆନ୍ତର୍ଜାତିକ ସ୍ତରରେ ଯୋଗ ଦିବସ ପାଳନ କରାଯିବା ଉଚିତ । 'ଏହାପରେ ଆନ୍ତର୍ଜାତିକ ସ୍ତରରେ ଏହାକୁ ପାଳନ କରିବା ପାଇଁ ମିଳିତ ଜାତିସଂଘ ଅଧିବେସନ ଦ୍ୱାରା ଡିସେମ୍ବର ୧୧, ୨୦୧୪ରେ ସଂକଳ୍ପ ନିଆଯାଇଥିଲା।

'ଯୋଗ ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର । ଏହା ମନ ଏବଂ ଶରୀରକୁ ସଂଯୋଗ; ଚିନ୍ତା ଏବଂ କ୍ରିୟା; ସଂଯମ ଏବଂ ପୂର୍ଣ୍ଣତା; ମନୁଷ୍ୟ ଏବଂ ପ୍ରକୃତି ସହ ସଂଗତି; ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଏକ ସିଦ୍ଧ ଉପଚାର ଅଟେ । ଏହା କେବଳ ଏକ ବ୍ୟାୟାମ ନୁହେଁ ନିଜ ଭିତରେ ଜଗତ ଏବଂ ପ୍ରକୃତି ସହ ଏକାଗ୍ରତା ଆବିଷ୍କାର କରିବାକୁ ହୋଇଥାଏ, ଚେତନା ଉଦ୍ରେକକରି ଆମ ଜୀବନଶୈଳୀରେ ପରିବର୍ତ୍ତନ ଆଣି ଆମ ପାରିପାର୍ଶ୍ୱିକ ଜଗତରେ ସହ ଖାପ ଖୁଆଇ ଚାଲିବାରେ ସହଯୋଗ କରେ ।ଜୁନ ୨୧ ଗ୍ରୀଷ୍ମ ସଂକ୍ରାନ୍ତିରେ ସୂର୍ଯ୍ୟ ଦକ୍ଷିଣାୟନ ମୋଡ଼ ନେଇଥାନ୍ତି, ଏହି ଦିନକୁ ଆନ୍ତର୍ଜାତିକ ଯୋଗ ଦିବସ ଭାବେ ନରେନ୍ଦ୍ର ମୋଦୀ ପ୍ରସ୍ତାବ ଦେଇ ଉପସ୍ଥାପନ କରିଥିଲେ ଯେ ଉତ୍ତର ଗୋଲାର୍ଦ୍ଧରେ ପୁରା ବର୍ଷରେ ଏହି ଦିନର ଅବଧି ବଡ଼ ହୋଇଥିବା ସହ ବିଶ୍ୱରେ ବିଭିନ୍ନ ସ୍ଥାନରେ ଏହିଦିନର ମହତ୍ୱ ଅଛି।

ଆନ୍ତର୍ଜାତିକ ଯୋଗ ଦିବସ ପାଳନ ର ପ୍ରଥମ ବର୍ଷ ୨୦୧୫ ମସିହା ଥିଲା। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟଦ୍ୱାରା ଅୟୋଜିତ ଏକ କାର୍ଯ୍ୟକ୍ରମରେ ରାଜଧାନୀ ନୂଆଦିଲ୍ଲୀର ରାଜପଥଠାରେ ୮୪ ଦେଶର ୩୫,୯୮୫ ଜଣ ଅଂଶଗ୍ରହଣକାରୀ ଭାଗନେଇ ଦୁଇଟି ଗିନିସ ବର୍ଲ୍ଡ ରେକର୍ଡ ସ୍ଥାପନ କରିଥିଲେ ।ଏଥିରେ ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଶ୍ରୀ ଅରବିନ୍ଦ କେଜରିୱାଲା,କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ, ସାଂସଦ, ସେନା ଓ ପୋଲିସର ଯବାନ, ପ୍ରଶାସନିକ ଅଧିକାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ଏବଂ ଅଧାଘଣ୍ଟା ଧରି ଯୋଗ କରିଥିଲେ ।ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ବହୁ କେନ୍ଦ୍ରମନ୍ତ୍ରୀ, ବ୍ୟୁରୋକ୍ରାଟ, କୂଟନୈତିଜ୍ଞ ତଥା କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ ମାନେ ସାମିଲ ହୋଇଥିଲେ ।ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରଦର୍ଶନ ପାଇଁ ୨ ହଜାର ଡିଜିଟାଲ ସିନେମା ସ୍କ୍ରିନ ବ୍ୟବସ୍ଥା କରାଯାଇଥିଲା ।ଏହି ଆୟୋଜନ ୧୦ ବର୍ଷର ଏକ ପୁରୁଣା ରେକର୍ଡକୁ ଭାଙ୍ଗି ଦେଇଥିଲା।୧୦ ବର୍ଷ ତଳେ ୨୦୦୫ ନଭେମ୍ବର ୧୯ ତାରିଖରେ ଗ୍ୱାଲିଅରରେ ୧୯,୯୭୩ ଜଣ ଲୋକ ଏକାସାଙ୍ଗରେ ଗୋଟିଏ ସ୍ଥାନରେ ଯୋଗାଭ୍ୟାସ କରିଥିଲେ । ଆଉ ଏହା ବିଶ୍ୱ ରେକର୍ଡ ହେବା ସହିତ 'ଗିନିଜ ବୁକ ଅଫ ବର୍ଲ୍ଡ ରେକର୍ଡ'ରେ ସ୍ଥାନିତ ହୋଇଥିଲା । ଏହା ସହିତ ଦେଶର ସ୍କୁଲ, କଲେଜ ଭଳି ଶିକ୍ଷାନୁଷ୍ଠାନ, ଅନ୍ୟାନ୍ୟ ଘରୋଇ ଓ ସରାକାରୀ ଅନୁଷ୍ଠାନ ଏବଂ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକ ଯୋଗ ଦିବସ ପାଳନ କରିଥିଲେ । ସେହିପରି ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ମଧ ଯୋଗ ଦିବସ ପାଳନ କରାଯାଇଥିଲା।

ପ୍ରାୟ ୧୯୧ଟି ଦେଶର ୨୫୧ଟି ସହରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ ହୋଇଥିଲା ।ନିୟୁର୍କ ସ୍ଥିତ ଜାତିସଂଘ ମୁଖ୍ୟ କାର୍ଯ୍ୟାଳୟରେ ପ୍ରଥମ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତର ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ ଅତିଥି ଭାବେ ଯୋଗ ଦେଇଥିଲେ। ସେହି ଦିନ ଠାରୁ ପ୍ରତ୍ୟେକ ବର୍ଷ ଜୁନ୍ ୨୧ ତାରିଖ ରେ ଆନ୍ତର୍ଜାତୀୟ, ରାଜ୍ୟ ସ୍ତରୀୟ, ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଯୋଗ ଦିବସ ପାଳନ କରାଯାଇଥାଏ।

ଯୋଗ କରିବା ଦ୍ୱାରା ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ। ନିତିଦିନିଆ ଜୀବନରେ ଖାଦ୍ୟ ପାନୀୟ ପରି ଯୋଗର ମଧ ଆବଶ୍ୟକତା ରହିଛି। ଯୋଗ ପ୍ରତି ସମସ୍ତଙ୍କର ଭଲ ଧାରଣା ଥିବାବେଳେ ଏହା ଉପରେ ବେଶ ବିଶ୍ୱାସ ରହିଛି। ଡ଼ାକ୍ତରମାନେ ମଧ ଉତ୍ତମ ସ୍ୱାସ୍ଥ୍ୟ ପ୍ରାପ୍ତି ପାଇଁ ପ୍ରତିଦିନ ଯୋଗ କରିବାକୁ ପରାମର୍ଶ ଦେଇଥାଆନ୍ତି। ଡ଼ାକ୍ତରଙ୍କ ମତାନୁଯାୟୀ ଔଷଧ ସହ ଶରୀର ପାଇଁ ଯୋଗ ମଧ ଆବଶ୍ୟକ। ବଡରୁ ବଡ ରୋଗକୁ ମାତ୍ ଦେଉଛି ଏହି ଯୋଗ।

ଯେଉଁ ପ୍ରକାରେ ମନୁଷ୍ୟ ଜୀବିତ ରହିବା ପାଇଁ ଭୋଜନ, ନିଦ୍ରା, ନିତ୍ୟକର୍ମ ଓ ଉପାସନା ଆବଶ୍ୟକ ସେହିପରି ସକ୍ରିୟ, ପ୍ରସନ୍ନତା ପୂର୍ଣ୍ଣ ଜୀବନ ଅତିବାହିତ କରିବା ପାଇଁ ଯୋଗ କରିବା ଉଚିତ। ମୁନି ଋଷିମାନେ ଗଭୀର ସାଧନା ତଥା ଚିନ୍ତନ ଦ୍ୱାରା ଯୋଗ ସାଧନାର ପଥ ପ୍ରଶସ୍ତ କରିଥିଲେ। ଯୋଗର ବିଭିନ୍ନ ପ୍ରକାର ଆସନ ରହିଛି। ବିଭିନ୍ନ ପ୍ରକାରର ଯୋଗାସନ ଅଭ୍ୟାସ କରିବା ଦ୍ୱାରା ଜୀବନରେ ନୂତନତା ଭରିଯାଏ ଓ ପ୍ରଫୁଲ୍ଲିତ ଅନୁଭବ ହୋଇଥାଏ। ଶାରୀରକୁ ଆବଶ୍ୟକ ପରିମାଣରେ ଶକ୍ତି ମିଳିଥାଏ। ଶରିରୀକ, ମାନସିକ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱର ବିକାଶ ପାଇଁ ମଧ ଯୋଗାସନର ବିଶେଷ ମହତ୍ତ୍ୱ ରହିଛି ।ଏହା ଏକ ଦୃଢ ମନ ତଥା ସୁସ୍ଥ ଶରୀର ଗଠନରେ ମଧ ସହାୟକ ହୋଇଥାଏ ।ମାନସିକ, ଶାରିରୀକ ଓ ମନସ୍ତାତ୍ତ୍ୱିକ ଆହ୍ୱାନଗୁଡିକର ସମ୍ମୁଖୀନ ହେବା ପାଇଁ ଯୋଗ ସାହାଯ୍ୟ କରିଥାଏ ।

# ଭିନ୍ନ ପରମ୍ପରାରେ କୋକସରା ଅଞ୍ଚଳର ରଥଯାତ୍ରା



କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାରେ ପ୍ରାଚୀନ ଅଭିଚାର ତନ୍ତ୍ର ଧାରାର ଅନେକ ଦେବାଦେବୀ ପୂଜା ପାଆନ୍ତି। ଏହାସହ ପ୍ରାଚୀନ ଧର୍ମଧାରା ସହ ଶୈବ, ଶାକ୍ତ ଏବଂ ବୈଷ୍ଣବ ଧର୍ମର ସମନ୍ୱୟ ଦେଖିବାକୁ ମିଳେ। ଏଠାକାର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଜଗନ୍ନାଥ ମନ୍ଦିର ଦେଖିବାକୁ ମିଳେ। ସେହି କ୍ରମରେ କୋକସରା ବ୍ଲକ୍‌ର ଅନେକ ସ୍ଥାନରେ ମଧ୍ୟ ଜଗନ୍ନାଥଙ୍କୁ ଆରାଧ୍ୟ ଦେବତା ଭାବେ ପୂଜା କରାଯାଇଥାଏ। ତେବେ କୋକସରା ଅଞ୍ଚଳରେ ପାଳନ କରାଯାଉଥିବା ରଥଯାତ୍ରାରେ ସାମାନ୍ୟ ଭିନ୍ନ ପରମ୍ପରା ଦେଖିବାକୁ ମିଳେ। ବ୍ଲକ୍‌ର ଆମପାଣି, ସିଉନି, ବଡପୋଡାଗୁଡା, ଗୋଟୋମୁଣ୍ଡା, କେନ୍ଦୁଡଙ୍ଗରି, କାଉଡୋଲା, ଲଡୁଗାଁ, କୋକସରା, କାଶିବାହାଲ, ମୋଟେର, ଛିଲପାମାଲ, ଡଙ୍ଗରିଗୁଡା, ତୁନଗାଁ, ଟେମରା, ଝରିଆଗୁଡା ଆଦି ଗ୍ରାମରେ ରଥଯାତ୍ରା ପାଳିତ ହୋଇଥାଏ। ଅନେକ ସ୍ଥାନରେ ଜଗନ୍ନାଥଙ୍କ ଏକକ ବିଗ୍ରହ ଦଧିବାମନଙ୍କ ରଥଯାତ୍ରା ହୋଇଥାଏ। ଏହାକୁ ସ୍ଥାନୀୟ ଅଞ୍ଚଳରେ ରଥ ଦୁତିଆ ବା ଗୁନ୍‌ଜା ରଥ୍ ବୋଲି କୁହା ଯାଇଥାଏ। ଏହି ଅଞ୍ଚଳରେ ରଥଛିଆଁ ଗୋଟିଏ ଅଲଗା ଓ ନିଆରା ପରମ୍ପରା। ଜନମ ହେଲା ଛୁଆକୁ ଭାତ ଖୁଆ ହେଲା ପରଠୁ ଦେଉଳ ପ୍ରବେଶ ବିଧି ଅଛି। ଏହା ଆଗରୁ ରଥଛିଆଁ ବିଧି କରାଯାଏ। ରଥଯାତ୍ରାବେଳେ ଛୁଆମାନଙ୍କୁ ନୂଆ ଜାମା ପିନ୍ଧାଇ ରଥ ଉପରକୁ ଚଢାଯାଇ ବିଗ୍ରହଙ୍କ ଦର୍ଶନ କରାଯାଏ। ଏହାଦ୍ୱାରା ଶିଶୁର ଭବିଷ୍ୟତ ଉଜ୍ଜ୍ୱଳ ହେବାର ବିଶ୍ୱାସ କରାଯାଏ। ସେଥିପାଇଁ ମା’ ବାପାମାନେ ଛୁଆକୁ ରଥଛିଆଁ କରେଇଥାଆନ୍ତି। ଅନ୍ୟପକ୍ଷରେ ବ୍ଲକ୍‌ର ଗୋଟୋମୁଣ୍ଡା ଠାରେ ନିଆରା ଢଙ୍ଗରେ ରଥଯାତ୍ରା ପାଳିତ ହୋଇଥାଏ। ଏଥିରେ ଦ୍ୱିତୀୟା ତିଥିରେ ଟଣା ଯାଉଥିବା ରଥକୁ ସର୍ବସାଧାରଣ ଟାଣି ଥାନ୍ତି। କିନ୍ତୁ ବାହୁଡ଼ା ରଥଯାତ୍ରାକୁ ଗ୍ରାମ୍ୟ ଦେବାଦେବୀ ଲାଠି କାଳିସୀ ହିଁ ଟାଣିଥାନ୍ତି। ଏହା ଆଦିବାସୀ ସଂସ୍କୃତି ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥାଏ। ଶ୍ରୀଜଗନ୍ନାଥଙ୍କ ନବଦିନ ବ୍ୟାପୀ ଘୋଷଯାତ୍ରା ସହ ନବଗ୍ରହଙ୍କ ଘନିଷ୍ଠ ସମ୍ପର୍କ ରହିଛି। ଶ୍ରୀଜଗନ୍ନାଥଙ୍କ ଏହି ନବଦିନ ଯାତ୍ରା ସପ୍ତାହର ପ୍ରତ୍ୟେକ ବାରକୁ ଆବୃତ୍ତ କରିଥାଏ। ସପ୍ତାହକର ସାତଦିନ ଗ୍ରହମଣ୍ଡଳର ଗ୍ରହମାନଙ୍କ ନାମରେ ନାମିତ। ରବିଙ୍କ ଉଦ୍ଦେଶ୍ୟରେ ରବିବାର, ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ସୋମବାର, ମଙ୍ଗଳଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର, ବୁଧଙ୍କ ଉଦ୍ଦେଶ୍ୟରେ ବୁଧବାର, ଦେବଗୁରୁ ବୃହସ୍ପତିଙ୍କ ଉଦ୍ଦେଶ୍ୟରେ ଗୁରୁବାର, ଶୁକ୍ରଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଓ ଶନିଙ୍କ ଉଦ୍ଦେଶ୍ୟରେ ଶନିବାର। କିନ୍ତୁ ଅନ୍ୟ ଦୁଇଗ୍ରହ, ଯଥା ରାହୁ ଓ କେତୁ ଛାୟାଗ୍ରହ ହେତୁ ଏମାନଙ୍କର କୌଣସି ସ୍ୱତନ୍ତ୍ର ବାର ନାହିଁ। ଆଷାଢ଼ ମାସର ତୃତୀୟା ତିଥି ଯେଉଁଦିନ ପଡ଼ିବ ସେହିଦିନ ଶ୍ରୀଜଗନ୍ନାଥ ସେହିବାରର ପ୍ରତୀକଗ୍ରହ ରୂପେ ପୂଜା ପାଆନ୍ତି। ମନେ କରାଯାଉ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଘୋଷଯାତ୍ରା ଦିନ ରବିବାର ହେଲେ ତୃତୀୟା ସୋମବାର ହେବ ଏବଂ ତୃତୀୟାଠାରୁ ଶ୍ରୀଜଗନ୍ନାଥ ଆଗାମୀ ରବିବାର ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ପ୍ରତ୍ୟେକ ଗ୍ରହଙ୍କ ନିର୍ଦ୍ଦିଷ୍ଟ ସେହି ଗ୍ରହଙ୍କ ସ୍ୱରୂପ ଭାବରେ ଗୁଣ୍ଡିଚା ମନ୍ଦିରରେ ପୂଜା ପାଆନ୍ତି। ସୋମବାର ଦିନ ଚନ୍ଦ୍ରଙ୍କ ସ୍ୱରୂପ, ମଙ୍ଗଳବାର ଦିନ ମଙ୍ଗଳଙ୍କ ସ୍ୱରୂପ, ବୁଧବାର ଦିନ ବୁଧଙ୍କ ସ୍ୱରୂପ, ଗୁରୁବାର ଦିନ ବୃହସ୍ପତିଙ୍କ ସ୍ୱରୂପ, ଶୁକ୍ରବାର ଦିନ ଶୁକ୍ରଙ୍କ ସ୍ୱରୂପ, ଶନିବାର ଦିନ ଶନିଙ୍କ ସ୍ୱରୂପ ଓ ରବିବାର ଦିନ ରବିଙ୍କ ସ୍ୱରୂପ ଭାବରେ ପୂଜା ପାଆନ୍ତି। କିନ୍ତୁ ରାହୁ ଓ କେତୁ ଏ ଦୁଇ ଗ୍ରହଙ୍କ ସ୍ୱତନ୍ତ୍ର ବାର ନଥିବା ହେତୁ ପ୍ରଥମ ଗୁଣ୍ଡିଚା ଘୋଷଯାତ୍ରା ଓ ଶେଷ ବାହୁଡ଼ା ଏ ଦୁଇ ଦିବସକୁ ରାହୁ ଓ କେତୁଙ୍କ ପାଇଁ ନିର୍ଦ୍ଦିଷ୍ଟ ବୋଲି ନିର୍ଣ୍ଣୟ କରାହୁଏ। ଏକସପ୍ତାହ ବ୍ୟାପି ଗୁଣ୍ଡିଚାରେ ରହଣୀ କାଳ ଚନ୍ଦ୍ରଙ୍କଠାରୁ ଆରମ୍ଭ କରି ରବିଙ୍କ ପର୍ଯ୍ୟନ୍ତ ସପ୍ତଗ୍ରହକୁ ସୂଚେଇଲା ଭଳି ଦୁଇ ଯାତ୍ରାକୁ ସାଙ୍କେତିକ ଭାବରେ ରାହୁ ଓ କେତୁଙ୍କୁ ସୂଚାଇ ନବଦିନ ବ୍ୟାପି ଯାତ୍ରା ନବଗ୍ରହକୁ ସମ୍ପୂର୍ଣ୍ଣ କରେ। ଏହି ତତ୍ୱ କୃଷି କର୍ମ ଓ ପାଣିପାଗ ସହ ମଧ୍ୟ ସଂଯୁକ୍ତ ହୋଇଥାଏ। ତେଣୁ କୋକସରା ସମେତ କଳାହାଣ୍ଡିର ଚାଷୀକୂଳ ଓ ଜନସାଧାରଣ ରଥ୍ ଦୁତିଆ ଆସିଲେ ବହୁତ ଉତ୍ସାହିତ ହୋଇ ଥାଆନ୍ତି। ଆଜି ମଙ୍ଗଳବାର ଦିନ ଶ୍ରୀଗୁଣ୍ଡିଚା ରଥଯାତ୍ରା ପଡୁଥିବାବେଳେ ବୁଧବାର ଦିନ ତୃତୀୟା ହେବ। ତେଣୁ ଏବର୍ଷ ଚାଷବାସ ଉତ୍ତମ ହେବବୋଲି ପୁରୁଖା ବ୍ୟକ୍ତିମାନେ ଆକଳନ କରିଛନ୍ତି।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର କର୍ଲାମୁଣ୍ଡା ବ୍ଲକ୍‌ସ୍ଥିତ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଗତ ୧୯ ତାରିଖ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲ୍ଲାପାଳ, ଭବାନୀପାଟଣା ଡ. ବିଶ୍ୱଜିତ୍ ଦାସ, ବ୍ଲକ୍ ଅଧ୍ୟକ୍ଷା କୁନି ସାହୁଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୧୧୮ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୭୫ଟି ବ୍ୟକ୍ତିଗତ ସମସ୍ୟାର ଅଭିଯୋଗ ଓ ୪୩ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ୨୧ଟି ଅଭିଯୋଗର ସମାଧାନ ତତ୍‌କ୍ଷଣାତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ କର୍ଲାମୁଣ୍ଡା ବ୍ଲକ୍ ରିଞ୍ଜା ପଞ୍ଚାୟତର ଅଏନ କୁମାରଙ୍କୁ ୫୦୦୦ ଟଙ୍କା ଆର୍ଥିକ ସହାୟତା ମଞ୍ଜୁର କରଯାଇଥିଲା।

## ସମ୍ଭାବ୍ୟ ବନ୍ୟା ଓ ବାତ୍ୟାକୁ ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍

ନର୍ଲା, (ଭାସ୍କର ନ୍ୟୁଜ୍): ଆଗାମୀ ଦିନରେ ସମ୍ଭାବ୍ୟ ବନ୍ୟା ଓ ବାତ୍ୟାର ସଫଳ ମୁକାବିଲା ପାଇଁ ନର୍ଲା ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କୁ ନେଇ ନର୍ଲାଠାରେ ଏକ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହା ପୂର୍ବରୁ ଟେବୁଲ୍ ଟପ୍ ପ୍ରସ୍ତୁତି ବୈଠକ ହୋଇଥିଲା। ନର୍ଲା ଅଗ୍ନିଶମ ବିଭାଗର ଭାରପ୍ରାପ୍ତ ଅଧିକାରୀ ତ୍ରିନାଥ ଭୋଇଙ୍କ ନେତୃତ୍ୱରେ ଉପସ୍ଥିତ କର୍ମଚାରୀଗଣ ବନ୍ୟାରେ ଜଳବନ୍ଦୀ ଘେରରେ ଥିବା ବ୍ୟକ୍ତିଙ୍କୁ କିଭଳି ଭାବେ ଉଦ୍ଧାର କରାଯାଇ ପାରିବ ଏହାର ଉଦାହରଣ ସକାଶେ ଜଳବନ୍ଦୀକୁ ଲାଇଫ ଜ୍ୟାକେଟ ପିନ୍ଧାଇ ବୋଟ ମାଧ୍ୟମରେ ଉଦ୍ଧାର କାର୍ଯ୍ୟକୁ ଫାୟାର ମ୍ୟାନ ପୂର୍ଣ୍ଣଚନ୍ଦ୍ର ସେଠ, ଶେଷଦେବ ମାଝୀ, ବୈଷ୍ଣବ ନାଏକ ଓ ଉପସ୍ଥିତ କର୍ମଚାରୀଗଣ ପ୍ରଦର୍ଶନ କରିଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ନର୍ଲା ତହସିଲଦାର ଶଙ୍କର ବାଗ, ବ୍ଲକ୍ ଅଧ୍ୟକ୍ଷା ମନୋରମା ମହାନ୍ତି, ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ନର୍ଲା ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, ସଦସ୍ୟା ଲିଲି ଦୀପ, ନମ୍ରତା ସାହୁ, ନର୍ଲା ସିଡିପିଓ ନିବାସିନୀ ବିଶ୍ୱାଳ, ନର୍ଲା ଜିପିଇଓ କ୍ଷିତୀଶ ଚନ୍ଦ୍ର ନାଏକ, ନର୍ଲା ସରପଞ୍ଚ ତନୁଜା ହରପାଳ, ନର୍ଲା ଥାନା ଅଧିକାରୀ ଗଙ୍ଗାଧର ମେହେର, ନର୍ଲା ଭାରପ୍ରାପ୍ତ ଚିକିତ୍ସାଧିକାରୀ ଅକ୍ଷୟ କୁମାର ଗୋଛାୟତ, ନର୍ଲା ସହକାରୀ କୃଷି ଅଧିକାରିଣୀ ସୁଜାତା ନାଏକ ଓ ବିଦ୍ୟୁତ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨୨ରେ କଳାହାଣ୍ଡି ଆସିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଆସନ୍ତା ୨୨ ତାରିଖରେ ଆସିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା। ବିଜେପିର ମହାଜନ ସଂପର୍କ କାର୍ଯ୍ୟକ୍ରମରେ ଦେବେ ଯୋଗ। ଏନେଇ ୧୯ ତାରିଖ ଦିନ ସାମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି ବିଜେପି କଳାହାଣ୍ଡି ଜିଲ୍ଲା ସଭାପତି ଦେବେନ୍ଦ୍ର ମହାନ୍ତି ପ୍ରକାଶ କରିଛନ୍ତି। ଶ୍ରୀ ମହାନ୍ତି ପ୍ରକାଶ କରିଥିଲେ ଯେ, ବିଜେପିର ମହାଜନ ସଂପର୍କ ଅଭିଯାନ ଆରମ୍ଭ ହୋଇଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ରାଜ୍ୟସ୍ତରୀୟ କର୍ମକର୍ତ୍ତାମାନେ ମଧ୍ୟ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ସଜବାଜ ହେଉଛି ବିଜେପି। କଳାହାଣ୍ଡି ଜିଲ୍ଲାରେ ୫ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ କେବଳ ଭବାନୀପାଟଣା ବିଜେପି କବ୍‌ଜାରେ ରହିଛି। ତେଣୁ ଆସନ୍ତା ନିର୍ବାଚନରେ ଦଳ ଅଧାରୁ ଅଧିକ ବିଧାନସଭା କ୍ଷେତ୍ରକୁ ଦଖଲ ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି। ଏହି ମର୍ମରେ ବିଜେପିର ଜାତୀୟ ସଭାପତି ଜେପି ନଡ୍ଡାଙ୍କ ଗସ୍ତ ଚୂଡ଼ାନ୍ତ ହୋଇଛି। ଆସନ୍ତା ଜୁନ ୨୨ ଦିବା ୧୧ ଘଣ୍ଟା ସମୟରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ ଖେଳ ପଡିଆରେ ଓହ୍ଲାଇବେ ଜେପି ନାଡ୍ଡା। ସେଠାରୁ ସେ ସିଧା ମା’ ମାଣିକେଶ୍ୱରୀଙ୍କ ଦର୍ଶନ କରିବେ। ପରେ ଲାଲବାହାଦୂର ଷ୍ଟାଡିୟମରେ ଅନୁଷ୍ଠିତ ଜନସମାବେଶରେ ଯୋଗ ଦେବେ। ପରେ ଭବାନୀପାଟଣା ଟାଉନ୍ ହଲ୍‌ରେ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେବେବୋଲି ବିଜେପି ଜିଲ୍ଲା ସଭାପତି ସୂଚନା ଦେଇଥିଲେ। ଏନେଇ ଭବାନୀପାଟଣା ଲାଲବାହାଦୁର ଷ୍ଟାଡିୟମରେ ଏକ ବିରାଟ ମଞ୍ଚ ତିଆରି ହେବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ଭବେନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଆର୍ତ୍ତତ୍ରାଣ ମହାପାତ୍ର, ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ରମେଶ ଚନ୍ଦ୍ର ମାଝୀ, ଜିଲ୍ଲା ଉପସଭାପତି ପ୍ରଶାନ୍ତ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା ସଦର ବ୍ଲକ୍ ଅନ୍ତର୍ଗତ ସର୍ଗିଗୁଡାଠାରେ ଅନୁଷ୍ଠିତ ଗ୍ରାମାଞ୍ଚଳ ଦିବାରାତ୍ରି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଦଶ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ୍‌ରେ ବୋର୍ଡା ଓ ସାଲେଗାଁ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଲେଗାଁ ଚାମ୍ପିୟନ ହୋଇଥିଲା ଓ ବୋର୍ଡା ରନର୍ସଅପ ହୋଇଥିଲା। ସମୁଦାୟ ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିବାବେଳେ ଫାଇନାଲ ମ୍ୟାଚ୍ ଦିନ ଭବାନୀପାଟଣାର ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଟିମ୍‌କୁ ୧୫୦୦୦ ଓ ଟ୍ରଫି ପ୍ରଦାନ କରିଥିବାବେଳେ ରନର୍ସଅପ ଟିମକୁ ନଗଦ ୯୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ମା’ ମାଉଳି ସର୍ଗଗୁଡ଼ାର ଯୁବ ଖେଳାଳି ଓ କ୍ରୀଡ଼ାପ୍ରେମୀ ଏଥିରେ ସହଯୋଗ କରିଥିଲେ।

# ଆକର୍ଷଣ ସାଜିବ ଆମପାଣି ‘ବୁଢ଼ାରଜା’ ମନ୍ଦିର

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଅଞ୍ଚଳବାସୀ



କୋକସରା, (ଭାସ୍କର ନ୍ୟୁଜ୍): ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ପୁରାତନ ମନ୍ଦିର, ମଠ ଆଦିର ଭିତ୍ତିଭୂମି ବିକାଶ ଏବଂ ସେସବୁର ସୌନ୍ଦର୍ଯ୍ୟ କରଣ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣିର ଆରାଧ୍ୟ ଦେବତା ପ୍ରଭୁ ବୁଢ଼ାରଜା ଠାକୁରଙ୍କ ମନ୍ଦିରର ସୌନ୍ଦର୍ଯ୍ୟ କରଣ ଓ ଏହାର ପାରିପାର୍ଶ୍ୱିକ ଅଞ୍ଚଳର ରୂପାନ୍ତରଣ କରିବା ପାଇଁ ମଧ୍ୟ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନ ମିଳିଥିବା ସୂଚନା ମିଳିଛି। ଏନେଇ ରବିବାର ମନ୍ଦିର ପରିସରରେ ବୁଢ଼ାରଜା ସାଂସ୍କୃତିକ ଅନୁଷ୍ଠାନର ସଭାପତି କୁମୁଦ ଚନ୍ଦ୍ର ପୁଝାରୀଙ୍କ ସଭାପତିରେ ଏକ ବୈଠକ ଅନୁଷ୍ଠିତ ହୋଇ ମନ୍ଦିରର ସୌନ୍ଦର୍ଯ୍ୟ କରଣ ପାଇଁ ରାଜ୍ୟ ସରକାର ଆର୍ଥିକ ଅନୁଦାନ ଯୋଗାଇ ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ବୈଠକରେ ମନ୍ଦିରର ଭିତ୍ତିଭୂମି ପ୍ରସ୍ତୁତ ଓ ନିର୍ମାଣ କରିବା ପାଇଁ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବୁଢ଼ାରଜା ମନ୍ଦିର ସମେତ ଆମପାଣି ଗ୍ରାମର ସମସ୍ତ ଦେବଦେବୀଙ୍କ ପୀଠ ଗୁଡ଼ିକର ସ୍ଥାବର ସମ୍ପତ୍ତିର ସୀମା ନିର୍ଦ୍ଧାରଣ ସଂପୃକ୍ତ ଅଧିକାରୀମାନଙ୍କ ଦ୍ୱାରା କରେଇବା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ଏଥି ସହିତ ବୁଢାରଜା ମନ୍ଦିରର ସୌନ୍ଦର୍ଯ୍ୟ କରଣ ପାଇଁ ଜଣେ ଆର୍କିଟେକ୍ (ସ୍ଥାପତି)ଙ୍କ ଆବଶ୍ୟକ ବୋଲି ସମସ୍ତ କର୍ମକର୍ତ୍ତା ମତ ପ୍ରକାଶ କରିଥିଲେ। ଏବଂ ବୁଢାରଜା ମନ୍ଦିରର ଉନ୍ନୟନ କାର୍ଯ୍ୟଗୁଡ଼ିକ ପାଇଁ ଉପରିସ୍ଥ ଅଧିକାରୀମାନଙ୍କ ସହିତ ନିୟମିତ ଭାବରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗାଯୋଗ ରଖିବା ପାଇଁ ପ୍ରସ୍ତାବ ହୋଇଛି। ଏଠାରେ ସୂଚନାଯୋଗ୍ୟ ଯେ’ ଗତ ମାସରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ‘୫-ଟି’ ସଚିବ ଭିକେ ପାଣ୍ଡିଆନ କଳାହାଣ୍ଡି ଗସ୍ତରେ ଆସିଥିଲେ। ଏହି କ୍ରମରେ ଆମପାଣି ବୁଢ଼ରଜା ମନ୍ଦିର ପରିସରରେ ଏକ ବିଶାଳ ସମାବେଶ ହୋଇଥିଲା। ଏଥିରେ ସିଧାସଳଖ ଅଞ୍ଚଳର ସମସ୍ୟା ଉପରେ ଲୋକଙ୍କ ସହିତ ‘୫-ଟି’ ସଚିବ ଆଲୋଚନା କରିଥିଲେ। ଏହି ସମାବେଶରେ ‘୫-ଟି’ ସଚିବ ବୁଢାରଜା ମନ୍ଦିରର ଉନ୍ନତି ଓ ସୌନ୍ଦର୍ଯ୍ୟ କରଣ ପାଇଁ ପ୍ରତିଶ୍ରୁତି ଦେଇ କହିଥିଲେ ବୁଢାରଜା ମନ୍ଦିର ଏମିତି ଚମକିବ ଏ ରାସ୍ତା ଦେଇ ଯାଉଥିବା ଲୋକେ ଥରେ ନିଶ୍ଚିୟ ଅଟକିବେ। ତେବେ ବୁଢାରଜା ମନ୍ଦିରର ସୌନ୍ଦର୍ଯ୍ୟ କରଣ ତଥା ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ଆର୍ଥିକ ଅନୁଦାନ ମିଳିଥିବା ସୂଚନା ପରେ ବୁଢ଼ାରଜା ଠାକୁରଙ୍କ ମନ୍ଦିର ଝଲସି ଉଠିବା ସହିତ ଆକର୍ଷଣ ସାଜିବ ବୋଲି ମତପ୍ରକାଶ ପାଇଛି। ତେଣୁ ରାଜ୍ୟ ସରକାର ଓ ‘୫-ଟି’ ସଚିବଙ୍କୁ ବୁଢ଼ାରଜା ସାଂସ୍କୃତିକ ଅନୁଷ୍ଠାନର ସଭାପତି କୁମୁଦ ପୁଝାରୀ ସମେତ ସମ୍ପାଦକ ନକୁଲ ବାଣୁଆ, କୋଷାଧ୍ୟକ୍ଷ ଜିତେନ୍ଦ୍ର ପଣ୍ଡା, ସହ ସମ୍ପାଦକ ସନ୍ତୋଷ ମାଝୀ, ଟିକିଚନ୍ଦ୍ର ଧଙ୍ଗଡାମାଝୀ, ବିଘ୍ନେଶ୍ୱର ନାଏକ, ନିତ୍ୟାନନ୍ଦ ମାଝୀ, କେଶବ ବେଣୁପାଣି, ରୁତୁରାଜ ମାଝୀ, ତ୍ରିନାଥ ପ୍ରସନ୍ନ ରାୟ, ମହେଶ୍ୱର ପୁଝାରୀ ସମେତ ଅଞ୍ଚଳବାସୀ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

## କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ସିନିଅର୍ ଫେଲୋସିପ୍ ସତ୍ୟ ନାରାୟଣ ଓ ଧ୍ୟାନାନନ୍ଦ ମନୋନୀତ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ସିନିଅର ଫେଲୋସିପ୍ ପାଇବା ନିମନ୍ତେ କଳାହାଣ୍ଡି ଜିଲ୍ଲାର ଦୁଇଜଣ ସଂସ୍କୃତି ଗବେଷକ ସତ୍ୟ ନାରାୟଣ ମହାପାତ୍ର ଘୁମୁରା ଗୀତର ସାହିତ୍ୟିକ ସୌନ୍ଦର୍ଯ୍ୟବୋଧ ଉପରେ ଗବେଷଣା ନିମନ୍ତେ ଓ ଧ୍ୟାନାନନ୍ଦ ପଣ୍ଡା ଲୋକବାଦ୍ୟ ଉପରେ ଗବେଷଣା ନିମନ୍ତେ ମନୋନୀତ ହୋଇଛନ୍ତି। ଦୁଇ ବର୍ଷ ଧରି ଏହି ଗବେଷକ ଦ୍ୱୟ ନିଜନିଜ ବିଷୟ ଉପରେ ଗବେଷଣା କରି ସନ୍ଦର୍ଭ ଉପସ୍ଥାପନ କରିବେ। ଏହି ଗବେଷଣା ନିମନ୍ତେ କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଉଭୟ ଗବେଷକଙ୍କୁ ମାସିକ ୨୦ ହଜାର ଟଙ୍କା ଲେଖାଏଁ ସହଯୋଗ ରାଶି ଯୋଗାଇଦେବେ। ଏଠାରେ ସୂଚନାଯୋଗ୍ୟ ଯେ, ଶ୍ରୀ ମହାପାତ୍ର ଜଣେ ଘୁମୁରା ଗୀତିକାର ଓ ଗୁରୁ ତଥା କଳାହାଣ୍ଡି ଲୋକ ସଂସ୍କୃତି ଗବେଷକ। ସେ ଜିଲ୍ଲା ସଂସ୍କୃତି ପରିଷଦ ସଦସ୍ୟ ସହିତ ବର୍ତ୍ତମାନ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଛନ୍ତି। ଅନୁରୂପ ଭାବେ ଶ୍ରୀ ପଣ୍ଡା ଜଣେ ଲୋକବାଦ୍ୟ ଗୁରୁ, ଓସ୍ତାଦ ବିସ୍ମିଲ୍ଲା ଖାଁ ପୁରସ୍କାର ବିଜେତା। ସେ ପ୍ରତିଭା ଅନୁଷ୍ଠାନର ମଧ୍ୟ ଅଧ୍ୟକ୍ଷ ଅଟନ୍ତି। ଦେଶ ବିଦେଶରେ ଲୋକନୃତ୍ୟ ପରିବେଷଣ କରି ସୁନାମ ଅର୍ଜନ କରିଛନ୍ତି। କଳାହାଣ୍ଡି ଜିଲ୍ଲାର ଏହି ଦୁଇ ବିଶିଷ୍ଟ ସଂସ୍କୃତି ଗବେଷକ ସିନିଅର ଫେଲୋସିପ ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ଉଭୟଙ୍କୁ କଳାହାଣ୍ଡି ଜିଲ୍ଲାର ବହୁ କଳାକାର ଓ ସଂସ୍କୃତି ପ୍ରେମୀ ଅଭିନନ୍ଦନ ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି ଅଭ୍ୟାସ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଟେବୁଲ୍ ଟପ୍ ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି ଅଭ୍ୟାସ ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ସୁବ୍ରତ କୁମାର ନାୟକ ଏବଂ ତନ୍ମୟ ଦରୱାନ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାରେ ଯଦି ବାତ୍ୟା ପ୍ରଭାବରେ ବନ୍ୟା କିମ୍ବା ଅତ୍ୟଧିକ ବର୍ଷା ହୁଏ, ତେବେ ତାହାର ସଠିକ୍ ମୁକାବିଲା କିପରି କରାଯାଇପାରିବ ସେ ବିଷୟକୁ ନେଇ କୃତ୍ରିମ ଦୃଶ୍ୟପଟ ସହ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଭୂମିକା କିପରି ସଠିକ୍ ରୂପେ ପରିପାଳନ ହୋଇପାରିବ, ତାହାର ଅଭ୍ୟାସ କରାଗଲା। ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ବିପର୍ଯ୍ୟୟ ସମୟ ଓ ବିପର୍ଯ୍ୟୟ ପରବର୍ତ୍ତୀ କାଳରେ ସଂପୃକ୍ତ ଅଧିକାରୀଙ୍କ ଦାୟିତ୍ୱ ଓ ତ୍ୱରିତ ପଦକ୍ଷେପ ଉପରେ ଆଲୋଚନା କରାଗଲା। ବିପର୍ଯ୍ୟୟ ସମୟରେ ଯେମିତି ଲୋକଙ୍କୁ ସୁରକ୍ଷିତ ଉଦ୍ଧାର, ଆଶ୍ରୟସ୍ଥଳୀରେ ରହିବା ବ୍ୟବସ୍ଥା, ଯୋଗାଯୋଗ ବ୍ୟବସ୍ଥା, ଖାଦ୍ୟ, ପାନୀୟ, ଶିଶୁ ଖାଦ୍ୟ, ଔଷଧ, ଆଲୋକର ବ୍ୟବସ୍ଥା, ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ, ମହିଳା, ଶିଶୁ, ଭିନ୍ନକ୍ଷମ ଓ ବୃଦ୍ଧଙ୍କ ପାଇଁ ଉଚିତ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ କ୍ଷୟକ୍ଷତି ଆକଳନ ସହ ଲୋକଙ୍କୁ ସହାୟତା ରାଶି ପ୍ରଦାନ, ସର୍ବସାଧାରଣ ସମ୍ପତ୍ତିର ପୁନଃନିର୍ମାଣ, ସରକାରଙ୍କୁ ରିପୋର୍ଟ ପ୍ରଦାନ ଉପରେ ଗୁରୁତ୍ୱ ଦିଆଗଲା। ଏହି ଟେବୁଲ୍ ଟପ୍ ଅଭ୍ୟାସରେ ଜିଲ୍ଲା ବିପର୍ଯ୍ୟୟ ପରାମର୍ଶ ଦାତା ପ୍ରଦୋଷ ରଞ୍ଜନ ଜେନା, ରାଜ୍ୟ ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି ନିରୀକ୍ଷକ ଡ. ରାଜେଶ କୁମାର ଠାକୁର ଉପସ୍ଥିତ ରହି କାର୍ଯ୍ୟକ୍ରମରେ ବିଶେଷ ପରାମର୍ଶ ଦେଇଥିଲେ। ଜିଲ୍ଲା ଜରୁରୀ ଅଧିକାରୀ ପ୍ରମୋଦ କୁମାର ଖୀଲୋ ଧନ୍ୟବାଦ୍ ଦେଇଥିଲେ।

## ରାଶିଫଳ

ବୁଧବାର, ୨୧ ଜୁନ୍ ୨୦୨୩



**ମେଷ:** ଆଜି ଆପଣଙ୍କୁ କୌଣସି ପ୍ରକାରେ ସମ୍ମାନିତ କରାଯିବାର ସମ୍ଭାବନା ଅଛି। ଆଜି ପତ୍ନୀଙ୍କ ପକ୍ଷରୁ ଉତ୍ତମ ସହଯୋଗ ପ୍ରାପ୍ତ ହୋଇପାରେ। ରାତ୍ରି ସମୟ ଆମୋଦ-ପ୍ରମୋଦରେ ବିତିବ। ଆଜି ଆପଣ ସାଂସାରିକ ବିଷୟକୁ ଏକପାଖରେ ରଖିକରି ଆଧ୍ୟାତ୍ମିକତା ଆଡ଼କୁ ଧ୍ୟାନ ରହିବ। ଅଚାନକ ଧନ ଲାଭ ହେବ। ନୂଆ କାର୍ଯ୍ୟ ଆରମ୍ଭ କରନ୍ତୁ।



**ବୃଷ:** ଆଜିର ଦିନ ଆପଣ ବ୍ୟସ୍ତ ରହିବେ। ଅଧିକ ଦୌଡ଼ଦୌଡ଼ି କରିବାରେ ସାବଧାନ ରୁହନ୍ତୁ। ରହିଯାଇଥିବା କାର୍ଯ୍ୟଗୁଡ଼ିକ ପୂରଣ ହେବ। କୌଣସି କାମରେ ଅର୍ଥ ବିନିଯୋଗ କରିବାକୁ ପଡ଼ିଲେ ହୃଦୟ ଖୋଲିକରି ଆଗକୁ ଚାଲନ୍ତୁ ଭରପୂର ଲାଭ ମିଳିବ। ଗୃହସ୍ଥ ଜୀବନରେ ସୁଖ-ଶାନ୍ତି ଅନୁଭବ କରିବେ। ସ୍ୱାସ୍ଥ୍ୟ ଭଲ ରହିବ। ଧନ ଲାଭ ହେବ।



**ମିଥୁନ:** ଆଜି ଆପଣ ଅଯଥା ଖର୍ଚ୍ଚରୁ ବଞ୍ଚନ୍ତୁ। ସାମାଜିକ କ୍ରିୟା କଳାପରେ ବ୍ୟବଧାନ ଆସିପାରେ। କିଛି ଅକସ୍ମାତ୍ ଲାଭ ହେବାରୁ ଆପଣଙ୍କ ଧର୍ମ, ଆଧ୍ୟାତ୍ମ ପ୍ରତି ରୁଚି ସୁଦୃଢ଼ ହେବ। ସନ୍ତାନମାନଙ୍କ ପକ୍ଷରୁ ହର୍ଷବର୍ଦ୍ଧକ ସମାଚାର ମିଳିବ। ଆଜି ଆପଣଙ୍କ ଅଧୂରା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ।



**କର୍କଟ:** ଭାଗ୍ୟ ଦୃଷ୍ଟିରୁ ଆଜିର ଦିନ ଉତ୍ତମ ରହିବ। ଆପଣଙ୍କ ପରିଶ୍ରମର ଫଳ ଭଲ ମିଳିବ। ଆପଣ ନିଜର ମାନମର୍ଯ୍ୟାଦା ଏବଂ ଆମୋଦ ପ୍ରମୋଦ ପାଇଁ ଧନ ଖର୍ଚ୍ଚ କରିବେ। ଯେଉଁଥିରେ ଆପଣଙ୍କ ପାଖରେ ଥିବା ଶତ୍ରୁର ବ୍ୟଥା ବଢ଼ାଇବ। ଦିନର ଆରମ୍ଭ ଚିନ୍ତା ଏବଂ ଉଦ୍‌ବେଗର ସହିତ ହେବ। ସ୍ୱାସ୍ଥ୍ୟରେ ଅଭିଯୋଗ ମଧ୍ୟ ରହିବ। ନୂଆ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦିନ ଭଲ।



**ସିଂହ:** ଆଜିର ଦିନରେ ମିଶ୍ରିତ ଫଳ ମିଳିବ। ଶ୍ୱଶୁରଘର ପକ୍ଷରୁ ଆଜି ଅସନ୍ତୋଷର ସଂକେତ ମିଳିବ। ମଧୁର ବାଣୀର ପ୍ରୟୋଗ କରନ୍ତୁ ଅନ୍ୟଥା ସମ୍ବନ୍ଧ ଖରାପ ହୋଇପାରେ। ଯଦି ନେତ୍ର ସମ୍ବନ୍ଧିତ କୌଣସି କଷ୍ଟ ଅଛି ତେବେ ସେଥିରେ ସୁଧାର ହେବା ନିଶ୍ଚିତ ଅଟେ। ନକାରାତ୍ମକ ବିଚାର ହତାଶା ସୃଷ୍ଟି କରିପାରେ। ଶାରୀରିକ ଏବଂ ମାନସିକ ଅସୁସ୍ଥତା ଅନୁଭବ କରିବେ।



**କନ୍ୟା:** ଆଜି ଆପଣଙ୍କମଧ୍ୟରେ ନିର୍ଭୀକତାର ଭାବ ରହିବ ତଥା ସାହସ ପୂର୍ବକ ନିଜର କଠିନ କାର୍ଯ୍ୟ ଗୁଡ଼ିକ ସମ୍ପନ୍ନ କରିବାରେ ସକ୍ଷମ ରହିବେ। ଆପଣଙ୍କୁ ନିଜର ମାତା-ପିତାଙ୍କର ସୁଖ ସହଯୋଗ ଯଥେଷ୍ଟ ରୂପରେ ପ୍ରାପ୍ତ ହେବ। ବ୍ୟର୍ଥ ବ୍ୟୟର ଯୋଗ ମଧ୍ୟ ଅଛି। ବ୍ୟାପାରରେ ଧନ ଲାଭ ହେବ। କାର୍ଯ୍ୟରେ ସଫଳତା ମିଳିବ। ସାର୍ବଜନିକ ମାନ-ସମ୍ମାନ ପ୍ରାପ୍ତି ହେବ।



**ତୁଳା:** ଆଜିର ଦିନ ଆପଣଙ୍କପାଇଁ ଶୁଭ ଫଳଦାୟୀ। ଆପଣ ଅନ୍ୟମାନଙ୍କର ହୃଦୟଭରି ସେବା ମଧ୍ୟ କରିବେ। ଆଜି ନୂଆ କାର୍ଯ୍ୟଗୁଡ଼ିକ ଯଦି କରିବାକୁ ପଡ଼େ ତେବେ ଶୁଭ ରହିବ। ଆପଣ ଜିଦ୍ଦୀ ବ୍ୟବହାର ଛାଡ଼ିକରି ସମାଧାନ ପୂର୍ଣ୍ଣ ବ୍ୟବହାର ଆଜି ଆପଣାଇବାକୁ ହେବ। ସ୍ୱାସ୍ଥ୍ୟର ବିଶେଷ ଧ୍ୟାନ ରଖିବେ।



**ବିଛା:** ଆଜି ଆପଣଙ୍କ ମନ ଅଶାନ୍ତ ଏବଂ ଚିନ୍ତିତ ରହିବ। ଯଦି କୌଣସି ବାଦ ବିବାଦ ଲମ୍ବିତ ଅଛି ତେବେ ସେଥିରେ ସଫଳତା ମିଳିବାର ସଂପୂର୍ଣ୍ଣ ସମ୍ଭାବନା ଅଛି। ତନ-ମନରେ ଖୁସି ଏବଂ ପ୍ରଫୁଲ୍ଲିତ ରହିବେ। ପରିଜନମାନଙ୍କ ଏବଂ ମିତ୍ରମାନଙ୍କ ସହିତ ଉତ୍ତମ ଭୋଜନ ଯାତ୍ରା କିମ୍ବା ସାକ୍ଷାତର ଅବସର ଆସିବ। ଜୀବନସାଥୀଙ୍କ ସହିତ ଆତ୍ମୀୟତାର ଅବସର ଆସିବ। ଆର୍ଥିକ ଲାଭ ହେବ ଏବଂ ଆନନ୍ଦଦାୟକ ସମାଚାର ପ୍ରାପ୍ତ ହେବ। ତଥା କାର୍ଯ୍ୟରେ ସଫଳତା ଏବଂ ଯଶ ପ୍ରାପ୍ତି ହେବ।



**ଧନୁ:** ଆଜି ଆପଣଙ୍କ ବିଦ୍ୟା, ବୁଦ୍ଧି, ଜ୍ଞାନର ବୃଦ୍ଧି ହେବ। ଭାଗ୍ୟର ମଧ୍ୟ ଆପଣଙ୍କୁ ସମ୍ପୂର୍ଣ୍ଣ ସହଯୋଗ ମିଳିବ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ସନ୍ଧ୍ୟା କାଳରୁ ନେଇକରି ରାତ୍ରି ପର୍ଯ୍ୟନ୍ତ ପେଟର ଯନ୍ତ୍ରଣା ହେବାର ସମ୍ଭାବନା ଅଛି। ସାବଧାନ ରୁହନ୍ତୁ ତଥା ଖାଇବା ପିଇବା ଉପରେ ନିୟନ୍ତ୍ରଣ ରଖନ୍ତୁ। ପାରିବାରିକ ସଦସ୍ୟମାନଙ୍କ କାରଣରୁ ମନ ଦୁଃଖୀ ହେବ। ମାନସିକ ରୂପରେ ଆପଣ ଅସୁସ୍ଥ ରହିପାରନ୍ତି। କ୍ରୋଧ ଉପରେ ଅଂକୁଶ ରଖିବାକୁ ପଡ଼ିବ। ଦୁର୍ଘଟଣା ପ୍ରତି ସଜାଗ ରୁହନ୍ତୁ।



**ମକର:** ଆଜି ଆପଣଙ୍କୁ ମୂଲ୍ୟଯୁକ୍ତ ବସ୍ତୁ ପ୍ରାପ୍ତି ଯୋଗ ରହିବ। ବ୍ୟବସାୟରେ ମନ ଲାଗିବ ଏବଂ ସ୍ଥଗିତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। କୌଣସି ନୂଆ କାର୍ଯ୍ୟରେ ଅର୍ଥ ବିନିଯୋଗ କରିବାକୁ ପଡ଼ିଲେ ଅବଶ୍ୟ କରନ୍ତୁ, ଭବିଷ୍ୟତରେ ଲାଭ ହେବ। ସାମାଜିକ କ୍ଷେତ୍ରରେ ଚାକିରି ଏବଂ ଅନ୍ୟ କ୍ଷେତ୍ରରେ ଲାଭଦାୟକ ରହିବ। ବୈବାହିକ ସମସ୍ୟା ଦୂର ହେବ।



**କୁମ୍ଭ:** ଆଜିର ଦିନ ବୁଦ୍ଧି ବିବେକରେ ନୂଆ-ନୂଆ ଖୋଜ କରିବାରେ କଟିବ। ଆପଣ ସୀମିତ ଏବଂ ଆବଶ୍ୟକତାନୁସାରେ ହିଁ ବ୍ୟୟ କରନ୍ତୁ। ସାଂସାରିକ ସୁଖ ଭୋଗ, ଚାକରମାନଙ୍କର ସୁଖ ସମ୍ପୂର୍ଣ୍ଣ ରୂପରେ ମିଳିବ। ଆଜି ଆପଣଙ୍କ ପାଖରେ ପ୍ରତ୍ୟେକ କାର୍ଯ୍ୟ ନିର୍ବିଘ୍ନରେ ସମ୍ପୂର୍ଣ୍ଣ ହେବ। ଗୃହସ୍ଥ ଜୀବନରେ ଆନନ୍ଦ ରହିବ। ଧନ ପ୍ରାପ୍ତି ଏବଂ ପ୍ରମୋଶନର ଯୋଗ ଅଛି।



**ମୀନ:** ଆଜି ଶୁଭଗ୍ରହ ସ୍ଥିତି କାରଣରୁ ବହୁତ ସମୟରେ ଲଟକି ରହିଥିବା ବିବାଦର ସମାଧାନ ହେବ। ଖୁସିମିଜାଜ ବ୍ୟକ୍ତିତ୍ୱ ହେବାର କାରଣରୁ ଅନ୍ୟ ବ୍ୟକ୍ତି ଆପଣଙ୍କ ସହିତ ସମ୍ବନ୍ଧ ବନାଇବା ପାଇଁ ଚେଷ୍ଟା କରିବେ। ମାନସିକ ଅସୁସ୍ଥତା ଆପଣଙ୍କୁ ଅସୁବିଧାରେ ପକାଇପାରେ। ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅଭିଯୋଗ ରହିବ। ଚାକିରିରେ ଉଚ୍ଚ ଅଧିକାରୀମାନଙ୍କ ସହିତ ସାବଧାନୀପୂର୍ବକ କାର୍ଯ୍ୟ କରିବେ।



ଜ୍ୟୋତିର୍ବିଦ୍

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

# ରାଜ୍ୟ ଖବର



ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅନ୍ତର୍ଗତ କୟଳପଡ଼ା ପଂଚାୟତରେ ଅବସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ବ୍ଲକ୍‌ସ୍ତରୀୟ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଓସଡ଼ମା ତରଫରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ କଟକ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶରେ ବ୍ଲକ୍ ବିଡ଼ିଓ ଆଶୁତୋଷ ମିଶ୍ର ଓ ଅତିରିକ୍ତ ବିଡ଼ିଓ ଶାଶ୍ୱତ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଥିବା ଜଣାପଡ଼ିଛି । ଏହି କାର୍ଯ୍ୟକ୍ରମରେ ସରପଂଚ ଶୈଳବାଳା ନାୟକ, ଆଶ୍ରୟସ୍ଥଳୀ ସଂପାଦକ ନିରଞ୍ଜନ ପଣ୍ଡା, ଅତିରିକ୍ତ ତହସିଲଦାର, ବ୍ଲକ୍‌ର ହେଡ଼କ୍ଲର୍କ, ବ୍ଲକ୍ ନୋଡ଼ାଲ ଏନ୍‌ଜିଓ ଉଦ୍ଧାର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ନରୋତ୍ତମ ଦାସ, ସହସଂପାଦକ ସରୋଜ କୁମାର ସାହୁ, ସଦସ୍ୟା ପ୍ରଶଂସିକା ସ୍ୱାଇଁ, ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ଜେନା, ବିଶ୍ୱଜିତ୍ ଜେନା, ବଳରାମ ମଳିକ, ଶାଶ୍ୱତ ପାତ୍ର, ମହେତଶ ବେଉରା, ରାହୁଲ ରାଓ, ଓମ୍ ପ୍ରକାଶ ନାୟକ, ଗୁରୁଦତ୍ତ ଆଦିତ୍ୟ ପ୍ରସାଦଙ୍କ ସହ ପଂଚାୟତର ଅଙ୍ଗନୱାଡ଼ି କର୍ମୀ, ସହାୟିକା, ଆଶାକର୍ମୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହାସହ ଆପତ ମିତ୍ର, ବିନୋଦ କୁମାର ପ୍ରଧାନ, ଅଭିଜିତ ପରିଡ଼ା ଓ ଟାଙ୍ଗୀ ବ୍ଲକ୍ ମାଷ୍ଟର ଟ୍ରେନର କାହ୍ନୁଚରଣ ସେଠୀ ମିଳିତ ଭାବେ ବାତ୍ୟା ଓ ବନ୍ୟା ପୂର୍ବରୁ କିପରି ପୂର୍ବ ପ୍ରସ୍ତୁତି କରିପାରିବେ ସେ ନେଇ ବିଭିନ୍ନ କୌଶଳ ଦେଖାଇଥିଲେ ।



### ମନରେଗା ଯୋଜନାରେ ଦୁର୍ନୀତିର ଗନ୍ଧ

# କାର୍ଯ୍ୟ ନକରି ସରକାରୀ ରାଜକୋଷରୁ ଉଠାଇନେଲେ ଲକ୍ଷାଧିକ ଟଙ୍କା



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ଲୋକପ୍ରିୟ ମନରେଗା ଯୋଜନା ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଦିଗହରା ହୋଇପଡିଛି । ଠିକାଦାର-ଯନ୍ତ୍ରୀ,ପଂଚାୟତ ସ୍ତରୀୟ ନିର୍ବାଚିତ ଲୋକ ପ୍ରତିନିଧି ମାନଙ୍କ ନିମନ୍ତେ ଏହି ଯୋଜନା ଦୁଧିଆଳି ଗାଈ ସଦୃଶ ହୋଇଛି । କାର୍ଯ୍ୟ ନକରି କେତେକ ଦୁର୍ନୀତିଖୋର ସରକାରୀ କର୍ମଚାରୀ ଓ ନିର୍ବାଚିତ ଲୋକପ୍ରତିନିଧି ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଉଠାଇନେବା ଘଟଣାଟି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହାର ଭିଜିଲାନ୍ସ ତଦନ୍ତ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଫଳରେ ସରକାରଙ୍କ ଏହି ଯୋଜନା ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ସଫଳ ରୂପାୟନ ହୋଇପାରିନଥିବାର ସାଧାରଣରେ ଅଭିଯୋଗ ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ ଜମରା ଗ୍ରାମପଂଚାୟତରେ ମନରେଗା ଯୋଜନାରେ ଦୁର୍ନୀତିର ଗନ୍ଧ ପଦାରେ ପଡିଛି । ଏହି ପଂଚାୟତରେ ଲଗାମଛଡା ଭାବେ ଦୁର୍ନୀତି କରାଯାଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହି ପଂଚାୟତର ବିଷମପଡା ଗ୍ରାମର ବଂଶୀଧର ସେଠୀଙ୍କର ଓ ଆଜ୍ଞାପୁର ଗ୍ରାମର ହରେକୃଷ୍ଣ ମଲ୍ଲିକଙ୍କର ଗୋଟିଏ ଲେଖାଏଁ ପୋଖରୀ ବହୁ ଦିନ ତଳେ ତାଙ୍କ ବ୍ୟକ୍ତିଗତ ଅର୍ଥରେ ଖନନ କରାଯାଇଥିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ତେବେ ଏହି ପୁରୁଣା ପୋଖରୀ ଦୁଇଟିକୁ ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ମନରେଗା ଯୋଜନାରେ ଗତ ୨୦୨୩-୨୪ ଆର୍ଥୀକ ବର୍ଷରେ ସାମିଲ କରାଯାଇଥିଲା । ଏହି ପୋଖରୀ ଦୁଇଟିକୁ ମୋ ପୋଖରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏଥିନିମନ୍ତେ ବଂଶୀଧର ସେଠୀଙ୍କ ମୋ ପୋଖରୀ ନିମନ୍ତେ ମଷ୍ଟରରୋଲ ନମ୍ବର ୨୬୯୨ ଓ ହରେକୃଷ୍ଣ ମଲ୍ଲିଙ୍କ ମୋ ପୋଖରୀ ନିମନ୍ତେ ମଷ୍ଟରରୋଲ ନମ୍ବର ୨୫୯୭ ଖୋଲାଯାଇଥିଲା । ତେବେ ବଂଶୀଧର ସେଠୀଙ୍କ ପୋଖରୀ ଖନନ କାର୍ଯ୍ୟ ଗତ ତା ୬/୬/୨୦୨୩ରୁ ଆରମ୍ଭ ହୋଇ ତା ୧୩/୬/୨୦୨୩ରିଖରେ ଶେଷ ହୋଇଥିଲା । ସେହିପରି ଭାବେ ହରେକୃଷ୍ଣ ମଲ୍ଲିଙ୍କ ମୋ ପୋଖରୀ କାର୍ଯ୍ୟ ତା ୫/୬/୨୦୨୩ରିଖରୁ ଆରମ୍ଭ ହୋଇ ତା ୧୩/୬/୨୦୨୩ରିଖରେ ଶେଷ ହୋଇଥିଲା ବୋଲି ସରକାରୀ କାଗଜପତ୍ରରୁ ଜଣାଯାଇଛି । ଯାହାକି ବାସ୍ତବ ପକ୍ଷେ କରାଯାଇ ନଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏପରିକି ଏହି ମୋ ପୋଖରୀ କାର୍ଯ୍ୟାଦେଶ ସମ୍ପର୍କରେ ସ୍ଥାନୀୟ ଗ୍ରାମରୋଜଗାର ସେବକ ଓ ଗାଁ ସାଥିମାନଙ୍କୁ ଅନ୍ଧକାରରେ ରଖାଯାଇଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ଏହି ମୋ ପୋଖରୀ କାର୍ଯ୍ୟ ସ୍ଥଳରେ ପ୍ରଶାସନ ତରଫରୁ କୌଣସି ସୂଚନା ଫଳକ ରହସ୍ୟ ଜନକ ଭାବେ ଦିଆନଯାଇ ଲୋକଙ୍କୁ ଅନ୍ଧାର ଘେରରେ ରଖାଯାଇଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେହିପରି ଭାବେ ସ୍ଥାନୀୟ ଅଂଚଳର ମନରେଗା ଯୋଜନାର ହିତାଧିକାରୀ ମାନଙ୍କ ଠାରୁ ସେମାନଙ୍କ ଜବକାର୍ଡ ଚତୁରତାର ସହ ସଂଗ୍ରହ କରି ନିଆଯାଇଥିଲା । କାର୍ଯ୍ୟ ହୋଇଥିବା ସମ୍ପର୍କରେ ସମ୍ପୃକ୍ତ ଜବକାର୍ଡଧାରୀମାନେ କୌଣସି ସୁରାକ୍ ପାଇପାରିନଥିଲେ । ମାତ୍ର ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ଜାତୀୟ କରଣ ବ୍ୟାଙ୍କରେ ସମ୍ପୃକ୍ତ ଜବକାର୍ଡଧାରୀ ମାନଙ୍କ ନାମରେ ରହିଥିବା ଜମା ଖାତାକୁ ଆଶ୍ଚର୍ଯ୍ୟ ଜନକ ଭାବେ ଅର୍ଥ ଆସିଥିବାର ଜଣାଯାଇଛି । ତେବେ ସ୍ଥାନୀୟ ଜଣେ ବହୁ ଚର୍ଚ୍ଚିତ ପଂଚାୟତ ସ୍ତରୀୟ ଲୋକପ୍ରତିନିଧି ସମ୍ପୃକ୍ତ ଜବକାର୍ଡଧାରୀଙ୍କ ଘରକୁ ଯାଇ ତାଙ୍କ ଜମା ଖାତାକୁ ଯାଇଥିବା ଅର୍ଥ ଉଠାଇ ତାଙ୍କୁ ଫେରସ୍ତ କରିବା ନିମନ୍ତେ କହୁଥିବାର ଲୋକେ ଅଭିଯୋଗ କରିଛନ୍ତି । ତେବେ ମୋ ପୋଖରୀ କାର୍ଯ୍ୟ କରାନଯାଇ ସରକାରୀ ରାଜକୋଷରୁ ପ୍ରାୟ ପାଖାପାଖି ୨ ଲକ୍ଷ ଟଙ୍କା ଉଠାଇ ନିଆଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି । ଏସମ୍ପର୍କରେ ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ , କଟକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଓ ଅମ୍ବୁଡସମ୍ୟାନଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି । ଏସମ୍ପର୍କରେ ମତାମତ ନେବା ନିମନ୍ତେ ଆମ ପ୍ରତିନିଧି ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କୁ ପଚାରିବାରୁ ସେ କୁହନ୍ତି ଏସମ୍ପର୍କରେ ତାଙ୍କ ନିକଟରେ ଏପର୍ଯ୍ୟନ୍ତ କୌଣସି ଅଭିଯୋଗ କରାଯାଇ ନାହିଁ । ଅଭିଯୋଗ ଆସିଲେ ସେ ତଦନ୍ତ କରି ସତ୍ୟତା ଥିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଥିଲେ ।

## ମହାପ୍ରଭୁଙ୍କ ଘୋଷଯାତ୍ରା

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବିଭିନ୍ନ ଗ୍ରାମରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା ମହା ସମାରୋହରେ ପାଳନ ହୋଇଛି । ନଗର ପଂଚାୟତ ପଶ୍ଚିମେଶ୍ୱର ମନ୍ଦିର ରେ ପ୍ରଭୁ ଜଗନ୍ନାଥଙ୍କ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇଥିବା ବେଳେ ମହାପ୍ରଭୁ ଙ୍କୁ ରଥକୁ ନିଆଯାଇଥିଲା ନୀତି ନିର୍ଘଣ୍ଟ ସମୟରେ ରାଜା ଛେରା ପହଁରା କରିବା ପରେ ରଥ ଟଣା ହୋଇ ମାଉସୀ ମା ଘରକୁ ଯାଇଥିଲା । ଓଳିହାଁସ୍ଥିତ ଐଶାନ୍ୟେଶ୍ୱର ମନ୍ଦିର ପ୍ରାଙ୍ଗଣ ମଧ୍ୟରେ ପୂଜା ପାଉଥିବା ଶ୍ରୀଜଗନ୍ନାଥଙ୍କୁ ନିତିକାନ୍ତୀ ମଧ୍ୟରେ ମହାସମାରୋହରେ ରଥାରୂଢ଼ କରାଯାଇ ଶତାଧିକ ଭକ୍ତଙ୍କ ଗହଣରେ ଗାଁ ପରିକ୍ରମା କରାଯାଇ ମାଉସୀ ମା ’ ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା । ସେହିପରି ସୁନ୍ଦର,ବରଡି, ମାଣ୍ଡୁକି , ସିଦ୍ଧିପୁର ସହ ବିଭିନ୍ନ ଗ୍ରାମର କୁନି ପିଲାଙ୍କ ଦ୍ୱାରା ରଥ କରାଯାଇ ପ୍ରଭୃତି ଗ୍ରାମରେ ଏକ ଆଧାତ୍ମିକ ପରିବେଶ ମଧ୍ୟରେ ଗ୍ରାମବାସୀଙ୍କ ସହଯୋଗରେ ବିଶ୍ୱ ନୀୟନ୍ତାଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଛି ।

**ନିଶ୍ଚିନ୍ତକୋଇଲି:** ଆଜି ପବିତ୍ର ଶ୍ରୀଗୁଣ୍ଡିଚା ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଶାନ୍ତି ଶୃଙ୍ଖଳା ଓ ଆନନ୍ଦ ଉଲ୍ଲାସର ସହ ରଥଟଣା ହୋଇଛି । ଏହି ଅବସରରେ ସ୍ଥାନୀୟ ଅସୁରେଶ୍ୱର କୋଇଲୋସ୍ଥିତ ପ୍ରସିଦ୍ଧ ଦଧିବାମନ ଜୀୟୁ ଓ ଜିଗ୍ନିପୁର ବ୍ରହ୍ମକ୍ଷେତ୍ର ସ୍ଥିତ ଶ୍ରୀ ଶ୍ରୀ ବଳଦେବଜୀୟୁଙ୍କ ରଥଟଣା କାର୍ଯ୍ୟ ସମାପନ ହୋଇଛି । ଏହି ରଥଟଣା କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିଲାବେଳେ ସ୍ଥାନୀୟ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣକରାଯାଇଥିଲା । ଫଳରେ କୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା । ଏହି ରଥଯାତ୍ରାକୁ ଦେଖିବା ନିମନ୍ତେ ଗ୍ରାମାଂଚଳର ହଜାର ହଜାର ଆବାଳ ବୃଦ୍ଧ ବନିତାଙ୍କର ଭିଡ ଦେଖିବାକୁ ମିଳିଥିଲା ।

**ରଘୁନାଥପୁର:** ରଘୁନାଥପୁର ବ୍ଲକ ଅଞ୍ଚଳର ପୁରପଲ୍ଲୀରେ ଘୋଷଯାତ୍ରା ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି ।ଭକ୍ତିୟ ଭାବନାରେ ସବୁଠି ଗଡ଼ିଛି କାଳିଆ ରଥ ।ଦୁଇଶହ ବର୍ଷର ପ୍ରାଚୀନ ରଘୁନାଥପୁର ପଞ୍ଚାୟତ ବଡଦାଣ୍ଡ ସ୍ଥିତ ଘୋଷଯାତ୍ରା ଆଧାତ୍ମିକ ଭାବାବେଗରେ ସମ୍ପର୍ଣ୍ଣ ହୋଇଛି ।ମହାପ୍ରଭୁଙ୍କୁ ପହଣ୍ଡିରେ ଆଣି ରଥାରୂଢ ହେବାପରେ ସେବାକାରୀ ଭାବେ ଶିବେନ ମିତ୍ର ଛେରାପହଁରା କରିଥିଲେ ।ସୁମୁତ୍ରୀ ମିତ୍ର,ଶ୍ରୀଦେବ ସରକାର, ଚନ୍ଦନ ମିତ୍ର,ପୁର୍ନଘୋଷ ମିତ୍ର, ଓଁଦେବ ସରକାର, ପ୍ରଭାସ ରାୟ ଓ ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ପଣ୍ଡାଙ୍କ, ହେମନ୍ତ ସାହୁ, ପରିଚାଳନାରେ କାଳିଆ ରଥ



ମାଉସୀମା ଘର ଅଭିମୁଖେ ଯାତ୍ରା କରିଥିଲା ।ସେହିପରି ସିରଲୋ ଗୋମତି ଆଶ୍ରମ, ଜଗନାଥପୁର ମଦନମୋହନ ମଠ,ବସନ୍ତା, କୋଟକଣା, ସାନପାଟଣା, ବଡ଼ପାଟଣା ପୂରଣଓଡ଼ପଡା, ଗୋକୁଳପୁର, ଖଣ୍ଡତରି, ଜଇପୁର ଆଦି ଅନେକ ଗ୍ରାମରେ କାଳିଆର ଘୋଷଯାତ୍ରା ଅନୁଷ୍ଠିତ ହୋଇଯାଇଛି ।ରଥ ଦଉଡି ହାତରେ ଧରି ଭକ୍ତମାନେ ପରମତୃପ୍ତି ଲାଭ କରିଥିଲେ ।ରଥ ମାଉସୀମା ଘରେ ପହଁଚିବା ପରେ ସନ୍ଧ୍ୟାରେ ବିଭିନ୍ନ ସ୍ଥାନରେ ଭଜନକୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

**ଭଣ୍ଡାରିପୋଖରୀ:** ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଭଣ୍ଡାରିପୋଖରୀ ବ୍ଲକର ପୁରପଲ୍ଲୀରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ମଞ୍ଜୁରୀ ବଳଦେବଜୀଉ ମନ୍ଦିରରେ ଅନୁଷ୍ଠିତ ଘୋଷଯାତ୍ରାରେ ଚୌଧୁରୀ ଦେବପ୍ରସାଦ ରାୟ ମହାପାତ୍ର ଛେରାପହରା କରିଥିଲେ । ଘଣ୍ଟ, ଘଣ୍ଟା, ସଙ୍କିର୍ତ୍ତନ ଏବଂ ହରିବୋଲ, ହୁଳହୁଳି ଧ୍ୱନୀ ମଧ୍ୟରେ ପହଣ୍ଡି ବିଜେ କରାଯାଇ ଶ୍ରୀଜୀଉଙ୍କୁ ରଥଉପରକୁ ଅଣାଯାଇଥିଲା । ଅଧିକାରୀ ପ୍ରଫୁଲ୍ଲ ଦାସ, ଫକିର ଚରଣ ଧଳ, ପୂଜକ ଗଦାଧର ମିଶ୍ର ଓ ରଘୁନାଥ ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ । ପାରମ୍ପାରିକ ରୀତିନୀତି ଅନୁଯାୟୀ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ରଥ ଟାଣିଥିଲେ । ପୋଲିସ ବାହିନୀ ଶାନ୍ତିଶୃଙ୍ଖଳା ରକ୍ଷାକରିଥିଲେ । ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ସ୍ଥାନୀୟ ସରପଞ୍ଚ ସୁଜାତା ସାହୁ, ସୁଶାନ୍ତ ମଲ୍ଲିକଙ୍କ ସମେତ ଗ୍ରାମବାସୀମାନେ ଯାତ୍ରାକାର୍ଯ୍ୟ ପରିଚାଳନା କରିଥିଲେ । ସେହିପରି ବ୍ଲକର କୁରାଢ଼ିଆପଦା ଜଗନ୍ନାଥ ମନ୍ଦିର ଓ କୁରିଗାଁଠାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିଲା । ନାଆମୀ ପଞ୍ଚାୟତର ସୋଲାପୁର ଶ୍ରୀଜଗନ୍ନାଥ ମନ୍ଦିରରେ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ଛେରାପହରା କାର୍ଯ୍ୟ ସମ୍ପାଦନ କରିଥିଲେ ।



ବୟାବନାପୁର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ଭରତ ଚନ୍ଦ୍ର ମହାଳିକଙ୍କ ସହ ଗ୍ରାମବାସୀମାନେ ବିଧିମତେ ରଥଯାତ୍ରା ସମ୍ପାଦନା କରିଥିଲେ । ସ୍ଥାନୀୟ ସରପଞ୍ଚ ମିନତୀ ସାହୁ ପ୍ରମୁଖ ରଥଟଣା କାର୍ଯ୍ୟ ତଦାରଖ କରିଥିଲେ । ଏକବୋଲା ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ତେସିଙ୍ଗା ପଞ୍ଚାୟତର ବନସ୍ତା, କୁରିଗାଁ, ଝୁଟଣା ଓ ରାଜେନ୍ଦ୍ରପୁର ପଞ୍ଚାୟତର ଅଗେଇବେହେରା, ରାଜେନ୍ଦ୍ରପୁର, ଦେଓପଦା, ରାମଚନ୍ଦ୍ରପୁର ପଞ୍ଚାୟତର ସଁପୋଇ, ମୋବାରକପୁର, ମାଳଦା, ଚତୁର୍ଭୁଜପୁର ଆଦି ସ୍ଥାନରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ରଥଯାତ୍ରା ଅନୁଷ୍ଠିତ ହୋଇଛି ।

## ଶଳାକୁ ଟାଙ୍ଗିଆରେ ହାଣିଲା ନିଶାସକ୍ତ ଭିଣୋଇ

ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାଲିପାଟଣା ଥାନା ଅନ୍ତର୍ଗତ ଫକୀରପଡା ଗ୍ରାମର ପ୍ରଶାନ୍ତ ଭୋଇ (୩୫)ଙ୍କୁ ତାଙ୍କ ଭିଣୋଇ ମରଣାନ୍ତକ ଆକ୍ରମଣ କରି ଗୁରୁତର କରିଥିବା ସୂଚନା ମିଳିଛି । ପ୍ରଶାନ୍ତଙ୍କୁ ତାଙ୍କ ଭିଣୋଇ ସୁଜିତ ମହାନ୍ତି ଓରଫ ପପୁ ଟାଙ୍ଗିଆ ରେ ହାଣି ଲହୁଲୁହାଣ କରିଛି । ପାରିବାରିକ ବିବାଦକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ ସୁରେନ୍ଦ୍ର ଭୋଇଙ୍କ ଝିଅକୁ ଫକୀରପଡା ମହାନ୍ତି ସାହିର ପପୁ ପ୍ରେମ ବିବାହ କରିଥିଲା । ନିଶା ସେବନ କରି ଅନେକ ସମୟରେ ପପୁ ତାଙ୍କ ପତ୍ନୀଙ୍କୁ ମାରଧର କରନ୍ତି । ଗତକାଲି ନିଶାଗ୍ରସ୍ତ ଅବସ୍ଥାରେ ପତ୍ନୀଙ୍କୁ ମାଡ଼ ମାରିବା ପରେ ସେ ତାଙ୍କ ବାପ ଘରକୁ ଚାଲି ଯାଇଥିଲେ । ପରିବାର ଲୋକେ ବିଳମ୍ବିତ ରାତିରେ ପପୁ ଘର ପାଖକୁ ଯାଇ ଝିଅକୁ ମାଡ଼ ମାରିବାର କାରଣ ପଚାରିଥିଲେ । ଏଥିରେ ସେ ଉତକ୍ଷିପ୍ତ ହୋଇ ପପୁ ଘରୁ ଏକ ଟାଙ୍ଗିଆ ଆଣି ପ୍ରଶାନ୍ତଙ୍କ ମୁଣ୍ଡ ଓ ଅଣ୍ଟାକୁ ଚୋଟ ପକାଇଥିଲା । ଆକ୍ରମଣରେ ପ୍ରଶାନ୍ତର ମୁଣ୍ଡ ଏବଂ ଅଣ୍ଟାରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ଘଟଣା ସ୍ଥଳରେ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ତାଙ୍କୁ ଉଦ୍ଧାର କରି ତୁରନ୍ତ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା । ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲକୁ ପଠା ଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ ଏମସ ହସ୍ପିଟାଲ କୁ ସ୍ଥାନାନ୍ତର କରା ଯାଇଥିବା ଜଣାପଡିଛି । ଖବର ଲେଖା ପର୍ଯ୍ୟନ୍ତ ଥାନା ରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି ।

## ଜିଲ୍ଲାପାଳ କଲେ ଛେରା ପହଁରା, ମହିଳା ଟାଣିଲେ ସୁଭଦ୍ରାଙ୍କ ରଥ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ଭଦ୍ରକ ବ୍ଲକ ଅଧୀନ କେଶପୁର ସ୍ଥିତ ହରିବୋଲ କ୍ଷେତ୍ରରେ ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଏହି ଉପଲକ୍ଷେ ହରିବୋଲ କ୍ଷେତ୍ରରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା । ଶଙ୍ଖ ହୁଳହୁଳି, ହରିବୋଲ ଓ ଜୟଜଗନ୍ନାଥ ଧ୍ୱନିରେ ଅତ୍ୟନ୍ତ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା । କ୍ଷେତ୍ରଟି ଘଣ୍ଟ, ମୃଦଙ୍ଗ, କାହାଳୀ ଓ ଭକ୍ତଙ୍କ ଧ୍ୱନିରେ କମ୍ପି ଉଠିଥିଲା । ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଛେରାପହଁରା କରିଥିବା ବେଳେ ମହିଳାମାନେ ସୁଭଦ୍ରାଙ୍କ ରଥକୁ ଟାଣି ଥିଲେ । ମଙ୍ଗଳବାର ସକାଳ ୬ଟାରେ ଦ୍ୱାରପାଳ ପୂଜା ପରେ ସୂର୍ଯ୍ୟପୂଜା କରାଯାଇଥିଲା । ୭ଟାରେ ରଥ ସଂସ୍କାର ଓ ଧ୍ୱଜାରୋପଣ ପରେ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ରଥରେ ଅର୍ପଣ କରାଯାଇଥିଲା । ଏହାପରେ ଶ୍ରୀଜୀଉ ମାନଙ୍କର ସ୍ନାନ ଓ ପୂଜନ କରାଯାଇଥିଲା । ପୂର୍ବାହ୍ନ ୧୧ଟା ସମୟରେ ମହାସୁଦର୍ଶନଙ୍କ ପହଣ୍ଡିବିଜେ କରାଯାଇ ଦେବଦଳନ ରଥରେ ରଖାଯାଇଥିଲା । ପରେ ଶ୍ରୀବଳଭଦ୍ର, ମାତା ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ କରାଯାଇ ରଥାରୁଢ଼ କରାଯାଇଥିଲା । ପରେ ଜିଲାପାଳ ଶ୍ରୀ ବୋନ୍ଦରଙ୍କୁ ସ୍ଥାନୀୟ ହୋମିଓ ପ୍ୟାଥିକ୍ ମେଡ଼ିକାଲ ନିକଟରୁ ଏକ ସୁସଜ୍ଜିତ ପାଲିଙ୍କିରେ ଶୋଭାଯାତ୍ରାରେ ରଥ ନିକଟକରୁ ଅଣାଯାଇଥିଲା । ସେ ୩ଟି ରଥରେ ଛେରାପହଁରା କରିଥିଲେ । ପରେ ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ଅଧୀନ ମୋଡ଼ସାହି ସ୍ଥିତ ମାଉସୀମା ମନ୍ଦିରକୁ ରଥଟଣା ହୋଇଥିଲା । ମୁଖ୍ୟ ପୂଜକ ଜନ୍ନାଥ ପଣ୍ଡା, କଳ୍ପତରୁ ଉଦ୍‌ଗାତା ପ୍ରମୁଖ ଶ୍ରୀଜୀୟୁଙ୍କ ନୀତିକାନ୍ତୀ ସମ୍ପନ୍ନ କରିଥିଲେ । ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଶରତ କୁମାର ସାହୁ, ସୁଧାରକ ଧନୀ, ସୁଶ୍ରୀ ତପସ୍ୱିନୀ ପାଢ଼ୀ, ବିଶ୍ୱମୈତ୍ରୀ ନାୟକ, ଲଳିତ ମୋହନ ମିଶ, ପୁଷ୍ପଲତା ପଣ୍ଡା, ହରିହର ଦାସ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ । ରଥ ପରିଚାଳନା କମିଟି ସଭାପତି ନଗେନ୍ଦ୍ର ପ୍ରସାଦ ଦାସ, ସମ୍ପାଦକ ପତିତପାବନ ପଣ୍ଡା, ଶ୍ରୀଧର ପୁହାଣ, ସନ୍ତୋଷ ନାୟକ, ସରୋଜ କୁମାର ପଣ୍ଡା, ଅମର ବେହେରା, ସଂଜୟ ସାହୁ, ବିଜୟ ସାହୁ, ପ୍ରକାଶ ସାହୁ, ମହେନ୍ଦ୍ର ମୁଦୁଲି, ରବିନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ମିଶ୍ର, ବସନ୍ତ ବେହେରା, ସତ୍ୟରଂଜନ ସେନାପତି, ଆଶୀଷ ପଣ୍ଡା ଏବଂ ମାଉସୀ ମା ମନ୍ଦିର କମିଟି ସଭାପତି ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ପାଦକ ରବିନାରାୟଣ ସାମଲ, କୋଷାଧ୍ୟକ୍ଷ ସନାତନ ଜେନା, ଦୋଳ ଗୋବିନ୍ଦ ପୃଷ୍ଟି, ଭରତ ଚନ୍ଦ୍ର ସାହୁ, ଅତୁଲ୍ୟ ବେହେରା, ସନ୍ତୋଷ ସାମଲ, କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ମନୋରଂଜନ ଖୁଣ୍ଟିଆ, ବଂଶୀଧର ପୃଷ୍ଟି, ଦିପ୍ତୀକାନ୍ତ ଖୁଣ୍ଟିଆ, ପ୍ରକାଶ ଖୁଣ୍ଟିଆ, ଭାଗିରଥି ଖୁଣ୍ଟିଆ, ନିରାକାର ପରିଡ଼ା, ପ୍ରଶାନ୍ତ ଖୁଣ୍ଟିଆ, ପ୍ରିୟରଂଜନ ବେହେରା, ରାଜକିଶୋର ନାୟକ ପ୍ରମୁଖ ରଥଯାତ୍ରା ପରିଚାଳନା କରିଥିଲେ । ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅଗ୍ନିଶମ ବିଭାଗ, ଜଳପରିମଳ ବିଭାଗ ପକ୍ଷରୁ ସେବା ପ୍ରଦାନ କରାଯିବା ସହ ପୋଲିସ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରାଯାଇଥିଲା । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗ ପକ୍ଷରୁ ଅସ୍ଥାୟୀ ସୂଚନା କେନ୍ଦ୍ର ସହିତ ଉତ୍କଳ ପ୍ରସଂଗ ପୁସ୍ତକ ବିକ୍ରୟର ବ୍ୟବସ୍ଥା କରାଯାଇଥିଲା । ଏହି ରଥଯାତ୍ରା ଦେଖିବା ପାଇଁ ତିହିଡ଼ି ବିଡିଓ ଜ୍ୟୋତିର୍ମୟ କର, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ପୂର୍ବତନ ଜିଲାପରିଷଦ ସଭାପତି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ପ୍ରଫୁଲ୍ଲ ନାୟକ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ପୂର୍ବବତ ଅଧ୍ୟକ୍ଷା ସୁଶ୍ରୀ ବିଦ୍ୟୁତ୍‌ଲତା ନାୟକ, ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା ପ୍ରମୁଖଙ୍କ ସହିତ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତଥିଲେ । ସେହିପରି ତିହିଡ଼ି ବ୍ଲକର ପୀରହାଟ, ଚାରିତରଫ, ତିହିଡ଼ି, ମଙ୍ଗରାଜପୁର, ମୃଷାଙ୍ଗ, କୋହ୍ଲ, ତାଳପଦା, କାଳିମେଘା, ନୂଆନନ୍ଦ ଇତ୍ୟାଦି ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

#### ପିଲାଙ୍କ ଧନୁ ତୀର ଖେଳ ହେଲା କାଳ

## ତୀର ମାଡ଼ରେ ଯୁବକ ଗୁରୁତର

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ଆମ୍ବପାଳସ ପଂଚାୟତ ଯାମୁନଳୀ ଗ୍ରାମରେ ଅପରାହ୍ନ ସମୟେ ଏକ ଅଭାବନୀୟ ଘଟଣା ଘଟି ଯାଇଅଛି । ପ୍ରାପ୍ତ ସୂଚନା ମୁତାବକ କେତେକ ପିଲା ଧନୁତିର ଖେଳ ଖେଳୁଥିବା ବେଳେ ଏକ କାନି ଥିବା ତୀର ଅସାବଧାନତଃ ଯାଇ ସେ ଗ୍ରାମର ଲୋକନାଥ ପିଙ୍ଗୁଆ (୨୨)ଙ୍କ ପେଟରେ ଗଳି ଯାଇଥିଲା । ସେ ଶୌଚ ସାରି ଆସୁଥିବା ବେଳେ ଏ ଅଘଟଣ ଘଟିଥିଲା । ସଙ୍ଗେ ସଙ୍ଗେ ମୁମୂର୍ଷୁ ଅବସ୍ଥାରେ ଗ୍ରାମବାସୀଙ୍କ ଦ୍ୱାରା ଆହତଙ୍କୁ କାମାକ୍ଷାନଗର ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବାବେଳେ ଅବସ୍ଥା ଶୋଚନୀୟ ଥିବାରୁ ତାଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ପଠାଯାଇଥିବା ଜଣାପଡିଛି ।

## ଅନୁଗୋଳ ଜିନ୍ଦଲ ନଗର ଦେବଭୂମି ପରିସରରେ ରଥଯାତ୍ରା





ଅନୁଗୋଳ, (ଭାସ୍କର ନ୍ୟୁଜ୍): ହଜାର ହଜାର ସଂଖ୍ୟାରେ ଜିନ୍ଦଲ ନଗର ଶ୍ରଦ୍ଧାଳୁ ଏବଂ ପାର୍ଶ୍ୱବର୍ତୀ ଗ୍ରାମବାସୀ ମାନେ ଜିନ୍ଦଲ ନଗର ପରିସରସ୍ଥ ଦେବଭୂମିଶ୍ରୀଜଗନ୍ନାଥ ମନ୍ଦିର ଠାରେ ଅନୁଷ୍ଠିତ ହୋଇଥିବା ରଥ ଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ, ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଏବଂ ବିଶ୍ୱ ନିୟନ୍ତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ବାର୍ଷିକ ଯାତ୍ରାନିମନ୍ତେଜିନ୍ଦଲ ନଗର ମଧ୍ୟରେ ଅବସ୍ଥିତ ଥିବା ମାଉସୀ ମା ମନ୍ଦିରଅଭିମୁଖେ ବାହାରି ଥିଲେ । ମନ୍ଦିରର ଆଦ୍ୟ ସେବକ ଏବଂ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ସହଜେଏସପି ଫାଉଣ୍ଡେସନ ଅଧ୍ୟକ୍ଷ। ଶାଲୁ ଜିନ୍ଦଲଏହି ରଥ ଯାତ୍ରାରେଯୋଗଦେବା ସହପହଣ୍ଡି ସେବା ଏବଂ ଛେରାପହଁରା ନୀତି ସଂପନ୍ନ କରିଥିଲେ । ଏହି ଅବସରରେ ନିଜରକୃତଜ୍ଞତା ବ୍ୟକ୍ତ କରିବା ସହ ନବୀନ ଜିନ୍ଦଲସର୍ବ ନିୟନ୍ତା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେସମସ୍ତଙ୍କ ମଙ୍ଗଳ କାମନା ନିମନ୍ତେ ପ୍ରାର୍ଥନା କରିଥିଲେ । ଏହି ଶୁଭ ଅବସରରେ ଶ୍ରୀ ଜିନ୍ଦଲସମସ୍ତ ଓଡିଶା ବାସୀ ତଥା ଭାରତବାସୀଙ୍କୁ ରଥ ଯାତ୍ରାର ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ । ଶାଲୁ ଜିନ୍ଦଲ ଏହି ଅବସରରେ ନିଜର ଶୁଭେଚ୍ଛା ଜଣାଇବା ସହ ସମସ୍ତଙ୍କ ଉତ୍ତମ ସ୍ୱାସ୍ଥ୍ୟ, ଉତ୍ତମ ଜ୍ଞାନ ଏବଂ ଭକ୍ତି ସହ ସାମାଜିକ ଦୃଷ୍ଟିରୁ ଦୁର୍ବଳ ଜନ ସାଧାରଣଙ୍କ ସେବା ସହ ଏକ ସମାବେସୀ ଭାରତ ନିର୍ମାଣ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ପୁରୀ ମନ୍ଦିରର ବୈଦିକ ନୀତି ଅନୁସାରେ ପାଳନ କରାଯାଇଥିବା ଏହି ପବିତ୍ର କାର୍ଯ୍ୟକ୍ରମଟି ପ୍ରାତଃ ୪.୩୦ ଘଟିକାରୁ ପୁରୋହିତଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ପୂଜା ନୀତି ଯଥା,ମଣିମା ଡାକ, ଦ୍ୱାର ଫିଟା, ମଙ୍ଗଳ ଆରତୀ, ମଇଲମ, ତଡପଲାଗି, ଅବକାଶ ନୀତି, ଇତ୍ୟାଦି ସହିତ ଆରମ୍ଭ କରାଯାଇଥିଲା । ଏହି ଅବସରରେ ଜିନ୍ଦଲ ଦମ୍ପତି ପ୍ରାତଃ କାଳରେ ସକାଳର ନୀତି-କାନ୍ତି ନିର୍ବାହ କରିବା ସହ ସ୍ୱତନ୍ତ୍ର ପୂଜା ଯଥା, ରଥ ପ୍ରତିଷ୍ଠା ଏବଂ ଅନ୍ୟାନ୍ୟ ନୀତି ସଂପୂର୍ଣ୍ଣ ଶ୍ରଦ୍ଧା ଏବଂ ଭକ୍ତିର ସହ ମନ୍ଦିରର ମୁଖ୍ୟ ପୁରୋହିତ ଶ୍ରୀକାନ୍ତଜୀଙ୍କ ପରାମର୍ଶ ଅନୁସାରେ ସଂପନ୍ନ କରିଥିଲେ । ଦେବୀ ଶୁଭଦ୍ରାଙ୍କ ଦର୍ପଦଳନ ରଥକୁ ବାଳିକା ଏବଂ ମହିଳାମାନେ ସଂପୂର୍ଣ ଉତ୍ସାହର ସହ ଟାଣିବା ଥିଲା ଏହି ରଥ ଯାତ୍ରାର ସ୍ୱତନ୍ତ୍ର ବିଶେଷତା । ଏହି ଉତ୍ସବରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଶୀର୍ଷ ଅଧିକାରୀ ଯଥା, ପରିଚାଳନା ନିର୍ଦ୍ଦେଶକ, ବିମଳେନ୍ଦ୍ର ଝା ଓ ତାଙ୍କ ପତ୍ନୀ ସିପ୍ରା ଝା, ଅନୁଗୋଳ ପ୍ଲାଣ୍ଟ ମୁଖ୍ୟ, ହୃଦୟେଶ୍ୱର ଝା, ନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ଓ ତାଙ୍କ ପତ୍ନୀ ଅନିତା ମିତ୍ତଲ, ଅନ୍ୟାନ୍ୟ କର୍ମଚାରୀ ଏବଂ ତାଙ୍କ ପରିବାରବର୍ଗଙ୍କ ସହ ପାର୍ଶ୍ୱବର୍ତୀ ଗ୍ରାମବାସୀ ଏବଂସଂଖ୍ୟାଧିକ ଶ୍ରଦ୍ଧାଳୁ ରଥ ଟାଣିବାର ସୌଭାଗ୍ୟ ଲାଭ କରିବା ସହ ପ୍ରସାଦ ସେବନ କରିଥିଲେ । ଏହି ରଥ ଯାତ୍ରାକୁ ଶ୍ରଦ୍ଧାଳୁଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଦ୍ୱାରା ଏହାର ୟୁଟ୍ୟୁବ ମାଧ୍ୟମରେ ସିଧା ପ୍ରସାରଣ କରାଯାଇଥିଲା ଏବଂ ବହୁଳ ଭାବେ ଶ୍ରଦ୍ଧାଳୁମାନେ ଏହି ରଥ ଯାତ୍ରା ଦେଖିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ ।

## ରାଶିଫଳ

ବୁଧବାର, ୨୧ ଜୁନ୍ ୨୦୨୩



**ମେଷ:** ଆଜି ଆପଣଙ୍କୁ କୌଣସି ପ୍ରକାରେ ସମ୍ମାନିତ କରାଯିବାର ସମ୍ଭାବନା ଅଛି । ଆଜି ପତ୍ନୀଙ୍କ ପକ୍ଷରୁ ଉତ୍ତମ ସହଯୋଗ ପ୍ରାପ୍ତ ହୋଇପାରେ । ରାତ୍ରି ସମୟ ଆମୋଦ-ପ୍ରମୋଦରେ ବିତିବ । ଆଜି ଆପଣ ସାଂସାରିକ ବିଷୟକୁ ଏକପାଖରେ ରଖିକରି ଆଧାତ୍ମିକତା ଆଡ଼କୁ ଧ୍ୟାନ ରହିବ । ଅଚାନକ ଧନ ଲାଭ ହେବ । ନୂଆ କାର୍ଯ୍ୟ ଆରମ୍ଭ କରନ୍ତୁ ।



**ବୃଷ:** ଆଜିର ଦିନ ଆପଣ ବ୍ୟସ୍ତ ରହିବେ । ଅଧିକ ଦୌଡ଼ଦୌଡ଼ି କରିବାରେ ସାବଧାନ ରୁହନ୍ତୁ । ରହିଯାଇଥିବା କାର୍ଯ୍ୟଗୁଡ଼ିକ ପୂରଣ ହେବ । କୌଣସି କାମରେ ଅର୍ଥ ବିନିଯୋଗ କରିବାକୁ ପଡ଼ିଲେ ହୃଦୟ ଖୋଲିକରି ଆଗକୁ ଚାଲନ୍ତୁ ଭରପୂର ଲାଭ ମିଳିବ । ଗୃହସ୍ଥ ଜୀବନରେ ସୁଖ-ଶାନ୍ତି ଅନୁଭବ କରିବେ । ସ୍ୱାସ୍ଥ୍ୟ ଭଲ ରହିବ । ଧନ ଲାଭ ହେବ ।



**ମିଥୁନ:** ଆଜି ଆପଣ ଅଯଥା ଖର୍ଚ୍ଚରୁ ବଞ୍ଚନ୍ତୁ । ସାମାଜିକ କ୍ରିୟା କଳାପରେ ବ୍ୟବଧାନ ଆସିପାରେ । କିଛି ଅକସ୍ମାତ୍ ଲାଭ ହେବାରୁ ଆପଣଙ୍କ ଧର୍ମ, ଆଧାତ୍ମ ପ୍ରତି ରୁଚି ସୁଦୃଢ଼ ହେବ । ସନ୍ତାନମାନଙ୍କ ପକ୍ଷରୁ ହର୍ଷବର୍ଦ୍ଧକ ସମାଚାର ମିଳିବ । ଆଜି ଆପଣଙ୍କ ଅଧୂରା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ।



**କର୍କଟ:** ଭାଗ୍ୟ ଦୃଷ୍ଟିରୁ ଆଜିର ଦିନ ଉତ୍ତମ ରହିବ । ଆପଣଙ୍କ ପରିଶ୍ରମର ଫଳ ଭଲ ମିଳିବ । ଆପଣ ନିଜର ମାନମର୍ଯ୍ୟାଦା ଏବଂ ଆମୋଦ ପ୍ରମୋଦ ପାଇଁ ଧନ ଖର୍ଚ୍ଚ କରିବେ । ଯେଉଁଥିରେ ଆପଣଙ୍କ ପାଖରେ ଥିବା ଶତ୍ରୁର ବ୍ୟଥା ବଢ଼ାଇବ । ଦିନର ଆରମ୍ଭ ଚିନ୍ତା ଏବଂ ଉଦ୍‌ବେଗର ସହିତ ହେବ । ସ୍ୱାସ୍ଥ୍ୟରେ ଅଭିଯୋଗ ମଧ୍ୟ ରହିବ । ନୂଆ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦିନ ଭଲ ।



**ସିଂହ:** ଆଜିର ଦିନରେ ମିଶ୍ରିତ ଫଳ ମିଳିବ । ଶ୍ୱଶୁରଘର ପକ୍ଷରୁ ଆଜି ଅସନ୍ତୋଷର ସଂକେତ ମିଳିବ । ମଧୁର ବାଣୀର ପ୍ରୟୋଗ କରନ୍ତୁ ଅନ୍ୟଥା ସମ୍ବନ୍ଧ ଖରାପ ହୋଇପାରେ । ଯଦି ନେତ୍ର ସମ୍ବନ୍ଧିତ କୌଣସି କଷ୍ଟ ଅଛି ତେବେ ସେଥିରେ ସୁଧାର ହେବା ନିଶ୍ଚିତ ଅଟେ । ନକାରାତ୍ମକ ବିଚାର ହତାଶା ସୃଷ୍ଟି କରିପାରେ । ଶାରୀରିକ ଏବଂ ମାନସିକ ଅସୁସ୍ଥତା ଅନୁଭବ କରିବେ ।



**କନ୍ୟା:** ଆଜି ଆପଣଙ୍କମଧ୍ୟରେ ନିର୍ଭୀକତାର ଭାବ ରହିବ ତଥା ସାହସ ପୂର୍ବକ ନିଜର କଠିନ କାର୍ଯ୍ୟ ଗୁଡ଼ିକ ସମ୍ପନ୍ନ କରିବାରେ ସକ୍ଷମ ରହିବେ । ଆପଣଙ୍କୁ ନିଜର ମାତା-ପିତାଙ୍କର ସୁଖ ସହଯୋଗ ଯଥେଷ୍ଟ ରୂପରେ ପ୍ରାପ୍ତ ହେବ । ବ୍ୟର୍ଥ ବ୍ୟୟର ଯୋଗ ମଧ୍ୟ ଅଛି । ବ୍ୟାପାରରେ ଧନ ଲାଭ ହେବ । କାର୍ଯ୍ୟରେ ସଫଳତା ମିଳିବ । ସାର୍ବଜନିକ ମାନ-ସମ୍ମାନ ପ୍ରାପ୍ତି ହେବ ।



**ତୁଳା:** ଆଜିର ଦିନ ଆପଣଙ୍କପାଇଁ ଶୁଭ ଫଳଦାୟୀ । ଆପଣ ଅନ୍ୟମାନଙ୍କର ହୃଦୟଭରି ସେବା ମଧ୍ୟ କରିବେ । ଆଜି ନୂଆ କାର୍ଯ୍ୟଗୁଡ଼ିକ ଯଦି କରିବାକୁ ପଡ଼େ ତେବେ ଶୁଭ ରହିବ । ଆପଣ ଜିଦ୍ଦୀ ବ୍ୟବହାର ଛାଡ଼ିକରି ସମାଧାନ ପୂର୍ଣ୍ଣ ବ୍ୟବହାର ଆଜି ଆପଣାଇବାକୁ ହେବ । ସ୍ୱାସ୍ଥ୍ୟର ବିଶେଷ ଧ୍ୟାନ ରଖିବେ ।



**ବିଚ୍ଛା:** ଆଜି ଆପଣଙ୍କ ମନ ଅଶାନ୍ତ ଏବଂ ଚିନ୍ତିତ ରହିବ । ଯଦି କୌଣସି ବାଦ ବିବାଦ ଲମ୍ବିତ ଅଛି ତେବେ ସେଥିରେ ସଫଳତା ମିଳିବାର ସଂପୂର୍ଣ୍ଣ ସମ୍ଭାବନା ଅଛି । ତନ-ମନରେ ଖୁସି ଏବଂ ପ୍ରଫୁଲ୍ଲିତ ରହିବେ । ପରିଜନମାନଙ୍କ ଏବଂ ମିତ୍ରମାନଙ୍କ ସହିତ ଉତ୍ତମ ଭୋଜନ ଯାତ୍ରା କିମ୍ବା ସାକ୍ଷାତର ଅବସର ଆସିବ । ଜୀବନସାଥୀଙ୍କ ସହିତ ଆତ୍ମୀୟତାର ଅବସର ଆସିବ । ଆର୍ଥିକ ଲାଭ ହେବ ଏବଂ ଆନନ୍ଦଦାୟକ ସମାଚାର ପ୍ରାପ୍ତ ହେବ । ତଥା କାର୍ଯ୍ୟରେ ସଫଳତା ଏବଂ ଯଶ ପ୍ରାପ୍ତି ହେବ ।



**ଧନୁ:** ଆଜି ଆପଣଙ୍କ ବିଦ୍ୟା, ବୁଦ୍ଧି, ଜ୍ଞାନର ବୃଦ୍ଧି ହେବ । ଭାଗ୍ୟର ମଧ୍ୟ ଆପଣଙ୍କୁ ସମ୍ପୂର୍ଣ୍ଣ ସହଯୋଗ ମିଳିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ସନ୍ଧ୍ୟା କାଳରୁ ନେଇକରି ରାତ୍ରି ପର୍ଯ୍ୟନ୍ତ ପେଟର ଯନ୍ତ୍ରଣା ହେବାର ସମ୍ଭାବନା ଅଛି । ସାବଧାନ ରୁହନ୍ତୁ ତଥା ଖାଇବା ପିଇବା ଉପରେ ନିୟନ୍ତ୍ରଣ ରଖନ୍ତୁ । ପାରିବାରିକ ସଦସ୍ୟମାନଙ୍କ କାରଣରୁ ମନ ଦୁଃଖୀ ହେବ । ମାନସିକ ରୂପରେ ଆପଣ ଅସୁସ୍ଥ ରହିପାରନ୍ତି । କ୍ରୋଧ ଉପରେ ଅଂକୁଶ ରଖିବାକୁ ପଡ଼ିବ । ଦୁର୍ଘଟଣା ପ୍ରତି ସଜାଗ ରୁହନ୍ତୁ ।



**ମକର:** ଆଜି ଆପଣଙ୍କୁ ମୂଲ୍ୟଯୁକ୍ତ ବସ୍ତୁ ପ୍ରାପ୍ତି ଯୋଗ ରହିବ । ବ୍ୟବସାୟରେ ମନ ଲାଗିବ ଏବଂ ସ୍ଥଗିତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । କୌଣସି ନୂଆ କାର୍ଯ୍ୟରେ ଅର୍ଥ ବିନିଯୋଗ କରିବାକୁ ପଡ଼ିଲେ ଅବଶ୍ୟ କରନ୍ତୁ, ଭବିଷ୍ୟତରେ ଲାଭ ହେବ । ସାମାଜିକ କ୍ଷେତ୍ରରେ ଚାକିରି ଏବଂ ଅନ୍ୟ କ୍ଷେତ୍ରରେ ଲାଭଦାୟକ ରହିବ । ବୈବାହିକ ସମସ୍ୟା ଦୂର ହେବ ।



**କୁମ୍ଭ:** ଆଜିର ଦିନ ବୁଦ୍ଧି ବିବେକରେ ନୂଆ-ନୂଆ ଖୋଜ କରିବାରେ କଟିବ । ଆପଣ ସୀମିତ ଏବଂ ଆବଶ୍ୟକତାନୁସାରେ ହିଁ ବ୍ୟୟ କରନ୍ତୁ । ସାଂସାରିକ ସୁଖ ଭୋଗ, ଚାକରମାନଙ୍କର ସୁଖ ସମ୍ପୂର୍ଣ୍ଣ ରୂପରେ ମିଳିବ । ଆଜି ଆପଣଙ୍କ ପାଖରେ ପ୍ରତ୍ୟେକ କାର୍ଯ୍ୟ ନିର୍ବିଘ୍ନରେ ସମ୍ପୂର୍ଣ୍ଣ ହେବ । ଗୃହସ୍ଥ ଜୀବନରେ ଆନନ୍ଦ ରହିବ । ଧନ ପ୍ରାପ୍ତି ଏବଂ ପ୍ରମୋଶନର ଯୋଗ ଅଛି ।



**ମୀନ:** ଆଜି ଶୁଭଗ୍ରହ ସ୍ଥିତି କାରଣରୁ ବହୁତ ସମୟରେ ଲଟକି ରହିଥିବା ବିବାଦର ସମାଧାନ ହେବ । ଖୁସିମିଜାଜ ବ୍ୟକ୍ତିତ୍ୱ ହେବାର କାରଣରୁ ଅନ୍ୟ ବ୍ୟକ୍ତି ଆପଣଙ୍କ ସହିତ ସମ୍ବନ୍ଧ ବନାଇବା ପାଇଁ ଚେଷ୍ଟା କରିବେ । ମାନସିକ ଅସୁସ୍ଥତା ଆପଣଙ୍କୁ ଅସୁବିଧାରେ ପକାଇପାରେ । ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅଭିଯୋଗ ରହିବ । ଚାକିରିରେ ଉଚ୍ଚ ଅଧିକାରୀମାନଙ୍କ ସହିତ ସାବଧାନୀପୂର୍ବକ କାର୍ଯ୍ୟ କରିବେ ।



ଜ୍ୟୋତିଷୀ ଶ୍ରୀ


ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ସରକାରୀ ମେଡିକାଗ କଲେଜ କ୍ରିୟାନୁଷ୍ଠନା କମିଟି ପକ୍ଷରୁ କେନ୍ଦ୍ର ରେଳ ଓ ପ୍ରଯୁକ୍ତି ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କୁ ସ୍ଥାନୀୟ ସର୍କିଟ ହାଉସରେ ପ୍ରତିନିଧିମାନେ ସାକ୍ଷାତ କରି ଏମ୍ସ ସାଟେଲାଇଟ ସେଣ୍ଟରକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏମ୍ସର ବହିର୍ବିଭାଗକୁ ସପ୍ତାହରେ ସାତଦିନ ଓ ୩୦୦ ଶଯ୍ୟାବିଶିଷ୍ଟ ହସପିଟାଲକୁ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ସେମାନେ ନିବେଦନ କରିଥିଲେ। ବିଶେଷ କରି ଆବଶ୍ୟକୀୟ ଯନ୍ତ୍ରପାତି ସହ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଁ କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନେ ଅବଗତ କରିଥିଲେ।ଏଥିପାଇଁ ଖୁବଶୀଘ୍ର ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀଙ୍କ ସହ ଠୋରେ ଉପସ୍ଥିତ ଥିବା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଏହି ଦାବିକୁ ସମର୍ଥନ ଜଣାଇଥିବା ଲକ୍ଷ୍ୟ କରାଯାଇଥିଲା। ସ୍ମାରକପତ୍ର ପ୍ରଦାନ ବେଳେ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା, କାର୍ଯ୍ୟକାରୀ ସଭାପତି ଇଂ. ହୃଷିକେଶ ସାହୁ, ଜନସଂପର୍କ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ, କୋଷାଧକ୍ଷ ଶ୍ୟାମସୁନ୍ଦର ଜେନା ଓ ଉପଦେଷ୍ଟା ସୀତାରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀ ବିନାୟକ କ୍ଲାସେସ ତରଫରୁ ନିଟ୍ ୟୁଜି -୨୦୨୩ କୃତୀଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ନୟାପଲ୍ଲୀ ଆଇ.ଆର.ସି ଭିଲେଜ ସ୍ଥିତ ଶ୍ରୀ ବିନାୟକ କ୍ଲାସେସ ର ନିଟ ୨୦୨୩ ପ୍ରବେଶିକା ପରୀକ୍ଷା ରେ ୬୬୦ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଶୁଭମ ପାତ୍ର ଜଣେ ଶୃଙ୍ଖଳିତ ମେଧାବୀ ଛାତ୍ର। ସେ ଡାକ୍ତର ହୋଇ ନିଜକୁ ଲୋକ ଙ୍କ ସେବାକରିବାର ସ୍ୱପ୍ନ କୁ ସାକାର କରିବା ନିମନ୍ତେ ୨୦୨୨ ମସିହାରେ ଶ୍ରୀ ବିନାୟକ କ୍ଲାସେସ ପ୍ରସ୍ତୁତି ଆରମ୍ଭ କରିଥିଲେ। ଶିକ୍ଷକ ମାନଙ୍କ ତତ୍ତ୍ୱାଧାନରେ ଏବଂ ଗୁରୁକୁଳ ସଦୃଶ ପରିବେଶ ସହାୟତାରେ ୨୦୨୩ ଏନ.ଇ.ଇ.ଟି ପରୀକ୍ଷାରେ ୬୬୦ମାର୍କ ରଖିଛନ୍ତି। ଶୁଭମ ନୟାଗଡ ଜିଲ୍ଲା ସୁନାମୁହିଁ ଗ୍ରାମର ସର୍ଗତ ଶ୍ୟାମସୁନ୍ଦର ପାତ୍ର ଓ ସନ୍ଧ୍ୟା ରାଣୀ ପାତ୍ର ଙ୍କ ପୁତ୍ର. ତାଙ୍କ ମା ଜଣେ ଗୃହିଣୀ.ସେ ତାଙ୍କ ଶୌଶବ ଅବସ୍ଥାରେ ବାପାଙ୍କୁ ହରାଇ ଥିଲେ। ପିଲାଟି ଦିନୁ ଆର୍ଥିକ ଦୁର୍ବଳତା ସତ୍ୱେ ସେ ଅନେକ କୀର୍ତି ସ୍ଥାପନ କରିଛନ୍ତି. ଦ୍ୱିତୀୟ, ଚତୁର୍ଥ, ଷଷ୍ଠ ଓ ସପ୍ତମ ଶ୍ରେଣୀରେ ରାମାନୁଜ ଗଣିତ ଓଲମ୍ପିଆଡ଼, ମେଧାବୃତ୍ତି ଓ ଦଶମ ଶ୍ରେଣୀବୋର୍ଡ ପରୀକ୍ଷାରେ ୫୪୩ ରଖିଥିଲେ। ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ 'ପରିବେଶ ପ୍ରଦୂଷଣ ଓ ତାର ନିବାରଣ'ପ୍ରକଳ୍ପ କରି କ୍ୟାତିଅର୍ଜନ କରିଥିଲେ. ପରେ ସେ ଦ୍ୱାଦଶ ବୋର୍ଡ ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟ ରୁ ୫୬୭ ମାର୍କ ରଖି ଉକ୍ତ ମହାବିଦ୍ୟାଳୟ ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ. ନିଜର ସଫଳତା ସମ୍ପର୍କରେ ପ୍ରକାଶ କରି ଶୁଭମ କହିଛନ୍ତି ମୁ ମୋର ଏହି ସଫଳତା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲି ଓ ଏହି ପରିଶ୍ରମ ଓ ମାର୍ଗଦର୍ଶନ ନିମନ୍ତେ ଶ୍ରୀ ବିନାୟକ କ୍ଲାସେସର ଶିକ୍ଷକମାନେ ତଥା ଏହାର ପରିବେଶ ପରିଚାୟକ ହୋଇଛି .ଏଠାକାର ଅଧ୍ୟାପନ ପଦ୍ଧତି ବେସ ଉଚାକୋଟିର ଏବଂ ଶ୍ରୀ ବିନାୟକ କ୍ଲାସେସ ର ସଦ୍ୟସ ଛାତ୍ରବତ୍ସଳ ଅଟନ୍ତି। ହଷ୍ଟେଲ ରେ ମଧ୍ୟ ଘରେଇ ଖାଦ୍ୟ ସହିତ ସ୍ୱଚ୍ଛତା ଉତ୍ତମ ବ୍ୟବସ୍ଥା। ପାଠପଢ଼ା ର ସମସ୍ତ ଖର୍ଚ୍ଚ ଶ୍ରୀବିନାୟକ କ୍ଲାସେସ ବହନ କରିଥିବାରୁ ଅନୁଷ୍ଠାନ ର ନିର୍ଦ୍ଦେଶକ ଓ ଫିଜିକ୍ସ ଅଧ୍ୟାପକ ସଞ୍ଜୟ ରାଜ ସାରଙ୍କୁ ବିଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ମହା ଆଡମ୍ବରରେ ରଥ ଯାତ୍ରା ସମ୍ପନ୍ନ

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦରମହକୁମା ସମେତ, ଜୋଡ଼ିଙ୍ଗା, ତୁରୁଡ଼ି, ବାଗ ବେଡ଼ା, ହାଟ ଭରାଣ୍ଡି, ହତୀଙ୍ଗା, ଚିଙ୍ଗିଡ଼ା ଭାଟା, ଆଦି କେତେକ ସ୍ଥାନରେ ଜଗତର ନାଥ ଜଗନ୍ନାଥଙ୍କ ଘୋଷ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରୀତି ନୀତି ଅନୁଯାୟୀ ପୁଜାଚର୍ନା ପରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଓ ଭଉଣୀ ସୁଭଦ୍ରା ରଥାରୁଢ ହୋଇ ଛେରା ପହଁରା ପରେ ରଥ ଟଣା ଆରମ୍ଭ ହୋଇଥିଲା। ହଜାର ହଜାର ଭକ୍ତଙ୍କ ଗହଣରେ ପ୍ରଭୁ ଜଗନ୍ନାଥ ବଳଭଦ୍ର ଓ ଦେବୀ ସୁଭଦ୍ରା ମାଉସି ମା ମନ୍ଦିରକୁ ବିଜେ କରିଥିଲେ। ଭକ୍ତଙ୍କ ମଧରେ ଉତ୍ସାହ ଉଦ୍ଦିପନା ଦେଖାଦେଇଥିଲା। ମାଉସି ମା ମନ୍ଦିର ରେ ପ୍ରତେକ ଦିନ ଅନ୍ନ ଭୋଗ ମିଳିବା ସହ ସହ ସନ୍ଧ୍ୟା ସମୟରେ ଭଜନ ସମାରୋହ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ୍ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏକତା ସାମାଜିକ ସଂଗଠନ ତରଫରୁ ପ୍ରତେକ ଛକ ରେ ପଣା ବଣ୍ଟନ କରଯାଇଥିବା ଦେଖିବାକୁ ମିଳିଥିଲା।

## ମଣିପୁର ପୀଡ଼ିତଙ୍କୁ ମିଳିବ ବାସଗୃହ
## 'ହତିଆର ଛାଡ଼, ନ ହେଲେ ପରିଣାମ ଭୋଗିବ'

ଇମ୍ଫାଲ: ମଣିପୁରରେ ଜାତିଗତ ହିଂସା ଉଗ୍ରରୂପ ଧାରଣ କରିଛି। ଏହାକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଉଦ୍ୟମ ଜାରି ରହିଥିଲେ ମଧ ଏହା ଫଳପ୍ରଦ ହୋଇ ପାରିନାହିଁ। ଏଥିରେ ୧୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିବା ସହ ବହୁ ଲୋକ ବାସହରା ହୋଇ ପଡ଼ିଛନ୍ତି। ଏସବୁ ଭିତରେ ମଣିପୁର ମୁଖ୍ୟମନ୍ତ୍ରୀ ହିଂସା ଭିଆଉଥିବା ବ୍ୟକ୍ତିବିଶେଷଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଅସ୍ତ୍ରଶସ୍ତ୍ର ଛାଡ଼ ନହେଲେ ଏହାର ପରିଣାମ ଭୋଗିବାକୁ ପଡ଼ିବ। ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିବା ଲୋକଙ୍କୁ ସେ ଚେତାବନୀ ଦେଇ କହିଥିଲେ ରାଜ୍ୟରେ ଶାନ୍ତି ବଜାୟ ରଖିବା ପାଇଁ ସେମାନେ ପ୍ରୟାସ କରିବା ଜରୁରୀ। ସୂଚନାଯୋଗ୍ୟ ଯେ ଗତ ମାସରୁ ମଣିପୁରର ମେଇତି ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ହିଂସା ଲାଗି ରହିଛି। ଏଥିରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି। ରାଜ୍ୟରେ ଶାନ୍ତି ଫେରାଇ ଆଣିବା ପାଇଁ ସେନା ଓ ଅର୍ଦ୍ଧସାମରିକ ବାହିନୀକୁ ମୁତୟନ କରାଯାଇଛି। ଅନ୍ୟପକ୍ଷରେ ଏହି ହିଂସାରେ ଯେଉଁମାନେ ବାସଗୃହ ହରାଇଛନ୍ତି ସେମାନଙ୍କୁ ବାସଗୃହ ଯୋଗାଇ ଦିଆଯିବ। ଏହି ଘର ପୀଡ଼ିତଙ୍କୁ ଦୁଇ ମାସ ମଧ୍ୟରେ ପ୍ରଦାନ କରାଯିବ। ଏପରି ୪ ହଜାର ଘର ନିର୍ମାଣ କରାଯିବ। ଏଥିପାଇଁ ଆବଶ୍ୟକ ହେଉଥିବା ସାମଗ୍ରୀ ଯୋଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ହିଂସା ପାଇଁ ୧୧ ଜିଲ୍ଲାରେ କର୍ଫ୍ୟୁ ଲାଗୁ କରାଯିବା ସହ ଇଣ୍ଟରନେଣ୍ଟ ସେବା ଉପରେ ରୋକ ଲଗାଯାଇଛି।

## ସାଲେପୁରରେ ଦିନକୁ ୬ ରୁ ୮ ଘଣ୍ଟା ବିଦ୍ୟୁତ୍‌କାଟ୍

ସାଲେପୁର, (ଭାସ୍କର ନ୍ୟୁଜ୍): ସାଲେପୁରରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଛି। ଟାଟା କମ୍ପାନୀର କଥା ଓ କାମ ଭିତରେ ଆକାଶପାତାଳ ଫରକ ଦେଖାଦେଇଛି। ମନ୍ତ୍ରୀ, ବିଭାଗୀୟ ଅଧିକାରୀ, ଟାଟା ପାୱାର କମ୍ପନୀର ଅଧିକାରୀ ମାନେ କହୁଛନ୍ତି ବିଦ୍ୟୁତ୍ ବ୍ୟବସ୍ଥା ଠିକ୍ ଚାଲିଛି। ମାତ୍ର ସମସ୍ତଙ୍କର ବାକ୍ୟ ଟାଣ ମାତ୍ର କାମ ଶୂନ ଅଟେ। ସାଲେପୁରରେ ପ୍ରତ୍ୟେକ ଦିନ ୬ ରୁ ୮ ଘଣ୍ଟା ବିଦ୍ୟୁତ୍ କାଟ ହେଉଛି। ଉପଭୋକ୍ତାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟାଟା ପାୱାର କମ୍ପାନୀ ନିଜମନମାନିରେ ବିଦ୍ୟୁତ୍ ଯୋଗାଣ କରୁଥିବା ଦେଖିବାକୁ ମିଳୁଛି। ଲାଇନ୍ ଚାଲିଗଲେ କେତେବେଳେ ଆସିବ ତାହାର ଉତ୍ତର କାହାପାଖରେ ନାହିଁ। ଭୁବନେଶ୍ୱର କାର୍ଯ୍ୟାଳୟକୁ ଫୋନ୍ କଲେ ମଧ କେହି ଫୋନ୍ ଉଠାଉନାହାନ୍ତି। ଯଦି କେବେ ଉଠାଉଛନ୍ତି ତେବେ ତାଙ୍କ ପାଖରୁ ମଧ ସଠିକ୍ ଉତ୍ତର ମିଳୁନାହିଁ। ସାଲେପୁରରେ ବିଦ୍ୟୁତ୍ ଉପଭୋକ୍ତା ମାନେ ବିଦ୍ୟୁତ୍ କାଟ ଯୋଗୁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଲେପୁରର ଗ୍ରାମାଞ୍ଚଳ କଥା ନ କହିବା ଭଲ। ସାମାନ୍ୟ ପବନ ଦେଲେ ଦିନେ ଦୁଇ ଦିନ ବିଦ୍ୟୁତ୍ ବିଚ୍ଛିନ୍ନ ହେଉଛି। ନିରୀହ ଉପଭୋକ୍ତା ପ୍ରତିମାସରେ କମ୍ପାନୀକୁ ବିଲ ଦେଇ ବିଦ୍ୟୁତ୍ ସେବାରୁ ବଂଚିତ ହେଉଛନ୍ତି। କମ୍ପାନୀ କର୍ମଚାରୀଙ୍କ ବେପରୁଆ ବ୍ୟବହାରରେ ସାଲେପୁରରେ ଜନଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ଏଭଳି ଅବ୍ୟବସ୍ଥା ଲାଗିରହିଲେ ଆଗାମୀ ଦିନରେ ଗଣଉପଭୋକ୍ତାଙ୍କ ଆନ୍ଦୋଳନକୁ ଅସ୍ୱୀକାର କରାଯାଇନପାରେ।

## 'ୟୁରୋ ନେଫ୍ରୋ ସେଣ୍ଟର ଅଫ୍ ଏକ୍ସଲେନ୍ସ' ହସ୍ପିଟାଲ୍ ଉଦ୍‌ଘାଟିତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପବିତ୍ର ରଥଯାତ୍ରାର ଏହି ଶୁଭ ଅବସରରେ ଭଗବାନ ଶ୍ରୀ ଜଗନ୍ନାଥଙ୍କ ଆଶିର୍ବାଦରେ 'ଆଡ଼ଭାନ୍ସଡ ୟୁରୋକେୟାର୍ ପ୍ରାଇଭେଟ ଲିମିଟେଡ଼' କମ୍ପାନୀ ଭୁବନେଶ୍ୱରର ଆଇ.ଓ.ସି.ଏଲ୍ ଅଫିସ୍ ସମ୍ମୁଖ ଶ୍ରୀ ବିହାର, ପଟିଆ ଠାରେ 'ୟୁରୋ ନେଫ୍ରୋ ସେଣ୍ଟର ଅଫ୍ ଏକ୍ସଲେନ୍ସ' ଭାବରେ ସ୍ୱାସ୍ଥ୍ୟସେବାରେ ଏକ ନୂତନ ଦିଗ ଆରମ୍ଭ କରିଛି। ଏହି ଓପିଡି ବ୍ଲକ୍‌ଟି ଓଇଆର୍‌ସି ଅଧକ୍ଷ ଆଇଏଏସ୍ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ୟୁରୋଲୋଜି ଏବଂ ନେଫ୍ରୋଲୋଜି ପାଇଁ ଏହା ଏକ ଉତ୍ସର୍ଗୀକୃତ ସୁପର ସ୍ପେସିଆଲିଟି କେନ୍ଦ୍ର ହେବ। ଏହି ୟୁନିଟ୍‌ର ଅଂଶୀଦାର ହେଉଛନ୍ତି ବରିଷ୍ଠ ଫିଜିସିଆନ୍ ଚିକିତ୍ସକ ଡ଼ଃ. ପୂର୍ଣ୍ଣଚନ୍ଦ୍ର ରଥ ଏବଂ ବରିଷ୍ଠ ୟୁରୋଲଜିଷ୍ଟ ପରାମର୍ଶଦାତା ଡ଼ଃ. ଦେବଦର୍ଶୀ ରଥ। ଡ଼ଃ. ଦେବଦର୍ଶୀ ଭୁବନେଶ୍ୱରରେ ୧୦ ବର୍ଷରୁ ଅଧିକ ସମୟ ଧରି ନିଜର ଉତ୍ତମ ଚିକିତ୍ସା ପାଇଁ ବେଶ ପରିଚିତ ଅଟନ୍ତି। ପୂର୍ବରୁ ସମ୍, କେୟାର୍, ଆମ୍ରି, ଉତ୍କଳ, କଳିଙ୍ଗ, ସ୍ପର୍ଶ ହସ୍ପିଟାଲ୍ ଏବଂ କର କ୍ଲିନିକ୍ ଭଳି ବିଭିନ୍ନ ପ୍ରତିଷ୍ଠିତ ସଂଗଠନ ସହିତ ଜଡ଼ିତ ଥିଲେ। ସେ ରାଜ୍ୟ ତଥା ପଡ଼ୋଶୀ ରାଜ୍ୟର ରୋଗୀମାନଙ୍କୁ ପଟିଆସ୍ଥିତ ଡ଼ିଡ଼ିଏୟୁସି କେନ୍ଦ୍ରରେ ୫ ବର୍ଷରୁ ଅଧିକ ସମୟ ଧରି ଚିକିତ୍ସା କରି ଆସୁଥିଲେ। ଏହି ୟୁନିଟ୍ ୟୁଟିଆଇ, ପ୍ରୋଷ୍ଟେଟ୍, ଷ୍ଟୋନ୍, କ୍ୟାନ୍ସର ଏବଂ କିଡ଼୍‌ନୀ ସମସ୍ୟା ଥିବା ରୋଗୀଙ୍କୁ ଚିକିତ୍ସା ପାଇଁ ବର୍ତ୍ତମାନ ସମୟରେ ଉପଲବ୍ଧ ଥିବା ସମସ୍ତ ଆଧୁନିକ ଯନ୍ତ୍ରପାତି ସହିତ ଏଣ୍ଡୋସ୍କୋପି, ଲାପ୍ରୋସ୍କୋପି, ଲେଜର୍ ଏବଂ ରୋବୋଟିକ୍ ଭଳି ଚିକିତ୍ସା ପାଇଁ ଆରମ୍ଭ କରାଯାଇଛି। ଏହି ୟୁନିଟ୍‌ରେ ଅଭିଜ୍ଞ ଡ଼ାକ୍ତରଙ୍କ ଏକ ଦଳ ସମାଜର ପ୍ରତ୍ୟେକ ସ୍ତରରେ ସୁଲଭ ମୂଲ୍ୟରେ ତୃତୀୟ ସ୍ତରର ଚିକିତ୍ସା ଯୋଗାଇଦେବା ପାଇଁ ଏକ ମିସନ୍ ରହିଛି, ଆହୁରି ମଧ ସେ କହିଛନ୍ତି ଯେ 'ବିଏସ୍‌କେୱାଇ' ସହିତ ସମସ୍ତ ପ୍ରକାରର ସ୍ୱାସ୍ଥ୍ୟ ବୀମାକୁ ଅନ୍ତର୍ଭୁକ୍ତ କରି ସର୍ବୋତ୍ତମ ଚିକିତ୍ସା ଯୋଗାଇ ଦିଆଯିବ। ଏହିପରି ଉତ୍ତମମାନର ସ୍ୱାସ୍ଥ୍ୟସେବା ଉପରେ ଭରଷା ଓ ବିଶ୍ୱସନୀୟତା ପାଇଁ ଡ଼ଃ. ରଥ ସମସ୍ତ ରୋଗୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ତରଫରୁ ଏକ ଜମି ଯୋଗାଇ ଦିଆଯାଇଥିବାରୁ ପରିବାର ଓ ବନ୍ଧୁମାନେ ଏହି ସ୍ୱପ୍ନକୁ ବାସ୍ତବରେ ପରିଣତ କରିବାରେ ସାହାଯ୍ୟ କରିଛନ୍ତି।

## ରାଜକୀୟ ମନୋଜ୍ଞ ସଙ୍ଗୀତ ସନ୍ଧ୍ୟା 'ମହ୍ଲାର-୨୦୨୩'



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ମନୋଜ୍ଞ ସଙ୍ଗୀତ ସନ୍ଧ୍ୟା 'ମହ୍ଲାର-୨୦୨୩' ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ସୁରେଶ କୁମାର ରାଉତରାୟ, ବରିଷ୍ଠ ସାମ୍ବାଦିକ ତଥା 'ଓଡ଼ିଶା ଭାସ୍କର'ର ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ, କଣ୍ଠଶିଳ୍ପୀ ବାଦଲ ଆଚାର୍ଯ୍ୟ ଓ ସ୍ୱାଗତିକା ସିପ୍ରା ଚକ୍ରବର୍ତ୍ତୀ ପ୍ରମୁଖ ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇଥିଲେ। ଗୀତିକାର ପୁଷ୍ପାଞ୍ଜଳି ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଆୟୋଜକ ସଞ୍ଜିତା ମିଶ୍ର ଓ ମୋନାଲିସା ପଣ୍ଡା ପରିଚାଳନା କରିଥିଲେ। ବହୁ ବିଶିଷ୍ଟ କଣ୍ଠଶିଳ୍ପୀ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ସଙ୍ଗୀତ ପରିବେଷଣ କରି ଶ୍ରୋତାମାନଙ୍କୁ ମୁଗ୍ଧ କରିଥିଲେ। ଅନୁଷ୍ଠାନ ପକ୍ଷରୁ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅନିତା ରଥ ଉପସ୍ଥାପନା କରିଥିଲେ।

## ଭକ୍ତ ଓ ଭଗବାନଙ୍କ ମହାମିଳନର ଅନନ୍ୟ ପରମ୍ପରା
## ବାଲେଶ୍ୱରରେ ବିଭିନ୍ନ ସ୍ଥାନରେ ପବିତ୍ର ଘୋଷଯାତ୍ରା

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ଭକ୍ତ ଓ ଭଗବାନଙ୍କ ମହାମିଳନର ଅନନ୍ୟ ପରମ୍ପରା ଭାବେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରାରେ ଉତ୍ସବମୁଖର ହୋଇଛି ସହର ସମେତ ବାଲେଶ୍ୱର ଜିଲା। ଦୀର୍ଘଦିନର ଅବଧି ପରେ ଭକ୍ତଙ୍କୁ ଦର୍ଶନ ଦେବା ଉଦ୍ଦେଶ୍ୟରେ ରତ୍ନସିଂହାସନ ଛାଡ଼ି ବଡ଼ଭାଇ ଶ୍ରୀ ବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କୁ ନେଇ ୯ ଦିନ ପାଇଁ ଘୋଷଯାତ୍ରାରେ ବାହାରିଛନ୍ତି ବଡ଼ଠାକୁର। ସହରର ବାଣ୍ଡିଆ ଶ୍ରୀଜଗନ୍ନାଥ ମନ୍ଦିରରେ ବିଶେଷ ନୀତିପୂଜା ପରେ ଆୟୋଜିତ ଧାଡ଼ି ପହଣ୍ଡିରେ ତିନିଦିଅଁଙ୍କୁ ରଥାରଢ଼ କରାଯାଇଥିଲା। ଟାଉନଥାନା ଅଧିକାରୀ ପର୍ଶୁରାମ ସାହୁ ଛେରା ପହଁରା କରିବା ପରେ ଶ୍ରଦ୍ଧାଳୁମାନେ ଭକ୍ତି ଗଦଗଦ ଚିତ୍ତରେ ରଥକୁ ଟାଣି ନେଇଥିଲେ ସିନେମାଛକ ସ୍ଥିତ ମାଉସୀଘର ଅଭିମୁଖେ। ସହରର ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇ ରଥାରଢ଼ ଦିଅଁଙ୍କୁ ଦର୍ଶନ କରିବା ସହିତ ରଥ ଟଣାରେ ସକ୍ରିୟ ସହଯୋଗ କରିଥିଲେ। ଘଣ୍ଟ ଘଣ୍ଟା ଭଜନ କୀର୍ତ୍ତନ ସାଙ୍ଗକୁ ଭକ୍ତଙ୍କ ଜୟ ଜଗନ୍ନାଥ ଓ ହରିବୋଲ ଧ୍ୱନିରେ ସେଠାରେ ଏକ ଭାବାବେଗ ପରିବେଶ୍ ଅନୁଭୁତ ହୋଇଥିଲା। ସହର ସମେତ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଏଥିରେ ଯୋଗଦେଇ ଶ୍ରୀଜୀଉଙ୍କୁ ଦର୍ଶନ କରିବା ସହ ରଥ ଟାଣିଥିଲେ। ଅନୁରୂପ ଭାବେ ସହରର ପୁଲିସଲାଇନ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର, ସହରର ମଣ୍ଡଳବଜାର ଜଗନ୍ନାଥ ମନ୍ଦିର, ଝାଡ଼େଶ୍ୱର ମନ୍ଦିର ବେଢ଼ା ପରିସର ଜଗନ୍ନାଥ ମନ୍ଦିର, କାଦାରବାଦ, ବାଲିଆ, ନୂଆସାହି ସେମେତ ସହରର ବିଭିନ୍ନ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କର ପବିତ୍ର ଘୋଷଯାତ୍ରା ଶ୍ରଦ୍ଧାର ସହ ଅନୁଷ୍ଠିତ ହୋଇଯାଇଛି।

## ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ରଥଯାତ୍ରା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ ବେସ ଆଡମ୍ବର ସହ ଏହି ରଥ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲା ସଦର ମହକୁମାରେ ଦୁଇଟି ସ୍ଥାନରେ ରଥ ଯାତ୍ରା ପାଳନ ହୋଇଥିବା ବେଳେ ଜିଲ୍ଲାର ଦୁର୍ଗାଗୁଡି ସାହି ସ୍ଥିତ ପୁରାତନ ଜଗନ୍ନାଥ ମନ୍ଦିର ପରିସରରେ ରଥ ଯାତ୍ରା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଥିଲା । କାରୋନା ମହାମାରୀ ଯୋଗୁଁ ଭକ୍ତ ଓ ଭଗବାନଙ୍କ ମିଳନ ପାଇଁ ହେଉଥିବା ଏହି ରଥ ଯାତ୍ରା ଦୁଇବର୍ଷ ଧରି ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ଏହା ବେସ ଧୂମ ଧାମରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମାଲକାନଗିରି ଜିଲ୍ଲାପାଳ ବିଶାଳ ସିଂ ଉପସ୍ଥିତ ରହି ଛେରା ପହଁରା କରିଥିବା ପରେ ରଥ ଟଣା ଅନୁଷ୍ଠିତ ହୋଇଥିଲା । ସେହିପରି ସଦର ମହକୁମାର ସୁବାସ ଛକ ନିକଟସ୍ଥ ଜଗନ୍ନାଥ ମନ୍ଦିରରେ ମଧ ଧୂମ ଧାମର ସହ ରଥ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ପ୍ରତିବର୍ଷ ବନ ବିଭାଗ ପକ୍ଷରୁ ଏହାକୁ ପ୍ରତିବର୍ଷ ଆୟୋଜିତ କରାଯାଉଛି । ଏହି ରଥରେ ଡିଏଫଓ ପ୍ରତାପ କତାପାଲି ଛେରା ପହଁରା କରିଥିଲେ । ତେବେ ଉଭୟ ସ୍ଥାନରେ ରଥ ଟାଣିବା ପାଇଁ ହଜାର ହଜାର ଲୋକେ ଉପସ୍ଥିତ ହୋଇଥିବା ବେଳେ ହରିବୋଲ ହୁଳ ହୁଳିରେ ଭକ୍ତ ଭଗବାନଙ୍କ ମିଳନ ସହ ରଥ ଯାତ୍ରା ଅନୁଷ୍ଠିତ ହୋଇଥିଲା । ସେହିପରି ବାଲିମେଳାରେ ମଧ ତିନି ଠାକୁରଙ୍କ ରଥ ଯାତ୍ରା ଅନୁଷ୍ଠିତ ହୋଇଥିଲା । ବାଲିମେଳା ଜଗନ୍ନାଥ ମନ୍ଦିର ପୂଜା କମିଟି ଓ ଏନଏସି ପକ୍ଷରୁ ଆୟୋଜିତ ହେଉଥିବା ଏହି ରଥ ଯାତ୍ରାରେ ଆଖପାଖ ଗ୍ରାମର ଶତାଧିକ ଲୋକେ ଉପସ୍ଥିତ ଥିଲେ । ରଥକୁ ମାଉସୀ ମା ଘର ଯାଏଁ ଟାଣି ନେବାକୁ ସହ ସହ ଭକ୍ତ ରଥ ଟାଣିବା ସହ ଭଗବାନଙ୍କ ଦର୍ଶନ କରିଥିଲେ । ରଥ ଯାତ୍ରାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ କର୍ମଚାରୀ ମାନେ ବ୍ୟାରିକେଟ କରି ରଥକୁ ଟାଣିବା ପାଇଁ ବ୍ୟବସ୍ଥା କରିବା ସହ ବିଭିନ୍ନ ପଦକ୍ଷେପ ନେଇଥିଲେ ।

## ପଞ୍ଚାୟତ ନିର୍ବାଚନ ନେଇ ମମତାଙ୍କୁ ଝଟ୍‌କା
## ମୁତୟନ ହେବେ ଅର୍ଦ୍ଧସାମରିକ ବଳ

ନୂଆଦିଲ୍ଲୀ: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ସୁପ୍ରିମକୋର୍ଟ ଏକ ବଡ଼ଧରଣର ଝଟ୍‌କା ଦେଇଛନ୍ତି। ଆସନ୍ତା ୮ ତାରିଖରେ ପଶ୍ଚିମବଙ୍ଗରେ ପଞ୍ଚାୟତ ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହାକୁ ନିରପେକ୍ଷ ଭାବେ ସମ୍ପନ୍ନ କରିବା ନିମନ୍ତେ ଅର୍ଦ୍ଧସାମରିକ ବଳ ନିୟୋଜିତ କରାଯିବ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କିତ ଏକ ମାମଲାର ଶୁଣାଣି କରିବା ଅବସରରେ ସୁପ୍ରିମକୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ ବି ବି ନାଗରତ୍ନା ଏବଂ ଜଷ୍ଟିସ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପିଠ କହିଛନ୍ତି ଯେ ନିର୍ବାଚନ ଅର୍ଥ ହିଂସା କରିବା ପାଇଁ ଲାଇସେନ୍ସ ପାଇବା ନୁହେଁ। ନିର୍ବାଚନ ଅର୍ଥ ହେଉଛି ନିର୍ଭୟରେ ନିରପେକ୍ଷ ଭାବେ ନିଜର ମତାଧିକାର ସାବ୍ୟସ୍ତ କରିବା। ହିସଂକାଣ୍ଡ ଘଟୁଥିବା ସ୍ଥାନରେ ନିରପେକ୍ଷ ନିର୍ବାଚନ ହେବା ସମ୍ଭବ ନୁହେଁ ବୋଲି ଖଣ୍ଡପୀଠ ମତ ଦେଇଛନ୍ତି। ଗତ ୧୩ ତାରିଖରେ କଲିକତା ହାଇକୋର୍ଟ ଏହି ମାମଲାର ଶୁଣାଣି କରି ନିର୍ବାଚନ ପାଖେଇ ଆସୁଥିବାରୁ ରାଜ୍ୟ ସରକାର ତୁରନ୍ତ କେନ୍ଦ୍ରୀୟ ସୁରକ୍ଷା ବଳ ପାଇଁ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ରାଜ୍ୟ ସରକାର ଏନେଇ ତତ୍ପରତା ପ୍ରକାଶ କରିବା ବଦଳରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ପ୍ରଶ୍ନ କରିଥିଲେ ଯେ ଅର୍ଦ୍ଧସୈନିକ ବଳ ମୁତୟନ ହେଲେ ରାଜ୍ୟ ନିର୍ବାଚନ ଆୟୋଗ କିପରି ପ୍ରଭାବିତ ହେବେ। ସୁରକ୍ଷା ବଳ କେନ୍ଦ୍ରରୁ ଆସନ୍ତୁ ବା ଅନ୍ୟ ରାଜ୍ୟରୁ ଆସନ୍ତୁ ତାହାକୁ ନେଇ ନିର୍ବାଚନ ଆୟୋଗଙ୍କର କିଛି ଅସୁବିଧା ହେବ ନାହିଁ। ଏଥିସହ ରାଜ୍ୟ ସରକାରଙ୍କୁ ଖଣ୍ଡପୀଠ କହିଥିଲେ ଯେ ଆପଣ ନିଜେ ସୁରକ୍ଷା ବଳ ପାଇଁ ଆବେଦନ କରିଛନ୍ତି। ତେଣୁ ଏହି ସୁରକ୍ଷା ବଳ କେଉଁଠି ଆସିବେ ସେ ନେଇ ଆପଣ ଚିନ୍ତା କରିବାର ଆବଶ୍ୟକତା ନାହିଁ। ସୂଚନାଯୋଗ୍ୟ ଯେ ପଞ୍ଚାୟତ ନିର୍ବାଚନ ପାଇଁ ସ୍ଥାପନ କରାଯାଇଥିବା ୭୫ ହଜାର ବୁଥରେ ଗୋଟିଏ ଦିନରେ ନିର୍ବାଚନ ହେବ। ଏହି ବୁଥ ମଧ୍ୟରୁ ୧୮୯ଟି ସମ୍ବେଦନଶୀଳ ବୁଥ ରହିଛି। ତେଣୁ ସେହିସବୁ ବୁଥରେ ଅଧିକ ପରିମାଣର ସୁରକ୍ଷା ବଳ ନିୟୋଜିତ ହେବା ଉଚିତ ବୋଲି ଖଣ୍ଡପୀଠ କହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ସିଗନାଲ ଜେଇଙ୍କୁ...

ମଙ୍ଗଳବାର ସକାଳୁ ତାଙ୍କୁ ଦେଖିବାକୁ ମିଳିଥିଲା। ଏଭଳି ଗାଏବ ହେବା ଓ ପୁଣି ଦେଖା ଦେବା ଘଟଣା ପଛରେ କି ରହସ୍ୟ ରହିଛି ତାହା ମଧ ସ୍ପଷ୍ଟ ହୋଇ ପାରି ନାହିଁ। ସୂଚନାଯୋଗ୍ୟ ଯେ ଏହି ଟ୍ରେନ ଦୁର୍ଘଟଣାରେ ବର୍ତ୍ତମାନ ସୁଦ୍ଧା ୨୯୨ ଜଣଙ୍କର ମୃତ୍ୟୁ ଘଟିଛି।

### ବାହାନଗାର ବିକାଶ...

୧ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ବେଳେ ବାହାନଗା ମେଡ଼ିକାଲର ବିକାଶ ପାଇଁ ରେଲୱେ ପାଣ୍ଠିରୁ ୧ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଥିଲେ।

### ମୌସୁମୀ ପୂର୍ବରୁ...

କେନ୍ଦୁଝର, ଯାଜପୁର, ଢେଙ୍କାନାଳ, ଅନୁଗୋଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ବୌଦ୍ଧ, ସୋନପୁର ଇତ୍ୟାଦି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ଓ ବଜ୍ରପାତର ସମ୍ଭାବନା ରହିଛି । ତେବେ ମୟୂରଭଞ୍ଜ, ଗଞ୍ଜାମ, ଗଜପତି, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ବର୍ଷା ହେବ । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୨୨ ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ପାଣିପାଗ ବିଭାଗ ସୂଚନା ଦେଇଛି । ସେହିପରି ୨୩ ତାରିଖରେ ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଯାଜପୁର, ଭଦ୍ରକ, କଟକ, ଖୋର୍ଦ୍ଧା, କନ୍ଧମାଳ, ଗଜପତି ଓ ନୟାଗଡ଼ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । କିନ୍ତୁ ପୁରୀ, ଜଗତସିଂହପୁର ଓ ଗଞ୍ଜାମ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ ବିଭାଗ ସୂଚନା ଦେଇଛି ।

### ଭାରତ-ଆମେରିକା...

ଅଖଣ୍ଡତାରେ ବିଶ୍ୱାସ କରୁ। ପ୍ରଚଳିତ ନିୟମକୁ ଅନୁକରଣ କରି ଚାଲିଛୁ ଓ ବିଭିନ୍ନ ବିଭାଗକୁ ଶାନ୍ତି ପ୍ରସ୍ତାବ ମାଧ୍ୟମରେ ସମାଧାନ କରିବାକୁ ଚେଷ୍ଟା କରି ଚାଲିଛୁ। ଏହି ସମୟରେ ଭାରତ ସମ୍ପୂର୍ଣ୍ଣ ଭାବେ ତାର ସମ୍ମାନ ରକ୍ଷା କରିବାରେ ପ୍ରତିଶ୍ରୁତିବଦ୍ଧ ବୋଲି ସେ ଉଲ୍ଲେଖ କରିଥିଲେ। ସୂଚନାଯୋଗ୍ୟ ଯେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କ ନିମନ୍ତ୍ରଣ କ୍ରମେ ମୋଦୀ ମଙ୍ଗଳବାର ଆମେରିକାକୁ ପ୍ରଥମଥର ପାଇଁ ଷ୍ଟେଟ ଭିଜିଟରେ ଯାଇଛନ୍ତି। ସେ ନ୍ୟୁୟର୍କରେ ଆୟୋଜିତ ବିଶ୍ୱ ଯୋଗ ଦିବସରେ ମଧ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ମିଳିତ ଜାତିସଂଘ ମୁଖ୍ୟାଳୟରେ ବୁଧବାର ଅନୁଷ୍ଠିତ ହେବାକୁ ଥିବା ଯୋଗ ଅଧିବେଶନରେ ମୋଦୀ ଅଧ୍ୟକ୍ଷତା କରିବେ। ସେ କହିଥିଲେ ମୁଁ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ସ୍ୱାଧୀନ ଭାରତରେ ଜନ୍ମଗ୍ରହଣ କରିଥିଲି। ଏଥିପାଇଁ ମୋ ଚିନ୍ତାଧାରା, କାର୍ଯ୍ୟଶୈଳୀ, ମୁଁ କ'ଣ କହୁଛି ଓ କରୁଛି ସବୁକିଛି ମୋ ଦେଶର ସଂସ୍କାର ଓ ପରମ୍ପରାରୁ ଅନୁପ୍ରାଣିତ ହୋଇଛି। ଏ ସବୁଥିରୁ ମୁଁ ଶକ୍ତି ପାଇଥାଏ। ମୁଁ ମୋ ଦେଶକୁ ପୁରା ବିଶ୍ୱରେ ମୋ ଦେଶ କ'ଣ ତାକୁ ଜଣାଇବାକୁ ଚାହୁଁଛି। ଭାରତ କେବେ ହେଲେ କୌଣସି ଦେଶକୁ ନ୍ୟୁନ କରିବାକୁ ଚାହେଁନାହିଁ। ଭାରତ ତାର ଉପଯୁକ୍ତ ଭୂମିକା ପୁରା ବିଶ୍ୱରେ ପ୍ରତିପାଦନ କରିବା ଜରୁରୀ ବୋଲି ସେ କହିଥିଲେ।

### ଭକ୍ତ-ଭଗବାନ...

ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହେବାପରେ ପହଣ୍ଡିବିଜେ ନୀତି ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ଉତ୍ସାହର ସହିତ ଟାଣି ନେଇଥିଲେ ତିନି ରଥକୁ। ବଡ଼ଦାଣ୍ଡରେ ଲକ୍ଷଲକ୍ଷ ଭକ୍ତ ତିନି ଠାକୁରଙ୍କ ଝଲକ ପାଇ ହୋଇ ଉଠିଥିଲେ କୃତ୍ୟକୃତ୍ୟ। ସତେ ଯେପରି ଭକ୍ତ ଓ ଭଗବାନ ଏକାକାର ହୋଇଯାଇଥିଲେ। ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ୧୮୦ ପ୍ଲାଟୁନ ଫୋର୍ସ ମୁତୟନ ସହିତ ସୁରକ୍ଷା ବ୍ୟବସ୍ଥା ତଦାରଖ କରିବା ପାଇଁ ୫୦୦ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା। ଜଳ,ସ୍ଥଳ ଓ ଆକାଶପଥରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଥିଲା। ଏପରିକି ସମୁଦ୍ର କୂଳରେ ମଧ୍ୟ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମହାନ ପର୍ବରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଶିଷ ଭିକ୍ଷା କରିଥିଲେ। ଭିଡ଼ ଭିତରକୁ ଯାଇ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଆଖିପୂରାଇ ଦେଖିଥିଲେ । ପ୍ରବଳ ଭିଡ଼ରେ ବି ମୁଖ୍ୟମନ୍ତ୍ରୀ ରଥ ଟାଣିଥିଲେ। ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗର ଉନ୍ମୋଚନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ.ପାଣ୍ଡିଆନ ଓ ବହୁ ମନ୍ତ୍ରୀ ତଥା ବିଧାୟକ ଉପସ୍ଥିତ ରହିଥିଲେ। ତେବେ ପୁରୀରେ ମଙ୍ଗଳବାର ପ୍ରବଳ ଗରମ ସହ ଗୁଳୁଗୁଳି ଅନୁଭୂତ ହୋଇଥିଲା। ତାପମାତ୍ରା ୩୫ ଡିଗ୍ରୀ ଉପରେ ରେକର୍ଡ କରାଯାଇଥିବାବେଳେ ଆର୍ଦ୍ରତା ୬୯ ପ୍ରତିଶତ ରହିଥିଲା। ଫଳରେ ପ୍ରବଳ ଗୁଳୁଗୁଳି ହୋଇଥିଲା। ବଡ଼ଦାଣ୍ଡରେ ଭକ୍ତଙ୍କ ଉପରକୁ ପାଣି ସିଞ୍ଚନ କରାଯାଇଥିଲା। ତେବେ ବଳଭଦ୍ରଙ୍କ ରଥଟଣା ସମୟରେ ଏକ ଅଘଟଣ ଘଟିଥିଲା । ମରିଚିକୋଟ ନିକଟରେ ଠେଲାପେଲାରେ କେତେକ ଶ୍ରଦ୍ଧାଳୁ ଆହତ ହୋଇଥିଲେ। ସେମାନଙ୍କୁ ପୁରୀ ବଡ଼ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶେଷ ସମ୍ବାଦ ଅନୁଯାୟୀ ବଳଦେବଙ୍କ ରଥ ଶରଧାବାଲିରେ ପହଞ୍ଚି ସାରିଥିବାବେଳେ ନନ୍ଦିଘୋଷ ରଥ ମାଉସୀମା ଛକ ଓ ଦେବଦଳନ ରଥ ବଡଶଙ୍ଖଠାରେ ଅଟକିଛି। ବୁଧବାର ପୂର୍ବାହ୍ନ ୯ଟାରେ ପୁଣିଥରେ ରଥଟଣା ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ରଥଯାତ୍ରାରେ ବିଦେଶୀ ଭକ୍ତମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସେମାନେ ଭଜନ କୀର୍ତ୍ତନ କରିବା ସହ ନୃତ୍ୟରେ ବେଶ୍ ମସଗୁଲ ଥିବା ଦେଖା ଯାଇଥିଲା। ସେହିପରି ବହୁ ସ୍ୱେଚ୍ଛାସେବୀ ଏହି ରଥଯାତ୍ରାରେ ସେବା ଯୋଗାଇ ଦେଇଥିଲେ। ଏପରିକି ପ୍ରବଳ ଗୁଳୁଗୁଳି ଯୋଗୁ ହନ୍ତସନ୍ତ ହେଉଥିବା ଭକ୍ତମାନଙ୍କୁ ପାଣି ଯୋଗାଇ ଦେବା ସହ ପ୍ରଶାସନ ପକ୍ଷରୁ ଜଳ ସିଞ୍ଚନର ବ୍ୟବସ୍ଥା କରାଯାଇଥିଲା।


**कार्यालय अधीक्षण अभियंता,**
**लोक निर्माण विभाग, बिलासपुर मंडल, बिलासपुर**
**ई-प्रोक्योरमेंट निविदा सूचना**
**Portal: http://eproc.cgstate.gov.in**

छत्तीसगढ़ शासन, लोक निर्माण विभाग, बिलासपुर मण्डल, बिलासपुर में निम्नलिखित कार्य नवीन ई-पंजीयन में पंजीकृत ठेकेदार हेतु सरल क्र. 1 हेतु दिनांक 26.06.2023 तक, सरल क्र. 2 से 4 हेतु दिनांक 30.06.2023 तक एवं सरल क्र. 5 से 6 हेतु दिनांक 06.07.2023 तक निविदा आमंत्रित की जाती है:-

| क्र. | नि.आ.सू. क्र./दिनांक | कार्य का नाम | लागत (लाख मे) |
|---|---|---|---|
| 1 | 49 | पामगढ़ – डोंगाकोहरौद मार्ग के चौनेज 3487 से 3987 = 500 मीटर मजबूतीकरण का कार्य । **द्वितीय आमंत्रण। चांपा संभाग चांपा।** | 31.92 |
| 2 | 50 | लोक निर्माण विभाग उपसंभाग क्र-2 कटघोरा अंतर्गत कोटमी-पसान-कटघोरा, कटघोरा-बायपास, कोरबी-जल्के, जल्के पिपिरया, राहा से रावा मार्ग में पेच रिपेयर कार्य (बी.टी.) पेच डब्ल्यू. एम.एम. पेच एवं ड्रेन/पटरी मरम्मत कार्य। **प्रथम आमंत्रण। कोरबा संभाग कोरबा ।** | 100.00 |
| 3 | 51 | लोक निर्माण विभाग उपसंभाग भैसमा अंतर्गत मार्गो में पेच रिपेयर कार्य (बी.टी.) पेच डब्ल्यू.एम.एम. पेच एवं ड्रेन/पटरी मरम्मत कार्य। **प्रथम आमंत्रण। कोरबा संभाग कोरबा।** | 100.00 |
| 4 | 52 | लोक निर्माण विभाग उपसंभाग क्र- 1 कटघोरा अंतर्गत कटघोरा-सलोरा, कटघोरा-कोरबा-नोनबिर्रा-रतिजा-हरदीबाजार, बोईदा-कसियाडीह-अदराली-पाली-दीपका- छुरी-गांगपुर मार्ग में पेच रिपेयर कार्य (बी.टी.) पेच डब्ल्यू.एम.एम. पेच एवं ड्रेन/पटरी मरम्मत कार्य। **प्रथम आमंत्रण। कोरबा संभाग कोरबा।** | 100.00 |
| 5 | 53 | शासकीय कन्या हायर सेकेण्डरी स्कूल सरगांव में 10 नग अतिरिक्त कक्ष का निर्माण कार्य। **प्रथम आमंत्रण। मुंगेली संभाग मुंगेली।** | 66.70 |
| 6 | 54 | जिला मुंगेली के पथरिया में मिनी स्टेडियम का निर्माण कार्य । **प्रथम आमंत्रण। मुंगेली संभाग मुंगेली।** | 48.68 |

निविदा में भाग लेने की प्रक्रिया एवं निविदा के संबंध में विस्तृत जानकारी विभाग के उपरोक्त वेबसाईट में देखें जा सकते है।

**अधीक्षण अभियंता**
**लो.नि.वि.बिलासपुर मण्डल, बिलासपुर**
(G-02471/5)

# ରାଜ୍ୟ ଖବର


ପ୍ରତିକାତ୍ମକ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଥାନା ହରିଶପୁର ଗ୍ରାମରେ ଜଣେ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ, ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ଗୁରୁତର ଦଫାରେ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଛି । ଏହି ଘଟଣାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଅନେକ ସମୟରେ ମହାନ୍ତି ପରିବାର ଜେନା ପରିବାର ମଧ୍ୟରେ ଦୀର୍ଘଦିନ ହେବ ବିବାଦ ରହିଥିବାରୁ ଏକାଧିକ ମାମଲା ଥାନାରେ ରୁଜୁ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ହରିଶପୁର ଗ୍ରାମର କବିତା ଜେନା ନାମକ ମହିଳା ଅଭିଯୋଗ କରିଛନ୍ତି ପୂର୍ବ ବିବାଦକୁ ନେଇ ସେହି ଗ୍ରାମର ଲିପୁନ୍ ମହାନ୍ତି, ବିଗୁଲା ମହାନ୍ତି, ମାଗା ମହାନ୍ତି ପ୍ରମୁଖ ଗାଳି ଗୁଲଜ କରିବାରେ ଥାନାରେ ମାମଲା ହୋଇଥିଲା । ଏହି ଘଟଣା ଗଣମାଧ୍ୟମରେ ବାହାରିବା ପରେ ପୁନଶ୍ଚ ଅଭିଯୁକ୍ତମାନେ ମିଥ୍ୟା କେସ୍‌ରେ ଫସାଇବି କହି ଗାଳି ଗୁଲଜ କରିବା ସହ ଧମକ ଦେଇଥିଲେ । ପୁନରାୟ ଗତ ୧୮ ତାରିଖ ରାତ୍ର ୩ଟା ସମୟରେ ମହିଳାଙ୍କ ଘର ନିକଟକୁ ଅଭିଯୁକ୍ତମାନେ ଆସି ଗାଳି ଗୁଲଜ କରିଥିଲେ । ପାଟି ଶୁଣି ମହିଳା ବାହାରକୁ ଉଠି ପଡ଼ିବାରୁ ଆସାମୀମାନେ ପାଟିରେ ଗାମୁଛା ମାଡ଼ି ମହିଳାଙ୍କ ପିନ୍ଧା ବସ୍ତ୍ର ଟଣା ଓଟରା କରି ଛିଣ୍ଡାଇ ଦେବା ସହ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିଲେ । ମହିଳା ସେଠାରୁ କୌଶଳକ୍ରମେ ଖସି ପଳାଇ ଚିତ୍କାର କରିବାରୁ ପଡ଼ୋଶୀମାନେ ଉଠି ପଡ଼ିଥିଲେ । ଏ ସଂପର୍କରେ ମହିଳା ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସରକାରୀ ଜମିରୁ ମାଟି ଚାଲାଣକୁ କେନ୍ଦ୍ରକରି ରକ୍ତାକ୍ତ ସଂଘର୍ଷ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ସରକାରୀ ଜମିରୁ ରାତି ଅଧରେ ଜେସିବି ମେସିନ ଟ୍ରାକ୍ଟର ସାହାଯ୍ୟରେ ମାଟି ଚୋରି କରିବା ଘଟଣାକୁ କେନ୍ଦ୍ରକରି ମହାଭାରତ ସୃଷ୍ଟି ହୋଇଛି । ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ନାମରେ ପୋଲିସ ମାମଲା ରୁଜୁ କରିଥିବା ବେଳେ ଥାନାରେ ହୋଇଥିବା ଅଭିଯୋଗରେ ସରକାରୀ ପ୍ଲଟରୁ ରାତିରେ ମାଟି ନେଉଥିବା ଉଲ୍ଲେଖ ଥିବା ବେଳେ କଣ ପାଇଁ ରାତି ଅଧରେ ମାଟି ଚୋରୀ କରାଗଲା ଏପରି ଭାବେ ସରକାରଙ୍କ ରାଜସ୍ୱ ଲୁଣ୍ଠନ ହେଉଛି । ତହସିଲଦାର ମାଟିଚୋରୀ କରୁଥିବା ବ୍ୟକ୍ତିଙ୍କ ନାମରେ କଣ ପାଇଁ ଏତଲା ଦେଇନାହାଁନ୍ତି ଏହା ତଦନ୍ତ ସାକ୍ଷେପ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ ନିମାପଡା ଥାନା ନଢଣା ଗ୍ରାମର ମିନତୀ ଖୁଣ୍ଟିଆ ଅଭିଯୋଗ କରିଛନ୍ତି, ସ୍କୁଲରେ ମାଟି ପୋତିବା ନିମନ୍ତେ ଗ୍ରାମବାସୀମାନଙ୍କ ସହମତି କ୍ରମେ ସରକାରୀ ଜାଗାରୁ ରାତ୍ରରେ ମେସିନ ଓ ଟ୍ରାକ୍ଟର ସାହାଯ୍ୟରେ ମାଟି ଚାଲାଣ ହେଉଥିବା ବେଳେ ଅଂସାଲୋ ଗ୍ରାମର ମୀନକେତନ ନାୟକ ଓରଫ ଗୁଡୁ, ଅର୍ଜ୍ଜୁନ ବେହେରା, ହରି ବେହେରା, ବବୁଲ ବେହେରା, ଗୁଡୁ ବେହେରା, ବନମାଳୀ ନାୟକ ନଢଣା କାଦୁଆପଟଣା ହାତରେ ମାରଣାସ୍ତ୍ର ଇଟା ପଥର ଧରି ମାଟି ଖେଳାଯାଉଥିବା ସ୍ଥାନରେ ପହଞ୍ଚି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଟି ବୁହା କାର୍ଯ୍ୟ ତଦାରଖ କରୁଥିବା ସଦାଶିବ ଖୁଣ୍ଟିଆ ସୁଶାନ୍ତ ବସ୍ତିଆ ପ୍ରଦୀପ ଖୁଣ୍ଟିଆ ଦିପକ ବସ୍ତିଆଙ୍କୁ ଅଭିଯୁକ୍ତମାନେ ଆତର୍କିତ ଭାବେ ଆକ୍ରମଣ କରିଥିଲେ। ଜୀବନରେ ମାରିଦେବା ଉଦ୍ଦେଶ୍ୟ ରଖି ମୁଣ୍ଡକୁ ଲକ୍ଷ୍ୟ କରି ଢେଲା ମାଡ କରିଥିଲେ । ଢେଲା ମାଡରେ ଏକାଧିକ ବ୍ୟକ୍ତି ଆହତ ହୋଇ ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍‌ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି । ଅଭିଯୋଗ ଆଧାରରେ ପୋଲିସ ଆଇପିସି ଧାରା ୧୪୭/୩୪୧/୨୯୪/୩୨୩/୩୨୫/୩୦୭/ ୫୦୬/ ୧୪୯ ଦଫାରେ ମାଲା ରୁଜୁ କରିଅଛି। ସେହିପରି ନକୁଳ ବେହେରା ଅଭିଯୋଗ କରିଛନ୍ତି ଯେ ତାଙ୍କ ବିଲ ନିକଟରୁ ଅଭିଯୁକ୍ତମାନେ ମାଟି ଖୋଳୁଥିଲେ । ନକୁଳ ପ୍ରତିବାଦ କରିବାରୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ମାଡ ମାରିଥିଲେ । ଗୁରୁତର ଆହତ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହୋଇ ଏ ସଂପର୍କରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦିପକ ବସ୍ତିଆ, ଦିପକ ଖୁଣ୍ଟିଆ, ସଦାଶିବ ଖୁଣ୍ଟିଆ, ସୁଜିତ ଖୁଣ୍ଟିଆ, ମିଲୁ ବସ୍ତିଆ, ଅକ୍ଷୟ ଖୁଣ୍ଟିଆ ନାମରେ ଗୁରୁତର ଦଫାରେ ମାମଲା ରୁଜୁ କରିଅଛି । ଏହି ଘଟଣାକୁ କେନ୍ଦ୍ରକରି ଗ୍ରାମରେ ଉତ୍ତେଜନା ଲାଗିରହିଛି ।



## ବୋଲଗଡ଼ରେ ପବିତ୍ର ରଥଯାତ୍ରା

ବୋଲଗଡ଼,(ଭାସ୍କର): ବୋଲଗଡ଼ ସଦମହକୁମାର ପ୍ରଭୁ ଜଗନ୍ନାଥଙ୍କ (ତୃତୀୟାଦେବ) ଙ୍କର ମଙ୍ଗଳବାର ପବିତ୍ର ଘୋଷଯାତ୍ରା ମହାଆଡ଼ମ୍ବରସହକାରେ ଅନୁଷ୍ଠିତ ହୋଇ ଯାଇଛି। ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ପରମ୍ପରା ଅନୁସାରେ ପ୍ରାତଃରେ ମନ୍ଦିର ମୁଖ୍ୟ ବ୍ରାହ୍ମଣ ସେବକ ସୂର୍ଯ୍ୟମଣୀ ପରମଗୁରୁ ଓ ଅନ୍ୟ ସେବକଙ୍କ ସହଯୋଗରେ ଚର୍ତୁର୍ଦ୍ଧା ବିଗ୍ରହ ଙ୍କର ମଙ୍ଗଳ ଆଳତି ସହ ସମସ୍ତ ନୀତି କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା।ଦିନ ୧୧ଟା ସମୟରେ ସେବକ ମାନେ ସୁଦର୍ଶନ ମହାରାଜ ପରେ ବଡ଼ ଠାକୁର ବଳଭଦ୍ର,ଭଗ୍ନୀ ସୁଭଦ୍ରା ଓ ଶେଷରେ ବିଶ୍ୱ ନିୟନ୍ତ୍ରକ ବ୍ରହ୍ମାଣ୍ଡ ଠାକୁର କାଳିଆ ସାଆଁନ୍ତଙ୍କୁ ସେବକ ମାନେ ଧାଡି ପହୁଣ୍ଡିରେ ରଥାରୂଢ଼ କରାଇଥିଲେ। ରଣପୁର ସ୍ଥିତ ଚୈତନ୍ୟ ଦ୍ୱେ ମଠ ମହନ୍ତ ପର୍ଶୁରାମ ଦାଶ ରଥରେ ଛେରାପହଁରା କାର୍ଯ୍ୟ କରିଥିଲେ।ଅପରାହ୍ନରେ ବିଗ୍ରହ ମାନଙ୍କର ପବିତ୍ର ଘୋଷଯାତ୍ରା ଆରମ୍ଭ କରାଯାଇ ଭକ୍ତ ମାନେ ଆନନ୍ଦର ସହିତ ରଥ ଟାଣିଥିଲେ।ରଥର ଡାହୁକ ଈଶ୍ୱର ମହାପାତ୍ରଙ୍କ ବୋଲି ବଚନୀକାର ତାଳେ ତାଳେ ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିରକୁ ରଥ ଗଡି ଚାଲିଥିଲା। ସେଠାରେ ସନ୍ଧ୍ୟା ୭ଟା ସମୟରେ ରଥ ପହଁଚିବା ପରେ ସେବକ ବ୍ରାହ୍ମଣମାନେ ବିଗ୍ରହ ମାନଙ୍କୁ ଗୋଟି ପହୁଣ୍ଡିରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରାଇ ଥିଲେ।ଶାନ୍ତି ଶୃଙ୍ଖଳା ଦୃଷ୍ଟିରୁ ଥାନା ନିରୀକ୍ଷକ ରଶ୍ମି ରଞ୍ଜନ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ୱବଧାନରେ ସମସ୍ତ ପୁରୁଷ ଓ ମହିଳା ପୋଲିସ କର୍ମଚାରୀ ମାନେ ରଥ ଟାଣିବାରେ ବିଶେଷ ସହଯୋଗ କରିଥିଲେ।ସେହିପରି ଅଗ୍ନିସେବା ଓ ବିଦ୍ୟୁତ କର୍ମଚାରୀ ମାନେ ସହଯୋଗ କରିଥିଲେ। ରଥଯାତ୍ରା ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ବୋଲଗଡ ବସଷ୍ଟାଣ୍ଡ ବଣିକ ସଂଘ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ଦହିପଣା ବଣ୍ଟନ କରାଯାଇଥିଲା।

## ଯାଜପୁରରେ ରଥାରୂଢ଼ ହେଲେ ଚତୁର୍ଦ୍ଧା ମୁରତି



ଯାଜପୁର, (ଭାସ୍କର ନ୍ୟୁଜ୍): ଯାଜପୁର ଦଶାଶ୍ୱମେଧ ଘାଟ ଠାରେ ଥିବା ଜଗନ୍ନାଥ ମନ୍ଦିରର ରଥଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରଥଯାତ୍ରା ଦିନ ଯାଜପୁରରେ ଚତୁର୍ଦ୍ଧା ମୂର୍ତି ରଥାରୁଢ଼ ହେବାପରେ ପରଦିନ ରଥଯାତ୍ରା କରାଯାଇଥାଏ। ସେହି ଅନୁସାରେ ମଙ୍ଗଳବାର ଦିନ ପ୍ରାତଃ ସମୟରେ ମଙ୍ଗଳାଆଳତୀ ପରେ ପହଂଡି କରାଯାଇ ଚତୁର୍ଦ୍ଧା ମୂର୍ତିଙ୍କୁ ରଥାରୁଢ଼ କରାଯାଇଥିଲା। ବୁଧବାର ଦିନ ରଥଯାତ୍ରା କରାଯାଇ ଚତୁର୍ଦ୍ଧା ମୂର୍ତିକୁ ମାଉସି ମା' ମନ୍ଦିର ନିଆଯିବାର କାର୍ଯ୍ୟକ୍ରମ ରହିଅଛି। ଏହି ଅବସରରେ ଜଗନ୍ନାଥ ବଡଦାଣ୍ଡରେ ଶ୍ରୀ ଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ବାର୍ଷିକୋତ୍ସବ ପାଳନ କରାଯିବା ସହ ଭଜନ ସମାରୋହ କରାଯାଇଥିଲା। ଏଥିରେ ଚେତନା ପରିଷଦର ସଭାପତି ସନ୍ତୋଷ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ପୂର୍ବତନ ପୌରାଧକ୍ଷ ଭବପ୍ରସାଦ ଦାସ, ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଗୋପିନାଥ କୁଅଁର, ସମ୍ମାନିତ ଅତିଥି ଭାବେ ପୌରାଧକ୍ଷ ରଞ୍ଜୁଲତା ହୋତା, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ସମରଜିତ ମହାନ୍ତି , କାଉନସିଲର ସରିତା ଖୁଂଟିଆ ପ୍ରମୁଖ ଯୋଗଦେଇ ଜଗନ୍ନାଥ ପ୍ରେମୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ଜଗନ୍ନାଥ ସେବା କରୁଥିବା ବ୍ୟକ୍ତିବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ଦିନ ଫୁଲ ଓ ତୁଳସୀ ପ୍ରଦାନ କରୁଥିବା ସତ୍ୟଭାମା ସାହୁ, ମନ୍ଦିରରେ ପ୍ରତ୍ୟେକ ଦିନ ଭାଗବତ ପଠନ କରୁଥିବା ବବିତା ବିଶ୍ୱାଳ, ଜଗନ୍ନାଥଙ୍କ ରଙ୍ଗ ଶିଳ୍ପୀ ସୁବାଷ ଦାଶ, ସ୍ୱାସ୍ଥ୍ୟସେବା ଯୋଗାଉଥିବା ସ୍ୱାସ୍ଥ୍ୟକର୍ମୀ ହୃଶିକେଷ ସାହୁ, ଗୀତାଜାଗରଣ ପରିଷଦର ଅଧକ୍ଷା ପ୍ରତୀମା କରଙ୍କୁ ପୁଷ୍ପଗଚ୍ଛ, ମାନପତ୍ର ଓ ଉପଢ୍ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚେତନା ପରିଷଦର ସଂପାଦକ ଆଲୋକ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିବାବେଳେ କୋଷାଧକ୍ଷ ସ୍ମୃତିରଂଜନ ମହାନ୍ତି ସଭା ସଂଚାଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସହ ସଂପାଦକ ସରୋଜ କୁମାର ଜେନା, ଜନାର୍ଦ୍ଦନ ମହାନ୍ତି, ଶୁଭେନ୍ଦୁ ସାମନ୍ତ, ଆଲୋକ ଜେନା, ବଳରାମ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ତୁଳସୀପୁର ଗ୍ରାମରେ ରଥଯାତ୍ରା



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଂଚଳରେ ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଛୋଟ ପିଲାମାନେ ରଥ କରି ଗାଁ ଗାଁ ବୁଲଉଥିବା ଦେଖିବାକୁ ମିଳିଥିବା ବେଳେ ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ତୁଳସୀପୁର ବ୍ରାହ୍ମଣ ଶାସନରେ ଏକ ନିଆରା ପରମ୍ପରା ନେଇ ରଥଯାତ୍ରା କରାଯାଇଥିଲା । ଶାସନରେ ଏକ ଆତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି ପରମ୍ପରା ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପାଳିତ ହୋଇଆସୁଛି । ଗ୍ରାମବାସୀମାନେ ପ୍ରାତଃରୁ ପହଂଚିଥିଲେ ପ୍ରାଚୀ ନଦୀ କୂଳ ବନ୍ଦେଶ୍ୱର ଗ୍ରାମରେ । ସେଠାରେ ପୂଜା ପାଇ ଆସୁଥିବା ପ୍ରଭୁ ଗୁରୁଦେବ ଠାକୁରଙ୍କୁ ନବବସ୍ତ୍ର ପିନ୍ଧାଇ ପୁଷ୍ପ ଅଳଙ୍କାରରେ ଭୂଷିତ କରାଇ ଅନ୍ନ ପ୍ରସାଦ ଭୋଗ ଲାଗି କରାଯାଇଥିଲା । ଏକ ସୁସଜ୍ଜିତ ପାଲିଙ୍କିରେ ରୋଷଣୀ କରି ନିଜ ଗ୍ରାମକୁ ଆଣି ରଥାରଢ଼ କରାଇବା ପରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ଠାକୁର ଗ୍ରାମରେ ଘର ଘର ବୁଲି ଭୋଗ ଖାଇ ପହଂଚିଥିଲେ ମା' କନକ ଦୁର୍ଗାଙ୍କ ମନ୍ଦିରରେ । ବାଟରେ ମାଉସୀ ଘର ଭାବେ ପରିଚିତ ଲଳିତ ଶତପଥୀଙ୍କ ପରିବାର ପକ୍ଷରୁ ଠାକୁରଙ୍କ ନିକଟରେ ସ୍ନାନ ଆଳତୀ କରାଯାଇଥିଲା । ରଥଯାତ୍ରା ପାଇଁ ଗ୍ରାମରେ ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇଥିବା ବେଳେ ପୂଜକ ଭାବେ ଗଙ୍ଗାଧର ପାଣି ଠାକୁରଙ୍କ ନୀତି ସଂପାଦନ କରିଥିଲେ । ଅବନୀନ୍ଦ୍ର ତ୍ରିପାଠୀ, ରଜତ ତ୍ରିପାଠୀ, କୈଳାସ ତ୍ରିପାଠୀ, ବନ ବିହାରୀ ଦାଶ, ସନ୍ତୋଷ ଦାଶ, ହରେକୃଷ୍ଣ ଶତପଥୀ, ରଜନୀକାନ୍ତ ତ୍ରିପାଠୀ ପ୍ରମୁଖ ରଥଯାତ୍ରା ପରିଚାଳନା କରିଥିଲେ ।

## ଶାନ୍ତି ଶୃଙ୍ଖଳାରେ ହେଲା ଘୋଷଯାତ୍ରା



କାଳିଆପାଣି, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ କାଳିଆପାଣି ଖଣି ଅଞ୍ଚଳରେ ମହାପ୍ରଭୁଙ୍କ ଘୋଷ ଯାତ୍ରା ଆଜି ଅତ୍ୟନ୍ତ ଶ୍ରଦ୍ଧା ଭକ୍ତି ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟୁଆ ଓ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ରଥ ଟାଣିଥିଲେ। ୧୨ଘଟିକାରେ ଆଜ୍ଞାମାଳ ବିଜେ, ୧ଘଟିକାରେ ମହାପ୍ରସାଦ ନୀତି, ୨ ଘଟିକାରେ ରଥ ପ୍ରତିଷ୍ଠା ପରେ ୩ ଘଟିକା ରେ ସେବାୟତ ମନେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରି ରଥାରୂଢ଼ କରିଥଲେ। ୫ ଘଟିକାରେ ମହାପ୍ରଭୁଙ୍କ ଆଦ୍ୟ ସେବକ ସୁକିନ୍ଦା ରାଜାଙ୍କ ପୁତ୍ର ଜ୍ୟୋତି ପ୍ରକାଶ ସିଂଦେଓ ଛେରା ପହଁରା କରିଥିଲେ ଓ ଅପରାହ୍ନ ୫.୨୦ଘଟିକା ସମୟରେ ରଥ ଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬.୩୦ ଘଟିକା ଟିସ୍କୋ ବଜାର ଏ ଟିଏମ ଛକ ଦେଇ ଟିସ୍କୋ କଲୋନୀ ପରିସରରେ ଥିବା ମାଉସୀମା ମନ୍ଦିରରେ ପହଞ୍ଚି ପହଞ୍ଚିଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ଙ୍କ ସମେତ ସମସ୍ତ କର୍ମକର୍ତ୍ତା, ସେବାୟତ, ମାତୃ ମଣ୍ଡଳୀ, ସଙ୍କୀର୍ତ୍ତନ ମଣ୍ଡଳୀ, ଆରକ୍ଷୀ ବାହିନୀ ଏହି ପବିତ୍ର ରଥ ଯାତ୍ରା ରେ ସାମିଲ ହୋଇ କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ପ୍ରତିବର୍ଷ ପରି ନାରାୟଣ ସେବା ଦ୍ୱାରା ପ୍ରସାଦ ସେବନ/ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। କାଳିଆପାଣି ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ଟାଙ୍ଗୀ, ଭୁଷଣ୍ଡପୁର, କୁହୁଡି ଓ ବ୍ରଜଗୋପିକାରେ ରଥଯାତ୍ରା

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ସାରା ବିଶ୍ୱର ପୁରପଲ୍ଲୀ ରେ ଅନୁଷ୍ଠିତ ହେଉଛି ଜଗତମୟ ଙ୍କ ଘୋଷଯାତ୍ରା । ସେହି ଅନୁସାରେ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ, ଭୁଷଣ୍ଡପୁର, କୁହୁଡି, ବ୍ରଜଗୋପିକା ଧାମରେ ଅନୁଷ୍ଠିତ ହେଉଛି ଏହି ରଥଯାତ୍ରା। ଘଣ୍ଟ ଓ ଶଙ୍ଖର ଶବ୍ଦରେ ସମ୍ପୂର୍ଣ୍ଣ ଅଞ୍ଚଳ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା । ଶ୍ରୀକ୍ଷେତ୍ର ପୁରୀ ର ନୀତିକାନ୍ତି ଅନୁଯାୟୀ ଏଠାରେ ମଧ ରୀତିନୀତି ଅନୁସାରେ ଘୋଷଯାତ୍ରା ଅନୁଷ୍ଠିତ ହୋଇଥିଲା । ହଜାର ହଜାର ଭକ୍ତ-ଶ୍ରଦ୍ଧାଳୁ ମାନେ ସମବେତ ହୋଇ ରଥଟଣା କାର୍ଯ୍ୟ କରିଥିଲେ । ଟାଙ୍ଗୀ ରେ ଅନୁଷ୍ଠିତ ରଥଯାତ୍ରାରେ ଠାକୁର ରାଜା ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଶ୍ରୀ ଭାରତ ଭୂଷଣ ଜଗଦ୍ଦେବ ଯୋଗ ଦେଇଥିଲେ । ଏହି ବିଶେଷ ମୂହୁର୍ତ୍ତରେ ଟାଙ୍ଗୀ ରଥଯାତ୍ରାର ଠାକୁର ରାଜା ତଥା ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଶ୍ରୀ ଭାରତ ଭୂଷଣ ଜଗଦ୍ଦେବ ଙ୍କ ଦ୍ୱାରା ରଚିତ ପୁଣି ଏକ ପୁସ୍ତକ ' ଭକ୍ତ ପ୍ରିୟ ମହାପ୍ରଭୁ ଶ୍ରୀଜଗନ୍ନାଥ ' ଉନ୍ମୋଚିତ ହୋଇ ଯାଇଛି । ଲୀଳାମୟ ଠାକୁରଙ୍କ ଉପରେ ଶହ ଶହ ଗୀତ ରଚନା କରି ୫ ଟି ପୁସ୍ତକର ଉନ୍ମୋଚନ ପରେ ଏହା ୬ ଷ୍ଠ ପୁସ୍ତକ । ଯାହାକି ସାଧାରଣ ଜନତା , ଭକ୍ତ , ପ୍ରଶାସନିକ ଅଧିକାରୀ ଏପରିକି ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛନ୍ତି ଶ୍ରୀ ଜଗଦ୍ଦେବ। ସରକାରଙ୍କ ସେବା କ୍ଷେତ୍ରରୁ ଅବସର ଗ୍ରହଣ କରିବା ପରେ ଶ୍ରୀ ଜଗଦ୍ଦେବ ଆଧାତ୍ମିକତା ଦିଗକୁ ଆକର୍ଷିତ ହୋଇଥିଲେ । ଅନ୍ୟ ପଟରେ ଭୁଷଣ୍ଡପୁର ଗ୍ରାମରେ ଅନୁଷ୍ଠିତ ହୋଇଥିବା ରଥଯାତ୍ରା ରେ ରାଜ୍ୟସଭା ସାଂସଦ ମୁନା ଖାଁ ଓ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗ ଦେଇଥିଲେ ।



## ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳିତ

କୋଣାର୍କ, (ଭାସ୍କର ନ୍ୟୁଜ୍): କୋଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ, ନୂଆଗାଁ ପରିସରରେ ଆଜି ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଶ୍ରାଦ୍ଧ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଜାତୀୟ ସମର ଶିକ୍ଷ୍ୟସର୍ଥୀ ବାହିନୀ ର ଅଧିକାରୀ ଦିଲ୍ଲୀପ କୁମାର ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଅକ୍ଷନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମାଜସେବୀ ରାମକୃଷ୍ଣ ମହାନ୍ତି, ଶିକ୍ଷକ ଦିଲ୍ଲୀପ ସାହୁ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ର ନାଥ ବାହିନୀପତି ପ୍ରମୁଖ ଉଦବୋଧନ ଦେଇ ଛାତ୍ରଛାତ୍ରୀ ମାନେ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ପରାମର୍ଶ ଦେଇଥିଲେ। ପରେ ପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

## ଟ୍ରେନରେ କଟି ଯୁବକ ମୃତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ପୀରହାଟ ଥାନା ଅଧିନ ରାଜନଗର ପଞ୍ଚାୟତ ଅଧିନ ଗୁରୁଦାସପୁର ନିକଟରେ ଥିବା ଭଦ୍ରକ-ଧାମରା ରେଳପଥରେ ଖଡାଳପୋଖରୀ ଗ୍ରାମର ଉମାକାନ୍ତ ବାରିକ (୨୬) ନାମକ ଜଣେ ଯୁବକ ଟ୍ରେନରେ କଟି ମୃତ୍ୟୁବରଣ କରିଥିବା ଜଣାଯାଇଛି। ପ୍ରକାଶ ଯେ, ସୋମବାର ରାତି ପ୍ରାୟ ୮ଟା ସମୟରେ ଗୁରୁଦାସପୁର ରେଳ ପଥ ନିକଟରେ ଉମାକାନ୍ତ ମଇଁଷି ଜଗିଥିଲେ। ଏହି ସମୟରେ ଟ୍ରେନ ଆସି ତାଙ୍କୁ ଧକ୍କା ଦେଇଥିଲା। ଯାହାଫଳରେ ଉମାକାନ୍ତ ଟ୍ରେନରେ କଟି ଯାଇ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ। ଖବର ପାଇ ପୀରହାଟ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ସମ୍ପର୍କରେ ପୁଲିସ କେଶ ନଂ ୧୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି।

## ନିଆଳିରେ ବିଭିନ୍ନ ସ୍ଥାନରେ ରଥଯାତ୍ରା

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ସୁସଜ୍ଜିତ ରଥରେ ବସାଇ ଶ୍ରଦ୍ଧାଳୁ ମାନେ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ନେଇଯାଇଥିଲେ। ଘୋଷଯାତ୍ରା ପରମ୍ପରା ଅନୁଯାୟୀ ଛେରାପହଁରା ପହଣ୍ଡି ବିଜେ ଓ ରଥଟଣା କାର୍ଯ୍ୟ ମହାସମାରୋହରେ ପାଳିତ ହୋଇଯାଇଛି। ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ଯଥାବିଧି ରିତୀ ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ପରେ ପହଣ୍ଡି ବିଜେ କରାଯାଇ ରଥାରୁଢ କରାଯାଇଥିଲା। ପ୍ରାୟ ସମସ୍ତ ରଥ ନିକଟରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ନିଆଳୀ, ନୂଆଗାଁ, ମଝିଖଣ୍ଡ, କଙ୍କଡାହୁଡା, ମାଧବ, ପହଙ୍ଗା, ପୋଖରୀଗାଁ, ବାହାରଣା,ବାଘମରା, ତିହୁଡି, ବିନିଶପୁର, ବିଳାସୁଣୀ, ଅଁଳୋ, ଜଲ୍ଲାରପୁର, ଏକବେରୁଆଁ, ସୁଧାନଗର, ଶାସନପଦା, ୍କାଳଖ, ନାଟୀ, ପଦାତିରା, କସରଦା, ପୁଇଁଚନ୍ଦା, ରାଇଚାନ୍ଦୋଳ, ରାଣୀଓଳା, ଖଜରା, ପତ୍ରକଣା, ଖରିବିଲି, ଏରଣ୍ଡ, କୂଳଶ୍ରୀ, ଗୁହାଳକୂଳ, ବରିଷଣ, ଅଳତଳଙ୍ଗ, ଦିଘୀ, ସିଠାଲୋ, ଶଗଡାଇଲୋ, କରଞ୍ଜ, ସୁଆଁଲୋ ଓ ବଛସାଇଲୋଠାରେ ରଥ ଯାତ୍ରା ଅନୁଷ୍ଠିତ ହୋଇଛି। ସଂଧ୍ୟାରେ ସମସ୍ତ ରଥ ମାଉସୀ ମା ଘରେ ପହଞ୍ଚି ଥିଲେ। ଘଣ୍ଟଘଣ୍ଟା ଖୋଳତାଳ, ତୁରୀ ମହୁରୀ, ଶଙ୍ଖନାଦ ସହ ହରିବୋଲ ହୁଳହୁଳୀରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ଗ୍ରାମାଞ୍ଚଳରେ ଆଧ୍ୟାତ୍ମିକ ପରିବେଷ ସୃଷ୍ଟି ହୋଇଥିଲା। ପୁରୀ ରଥ ଦେଖିବାକୁ ଯାଇ ପାରୁନଥିବା ଶ୍ରଦ୍ଧାଳୁ ଏଠାରେ ରଥରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କୁ ଦର୍ଶନ କରିଥିଲେ।

## ସତ୍ୟଭାମା ଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅନ୍ତର୍ଗତ କୁରୁଣ୍ଟି ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ଓଡ଼ିଶା ଏକ୍ସପ୍ରେସ୍‌ର ନିୟମିତ ସ୍ତମ୍ଭକାର ନିରଞ୍ଜନ ଶତପଥୀଙ୍କ ମାତୃବିୟୋଗର ଦ୍ୱାଦଶାହ ଅବସରରେ ନିଜ ବାସଭବନ ପରିସରରେ ଦିବଂଗତା ସତ୍ୟଭାମା ଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ନଅ ଦଶନ୍ଧିର ଜୀବନକାଳ ମଧ୍ୟରେ ସତ୍ୟଭାମା ଦେବୀ ଏ ଅଞ୍ଚଳରେ ଜଣେ ଧର୍ମପରାୟଣା ମହିଳା ଓ ଆଦର୍ଶ ଗୃହିଣୀ ଭାବେ ସମସ୍ତଙ୍କର ପ୍ରିୟଭାଜନ ହୋଇ ପାରିଥିଲେ। ଅବସରପ୍ରାପ୍ତ ଏବିଇଓ ତଥା ଶିକ୍ଷାବିତ ବିଜୟ କୁମାର ଜେନାଙ୍କ ସଂଯୋଜନାରେ ଶ୍ରଦ୍ଧାଞ୍ଜଳି ସଭାରେ ଏ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ଅଧ୍ୟାପକ ନିଗମାନନ୍ଦ ନାୟକ, ଶିକ୍ଷାବିତ୍ ସୁକାନ୍ତ କୁମାର ତ୍ରିପାଠୀ, କବି ଅଭିରାମ ସାହୁ, ସ୍ତମ୍ଭକାର ଭାସ୍କର ରାଉତରାୟ, ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର, ଅଭୟ କୁମାର ସ୍ୱାଇଁ, ନଳିନୀକାନ୍ତ ମଙ୍ଗରାଜ, ବିପ୍ରଚରଣ ବେହୁରା, ଅର୍ଜ୍ଜୁନ ଚରଣ ସ୍ୱାଇଁ ପ୍ରମୁଖ ଏବଂ ଜ୍ଞାଇଁ ସଂପର୍କୀୟମାନେ ଯୋଗ ଦେଇ ତାଙ୍କ ତ୍ୟାଗ ଓ ଲୋକପ୍ରିୟତା ଉପରେ ମତାମତ ରଖିଥିଲେ।

## ଅମୃତ ସରୋବର ଯୋଜନାରେ ଦୁର୍ନୀତିର ଗନ୍ଧ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ରାଣୀଓଳା ପଞ୍ଚାୟତ ଅଳତଳଙ୍ଗ ଗ୍ରାମରେ 'ଅମୃତ ସରୋବର' ଯୋଜନାରେ ଖୋଳାଯାଉଛି ପୋଖରୀ କିନ୍ତୁ ପୋଖରୀ ଖୋଳାରେ ଶ୍ରମିକ ନୁହେଁ ଖୋଳୁଛି ମେସିନ୍। ଯେଉଁଥିରେ କି ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଛି। ଦୁର୍ନିତୀ ଟଙ୍କାକୁ ଲୁଟିବା ପାଇଁ କିଛି ଜବକାର୍ଡ ହିତାଧିକାରୀଙ୍କ ଆକାଉଣ୍ଟରେ ଟଙ୍କା ଅଣାଯାଇଛି। ଯେଉଁ ଜବକାର୍ଡ ହିତାଧିକାରୀ ମାନେ ଟଙ୍କା ନେଇଛନ୍ତି ସେଥିମଧ୍ୟରୁ ଜଣେ ୧୩ଦିନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହୋଇ ବିଜୁ ସ୍ୱାସ୍ଥ୍ୟ ବୀମା କାର୍ଡ ସହାୟତାରେ ଅର୍ଥପିଠ କରିଛି। ଠିକ୍ ସେହି ତାରିଖ ଗୁଡିକରେ ଉକ୍ତ ହିତାଧିକାରୀ ନିଜ କାର୍ଡରେ ଅମୃତ ସରୋବର ଖୋଳାଯଇଥିବା ପୋଖରୀକାମ କରିଥିବା ଦର୍ଶାଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଶ୍ରମିକ ଜଣକ କିପରି ବାବେ କାମ କଲେ ନା ତାଙ୍କ ନାମରେ ଟଙ୍କା ଆଣି ଚଞ୍ଚକତା କରାଯାଇଛି। ଆର.ଟି.ଆଇ. ତଥ୍ୟରୁ ମିଳିଥିବା ସୂଚନା ଅନୁଯାୟୀ ଅହୁରୀ ଅନେକ ଦୁର୍ନିତୀ ହୋଇଥିବା ତଥ୍ୟ ମିଳିଛି। ଏହି ପୋଖରୀ ପାଇଁ ମରାଯାଇଥିବା ଫଳକରେ କେତେ ଟଙ୍କା ବିନିଯୋଗ ହୋଇଥିବା ଅର୍ଥରାଶି ମଧ ଉଲ୍ଲେଖ ହୋଇନାହିଁ। ବିଭାଗୀୟ କର୍ତ୍ତୃପକ୍ଷ, ଠିକାଦାର ଓ ବିଭାଗୀୟ ଅଧିକାରୀ ପୋଖରୀ ସୀମା ଉଲ୍ଲେଖ ନଥିବା ବେଳେ ନାମକୁ ମାତ୍ର ଫଳକ ମରାଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ, ବିବାଗହୀୟ ଜେ. ଓ ଠିକାଦାରଙ୍କ ମିଳିତ ମଧୁଚନ୍ଦ୍ରିକାରେ ଲକ୍ଷାଧିକ ଟଙ୍କା ଦୁର୍ନିତୀ ହୋଇଥିବା ଅଭିଯୋଗ ହୋଇଛି।




## ସାଲେପୁରରେ ଗୁଣ୍ଡିଚା ଯାତ୍ରା

ସାଲେପୁର, (ଭାସ୍କର ନ୍ୟୁଜ୍): ସାଲେପୁରରେ ଗୁଣ୍ଡିଚା ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ରିତିନିତି ବିଧିବିଧାନରେ ପୂଜାର୍ଚ୍ଚନା କରାଯାଇ ଜୀୟୁମାନଙ୍କୁ ରଥାରୁଢ଼ କରାଯାଇଥିଲା। ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା । ମା' ସାହେଶ୍ୱରୀଙ୍କ ପୀଠ ସଂଲଗ୍ନ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଠାରୁ ରଥଟଣା ହୋଇଥିଲା । ହରିବୋଲ ହୁଳାହୁଳି ଘଣ୍ଟାଘଣ୍ଟି ସହ ବିଭିନ୍ନ ବାଦ୍ୟ ନାଦରେ ଗଗନ ପବନ ମୁଖରିତ ହୋଇପଡ଼ିଥିଲା । ଶ୍ରଦ୍ଧାଳୁ ଓ ଭକ୍ତମାନେ ବଜାର ମଧ ଦେଇ ବେଲହୁଡ଼ା ସ୍ଥିତ ମାଉସୀ ମା' ମନ୍ଦିରରେ ରଥକୁ ନେଇ ପହଞ୍ଚାଇ ଥିଲେ । ଆଧାତ୍ମିକ ବାତାବରଣରେ ସ୍ଥାନୀୟ ପରିବେଶ ଭାବମୟ ହୋଇଥିଲା । ଜୟଜଗନ୍ନାଥ ଧ୍ୱନିରେ ସ୍ଥାନୀୟ ଅଞ୍ଚଳର ମୁଖରିତ ହୋଇଥିଲା । ମନ୍ଦିର ପରିଚାଳନା କମିଟି ରଥଯାତ୍ରା ଉତ୍ସବକୁ ପରିଚାଳନା କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ଉପସ୍ଥିତ ଥିଲେ। ସେହିପରି ସାଲେପୁର ବ୍ଲକ୍‌ର ବହୁ ପୁରାତନ କଟରପା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ନିତିକାନ୍ତିରେ ଗୁଣ୍ଡିଚା ଉତ୍ସବ ଅନୁଷ୍ଠିତ ହୋଇଛି । ସାଲେପୁରର ନଇଗୁଆଁ ନୃସିଂହ ମନ୍ଦିର ଠାରେ ରଥଟଣା ଅନୁଷ୍ଠିତ ହୋଇଥିଲା। ସେହିପରି ସାଲେପୁରର ବୋଦାମୁଣ୍ଡାଇ, ରାଇସୁଙ୍ଗୁଡ଼ା, ଶିଶୁଆ, ବହୁଗ୍ରାମ, ପଦ୍ମପୁର ସହ ବିଭିନ୍ନ ସ୍ଥାନରେ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।



## ଲକ୍ଷ୍ମୀ ମଣ୍ଡପ ସମ୍ମୁଖରେ ପହଞ୍ଚିଲା ତିନି ରଥ

ଭୁବନ, (ଭାସ୍କର ନ୍ୟୁଜ୍): ଢ଼େଙ୍କାନାଳ ଜିଲ୍ଲା ଭୁବନର ତୃତୀୟା ଜୀଉଙ୍କ ଘୋଷ ଯାତ୍ରା ଆଜି ଅତ୍ୟନ୍ତ ଶ୍ରଦ୍ଧା ଭକ୍ତି ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟୁଆ ଓ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ରଥ ଟାଣିଥିଲେ। ସକାଳ ୭ ଘଟିକା ସମୟରେ ଦେଉଳ ଫିଟା, ଦ୍ୱାରପାଳ ପୂଜା, ମଙ୍ଗଳ ଆଳତି, ୮ଘଟିକାରେ ପାଟବସ୍ତ୍ର ଆନୟନ,୧୦ ଘଟିକା ରେ ଆଜ୍ଞାମାଳ ବିଜେ,୧୧ ଘଟିକାରେ ମହାପ୍ରସାଦ ନୀତି, ୧୨ ଘଟିକା ରେ ରଥ ପ୍ରତିଷ୍ଠା ପରେ ୧ ଘଟିକାରେ ସେବାୟତ ମନେ ଚତୁର୍ଦ୍ଧା ମୂର୍ତ୍ତି ଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ । ୨ ଘଟିକାରେ ମହାପ୍ରଭୁଙ୍କ ଆଦ୍ୟ ସେବକ ରାମଚନ୍ଦ୍ର ରାଉତ ଛେରା ପହଁରା କରିଥିଲେ ଓ ଅପରାହ୍ନ ୪ ଘଟିକା ସମୟରେ ରଥ ଟଣା ଆରମ୍ଭ ହୋଇଥିଲା ।ସନ୍ଧ୍ୟା ୭ ଘଟିକା ସୁଦ୍ଧା ନୂଆ ବଜାର ଲକ୍ଷ୍ମୀ ମଣ୍ଡପ ସମ୍ମୁଖରେ ତିନି ରଥ ପହଞ୍ଚିଥିଲା। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳା ମାନେ ଟାଣିଥିଲେ। ନୂଆ ବଜାର ବଣିକ ସଂଘ ତରଫରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଛି। ମନ୍ଦିର ପରିଚାଳନା କମିଟି ସଭାପତିଙ୍କ ସମେତ ସମସ୍ତ କର୍ମକର୍ତ୍ତା, ସେବାୟତ, ମାତୃ ମଣ୍ଡଳୀ, ସଙ୍କୀର୍ତ୍ତନ ମଣ୍ଡଳୀ, ଆରକ୍ଷୀ ବାହିନୀ ଏହି ପବିତ୍ର ରଥ ଯାତ୍ରା ରେ ସାମିଲ ହୋଇ କର୍ତ୍ତବ୍ୟ ସମ୍ପାଦନ କରିଥିଲେ । ପ୍ରଥମ ଥର ପାଇଁ ଡ଼ାଜଲିଙ୍ଗ କ୍ଲବ୍ (୨୦୧୧ ମାଟ୍ରିକ ବ୍ୟାଚ୍) ଦ୍ୱାରା ସହସ୍ରାଧିକ ଭକ୍ତ ଉପରେ ପାଣି ସ୍ପ୍ରେ କରାଯିବା ସହ ଥଣ୍ଡା ସରବତ ଓ ପ୍ରସାଦ ସେବନ/ବଣ୍ଟନ ବ୍ୟବସ୍ଥା କରାଯାଇଥିଲା। ଆସନ୍ତା କାଲି ଅପରାହ୍ନରେ ପୁନର୍ବାର ରଥଟଣା। ହୋଇ ବଡ଼ହାଟ ସ୍ଥିତ ମାଉସୀ ମା ମନ୍ଦିରକୁ ନିଆଯିବ। ଅନୁରୂପ ଭାବେ ଭୁବନ ବ୍ଲକ ଅନ୍ତର୍ଗତ ନିଳକଣ୍ଠପୁର ଗ୍ରାମରେ ଆନନ୍ଦ ଉଲ୍ଲାସ ମଧ୍ୟରେ ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ଆସିକାର ବିଭିନ୍ନ ସ୍ଥାନରେ ପବିତ୍ର ରଥଯାତ୍ରା ପାଳିତ

ଆସିକା, (ଭାସ୍କର ନ୍ୟୁଜ୍): ଆସିକାର ବିଭିନ୍ନ ସ୍ଥାନରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥ ଯାତ୍ରା ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଏହି ବର୍ଷ ମଧ୍ୟ ରଥଯାତ୍ରା ପାଳିତ ହୋଇଯାଇଛି। ସକାଳୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ମଙ୍ଗଳାଳତି, ପବିତ୍ର ସ୍ନାନ, ମଇଲମ,ଆଳତୀ, ସକାଳଧୂପ, ବାଳ ଭୋଗ ମଧାହ୍ନ ରେ ମହାପ୍ରସାଦ ଭୋଗ ପରେ ମହାପ୍ରଭୁଙ୍କ ରଥ ପ୍ରତିଷ୍ଠା, ଧାଡି ପହଣ୍ଡି ପରେ ଛେରା ପହରା ହୋଇ ରଥ ଟଣା ଆରମ୍ଭ ହୋଇଥିଲା କ୍ଷଆସିକା ଚିନିଶିଳ୍ପ ନୂଆଗାଁ ଠାରେ ଭଞ୍ଜନଗର ଅତିରିକ୍ତ ଜିଲ୍ଲପାଳ ପ୍ରିୟରଞ୍ଜନ ପୃଷ୍ଟି ଛେରା ପହରା କରିଥିଲା ବେଳେଆସିକା ସୁନାମ୍ବ ସାହି ଜଗନ୍ନାଥ ମନ୍ଦିର ରଥଯାତ୍ରାରେ ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଛେରା ପହରା କରିଥିଲେ। ଏହି ପବିତ୍ର ରଥଯାତ୍ରାରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ବିନେତା ସ୍ୱାଇଁ, ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧକ୍ଷା ଜୟନ୍ତୀ ବିଷୋୟୀ,ସାଂସଦ ପ୍ରତିନିଧି ସତ୍ୟନରାୟଣ ସ୍ୱାଇଁ,ଆସିକା ଚିନିଶିଳ୍ପ ସଭାପତି ରବୀନ୍ଦ୍ର ନାଥ ପଣ୍ଡା,ତହସିଲଦାର ସଞ୍ଜୟ କୁମାର ସାମନ୍ତରା, ବିଡ଼ିଓ ଫକୀର ଚରଣ ପରିଡା, ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜ, ମନ୍ଦିର ପରିଚାଳନା ମୁଖ୍ୟ ନାରାୟଣ ମୁନିଙ୍କ ସମେତ ସମ୍ପୂର୍ଣ ପରିଚାଳନା କମିଟି ସଦସ୍ୟ ପୂଜାପଣ୍ଡା ପ୍ରମୁଖ ନିୟୋଜିତ ଥିଲେ। ଶାନ୍ତି ଶୃଙ୍ଖଳାର ସହିତ ରଥଯାତ୍ରା ସମାପନ ସକାଶେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ଆଜି ଏହି ପବିତ୍ର ଘୋଷ ଯାତ୍ରା ଆସିକା ବଜାର ସାହି, ଖମ୍ବେଶ୍ୱରୀ ପାଟଣା ସାଙ୍ଗକୁ ଆସିକା ଗ୍ରାମାଞ୍ଚଳର କାଳଷଣ୍ଢପୁର, ନଳବଣ୍ଟା, ରିଷିପୁର, କେଶରାପଲ୍ଲୀ, ଗହଙ୍ଗୁ, ଭେଙ୍କେଟ ରାଇପଲ୍ଲୀ, ଜୟପୁର, ଦେବଭୂମି ଆଦି ଅଞ୍ଚଳରେ ରଥଯାତ୍ରା ପାଳିତ ହୋଇଛି।





ପୁଣି ବିବାଦରେ ଫିଲ୍ମ ଆଦିପୁରୁଷର ଡାଏଲଗ ଲେଖିଥିବା ମନୋଜ ମୁନ୍ତାଶିର। ଆଦିପୁରୁଷ ଫିଲ୍ମରେ ସେ ବିଭିନ୍ନ ଚରିତ୍ର ପାଇଁ ଲେଖିଥିବା ଡାଏଲଗକୁ ନେଇ ବିବାଦ ଚାଲିଥିବା ବେଳେ ଏବେ ମନୋଜଙ୍କ ଆଉ ଏକ ବୟାନ ସାମ୍ନାକୁ ଆସିଛି। ସେ ବଜରଙ୍ଗବାଲୀ ବା ଭଗବାନ ହନୁମାନଙ୍କୁ ଅପମାନିତ କରିଛନ୍ତି।ବଜରଙ୍ଗବାଲୀ ଭଗବାନ ନୁହନ୍ତି ବୋଲି ମନୋଜ କହିବା ପରେ ବିବାଦ ଦେଖାଦେଇଛି। ପୂର୍ବରୁ ଆଦିପୁରୁଷର ଡାଏଲଗ ପାଇଁ ବିବାଦରେ ଥିବା ମନୋଜଙ୍କୁ ଧମକ ମିଳିବାରୁ ପୁଲିସ୍ ତାଙ୍କୁ ସୁରକ୍ଷା ଯୋଗାଇ ଦେଇଛି। ହେଲେ ସେ ବିବାଦୀୟ ବୟାନ ଦେବାରେ ଆଦୌ ପଛ ଘୁଞ୍ଚା ଦେଉ ନାହାନ୍ତି। ଗୋଟିଏ ଗଣମାଧ୍ୟମକୁ ସାକ୍ଷାତକାର ଦେବା ବେଳେ ସେ ଆଦିପୁରୁଷରେ ଲେଖିଥିବା ଡାଏଲଗର ଓକିଲାତି କରିଥିଲେ। ଏହି ସମୟରେ ସେ ବଜରଙ୍ଗବାଲୀ ଭଗବାନ ନୁହନ୍ତି ବୋଲି କହିଛନ୍ତି। ସେ କହିଛନ୍ତି, "ବଜରଙ୍ଗବାଲୀ ଭଗବାନ ନୁହନ୍ତି। ସେ ଜଣେ ଭକ୍ତ। ଆମେ ତାଙ୍କୁ ଭଗବାନ ବନାଇଛୁ। କାରଣ ତାଙ୍କ ଭକ୍ତିରେ ସେମିତି କିଛି ଶକ୍ତି ଥିଲା। ସେ ଭଗବାନ ରାମଙ୍କ ପରମଭକ୍ତ ଥିଲେ।" ବାସ୍ ତାଙ୍କର ଏହି ବୟାନର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି।



## ଆନ୍ତର୍ଜାତିକ ଯୋଗ ଦିବସ

# ଜାତିସଂଘ ମୁଖ୍ୟାଳୟଠାରେ ବୈଶ୍ୱିକ ନେତୃତ୍ୱ ନେବେ ମୋଦୀ

ନୂଆଦିଲ୍ଲୀ: ମଧ୍ୟପ୍ରଦେଶର ଜବଲପୁର ସେନାଛାଉଣୀ ଠାରେ ନବମ ଆନ୍ତର୍ଜାତିକ ଯୋଗ ଦିବସର ମୁଖ୍ୟ କାର୍ଯ୍ୟକ୍ରମରେ ୧୫ ହଜାର ଯୋଗ ଅନୁସନ୍ଧିତ୍ସୁଙ୍କ ନେତୃତ୍ୱ ନେବେ ଉପରାଷ୍ଟ୍ରପତି। ଆନ୍ତର୍ଜାତିକ ଯୋଗ ଦିବସ ଅବସରରେ ଜାତିସଂଘ ମୁଖ୍ୟାଳୟ ଠାରେ ଏହାର ବୈଶ୍ୱିକ ନେତୃତ୍ୱ ନେବେ ପ୍ରଧାନମନ୍ତ୍ରୀ। ଚଳିତ ବର୍ଷ ଆନ୍ତର୍ଜାତିକ ଯୋଗ ଦିବସ ଯୋଗର ଏକ ସାମୁଦ୍ରିକ ବଳୟ ଦେଖିବ। ସୁମେରରୁ ଆଣ୍ଟାର୍କଟିକା, ଯୋଗ ଭାରତମାଳା, ଯୋଗ ସାଗରମାଳା ଏବଂ ହର ଆଙ୍ଗନ ଯୋଗ ପ୍ରଦର୍ଶିତ ହେବ। ମଧ୍ୟପ୍ରଦେଶର ଜବଲପୁର ଠାରେ ୨୧ ଜୁନ୍ ଦିନ ଆନ୍ତର୍ଜାତିକ ଯୋଗ ଦିବସ ୨୦୨୩ ପାଳନ କାଳରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଜାତୀୟ ସମାରୋହର



ନେତୃତ୍ୱ ନେବେ। ଏହି ଅବସରରେ ମଧ୍ୟ ପ୍ରଦେଶ ରାଜ୍ୟପାଳ ମଙ୍ଗୁଭାଇ ଛଗନଭାଇ ପଟେଲ, ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ, କେନ୍ଦ୍ର ଆୟୁଷ ଏବଂ ବନ୍ଦର, ଯାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ, ଆୟୁଷ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ମୁଞ୍ଜପାରା ମହେନ୍ଦ୍ର ଭାଇ ଏବଂ ରାଜ୍ୟର ଅନେକ ଗଣ୍ୟମାନ୍ୟ ଅତିଥି ଏଥିରେ ଉପସ୍ଥିତ ରହି ସାଧାରଣ ଯୋଗ ମାର୍ଗଦର୍ଶିକା ପାଳନ କରିବେ। ଏହି ମୁଖ୍ୟ କାର୍ଯ୍ୟକ୍ରମରେ ପ୍ରାୟ ୧୫ ହଜାର ବ୍ୟକ୍ତି ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ଆଇଡିଓ୍ୱାଇର ବାର୍ତ୍ତା ହେଉଛି 'ବସୁଧୈବ କୁଟୁମ୍ବକମ୍ ନିମନ୍ତେ ଯୋଗ', ଯେଉଁଥିରେ କି ଭାରତର ସାମାଜିକ-ସାଂସ୍କୃତିକ ଐତିହ୍ୟ ନିହିତ ରହିଛି । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପ ଯୋଗୁ ଗତ ନଅ ବର୍ଷ ମଧ୍ୟରେ ଯୋଗ ପୃଥିବୀର କୋଣ ଅନୁକୋଣରେ ପହଞ୍ଚିପାରିଛି ।

# ପୁଣି ଭାରତ ରାସ୍ତାରେ କଣ୍ଟା ସାଜିଲା ଚାଇନା



ନୂଆଦିଲ୍ଲୀ: ମିଳିତ ଜାତିସଂଘରେ ପୁଣିଥରେ ଭାରତ ଓ ଆମେରିକା ମିଳିତ ଭାବେ ଦେଇଥିବା ପ୍ରସ୍ତାବ ଉପରେ ରୋକ ଲଗାଇ ଦେଇଛି ଚାଇନା। ଲସ୍କରଇ-ତାଏବାର ସଦସ୍ୟ ସାଜିଦ ମୀରକୁ ବିଶ୍ୱସ୍ତରୀୟ ଆତଙ୍କୀ ଘୋଷଣା କରିବାକୁ ଭାରତ ଓ ଆମେରିକା ମିଳିତ ଜାତିସଂଘରେ ପ୍ରସ୍ତାବ ରଖିଥିଲେ। ମୀର ୨୬/୧୧ ମୁମ୍ବାଇ ହମଲାରେ ମଧ୍ୟ ସାମିଲ ଥିଲା। ହେଲେ ଏହାକୁ ଚାଇନା ଭିଟୋ କ୍ଷମତା ବଳରେ ଅଟକାଇ ଦେଇଛି। ମୀରକୁ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଅଲକାଏ କଟକଣା କମିଟି ଅଧୀନରେ କଳା ତାଲିକା ଭୁକ୍ତ କରି ବିଶ୍ୱ ସ୍ତରୀୟ ଆତଙ୍କବାଦୀ ଭାବେ ଘୋଷଣା କରିବାକୁ ଆମେରିକା ପ୍ରସ୍ତାବ ଦେଇଥିଲା। ଏହାକୁ ଭାରତ ମଧ୍ୟ ସହଯୋଗୀ ରାଷ୍ଟ୍ର ଭାବେ ସମର୍ଥନ କରିଥିଲା। ଏହାଦ୍ୱାରା ମୀର ସମ୍ପତ୍ତି ଜବତ ହେବା ସହ ତା'ର ଯାତାୟାତରେ କଟକଣା ଲାଗି ଥାଆନ୍ତା। କିନ୍ତୁ ବେଜିଂ ସବୁଥର ଭଳି ଏଥର ମଧ୍ୟ ଏହି ପ୍ରସ୍ତାବ ରାସ୍ତାରେ କଣ୍ଟା ସାଜିଛି। ଗତବର୍ଷ ସେପ୍ଟେମ୍ବର ମାସରେ ଚାଇନା ମୀର ବିରୋଧୀ ପ୍ରସ୍ତାବ ଉପରେ ସ୍ଥଗିତାଦେଶ ଜାରି କରିଥିଲା। ଏବେ ଏହା ଉପରେ ସଂପୂର୍ଣ୍ଣ ଭାବେ ରୋକ ଲଗାଇଛି। ମୀର ଭାରତର ମୋଷ୍ଟ ଓ୍ୱାଣ୍ଟେଡ ଆତଙ୍କବାଦୀ। ୨୬/୧୧ ହମଲାରେ ସେ ସାମିଲ ଥିବାରୁ ଆମେରିକା ମଧ୍ୟ ତା' ମୁଣ୍ଡ ଉପରେ ୫ ମିଲିୟନ ଡଲାରର ପୁରସ୍କାର ଘୋଷଣା କରିଛି। ଜୁନ ମାସରେ ମୀରକୁ ପାକିସ୍ତାନର ଆତଙ୍କବାଦ ନିରୋଧ କୋର୍ଟ ଟେରର ଫଣ୍ଡିଂ ମାମଲାରେ ୧୫ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। ତେବେ ଏହାପୂର୍ବରୁ ପାକିସ୍ତାନ ପ୍ରଶାସନ ଦାବି କରିଥିଲା ଯେ ମୀର ପ୍ରାଣ ହରାଇ ସାରିଛି। ହେଲେ ପଶ୍ଚିମ ଦେଶଗୁଡ଼ିକ ତା' ମୃତ୍ୟୁର ପ୍ରମାଣ ମାଗିବାରୁ ପାକିସ୍ତାନର ଅକଲ ଗୁଡୁମ ହୋଇଯାଇଥିଲା। ପରେ ତାକୁ ଜେଲଦଣ୍ଡ ହୋଇଥିବା ଖବର ପ୍ରକାଶ ପାଇଥିଲା।

# ବଡ଼ ଠାକୁରଙ୍କ ଠାରେ ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି କାମନା କଲେ ବାଘେଲ



ରାୟପୁର: ଭକ୍ତ ଓ ଭଗବାନଙ୍କର ମହା ମିଳନର ମହାନ ପର୍ବ ରଥଯାତ୍ରା ଏଠାକାର ଗାୟତ୍ରୀ ନଗର ସ୍ଥିତ ଛତିଶଗଡ଼ର ସର୍ବବୃହତ ଶ୍ରୀ ଜଗନ୍ନାଥ ମନ୍ଦିରଠାରେ ମହାସମାରୋହରେ ପାଳନ କରାଯାଇଛି। ଚଳିତବର୍ଷ ଏଠାରେ ଉପସ୍ଥିତ ଲକ୍ଷାଧିକ ଭକ୍ତଙ୍କ ମଧ୍ୟରେ ଏହି ଭବ୍ୟ ମହୋତ୍ସବକୁ କେନ୍ଦ୍ର କରି ପ୍ରବଳ ଆନନ୍ଦ, ଅପୂର୍ବ ଉଲ୍ଲାସ, ଅଜସ୍ର ଉତ୍ସାହ ଓ ଅଫୁରନ୍ତ ଉଦ୍ଦୀପନା ଦେଖିବାକୁ ମିଳିଥିଲା। ହୋମକୁଣ୍ଡରେ ପୂର୍ଣ୍ଣାହୁତି ଦିଆଯିବା ସମୟରେ ମୁଖ୍ୟଅତିଥି ଛତିଶଗଡ଼ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଏବଂ ସମ୍ମାନିତ ଅତିଥି ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଓ ଅନ୍ୟାନ୍ୟ ବରେଣ୍ୟ ଅତିଥି ଯଥା ବିଧାନସଭାର ବାଚସ୍ପତି ଚରଣ ଦାସ ମହନ୍ତ, ରାଜ୍ୟସରକାରଙ୍କର ମନ୍ତ୍ରୀ କୱାସି ଲାଖମା, ସାଂସଦ ଜ୍ୟୋସ୍ନା ମହନ୍ତ, ବିଧାୟକ ବିକାଶ ଉପାଧ୍ୟାୟ, ପୂର୍ବତନ ବାଚସ୍ପତି ଗୌରୀ ଶଙ୍କର ଅଗ୍ରୱାଲ, ରାୟପୁରର ମେୟର ଏଜାଜ ଦେବର, ଦକ୍ଷିଣ ରାୟପୁରର ବିଧାୟକ ବ୍ରଜମୋହନ ଅଗ୍ରୱାଲ ଓ ଉତ୍ତର ରାୟପୁରର ବିଧାୟକ କୁଲଦୀପ ଜୁନେଜା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ପ୍ରଭୁ ସୁଦର୍ଶନ, ତା ପରେ ବଡ଼ଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ସବାଶେଷରେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କୁ ସାହିରୋଷଣୀ କରାଯାଇ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରଥ ଉପରକୁ ନିଆଯାଇଥିଲା। ଏଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ବାଘେଲ ଦାରୁ ବିଗ୍ରହକୁ ନିଜ ମୁଣ୍ଡରେ ବହନ କରି ରଥ ନିକଟକୁ ନେଇଯାଇଥିଲେ। ଶ୍ରୀ ବାଘେଲ ଓ ରାଜ୍ୟପାଳ ଶ୍ରୀ ହରିଚନ୍ଦନ ତିନି ରଥ ସାମ୍ନାରେ ଛେରା ପହଁରା କରିବା ପରେ ଅନ୍ୟ ଅତିଥି ମାନଙ୍କ ସହିତ ରଥ ଉପରେ ଶ୍ରୀ ଜୀଉ ମାନଙ୍କର ଆରତୀ କରିଥିଲେ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଛତିଶଗଡ଼ବାସୀଙ୍କର ମଧ୍ୟ ଆରାଧ୍ୟ ଦେବତା ବୋଲି କହି ମୁଖ୍ୟମନ୍ତ୍ରୀ ଶ୍ରୀ ବାଘେଲ ବଡ଼ ଠାକୁରଙ୍କ ନିକଟରେ ପ୍ରଦେଶବାସୀଙ୍କର ସୁଖ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ।

## ଅହମ୍ମଦାବାଦ ରଥଯାତ୍ରାରେ ଅଘଟଣ

# ୧୦ ଆହତ, ୧ ମୃତ

ଅହମ୍ମଦାବାଦ : ରଥଯାତ୍ରାରେ ଅଘଟଣ, ଅହମ୍ମଦାବାଦ ଦରିଆପୁରର କାଡିୟାନାକା ରାସ୍ତାରେ ଏକ ଘରର ଦ୍ୱିତୀୟ ମହଲାରେ ଥିବା ବାଲକୋନୀ ମଙ୍ଗଳବାର ଅପରାହ୍ନରେ ଭୂଶୁଡି ପଡିଛି। ଲୋକେ ରଥଯାତ୍ରା ଦେଖିବା ପାଇଁ ଘରର ବାଲୋକୋନୀରେ ଛିଡା ହୋଇଥିଲେ। ବାଲକୋନୀ ଧସିପଡିବା ଯୋଗୁ ଏଠାରେ ଛିଡା ହୋଇ ରଥଯାତ୍ରା ଦେଖୁଥିବା ଲୋକେ ତଳକୁ ଖସିପଡି ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ୩ ଜଣ ପିଲା ଥିବା ଜଣାପଡିଛି। ଏହି ଦୁର୍ଘଟଣାରେ ମୋଟ ୧୦ ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ସ୍ଥାନୀୟ ସିଭିଲ ହସ୍ପିଟାଲ ନିଆଯାଇଛି। ହସ୍ପିଟାଲରେ ଆହତଙ୍କ ମଧ୍ୟରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଓଡ଼ିଶାର ପ୍ରସିଦ୍ଧ ପୁରୀ ରଥଯାତ୍ରା ଅନୁକରଣରେ ମଙ୍ଗଳବାର ସାରା ଦେଶରେ ରଥଯାତ୍ରା ଆୟୋଜନ ହେଉଛି। ପୁରୀ ପରେ ଦେଶର ଦ୍ୱିତୀୟ ବୃହତ୍ତ ରଥଯାତ୍ରା ଅହମ୍ମଦାବାଦ ଜମାଲପୁରସ୍ଥିତ ଜଗନ୍ନାଥ ମନ୍ଦିର ପକ୍ଷରୁ ଆୟୋଜନ କରାଯାଉଛି। ରଥଯାତ୍ରା ନିମନ୍ତେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପରିବାର ସହ ଜମାଲପୁର ଜଗନ୍ନାଥ ମନ୍ଦିର ପରିଦର୍ଶନ କରି ମଙ୍ଗଳ ଆରତୀ କରିଥିଲେ। ପରେ ପୂର୍ବାହ୍ନ ୭ଟାରୁ ଆରମ୍ଭ ହୋଇଥିବା ରଥଯାତ୍ରା ଦେଖିବାକୁ ରଥ ରାସ୍ତାରେ ପ୍ରବଳ ଭିଡ ଜମିଛି। ଏହିକ୍ରମରେ ରଥ ଦେଖିବାକୁ ଦରିଆପୁର କାଡିୟାନାକ ରାସ୍ତାରେ ଥିବା ଘରର ବାଲକୋନୀରେ ଛିଡା ହୋଇଥିବା ଲୋକେ ଅଚାନକ ତଳକୁ ଖସି ପଡିଥିଲେ। ଲୋକଙ୍କୁ ତୁରନ୍ତ ଉଦ୍ଧାର କରି ହସ୍ପିଟାଲ ପହଞ୍ଚା ଯାଇଥିବା ବେଳେ ରଥଯାତ୍ରା ଯାଉଥିବା ରାସ୍ତାରେ କୌଣସି ଅସୁବିଧା ହୋଇ ନାହିଁ। ଦୁର୍ଘଟଣା ସତ୍ତ୍ୱେ ରଥଯାତ୍ରା ସ୍ୱଭାବିକ ଅନୁଷ୍ଠିତ ହୋଇଛି । ଠାକୁରଙ୍କ ୩ ରଥକୁ ଲୋକେ ସଡକରେ ଟାଣି ଟାଣି ନେଇଛନ୍ତି। ରଥଯାତ୍ରା ଦେଖିବାକୁ ରଥ ରାସ୍ତାରେ ବେଶ୍ ଭିଡ ଜମିଛି।

# ଦିଲ୍ଲୀରେ ଉତ୍କଳ ସମାଜ ପକ୍ଷରୁ ରଥଯାତ୍ରା

ନୂଆଦିଲ୍ଲୀ: ପଶ୍ଚିମ ଦିଲ୍ଲୀରେ ଆଦର୍ଶ ଉତ୍କଳ ସମାଜ ପକ୍ଷରୁ ତୃତୀୟ ବର୍ଷ ରଥଯାତ୍ରା ମୋତିନଗରରେ ଅନୁଷ୍ଠିତ ହୋଇଛି। ରଥ କୈଳାସ ପାର୍କରୁ ବାହାରି ମୋତିନଗର ଫନ ସିନେମା ଦେଇ ବାଲିନଗର ରେଡ ଲାଇଟି ପର୍ଯ୍ୟନ୍ତ ଯାଇ ଫେରିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୁଗ୍ମ ପୋଲିସ କମିଶନର ଚିନ୍ମୟ କୁମାର ବିଶ୍ୱାଳ ଛେରା ପହଁରା କରି ତିନି ଠାକୁରଙ୍କୁ ରଥକୁ ପାଛୋଟି ନେଇଥିଲେ। ପଶ୍ଚିମ ଜିଲ୍ଲାରେ ଓଡ଼ିଆଙ୍କ ଦ୍ୱାରା ଏଭଳି ଭବ୍ୟ ଜଗନ୍ନାଥ ମନ୍ଦିରର ସ୍ଥାପନା ହୋଇଥିବା ଜାଣି ସେ ମନ୍ଦିର କର୍ମକର୍ତ୍ତା ଏବଂ ଓଡ଼ିଆମାନଙ୍କୁ ପ୍ରଶଂସା କରିଥିଲେ। ସମାଜସେବୀ ଗୋବର୍ଦ୍ଧନ ଧଳା ତାଙ୍କୁ ଏଥିରେ ଯୋଗଦେବାକୁ ଅନୁରୋଧ କରିଥିବାରୁ ତାଙ୍କୁ ସେ ଧନ୍ୟବାଦ୍ ଦେଇଥିଲେ। ଆଦର୍ଶ ଉତ୍କଳ



ସମାଜର କର୍ମକର୍ତ୍ତାମାନେ ଶାନ୍ତି ଶୃଙ୍ଖଳା ସହିତ ଏହି କାର୍ଯକ୍ରମକୁ ପରିଚାଳନା କରିଥିଲେ। ଏହି ରଥଯାତ୍ରାରେ ଦଶ ହଜାରରୁ ଅଧିକ ଓଡ଼ିଆ ସମାଜ ଏବଂ ଦିଲ୍ଲୀବାସୀ ଉପସ୍ଥିତ ରହି ଜଗନ୍ନାଥଙ୍କ ରଥ ଟାଣି ପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମାଜର ସଭାପତି ଅଜୟ କୁମାର ରାଉତ, ଉପ ସଭାପତି ରବୀନ୍ଦ୍ର ରାଉତ, ସମ୍ପାଦକ ଅଜୟ କୁମାର ବେହେରା, ଯୁଗ୍ମ ସମ୍ପାଦକ ଅଭୟ କୁମାର ରାଉତ, ସହ ସମ୍ପାଦକ ନିରାକାର ପଢିଆରି, କୋଷାଧକ୍ଷ ସୁରେନ୍ଦ୍ର ରାଉତ, ବିଜୟ ବେହେରା ଉପସ୍ଥିତ ଥିଲେ।





ରାଉରକେଲା(ଭାସ୍କର ନ୍ୟୁଜ୍):ସେଲ ରାଉରକେଲା ଇସ୍ପାତ କାରଖାନାର କର୍ପୋରେଟ୍ ସାମାଜିକ ଦାୟିତ୍ୱ କାର୍ଯ୍ୟଧାରା ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରାଉରକେଲାର ସହଭାଗିତାରେ 'ବର୍ଜ୍ୟରୁ ଐଶ୍ୱର୍ଯ୍ୟ' ଏବଂ ସ୍ୱାସ୍ଥ୍ୟ, ଚାଷ ଏବଂ ପରିବେଶ ଭଳି ଅନ୍ୟାନ୍ୟ ସିଏସଆର ଫୋକସ୍ କ୍ଷେତ୍ର ଉପରେ ଅନୁସନ୍ଧାନ ଏବଂ ବିକାଶ ପଦକ୍ଷେପ ସହିତ ଅଗ୍ରସର ହେଉଛି। ସମ୍ପ୍ରତି ଏହା ଷ୍ଟାର୍ଟ ଅପ୍ ଓଡିଶା, ଷ୍ଟାର୍ଟ ଅପ୍ ଇଣ୍ଡିଆ ଭଳି ସରକାରଙ୍କ ଫ୍ଲାଗସିପ୍ ପ୍ରୋଗ୍ରାମକୁ ପ୍ରୋତ୍ସାହିତ କରିବାରେ ନିଜର ସହଯୋଗର ହାତ ବଢାଇଛି ଯାହା ଭାରତୀୟ ଅର୍ଥନୀତିକୁ ମଜବୁତ କରିବା ଏବଂ ବର୍ଜ୍ୟବସ୍ତୁ ଓ ସ୍ଥାନୀୟ ଉତ୍ସ ବ୍ୟବହାର କରି ନିଯୁକ୍ତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ବାୟୋଟେଜ୍ ଆଗ୍ରିନୋଭେସନ୍ ପ୍ରାଇଭେଟ ଲିମିଟେଡ୍ ଆରଏସପିର ପ୍ରୋତ୍ସାହନ ଲାଭ କରିଥିବା ଏହିଭଳି ଏକ ଷ୍ଟାର୍ଟ ଅପ୍ ଏବଂ ଏହା ଷ୍ଟାର୍ଟ ଅପ ଓଡିଶା ଏବଂ ଷ୍ଟାର୍ଟ ଅପ୍ ଇଣ୍ଡିଆ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଟେ ।

# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ନୂତନ ବ୍ରାଣ୍ଡ ଆମ୍ବାସଡର ସୁପରଷ୍ଟାର ଏନ୍‌ଟିଆର ଜୁନିୟର

ମୁମ୍ବାଇ : ୧୧ଟି ଦେଶରେ ୩୨୦ରୁ ଅଧିକ ଶୋ'ରୁମ ସହିତ ବୈଶିକ ସ୍ତରରେ ଷଷ୍ଠ ବୃହତ୍ତମ ଅଳଙ୍କାର ଖୁଚୁରା ବ୍ୟବସାୟୀ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏନଟିଆର ଜୁନିୟର ନାମରେ ମଧ୍ୟ ଜଣାଶୁଣା ଜନ ସୁପରଷ୍ଟାର ନନ୍ଦାମୁରୀ ତାରକ ରାମା ରାଓଙ୍କୁ ଏହାର ନୂତନ ବ୍ରାଣ୍ଡ ଆମ୍ବାସଡାର କରିଛନ୍ତି। ମାଲାବାର ଗୋଲ୍ଡ ଡାଇମଣ୍ଡସ'ର ଆଗାମୀ ଗ୍ରାହକ ଅଭିଯାନରେ ଏନଟିଆର ଜୁନିୟରଙ୍କୁ ଦେଖାଯିବ। ବୈଶ୍ୱିକ ଦୃଷ୍ଟି ଆକର୍ଷଣ କରୁଥିବାଜଣେ ବିଶିଷ୍ଟ ଅଭିନେତା ଏବଂ ଏକ ଅଖିଳ ଭାରତୀୟ ଜନ ସୁପରଷ୍ଟାର,ଏନଟିଆର ଜୁନିୟରଗ୍ରୁପର



ମୂଳ ମୂଲ୍ୟ ଯଥା ବିଶ୍ୱାସ, ସ୍ୱଚ୍ଛତା ଏବଂ ତାଙ୍କର ସ୍ନେହପୂର୍ଣ୍ଣ ଏବଂ ଆତ୍ମ-ବିଶ୍ୱାସ ସହିତ ଉତ୍କର୍ଷତାରପ୍ରତିଫଳନ କରିଥାନ୍ତି। ମାଲବାର ଗୋଲ୍ଡ ଡାଇମଣ୍ଡସ'ର୩୦ ତମ ବାର୍ଷିକୀକୁ ଅନ-ବୋର୍ଡିଂ ଏନଟିଆର ଜୁନିୟରଆହୁରି ଚମତ୍କାର କରିଦେବେ। ସୁପର-ଷ୍ଟାର ସାଇନ କରିବା ଗ୍ରାହକଙ୍କ ଆଧାରକୁ ଆହୁରି ବିସ୍ତାର କରିବା ଏବଂ ଆନ୍ଧ୍ରପ୍ରଦେଶ ଏବଂ ତେଲେଙ୍ଗାନା ଅଞ୍ଚଳ ତଥା ଭାରତ ଏବଂ ସମଗ୍ର ବିଶ୍ୱରେ ଏକ ଦୃଢ ଗ୍ରାହକ ସଂଯୋଗ କରିବା ପାଇଁ ଗୋଷ୍ଠୀର ଲକ୍ଷ୍ୟ ଅନୁରୂପ ଅଟେ । ଏସୋସିଏସନ ବିଷୟରେ କହିବାକୁ ଯାଇ,"ଏନଟିଆର ଜୁନିୟର କହିଥିଲେ, "ମୁଁ ପୁଣି ଥରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସସହିତ ଯୋଡି ହୋଇ ଖୁସି ହୋଇଛି । ଅନ୍ୟତମ ବିଶ୍ୱସ୍ତ ଅଳଙ୍କାର ବ୍ରାଣ୍ଡ ହେବା ବ୍ୟତୀତ ଏହା ବିଶ୍ୱ ସ୍ତରରେ ଭାରତୀୟ ଡିଜାଇନ, କଳା ଏବଂ ସଂସ୍କୃତିକୁ ସକ୍ରିୟ ଭାବରେ ପ୍ରଦର୍ଶନ କରୁଛି। ସେମାନଙ୍କର ଗ୍ରାହକ-କୈନ୍ଦ୍ରିକ ପ୍ରତିଶୃତି ଏବଂ ଇସିଜି ପଦକ୍ଷେପ ଉଦ୍ୟୋଗରେ ସେମାନଙ୍କର ନେତୃତ୍ୱ ପ୍ରତିଷ୍ଠା କରିଛି। ମୁଁ ବିଶ୍ୱାସ କରୁଥିବା ମୂଲ୍ୟ ଏବଂ ବ୍ରାଣ୍ଡର ମୂଲ୍ୟ ମଧ୍ୟରେ ମୁଁ ବହୁତ ସମନ୍ୱୟ ଦେଖୁଛି । ଏନଟିଆର ଜୁନିୟରଙ୍କ ଯୋଡି ହେବା ଉପରେ ଟିପ୍ପଣୀ କରିବାକୁ ଯାଇ ଏମପି ଅହମ୍ମଦ, ମାଲାବାର ଗ୍ରୁପ'ର ଅଧ୍ୟକ୍ଷ କହିଥିଲେ,"ଆମେ ଏନଟିଆର ଜୁନିୟରଙ୍କୁ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପରିବାରରେ ସ୍ୱାଗତ କରିବାକୁ ଉତ୍ସାହିତ ।ଏନଟିଆର ଜୁନିୟରଭାରତର ସବୁ ଅଞ୍ଚଳରେ ବହୁ ପ୍ରଶଂସିତ ଚଳଚ୍ଚିତ୍ର ତାରକା ଭାବରେ ଉଭା ହୋଇଛନ୍ତି ।ତାଙ୍କର ଉତ୍କୃଷ୍ଟ ଫିଲ୍ମୋଗ୍ରାଫି ଅଭିନୟର କାରିଗରୀ ଉପରେ ତାଙ୍କର ନିୟନ୍ତ୍ରଣକୁ ସୂଚିତ କରିଥାଏ ।ସେ ଜଣେ ମହାନ ଅଭିନେତା ଅଟନ୍ତି ଏବଂ ତାଙ୍କର ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଆମର ବ୍ରାଣ୍ଡ ପ୍ରସ୍ତାବକୁ ଆହୁରି ବଢାଇବ ।

# ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ଅଳଙ୍କାର ଅଫର ଉନ୍ମୋଚିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ରଥଯାତ୍ରା ଉପଲକ୍ଷେ ସ୍ୱତନ୍ତ୍ର ଅଳଙ୍କାର ଅଫର ଘୋଷଣା କରାଯାଇଛି ଯାହା ସୌନ୍ଦର୍ଯ୍ୟର ପରିପ୍ରକାଶ କରିବ। ରଥଯାତ୍ରା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ହିନ୍ଦୁ ପର୍ବ ଯାହାକୁ ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ଆୟୋଜନ କରାଯାଏ। ସାରା ବିଶ୍ୱରେ ଏହି ପର୍ବକୁ ବିଭିନ୍ନ ସ୍ଥାନରେ ପାଳନ କରାଯାଉଛି। ରଥଯାତ୍ରାର ପ୍ରତୀକ ଓ ଭବ୍ୟତାରୁ ଅନୁପ୍ରାଣିତ ହୋଇ ପ୍ରସ୍ତୁତ କରାଯାଇଥିବା ସ୍ୱତନ୍ତ୍ର ଅଳଙ୍କାରକୁ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏହି ଅସାଧାରଣ ଡିଜାଇନ୍‌ଗୁଡ଼ିକରେ ଆମ ବିଶିଷ୍ଟ କାରିଗରମାନେ ଦେବାଦେବୀ, ରଥ ଓ ପବିତ୍ର ଚିହ୍ନଗୁଡ଼ିକର ମୋଟିଫକୁ ବ୍ୟବହାର କରିଛନ୍ତି ଯାହା ଏହି ପର୍ବ ପ୍ରତି ଯୋଡ଼ି ହୋଇଥିବା ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପ୍ରତି ଏକ ଶ୍ରଦ୍ଧାଳି। ପ୍ରତିଟି ଗହଣାକୁ ଅତି ଯତ୍ନ ସହକାରେ ହଲମାର୍କ ସୁନା ବ୍ୟବହାର କରି ପ୍ରସ୍ତୁତ କରାଯାଇଛି ଯାହାକୁ ପିଢ଼ି ପରେ ପିଢ଼ି ହସ୍ତା'ର କରାଯାଇପାରିବ। ଏହି ଅବସରରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶିକା ଜୋୟିତା ସେନ୍ କହିଛନ୍ତି ଯେ, 'ରଥଯାତ୍ରାର ଗୁରୁତ୍ୱ ଓ ଏହି ସମୟରେ ଅଳଙ୍କାର କିଣିବାର ପବିତ୍ରତାକୁ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସରେ ଆମେ ଭଲ ଭାବେ ବୁଝିଛୁ। ଆମର ଦକ୍ଷ କାରିଗର ଓ




ଡିଜାଇନରମାନଙ୍କ ଟିମ୍ ଅତି ଯତ୍ନର ସହ ଅଳଙ୍କାରର ସମ୍ଭାରକୁ ପ୍ରସ୍ତୁତ କରିଛନ୍ତି ଯାହା ପାରମ୍ପରିକ ଓ ସମସାମୟିକ ଷ୍ଟାଇଲ୍‌ର ସମାହାର। ସୂକ୍ଷ୍ମ ଭାବେ ତିଆରି କରାଯାଇଥିବା ସୁନା ପେଣ୍ଡାଂଟ୍‌ରୁ ଆରମ୍ଭ କରି ମିନାକରୀ ଇୟର ରିଙ୍ଗ ପର୍ଯ୍ୟ' ସମସ୍ତଙ୍କ ସ୍ୱାଦ ଓ ପସନ୍ଦକୁ ସୁହାଇବା ଭଳି ଏଥିରେ କିଛି ନା କିଛି ରହିଛି।''

## ଇନ୍‌ଫିନିକ୍ସ ନୋଟ୍ ୩୦ ୫ଜିର ଶୁଭାରମ୍ଭ

ନୂଆଦିଲ୍ଲୀ : ଏକ ସୁପରିଚିତ ସ୍ମାର୍ଟଫୋନ୍ ବ୍ରାଣ୍ଡ ଇନ୍‌ଫିନିକ୍ସ ପକ୍ଷରୁ ଏହାର ନୂତନ ପ୍ରଡକ୍ଟ ନୋଟ୍ ୩୦ ୫ଜି ସ୍ମାର୍ଟଫୋନ୍‌ର ଉନ୍ମୋଚନ କରାଯାଇଛି। ଏହି ସ୍ମାର୍ଟଫୋନ୍‌ର ସେଲ୍ ଆସନ୍ତା ଜୁନ୍ ୨୨ ତାରିଖ ଦିନ ୧୨ଟାରୁ ଫ୍ଲିପ୍‌କାର୍ଟରେ ଆରମ୍ଭ ହେବ ଏବଂ ଏହାକୁ 'ନିଜ ବର୍ଗରେ ଅଲ୍ଟିମେଟ୍ ୫ଜି ଡିଭାଇସ୍' କୁହାଯାଉଛି। ଏହି ନୋଟ୍ ୩୦ ୫ଜି ୧୪ଟି ୫ଜି ବ୍ୟାଣ୍ଡକୁ ସପୋର୍ଟ କରୁଥିବା ବେଳେ ଏହାର ମୂଲ୍ୟ ୮+୧୨୮ଜିବି ଓ ୧୬+୨୫୬ଜିବି ପାଇଁ ଯଥାକ୍ରମେ ୧୩୯୯୯ ଟଙ୍କା ଓ ୧୪୯୯୯ ଟଙ୍କା ରହିଛି। ଏହା ଏନ୍‌ଏଫ୍‌ସି ସକ୍ଷମ ହୋଇଥିବାରୁ ଦ୍ରୁତ ପେମେଂଟ୍ ଟ୍ରାନ୍ଜନ ପାଇଁ ଉନ୍ନତ ସୁରକ୍ଷା ଓ ଦକ୍ଷତା ପ୍ରଦାନ କରିଥାଏ। ନୋଟ୍ ୩୦ ୫ଜିରେ ଆଇପିଏସ୍ ଏଲ୍‌ଟିପିଏସ୍ ୬.୭୮ ଇଂଚ୍ ଫୁଲ୍ ଏଚ୍‌ଡି+ ୧୨୦ଏଚ୍‌ଜେଡ୍ ଆଇକେୟାର ଆମୋଲେଡ୍ ଡିସ୍‌ପ୍ଲେ ସହ ଟିୟୁଭି ରେନ୍‌ଲ୍ୟାଣ୍ଡ ଆଇକେୟାର ସାର୍ଟିଫିକେଶନ, ୪୫ୱାଟ୍ ଟାଇପ୍ ସି ଚାର୍ଜି ସହ ୫୦୦୦ ମେଗାଆମ୍ପିୟର ବ୍ୟାଟେରୀ, ୧୦୮ଏମ୍‌ପି ଟ୍ରିପଲ ରିୟର କ୍ୟାମେରା, ୧୬ ଏମ୍‌ପି ଫ୍ରଂଟ୍ କ୍ୟାମେରା, ରିୟର ଫ୍ଲାଶ୍, ଫ୍ରଂଟ୍ ଡୁଆଲ ଫ୍ଲାଶ୍‌ଲାଇଟ୍, ଡୁଆଲ ଭ୍ୟୁ ଭିଡିଓ, ସୁପର ନାଇଟ୍ ମୋଡ୍, ସ୍କାଏ ରିମ୍ୟାପିଂ, ଏଆଇ କ୍ୟାମ୍ ବିୟୁଟି ଆଦି ଫିଚର ରହିଛି।

## ନିଟ୍‌ର ଶ୍ରେଷ୍ଠ-୧୦୦୦ ମଧ୍ୟରେ ଆଲେନ୍ ଭୁବନେଶ୍ୱରର ୩ ଜଣ ଛାତ୍ରଛାତ୍ରୀ

# ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ୧୦୦ରେ ଆଲେନ୍‌ର ୩୦ ଜଣ ଛାତ୍ରଛାତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦେଶର ସର୍ବବୃହତ ମେଡିକାଲ୍ ପ୍ରବେଶିକା ପରୀକ୍ଷା ନିଟ୍ ୟୁଜି-୨୦୨୩ର ଫଳ ପ୍ରକାଶ ପାଇଥିବା ବେଳେ ଏହି ପରୀକ୍ଷାରେ ଆଲେନ୍ କ୍ୟାରିୟର ଇନଷ୍ଟିଚ୍ୟୁଟ୍ ପ୍ରାଇଭେଟ୍ ଲିମିଟେଡ୍‌ର ଛାତ୍ରଛାତ୍ରୀମାନେ ପୁଣି ଥରେ ନିଜର ଉତ୍କର୍ଷ ପ୍ରତିପାଦନ କରିଛନ୍ତି। ଆଲେନ ଭୁବନେଶ୍ୱର କେନ୍ଦ୍ରର ମୁଖ୍ୟ ଶ୍ରୀ ଅନୁରାଗ ମିଶ୍ର କହିଛନ୍ତି ଯେ ଆଲେନ ଭୁବନେଶ୍ୱରର କ୍ଲାସରୁମ୍ ଛାତ୍ର ସୂର୍ଯ୍ୟ ପ୍ରତାପ ମିଶ୍ର ୭୨୦ରୁ ୭୧୦ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୩୫ତମ ର୍‍ୟାଙ୍କ ହାସଲ କରିଛନ୍ତି। ତାଙ୍କ ବ୍ୟତୀତ ଆଲେନ୍‌ର ୨୮ ଜଣ ଛାତ୍ରଛାତ୍ରୀ ୬୫୦ରୁ ଅଧିକ, ୧୦୨ ଜଣ ୬୦୦ରୁ ଅଧିକ ଓ ୧୯୨ ଜଣ ୫୫୦ରୁ ଅଧିକ ମାର୍କ ରଖିଛନ୍ତି। ଆଲେନ୍ ଭୁବନେଶ୍ୱରର ଛାତ୍ର ସୂର୍ଯ୍ୟ ପ୍ରତାପ ମିଶ୍ର ଶ୍ରେଷ୍ଠ ୫୦ ମଧ୍ୟରେ ସ୍ଥାନ ପାଇଛନ୍ତି। ସେହିପରି, ଏହି ପରୀକ୍ଷାରେ ବରେଣ୍ୟ ମହାପାତ୍ର ୨୫୯ତମ ର୍‍ୟାଙ୍କରେ ରହିଛନ୍ତି। ସେ ୭୨୦ରୁ ୭୦୦ ମାର୍କ ରଖିଛନ୍ତି। ଅନ୍ୟ ପକ୍ଷରେ ପ୍ରସନ୍ନଜିତ ନାୟକ



୭୨୦ରୁ ୬୯୫ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୫୧୭ତମ ସ୍ଥାନରେ ରହିଛନ୍ତି। ଚିତରଂଜନ ଜେନା ୬୯୫ ମାର୍କ ରଖି ୫୭୮ତମ ର୍‍ୟାଙ୍କ ହାସଲ କରିଛନ୍ତି। ଏହି ତିନି ଜଣ ଛାତ୍ରଛାତ୍ରୀ ଆଲେନ୍‌ର କ୍ଲାସରୁମ୍ ପାଠ୍ୟକ୍ରମରେ ପାଠପଢୁଥିଲେ। ଜାତୀୟ ସ୍ତରରେ ୭୧୫ ମାର୍କ ରଖି ଆଲେନ୍‌ର ଛାତ୍ର ପାର୍ଥ ଖଣ୍ଡେଲୱାଲ ସର୍ବଭାରତୀୟ ସ୍ତରରେ ୧୦ତମ ର୍‍ୟାଙ୍କ ହାସଲ କରିଛନ୍ତି। ସେ ରାଜସ୍ଥାନ ଟପର ହୋଇଥିବା ବେଳେ ଶଶାଙ୍କ କୁମାର ୭୧୫ ମାର୍କ ରଖି ୧୪ତମ ସ୍ଥାନରେ ରହି ବିହାର ରେ ଟପର ହୋଇଛନ୍ତି। ଶୁଭମ ବଂଶଲ ୭୧୫ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୧୬ତମ ସ୍ଥାନରେ ରହିବା ସହ ଉତରପ୍ରଦେଶ ଟପର ହୋଇଛନ୍ତି। ଅର୍ନବ ପତି ୧୯ତମ ଓ ଶଶାଙ୍କ ସିହ୍ନା ୨୦ତମ ସ୍ଥାନରେ ରହିଛନ୍ତି। ଏହିଭଳି ଭାବେ ଶ୍ରେଷ୍ଠ ୨୦ ଭିତରେ ଆଲେନ୍‌ର ୫ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଶ୍ରେଷ୍ଠ ୫୦ରେ ଆଲେନ୍‌ର ୧୭ ଜଣ ଓ ଶ୍ରେଷ୍ଠ ୧୦୦ରେ ୩୦ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ସମସ୍ତେ ୭୦୫ରୁ ଅଧିକ ମାର୍କ ରଖିଛନ୍ତି।

# କାମଧେନୁ ପେଣ୍ଟ୍‌ସ୍ ପକ୍ଷରୁ ସର୍ବବୃହତ୍ ଚାନେଲ ସହଭାଗୀମାନଙ୍କ ସମ୍ମିଳନୀ ଆୟୋଜିତ

ଗୁରୁଗ୍ରାମ: କାମଧେନୁ ଗ୍ରୁପ୍‌ର ଏକ ବ୍ରାଣ୍ଡ ତଥା ଉଚ୍ଚ ଗୁଣମାନର ପେଣ୍ଟ୍‌ସ୍ ଏବଂ ଏମଲ୍‌ସନ୍‌ ଉତ୍ପାଦନକାରୀ କାମଧେନୁ ପେଣ୍ଟ୍‌ସ୍ ତାହାର ଚାନେଲ ସହଭାଗୀମାନଙ୍କର ପ୍ରଦର୍ଶନକୁ ସ୍ୱୀକୃତି ଜଣାଇବା ଏବଂ ଏକ ଉଚ୍ଚତର ସୋପାନକୁ ଅଗ୍ରସର ହେବା ନିମନ୍ତେ ସେମାନଙ୍କୁ ପ୍ରେରିତ କରିବାକୁ 'କାମଧେନୁ ସେନ୍‌ସେସନାଲ ବଲିଉଡ ନାଇଟ୍ (କେଏସ୍‌ବିଏନ୍ ୨)' ନାମରେ ଏକ ଦୁଇଦିନିଆ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ପେଣ୍ଟ୍‌ସ୍ ବ୍ୟବସାୟ ପୃଥକ ହେବା ପରବର୍ତ୍ତୀ ସମୟରେ ଏହା ପ୍ରଥମ ଏବଂ କମ୍ପାନୀର ସର୍ବବୃହତ୍ ଚାନେଲ ସହଭାଗୀଙ୍କର ସମ୍ମିଳନୀ ଥିଲା। ସମଗ୍ର ଦେଶରୁ ୮୦୦ରୁ ଅଧିକ ଡିଲର ସେମାନଙ୍କ ପରିବାରବର୍ଗଙ୍କ ସହିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶ୍ରୀମତୀ ମାନୁଶୀ ଚିଲ୍ଲାର, ମିସ୍ ୱାର୍ଲଡ ୨୦୧୭ ଏବଂ ବଲିଉଡ ଧଡକନ୍ ରାଜକୁମାର ରାଓ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଚାନେଲ ସହଭାଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଚଳିତ ବର୍ଷର କାର୍ଯ୍ୟକ୍ରମ ପରିବାରର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ କିଛିଟା ସ୍ୱତନ୍ତ୍ର ରହିଥିଲା ଯେଉଁଠାରେ ସର୍ବୋତ୍ତମ ଗେମ୍‌ସ୍, ସଂଗୀତ ଓ ଖାଦ୍ୟ ଆଦି ବ୍ୟବସ୍ଥା କରାଯାଇଥିଲା। କିମ୍ବଦ'ୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ସୋନୁ ନିଗମ ଏବଂ ବଲିଉଡ ଗାୟକ ରାହୁଲ ବୈଦ୍ୟ ସେମାନଙ୍କର ଲୋକପ୍ରିୟ ସଂଗୀତକୁ ନେଇ ପ୍ରତ୍ୟେକଙ୍କ ମଧ୍ୟରେ ରୋମାଞ୍ଚ ଭରିଦେଇଥିଲେ। ଲୋକପ୍ରିୟ କଳାକାର ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ ଏବଂ ରାକୁଲପ୍ରୀତ ସିଂ ମଧ୍ୟ ଉପସ୍ଥିତ ଦର୍ଶକଙ୍କ ପାଇଁ ଆକର୍ଷଣ ପାଲଟିଥିଲେ ଏବଂ ଦର୍ଶକମାନେ ସେମାନଙ୍କ ସହିତ ସ୍ମରଣୀୟ ମୁହୂର୍ତ୍ତଗୁଡିକ ଫଟୋରେ ଧରି ରଖିଥିଲେ। ଜିତେଶ ଚାଓଲା ତାଙ୍କର ମଜାଦାର ଜୋକ୍‌ସ୍ ଏବଂ ମିମିକ୍ରିରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ବିଶ୍ୱସ୍ତରରେ ଖ୍ୟାତିଲାଭ କରିଥିବା ନୃତ୍ୟ ଗ୍ରୁପ୍ ଡ୍ୟାନ୍ସ ସ୍ମିଥ୍ ଏବଂ ଏମ୍‌ଜେଏସ୍‌ଙ୍କ ଚମତ୍କାର ପ୍ରଦର୍ଶନ ସହିତ ତାଳଦେଇ ଦର୍ଶକମାନେ ମଧ୍ୟ ଝୁମିଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ସୌରଭ ଅଗ୍ରୱାଲ, ମ୍ୟାନେଜିଂ ଡାଇରେକ୍ଟର, କାମଧେନୁ ପେଣ୍ଟ୍‌ସ୍ କହିଥିଲେ, 'କାମଧେନୁ ତାହାର ପ୍ରତ୍ୟେକ ଚାନେଲ ସହଭାଗୀଙ୍କୁ କାମଧେନୁ ପରିବାରର ଅବିଚ୍ଛେଦ୍ୟ ସଦସ୍ୟ ଭାବରେ ଉଚ୍ଚସ୍ଥାନ ଦେଇଆସୁଛି।



ନୂଆଦିଲ୍ଲୀ: ଭୁବନେଶ୍ୱରରେ ଅନୁଷ୍ଠିତ ଆନ୍ତଃରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପରେ ୨୦୧୮ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ତେଜିନ୍ଦର ପାଲ ସିଂ ନୂତନ ଜାତୀୟ ରେକର୍ଡ ସ୍ଥାପନ କରିଛନ୍ତି । ସେ ୨୧.୭୭ ମିଟର ଦୂରତାକୁ ଶଟପୁଟ ଥ୍ରୋ କରି ଏହି ରେକର୍ଡ ସ୍ଥାପନ କରିଛନ୍ତି । ୨୦୨୩ରେ ତେଜିନ୍ଦର ଇଣ୍ଡିଆନ ଓପନ ଥ୍ରୋ କମ୍ପିଟେଶନରେ ୧୯.୯୫ ମିଟର, ଇଣ୍ଡିଆନ ଗ୍ରାଁ ପ୍ରିରେ ୧୯.୭୬, ଇଣ୍ଡିଆନ ଗ୍ରାଁ ପ୍ରି ୨୧.୨୦, ନ୍ୟାଶନାଲ ଫେଡେରେଶନ କପ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପରେ ୨୦.୪୨, ଏସିଆନ ଇନଡୋର ଆଥଲେଟିକ୍ସ ଚାମ୍ପିୟନଶିପରେ ୧୯.୪୯ ମିଟର ଦୂରତାକୁ ଥ୍ରୋ କରିଥିଲେ । ଏହି ସମସ୍ତ ଚାମ୍ପିୟନଶିପରେ ସେ ପ୍ରଥମ ସ୍ଥାନ ହାସଲ କରିଛନ୍ତି । ସେ ଏହି ପ୍ରତିଯୋଗିତାର ଶ୍ରେଷ୍ଠ ପୁରୁଷ ଆଥଲେଟ୍ ହେବା ସହ ବୁଦାପେଷ୍ଟ ବିଶ୍ୱ ଦୌଡ଼କୁଦ ସହ ଏସୀୟ କ୍ରୀଡ଼ା ପ୍ରତିଯୋଗିତା ଟିକେଟ୍ କରାୟତ୍ତ କରିଛନ୍ତି। ବିଶ୍ୱ ଦୌଡ଼କୁଦ ଲାଗି ୨୧.୪୪ ଏବଂ ଏସୀୟ କ୍ରୀଡ଼ା ଲାଗି ୧୯ ମିଟର ମାର୍କ ରହିଥିଲା। ବାଧାଦୌଡ଼ ତାରକା ଜ୍ୟୋତି ୟାରାଜି ଶ୍ରେଷ୍ଠ ମହିଳା ଆଥଲେଟ୍ ପୁରସ୍କାର କରାୟତ୍ତ କରିଛନ୍ତି। ଏସିଆନ ଗେମ୍ସରେ ତେଜିନ୍ଦରଙ୍କଠାରୁ ଭାରତ ଏକ ନିଶ୍ଚିତ ସ୍ୱର୍ଣ୍ଣ ପଦକ ଆଶା କରୁଛି । ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସର୍ବଭାରତୀୟ ଦୌଡ଼କୁଦ ସଂଘ (ଏଏଫ୍ଆଇ)ର ସଭାପତି ଆଦିଲ ସୁମରିୱାଲା, କ୍ରୀଡ଼ା ଓ ଯୁବସେବା ସଚିବ ଆରଭିନୀଲ କ୍ରିଷ୍ଣା, ଯୋଜନା କମିଟି ଅଧ୍ୟକ୍ଷ ଲଳିତ ଭାନୋଟ, ଏଏଫ୍ଆଇର ବରିଷ୍ଠ ଉପସଭାପତି ଅଞ୍ଜୁ ବବି ଜର୍ଜ ଓ କୋଷାଧ୍ୟକ୍ଷ ମଧୁକାନ୍ତ ପାଠକ ଉପସ୍ଥିତ ରହିଥିଲେ।



### ଅସମର୍ଥ ପ୍ରକାଶ କରି ଆଇସିସିକୁ ଚିଠି ଲେଖିଲା ପାକିସ୍ତାନ କ୍ରିକେଟ ବୋର୍ଡ

# ଭାରତରେ ଦିନିକିଆ ବିଶ୍ୱକପ ଖେଳିବା ନେଇ ନିଶ୍ଚିତତା ନାହିଁ

ନୂଆଦିଲ୍ଲୀ: ବିଭିନ୍ନ କାରଣ ନେଇ ପାକିସ୍ତାନ ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ ଖେଳିବା କୌଣସି ନିଶ୍ଚିତତା ନାହିଁ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ ଆଜି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ)ଆଇସିସି)କୁ ଚିଠି ଲେଖି ଅବଗତ କରାଇଛି। ପାକିସ୍ତାନ କ୍ରିକେଟ ବୋର୍ଡର ମ୍ୟାନେଜମେଣ୍ଟ କମିଟି ଅଧ୍ୟକ୍ଷ ନଜମ ସେଠି ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ପ୍ରସଙ୍ଗ ଉପରେ ସୂଚନା ଦେଇ କହିଛନ୍ତି ଯେ ଭାରତରେ ଦିନିକିଆ ବିଶ୍ୱକପ ଖେଳିବା ପାଇଁ ଆମେ କୌଣସି ନିଷ୍ପତ୍ତି ନେଇ ପାରିବୁ ନାହିଁ। କାରଣ ସରକାରଙ୍କ ଅନୁମତି ବିନା କିଛି କରି ପାରିବୁ ନାହିଁ। ତେଣୁ ଆଗାମୀ ସମୟକୁ ଅପେକ୍ଷା କରିବା ପାଇଁ ପଡିବ। ସେହିପରି ଅହମଦାବାଦରେ ଭାରତ ବିପକ୍ଷ ବିଶ୍ୱକପ ମ୍ୟାଚ ଖେଳିବୁକି ନାହିଁ ,ତାହା ପାକିସ୍ତାନ ସରକାରଙ୍କ ନିଷ୍ପତ୍ତି ଓ ନିର୍ଦ୍ଦେଶ ଉପରେ ନିର୍ଭର କରେ। ସେହି ଦୃଷ୍ଟିରୁ ଆମର ଏହି ଅସହାୟତା ନେଇ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ(ଆଇସିସି)କୁ ଜଣାଇ ଦେଇଛୁ। କାରଣ ଆଇସିସି ବର୍ତ୍ତମାନ ଦିନିକିଆ ବିଶ୍ୱକପ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରୁଛି। ଆଗାମୀ ବିଶ୍ୱକପରେ ଅଂଶ ଗ୍ରହଣ ନେଇ ଆଇସିସି ଆମର ମତାମତ ଜାଣିବା ପାଇଁ ଚିଠି ଲେଖିଥିଲେ। ବୁଧବାର ମଧ୍ୟରେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବାର ଶେଷ ତାରିଖ ହୋଇଥିବା ଦୃଷ୍ଟିରୁ ଆଜି ଆମେ ଆଇସିସିକୁ ଜଣାଇ ଦେଇଛୁ। କାରଣ ଦିନିକିଆ ବିଶ୍ୱକପରେ ଆମର ଅଂଶ ଗ୍ରହଣ ନେଇ ଅନିଶ୍ଚିତତା ଲାଗି ରହିଛି। ତେଣୁ ସରକାରଙ୍କ ଅନୁମତି ବିନା ପାକିସ୍ତାନ କ୍ରିକେଟ ବୋର୍ଡ କୌଣସି ନିଷ୍ପତ୍ତି ନେବା ସମ୍ଭବ ନୁହେଁ। ଆମେ ଭାରତରେ ଖେଳିବା ପାଇଁ ଯାଉଛୁ। ମାତ୍ର ପାକିସ୍ତାନରେ କୌଣସି ଟୁର୍ଣ୍ଣାମେଣ୍ଟ ଖେଳିବା ପାଇ ଭାରତ ଆସୁନାହିଁ। ତେଣୁ ପ୍ରଧାନମନ୍ତ୍ରୀ ନଓ୍ୱାଜ ଶରିଫ ଯଦି ପାକିସ୍ତାନ କ୍ରିକେଟ ବୋର୍ଡକୁ ଭାରତରେ ଦିନିକିଆ ବିଶ୍ୱକପ ଖେଳିବା ପାଇଁ ସବୁଜ ସଙ୍କେତ ହେବେ, ତେବେ ଆମର ସୁରକ୍ଷା ଟିମ ଭାରତ ଗସ୍ତରେ ଯାଇ ମ୍ୟାଚ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବେ। ସେହିପରି ଧର୍ମଶାଳାରେ ଖେଳିବାକୁ ଥିବା ମ୍ୟାଚ କୋଲକାତାକୁ ସ୍ଥାନାନ୍ତର ହେଲେ ଆମେ ଭାରତରେ ବିଶ୍ୱକପ ଖେଳିବା ନେଇ ବିଚାର କରିବୁବୋଲି ନଜମ ସେଠି କହିଛନ୍ତି।

## ଅଧ୍ୟକ୍ଷ ପଦରୁ ହଟିଲେ ନଜମ ସେଠୀ



ନୂଆଦିଲ୍ଲୀ: ଏସିଆ କପ ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ରେ ହଙ୍ଗାମା ଦେଖିବାକୁ ମିଳିଛି । ଗତବର୍ଷ ରମିଜ ରାଜା ପାକିସ୍ତାନ କ୍ରିକେଟ୍ ବୋର୍ଡର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ପରେ ନଜମ ସେଠୀ ପାକିସ୍ତାନ କ୍ରିକେଟ୍ ବୋର୍ଡର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ଆଉ ଅଳ୍ପ ଦିନ ପରେ ପାକିସ୍ତାନ କ୍ରିକେଟ୍ ବୋର୍ଡର ପରବର୍ତ୍ତୀ ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ସାମ୍ପ୍ରତିକ ବିବାଦୀୟ ପରିସ୍ଥିତି ନେଇ ନଜମ ସେଠୀ ଏହି ନିର୍ବାଚନରେ ସାମିଲ ହେବେ ନାହିଁ ବୋଲି ସୂଚନା ଦେଇଛନ୍ତି। ନଜମ ଟ୍ୱିଟ କହିଛନ୍ତି ଯେ, ବର୍ତ୍ତମାନ ପାକିସ୍ତାନ ରାଜନୀତିରେ ଝଡ ସୃଷ୍ଟି ହୋଇଛି । ତେଣୁ ପାକିସ୍ତାନ ପିପୁଲ୍ସ ପାର୍ଟି ସଭାପତି ଆସିଫ ଜରଦାରୀ ଏବଂ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କ ମଧ୍ୟରେ ହୋଇଥିବା ବିବାଦର ମୂଳ ହେବାକୁ ଚାହୁଁ ନାହାଁନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପାକିସ୍ତାନରେ ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ ଚାଲିଥିବା ବିବାଦ କାରଣରୁ ଅଧ୍ୟକ୍ଷ ନିର୍ବାଚନରେ ନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି । ସେହିପରି ପାକିସ୍ତାନ କ୍ରିକେଟ୍ ବୋର୍ଡ ପାଇଁ ଏଭଳି ପରିସ୍ଥିତି ଭଲ ନୁହେଁ। ଏହି କାରଣରୁ, ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଁ ପାକିସ୍ତାନ କ୍ରିକେଟ୍ ବୋର୍ଡର ପରବର୍ତ୍ତୀ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନରୁ ଓହରିଯିବାକୁ ନିଷ୍ପତ୍ତି ନେଇଛି ବୋଲି ନଜମ କହିଛନ୍ତି।

### ଦିନିକିଆ ବିଶ୍ୱକପ କାର୍ଯ୍ୟସୂଚୀ ପ୍ରସ୍ତୁତିରେ ବିଳମ୍ବ

## ପିସିବିକୁ ଦାୟୀ କଲା ବିସିସିଆଇ

ନୂଆଦିଲ୍ଲୀ: ଚଳିତ ବର୍ଷ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ ପାଇଁ ଆଜି ପର୍ଯ୍ୟନ୍ତ କାର୍ଯ୍ୟସୂଚୀ ଘୋଷଣା ହୋଇପାରିଲା ନାହିଁ। ପୂର୍ବ ବିଶ୍ୱକପ୍ ତୁଳନାରେ ଏହା ଯଥେଷ୍ଟ ବିଳମ୍ବ ହୋଇଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଦ୍ୱାରା ଡ୍ରାଫ୍ଟ କାର୍ଯ୍ୟସୂଚୀରେ ପରିବର୍ତ୍ତନ ପାଇଁ କ୍ରମାଗତ ଦାବି ହେଉଥିବାରୁ କାର୍ଯ୍ୟସୂଚୀ ବର୍ତ୍ତମାନ ପର୍ଯ୍ୟନ୍ତ ଘୋଷଣା ହୋଇପାରୁନାହିଁ ବୋଲି ବିସିସିଆଇର ଜନୈକ ଅଧିକାରୀ ଏହି ସୂଚନା ଦେଇଛନ୍ତି। ବିସିସିଆଇ ଦ୍ୱାରା ଆଇସିସିକୁ ପଠାଯାଇଥିବା ଡ୍ରାଫ୍ଟ ସୂଚୀରେ ପିସିବି ଦୁଇଟି ମ୍ୟାଚର ସ୍ଥାନ ପରିବର୍ତ୍ତନ କରିବାକୁ ଦାବି କରିଥିଲା। ଏଥିରେ ଚେନ୍ନାଇ ଗ୍ରାଉଣ୍ଡ ପରିବର୍ତ୍ତେ ଅନ୍ୟ କୌଣସି ଗ୍ରାଉଣ୍ଡରେ ଆଫଗାନିସ୍ତାନ ବିପକ୍ଷରେ ଗୋଟିଏ ମ୍ୟାଚ ଏବଂ ଅହମ୍ମଦାବାଦ ଗ୍ରାଉଣ୍ଡ ବଦଳରେ ଭାରତ ବିପକ୍ଷରେ ଅନ୍ୟ ଏକ ମ୍ୟାଚ ଆୟୋଜନ କରିବାକୁ ଦାବି ହୋଇଥିଲା। ଏ ସମ୍ପର୍କରେ ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ ଇନସାଇଡ ସ୍ପୋର୍ଟସ୍‌କୁ ଦେଇଥିବା ବିବୃତ୍ତିରେ କହିଛନ୍ତି ଯେ ପିସିବି ଯାହା ଚାହିଁବ ତାହା କହିପାରିବ। କିନ୍ତୁ ଏହି କାର୍ଯ୍ୟସୂଚୀରେ ବିଳମ୍ବ ପାଇଁ କେବଳ ସେ ଦାୟୀ। ଏହାପୂର୍ବରୁ ସେ ଅହମ୍ମଦାବାଦରେ ଖେଳିବାକୁ ପ୍ରସ୍ତୁତ ନଥିଲେ। ବର୍ତ୍ତମାନ ଚେନ୍ନାଇରେ ଖେଳିବାକୁ ପ୍ରସ୍ତୁତ ନୁହେଁ । ସେ ସର୍ବଦା ଅସୁରକ୍ଷିତ ଅଟନ୍ତି। ଦିନିକିଆ ବିଶ୍ୱକପ ଅଫିସିଆଲ କାର୍ଯ୍ୟସୂଚୀକୁ ଆଇସିସି ଏହି ସପ୍ତାହରେ ଘୋଷଣା କରିପାରେ। ଡ୍ରାଫ୍ଟ କାର୍ଯ୍ୟସୂଚୀ ଅନୁଯାୟୀ, ଅକ୍ଟୋବର ୫ରୁ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥିରେ ଇଂଲଣ୍ଡ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ପ୍ରଥମ ମ୍ୟାଚ ଖେଳାଯିବ। ଏଥି ସହିତ ଭାରତୀୟ ଦଳ ଅକ୍ଟୋବର ୮ରେ ଚେନ୍ନାଇ ଗ୍ରାଉଣ୍ଡରୁ ଅଷ୍ଟ୍ରେଲିଆ ବିପକ୍ଷରେ ଅଭିଯାନ ଆରମ୍ଭ କରିବ। ଓଡିଆଇ ବିଶ୍ୱକପର ସେମିଫାଇନାଲ ୧୫ ଏବଂ ୧୬ ନଭେମ୍ବର ଏବଂ ୧୯ନଭେମ୍ବରରେ ଫାଇନାଲ ଖେଳାଯିବ ବୋଲି ଡ୍ରାଫ୍ଟ ପ୍ରସ୍ତୁତ ହୋଇଛି।

### ଏସିଆନ୍ ଟିମ୍ ସ୍ନୁକର ଚାମ୍ପିଅନସିପ୍

## ଭାରତର କ୍ରମାଗତ ଦ୍ୱିତୀୟ ବିଜୟ



ତେହେରାନ: ଏକାଧିକବାର ବିଶ୍ୱ ଚାମ୍ପିୟନ ତଥା ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ପଙ୍କଜ ଆଡଭାନୀଙ୍କ ନେତୃତ୍ୱରେ ଭାରତ ଏଠାରେ ଚାଲିଥିବା ଏସିଆନ ଟିମ୍ ସ୍ନୁକର ଚାମ୍ପିୟନଶିପ୍ ଗ୍ରୁପ୍ ପର୍ଯ୍ୟାୟରେ ଦୁଇଟି ବଡ଼ ବିଜୟ ହାସଲ କରିଛି। ଆଫଗାନିସ୍ତାନ ଓ ମାଲେସିଆକୁ ସମାନ ୩-୦ ବ୍ୟବଧାନରେ ହରାଇଛି ଭାରତ। ଆଡଭାନୀ ଉଭୟ ମ୍ୟାଚରେ ଖେଳିଥିଲେ। ଆଫଗାନିସ୍ତାନ ବିପକ୍ଷ ମ୍ୟାଚରେ ଆଡଭାନୀ ୫୪-୦୭ରେ ମହମ୍ମଦ ନୁରଙ୍କୁ ପରାସ୍ତ କରିଛନ୍ତି। ସେହିପରି ଲକ୍ଷ୍ମଣ ରାୱତ ୭୫-୧୭ରେ ସାଲେ ମହମ୍ମଦଙ୍କୁ ହରାଇ ଦେଇଛନ୍ତି। ଭାରତ ୬୮-୪୧ରେ ଡବଲ ଫ୍ରେମ୍ ଜିତି ନେଇଥିଲା।

## ଟେଷ୍ଟ କ୍ରିକେଟରେ କୋହିଲିଙ୍କ ୧୨ବର୍ଷ



ନୂଆଦିଲ୍ଲୀ : ଭାରତୀୟ କ୍ରିକେଟ ଦଳରେ ଷ୍ଟାର ବ୍ୟାଟର ବିରାଟ କୋହିଲି ଗତ ୧୨ବର୍ଷ ଧରି ଟେଷ୍ଟ କ୍ରିକେଟ ଖେଳି ଆସୁଛନ୍ତି। ସେ ୨୦୧୧ ଜୁନ୍ ୨୦ ତାରିଖ ଦିନ ଜାମାଇକାର କିଙ୍ଗଷ୍ଟନଠାରେ ୱେଷ୍ଟଇଣ୍ଡିଜ ବିରୁଦ୍ଧରେ ଖେଳିଥିଲେ ଜୀବନର ପ୍ରଥମ ଟେଷ୍ଟ। ତେବେ ପ୍ରଥମ ଟେଷ୍ଟରେ ତାଙ୍କର ପ୍ରଦର୍ଶନ ଭଲ ନଥିଲା। ଉଭୟ ଇନିଂସରେ ସେ ୪ ଓ ୧୫ରନ୍ କରି ଆଉଟ ହୋଇଥିଲେ। ୱେଷ୍ଟଇଣ୍ଡିଜ ଦଳର ପେସ୍ ବୋଲର ଫିଡେଲ ଏଡୱାର୍ଡସ ଉଭୟ ଇନିଂସରେ କୋହିଲିଙ୍କୁ ଆଉଟ କରିଥିଲେ। ତେବେ ପରବର୍ତ୍ତି ସମୟରେ ସେ ଚମତ୍କାର ପ୍ରଦର୍ଶନ କରି ଜଣେ ପ୍ରତିଷ୍ଠିତ ବ୍ୟାଟରଭାବେ ନିଜକୁ ପରିଚିତ କରାଇ ପାରିଥିଲେ। ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଫିଟ୍‌ନେସ୍ ବଜାୟ ରଖି ସେ ୧୨ବର୍ଷ ଧରି ଟେଷ୍ଟ କ୍ରିକେଟ ଖେଳି ଆସୁଛନ୍ତି। ଆଜି ପର୍ଯ୍ୟନ୍ତ ସେ ୧୦୯ଟେଷ୍ଟ ଖେଳି ୨୮ଶତକ ଅର୍ଜନ କରିଛନ୍ତି। ସେହିପରି ଏକଦିବସୀୟ କ୍ରିକେଟରେ ମଧ୍ୟ ନିଜର ସଫଳ ଯାତ୍ରା ଜାରି ରଖିବା ସହିତ ୪୬ଶତକ ଅର୍ଜନ କରିଛନ୍ତି। ଏହି ଫର୍ମାଟରେ ଆଉ ୩ଶତକ ଅର୍ଜନ କଲେ ସେ ତେନ୍ଦୁଲକରଙ୍କ ୪୯ ଦିନିକିଆ ଶତକ ରେକର୍ଡ ସମକକ୍ଷ ହୋଇପାରିବେ।

## ବିଶ୍ୱକପ୍‌ରେ କଶ୍ମୀରର ୱିଲୋ ବ୍ୟାଟ ବ୍ୟବହାର ପାଇଁ ଅଧିକ ଚାହିଦା



ନୂଆଦିଲ୍ଲୀ: କଶ୍ମୀରରେ ପ୍ରସ୍ତୁତ ୱିଲୋ ବ୍ୟାଟର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି । ଏ ପର୍ଯ୍ୟନ୍ତ ଅଳ୍ପ କେତୋଟି ଆନ୍ତର୍ଜାତୀୟ ମ୍ୟାଚରେ ଏହି ବ୍ୟାଟର ବ୍ୟବହାର ହୋଇଛି । ରିପୋର୍ଟ ମୁତାବକ ଆଗାମୀ ବିଶ୍ୱକପରେ ୬ଟି ଦେଶ ଏହି ବ୍ୟାଟରେ ଖେଳିବା ପାଇଁ ନିଷ୍ପତି ନେଇଛନ୍ତି। ଏହି ଦେଶଗୁଡିକ ହେଲେ ଆଫଗାନିସ୍ତାନ, ବାଂଲାଦେଶ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା, ଓମାନ ଓ ୟୁଏଇ । ଇଂଲଣ୍ଡର ଇଂଲିଶ ୱିଲୋ ବଦଳରେ ସେମାନେ ପ୍ରଥମ ଥର ପାଇଁ ଏହି ବ୍ୟାଟ ବ୍ୟବହାର କରିବେ । ଯାହାକୁ ନେଇ କଶ୍ମୀରର ବ୍ୟାଟ ନିର୍ମାତାମାନେ ବେଶ ଉତ୍ସାହିତ ଅଛନ୍ତି। ଆଇପିଏଲରେ ଏହି ବ୍ୟାଟ ବେଶ ଲୋକପ୍ରିୟତା ହାସଲ କରିଥିଲା । ପୂର୍ବରୁ ବିଦେଶୀ କମ୍ପାନୀମାନେ କଶ୍ମୀରରୁ ବ୍ୟାଟ କିଣିନେଇ ଏହା ଉପରେ ଲେଭଲ ଲଗାଇ ବିକ୍ରୀ କରୁଥିଲେ । ଏବେ ସେମାନେ ନିଜର ଲୋଗୋ ଲଗାଇବା ଫଳରେ ଅଧିକ ଲାଭ ମଧ୍ୟ ହାସଲ କରି ପାରୁଛନ୍ତି। ଇଂଲିଶ ୱିଲୋ ତୁଳନାରେ କଶ୍ମୀରର ୱିଲୋ ବ୍ୟାଟର ଦର କମ ରହୁଛି । ଏହି ବ୍ୟାଟର ବଡି କଶ୍ମୀରରୁ ଆସୁଥିବା ବେଳେ ହ୍ୟାଣ୍ଡେଲ ଜଳନ୍ଧର, ଆଣ୍ଡମାନ ଓ ନିକୋବରରୁ ଆସିଥାଏ । ସେହିପରି ଷ୍ଟିକର ମୀରଟରୁ ଓ ଫାଇବର କୋଲକାତାରୁ ଆସେ ।

## ସାଫ୍ ଚାମ୍ପିୟନଶିପ: ଟାଇଟଲ ଲକ୍ଷ୍ୟରେ ଭାରତ



ବେଙ୍ଗାଲୁରୁ : ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ନିକଟରେ ଅନୁଷ୍ଠିତ ଇଣ୍ଟରକଣ୍ଟିନେଣ୍ଟାଲ କପ୍‌ରେ ଚାମ୍ପିୟନ ଭାରତୀୟ ଫୁଟବଲ ଦଳର ମନୋବଳ ଦୃଢ଼ ରହିଛି। ବର୍ତ୍ତମାନ ସାଉଥ୍ ଏସିଆନ୍ ଫୁଟବଲ ଫେଡେରେସନ (ସାଫ) ଚାମ୍ପିୟନଶିପ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛି ଭାରତ। ଏଥିପାଇଁ ମାନସିକ ପ୍ରସ୍ତୁତି ଜାରି ରଖିଥିବା ବେଳେ ଶ୍ରୀକାନ୍ତିରାୱା ଷ୍ଟାଡିୟମରେ ଭାରତ ତାର ପ୍ରଥମ ମୁକାବିଲାରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ସୂଚନାଯୋଗ୍ୟ ଯେ, ଭାରତ ଗତ ସଂସ୍କରଣ ଟାଇଟଲ ହାସଲ କରିଥିବା ବେଳେ ଏହି ଚାମ୍ପିଅନସିପ୍‌ରେ ୮ ଥର ଟାଇଟଲ ଜିତିଛି। ଭାରତ ଗ୍ରୁପ ଏ'ରେ ନେପାଳ, କୁଏଟ ଓ ପାକିସ୍ତାନ ସହିତ ରହିଛି । ଲେବାନନ, ମାଲଡିଭ, ଭୁଟାନ ଓ ବାଂଲାଦେଶ ଗ୍ରୁପ ବିରେ ରହିଛନ୍ତି । ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତର ପଲା ଭାରୀ ରହିଛି । ଅଧିନାୟକ ସୁନୀଲ ଛେତ୍ରୀଙ୍କଠାରୁ ଟିମ ଇଣ୍ଡିଆ ପୁନର୍ବାର ଆଉ ଏକ ଭଲ ପ୍ରଦର୍ଶନ ଆଶା ରଖିଛି। ଭାରତ ୧୯୯୩, ୧୯୯୭, ୧୯୯୯, ୨୦୦୫, ୨୦୦୯, ୨୦୧୧ ଓ ୨୦୨୧ରେ ସାଫ ଚାମ୍ପିୟନଶିପ ଜିତିଥିବା ବେଳେ ୨୦୦୮ ଓ ୨୦୧୩ରେ ମାଲଡିଭ ଓ ୨୦୦୩ରେ ବାଂଲାଦେଶ ଟାଇଟଲ ହାସଲ କରିଥିଲା। ପାକିସ୍ତାନ ଏ ପର୍ଯ୍ୟନ୍ତ ଟାଇଟଲ ହାସଲ କରିବାରେ ସଫଳ ହୋଇନି। ଭାରତ ୨୦୧୮ ସାଫ୍ ଗେମ୍ସର ସେମିଫାଇନାଲରେ ପାକିସ୍ତାନକୁ ପରାସ୍ତ କରିଥିବା ବେଳେ ପୁଣି ୫ବର୍ଷ ପରେ ଉଭୟ ଦଳ ପରସ୍ପରକୁ ଭେଟିବେ। ପାକିସ୍ତାନ ସମ୍ପ୍ରତି ଫିଫା ମାନ୍ୟତାର ୧୯୫ତମ ସ୍ଥାନରେ ଥିବା ବେଳେ ଭାରତ ୧୦୧ତମ ସ୍ଥାନରେ ରହିଛି। ନିକଟରେ ମରିସସ୍‌ରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସମସ୍ତ ଲିଗ୍ ମ୍ୟାଚ୍‌ରେ ହାରିଥିବା ବେଳେ ଭାରତ ୩ଦିନ ତଳେ ଜିତିଥିଲା ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଟାଇଟଲ। ତେଣୁ ପାକିସ୍ତାନକୁ ଭାରତ ପରାସ୍ତ କରିପାରିବ ବୋଲି ଦୃଢ଼ ବିଶ୍ୱାସ ରଖିଛି। ଏହି ମ୍ୟାଚ୍ ପାଇଁ ପୂର୍ବରୁ ୧୦ହଜାର ଟିକେଟ ବିକ୍ରି ସରିଛି ବୋଲି ସାଫ୍ ଟୁର୍ଣ୍ଣାମେଣ୍ଟ ସାଂଗଠନିକ କମିଟି ସୂତ୍ରରୁ ସୂଚନା ମିଳିଛି

## ଜାତୀୟ କ୍ୟାଡେଟ୍ ଜୁଡ଼ୋ ପାଇଁ ଓଡ଼ିଶା ଦଳ ଘୋଷିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : କର୍ଣ୍ଣାଟକର ତୋରନାଗଲୁରେ ଜୁଲାଇ ୫ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଜାତୀୟ କ୍ୟାଡେଟ୍ ଜୁଡ଼ୋ ପ୍ରତିଯୋଗିତା ଲାଗି ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ରାଜ୍ୟ ଜୁଡ଼ୋ ସଂଘ (ଓସ୍‌ଜା) ଏବଂ ଭୁବନେଶ୍ୱର ଜୁଡ଼ୋ ସଂଘ (ବିଜେଏ) ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟ ପ୍ରତିଯୋଗିତା ତଥା ଚୟନ ପ୍ରକ୍ରିୟାରେ ବିଭିନ୍ନ ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିବା ଖେଳାଳି ଜାତୀୟ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରତିଯୋଗିତାକୁ ଓସ୍‌ଜା ସିଇଓ ଗୀତାଞ୍ଜଳି ପଣ୍ଡା, ବୈଷୟିକ ସମ୍ପାଦକ କାନ୍ଦନ ମୁର୍ମୁ, ବସନ୍ତ ଦଳେଇ, ବିଶ୍ୱଜିତ ମାହାରୀ, ଲୋପାମୁଦ୍ରା ପତି ପରିଚାଳନା କରିଥିଲେ। ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସରେ ଜୁଡ଼ୋ ସାମିଲ ହେବା ପରେ ପ୍ରଥମ ଥର ପାଇଁ ଅନ୍ତେବାସୀମାନେ ଏକ ରାଜ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ସହ ସେମାନଙ୍କ ମଧ୍ୟରୁ ଦୁଇ ଜଣ (ତୁଷାର ତନ୍ତୀ ଓ ପ୍ରଭୂଦତ୍ତ ମହାନ୍ତି) ମଧ୍ୟ ରାଜ୍ୟ ଦଳରେ ସାମିଲ ହୋଇଛନ୍ତି। ଏଥି ପାଇଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗକୁ ଓସ୍‌ଜା ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସିଇଓ ଗୀତାଞ୍ଜଳି ପଣ୍ଡା କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶା ଦଳ: ସୋନିଆ ବୋମାଙ୍ଗୋ, ଦେବାସିନୀ ପିଙ୍ଗ୍, ଆରତୀ ଦଳାଇ, ଡୁଲି ମୁର୍ମୁ, ମାଇସା ନୟନ, ଦୂର୍ଜ ଦାଶ, ସ୍ମୃତି ପ୍ରଜ୍ଞା ନାୟକ, ଏସ୍ କୃଷ୍ଣା ରେଡ୍ଡୀ, ରାହୁଲ ବିଦ୍ରିକା, ଦେବଦତ୍ତ ରାୟ, ଅର୍ମାନ ପଣ୍ଡା, ତୁଷାର ତନ୍ତୀ, ପ୍ରଭୂଦତ୍ତ ମହାନ୍ତି।

### ଦିନିକିଆ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ପ୍ରତିଯୋଗିତା

## ନେପାଳ ଓ ଜିମ୍ବାୱେ ବିଜୟୀ

ହାରାରେ(ଜିମ୍ବାୱେ): ଆସନ୍ତା ଅକ୍ଟୋବର-ନଭେମ୍ବର ମାସରେ ଭାରତରେ ଅନୁଷ୍ଠିତ ହେବାକୁ ଥିବା ଦିନିକିଆ କ୍ରିକେଟ ବିଶ୍ୱକପ ପାଇଁ ଆଇସିସି ମାନ୍ୟତାର ପ୍ରଥମ ୮ ଦଳ ସିଧା ସଳଖ ଯୋଗ୍ୟତା ହାସଲ କରି ସାରିଛନ୍ତି। ତେବେ ଅବଶିଷ୍ଟ ଦୁଇ ସ୍ଥାନ ପାଇଁ ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ ସହିତ ୧୦ ଦଳ ମଧ୍ୟରେ ଏଠାରେ ଲଢ଼େଇ ଚାଲିଛି। ଏହି ପ୍ରତିଯୋଗିତାର ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିବାକୁ ଥିବା ଦୁଇ ଦଳ ଆଗାମୀ ବିଶ୍ୱକପ ଖେଳିବା ପାଇଁ ହକ୍‌ଦାର ହେବେ। ମଙ୍ଗଳବାର ଅନୁଷ୍ଠିତ ଏହି ପ୍ରତିଯୋଗିତାର ଦୁଇ ଲିଗ ମ୍ୟାଚରେ ନେପାଳ ଓ ଜିମ୍ବାୱେ ବିଜୟ ଲାଭ କରିଛନ୍ତି। ସ୍ଥାନୀୟ ତାକାସିଙ୍ଗା ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ନେପାଳ ୬ ୱିକେଟରେ ଆମେରିକାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଆମେରିକା ଶ୍ୟାମ ଜାହାଙ୍ଗୀରଙ୍କ ଅପରାଜିତ ଶତକ ବଳରେ ୨୦୭ ରନ କରି ଅଲଆଉଟ ହୋଇ ଯାଇଥିଲା। ନେପାଳ ପକ୍ଷରୁ କରନ କେସି ୪ ଓ ଗୁଲସନ ଝା ୩ ଏବଂ ଦୀପେନ୍ଦ୍ର ସିଂ ୨ ୱିକେଟ ଅକ୍ତିଆର କରିଥିଲେ। ପଛରେ ବ୍ୟାଟିଂ କରି ନେପାଳ ୪୩ ଓଭରରେ ୪ ୱିକେଟ ହରାଇ ୨୧୧ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ କୁଶଳ ଭୁରତେଲ ୩୯.ଭିମ ଶାର୍କି ଅପରାଜିତ ୭୭ ଓ ଦୀପେନ୍ଦ୍ର ସିଂ ଆଇରି ଅପରାଜିତ ୩୯ ରନ କରିଥିଲେ। ସେହିପରି ହାରାରେ ସ୍ପୋର୍ଟ୍ସ କ୍ଲବ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ନେଦରଲାଣ୍ଡକୁ ମଧ୍ୟ ୬ ୱିକେଟରେ ହରାଇଛି ଜିମ୍ବାୱେ। ପ୍ରଥମେ ବ୍ୟାଟିଂ କରି ନେଦରଲାଣ୍ଡ ବିକ୍ରମଜିତ ସିଂଙ୍କ ୮୮ ,ମ୍ୟାକ୍ସ ଓଦାୱଦ ୫୯ ଓ ଅଧିନାୟକ ଏଡୱାର୍ଡ୍ସଙ୍କ ୮୩ ରନ ବଳରେ ୫ ୱିକେଟ ହରାଇ ୩୧୫ ରନ କରିଥିଲା। ପଛରେ ବ୍ୟାଟିଂ କରି ଜିମ୍ବାୱେ ସିକନ୍ଦର ରାଜାଙ୍କ ଅପରାଜିତ ଶତକ (୧୦୨) ,ସିଆନ ୱିଲିୟମ୍ସ ୯୧ ଓ ଅଧିନାୟକ କ୍ରେଗ ଏରଭିନ୍‌ଙ୍କ ୫୦ ରନ ବଳରେ ୪ ୱିକେଟ ହରାଇ ୪୦.୫ ଓଭରରେ ୩୧୯ ରନ କରି ସହଜ ବିଜୟ ହାସଲ କରିଥିଲା।

### ମହିଳା ଇମର୍ଜିଂ ଏସିଆ କପ୍

## ଭାରତ-ବାଂଲାଦେଶ ଫାଇନାଲ

ମୋଙ୍ଗାକାକ(ହଂକଂ) : ଏଠାରେ ଚାଲିଥିବା ୨୩ ବର୍ଷରୁ କମ ମହିଳା ଇମର୍ଜିଂ ଏସିଆ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ଖେଳିବେ ଭାରତ-ବାଂଲାଦେଶ। ବର୍ଷାଯୋଗୁଁ ଏହି ଟୁର୍ଣ୍ଣାମେଣ୍ଟର ୮ ମ୍ୟାଚ ବାଧାପ୍ରାପ୍ତ ହୋଇଥିବା ବେଳେ ଭାରତର ଶ୍ରୀଲଙ୍କା ବିପକ୍ଷ ସେମିଫାଇନାଲ ମ୍ୟାଚ ବାତିଲ ହୋଇ ଯାଇଥିଲା। ମାତ୍ର ଉତ୍ତମ ରନ ରେଟରେ ଭାରତ ଆଗୁଆ ହୋଇ ଫାଇନାଲ ଖେଳିବା ସୁଯୋଗ ସୃଷ୍ଟି କରିଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ପାକିସ୍ତାନକୁ ୬ ୱିକେଟରେ ହରାଇ ବାଂଲାଦେଶ ଟାଇଟଲ ଲଢ଼େଇରେ ସାମିଲ ହୋଇ ପାରିଛି। ଭାରତ ପ୍ରଥମ ମ୍ୟାଚରେ ହଂକଂକୁ ପରାସ୍ତ କରିଥିବା ବେଳେ ଅନ୍ୟ ଦୁଇ ଲିଗ ମ୍ୟାଚ ବର୍ଷାଯୋଗୁଁ ସମ୍ଭବ ହୋଇ ପାରି ନ ଥିଲା। ତେବେ ଫାଇନାଲ ମ୍ୟାଚ ପାଇଁ ପାଗ କିପରି ରହିବ, ତାହା ଆଗାମୀ ସମୟରୁ ସୂଚନା ମିଳିବ।

# ଆନ୍ତଃରାଜ୍ୟ ଆଥ୍ଲେଟିକ୍ସ : ରିଲାଏନ୍ସ ଫାଉଣ୍ଡେସନର କ୍ରୀଡ଼ାବିତ୍‌ଙ୍କ ଦବ୍‌ଦବା ସହିତ ଏସିଆନ୍ ଗେମ୍‌ସ ପାଇଁ ଯୋଗ୍ୟତା ହାସଲ





ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ୬୨ତମ ଆନ୍ତଃ ରାଜ୍ୟ ଦୌଡ଼କୁଦ ଚମ୍ପିଆନ୍‌ସିପ୍‌ରେ ରିଲାଏନ୍ସ ଫାଉଣ୍ଡେସନ (ଆର୍‌ଏଫ୍)ର କ୍ରୀଡ଼ାବିତ୍‌ମାନେ ଚମତ୍କାର ପ୍ରଦର୍ଶନ କରି ୮ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ ସମେତ ମୋଟ ୨୦ଟି ମେଡାଲ୍ ହାସଲ କରି ଅଭିଯାନ ଶେଷ କରିଛନ୍ତି। ଦୃଢ଼ ପ୍ରଦର୍ଶନ କରି ରିଲାଏନ୍ସ ଫାଉଣ୍ଡେସନର ସାତ ଜଣ କ୍ରୀଡ଼ାବିତ୍ ଏସିଆନ୍ ଗେମ୍‌ସ ପାଇଁ ଯୋଗ୍ୟତା ହାସଲ କରିଥିବା ବେଳେ ପାଞ୍ଚ ଜଣ କ୍ରୀଡ଼ାବିତ୍ ଏହି ଚମ୍ପିଆନ୍‌ସିପ୍‌ରେ ପୂର୍ବରୁ ରହିଥିବା ରେକର୍ଡ ଭଙ୍ଗ କରିଛନ୍ତି। ରିଲାଏନ୍ସ ଫାଉଣ୍ଡେସନ ଆଥ୍ଲେଟିକ୍ସ ହାଇ-ପରଫରମାନ୍ସ ସେଣ୍ଟରର ମୁଖ୍ୟ ପ୍ରଶିକ୍ଷକ ମାର୍ଟିନ୍ ଓୱେନ ଓଡ଼ିଶାର ପୁରୁଷ ଓ ମହିଳାଙ୍କ ରିଲେ ଟିମ୍‌ର ଉଦ୍ୟମ ଓ ପ୍ରଦର୍ଶନକୁ ଚମ୍ପିଆନ୍‌ସିପ୍‌ର ପ୍ରମୁଖ ଆକର୍ଷଣ ଥିଲା ବୋଲି କହିଛନ୍ତି। ସେହି ଟିମ୍‌ରେ ରିଲାଏନ୍ସ ଫାଉଣ୍ଡେସନର ତିନି ଜଣ କ୍ରୀଡ଼ାବିତ୍ ରହିଥିଲେ। ମାର୍ଟିନ୍ ଓୱେନ କହିଛନ୍ତି ଯେ, 'ଜ୍ୟୋତି ୧୦୦ ମିଟର ଦୌଡ଼କୁ ସହଜରେ ଜିତିବା ସହ ଏହି ଟୁର୍ଣ୍ଣାମେଣ୍ଟର ବହୁତ ଭଲ ଶୁଭାରମ୍ଭ ହୋଇଥିଲା, କିନ୍ତୁ ଏକ ସେକେଣ୍ଡର ୪୦୦ତମ ଅଂଶ ପାଇଁ ସେ ଏସିଆନ୍ ଗେମ୍‌ସ ଯୋଗ୍ୟତା ହାସଲରୁ ବଂଚିତ ହୋଇଥିଲେ। ତେବେ ସେଥିରେ ସେ ଭାଙ୍ଗି ପଡ଼ିନଥିଲେ। ଦୃଢ଼ ପ୍ରତ୍ୟାବର୍ତ୍ତନ କରି ସେ ଏସିଆନ୍ ଯୋଗ୍ୟତା ପର୍ଯ୍ୟାୟରେ ୧୦୦ ମିଟର ବାଧାଦୌଡ଼କୁ ଅତି ସହଜରେ ଜିତିଥିଲେ। ୪୦୦ ମିଟର ମହିଳା ଦୌଡ଼ରେ ସେ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ରୌପ୍ୟ ପଦକ ଜିତିଥିଲେ। ଓଡ଼ିଶାର ୪୦୦ ମିଟର ରିଲେ ଟିମ୍ କାଂସ୍ୟ ପଦକ ଜିତିଥିଲେ ଯେଉଁଥିରେ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ହାଇପରଫରମାନ୍ସ ସେଣ୍ଟରର ସବିତା, ସୁଖି ଓ ବନିତା ଖେଳୁଥିଲେ। ସେହିଭଳି ଅମ୍ଲାନ ବର୍ଗୋହେନ୍ ୨୦୦ ମିଟର ଦୌଡ଼କୁ ୨୦.୭୧ ସେକେଣ୍ଡ୍‌ରେ ଜିତି ୨୩ ବର୍ଷ ଧରି ଅନିଲ କୁମାରଙ୍କ (୨୦.୮୦ ସେକେଣ୍ଡ) ନାମରେ ରହିଥିବା ରେକର୍ଡକୁ ଭାଙ୍ଗିଛନ୍ତି। ଟୁର୍ଣ୍ଣାମେଣ୍ଟର ଶେଷ ଦିନରେ ୧୫୦୦ ମିଟର ଦୌଡ଼କୁ ୩:୪୨.୭୭ ସମୟରେ ଶେଷ କରି ଜିନ୍‌ସନ୍ ଜନ୍‌ସନ୍ ସ୍ୱର୍ଣ୍ଣ ପଦକ ଜିତିବା ସହ ଏସିଆନ୍ ଗେମ୍‌ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ନିଜ ସମୟରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଥିବା ଜନ୍‌ସନ୍ କହିଛନ୍ତି ଯେ 'ମୁଁ ବହୁତ ଖୁସି। ଏସିଆନ୍ ଗେମ୍‌ସ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ମୋତେ କଠିନ ପରିଶ୍ରମ କରିବାକୁ ପଡ଼ିବ ଏବଂ ସମୟରେ ୨-୩ ସେକେଣ୍ଡ ଉନ୍ନତି ନିଶ୍ଚିତ ଆଣିବାକୁ ପଡ଼ିବ। ୩.୩୭ ସେକେଣ୍ଡ୍ ଭିତରେ ଦୌଡ଼ ଶେଷ କରିବାକୁ ମୁଁ ଲକ୍ଷ୍ୟ ରଖିଛି। ତାହା ହେଲେ ମୁଁ ସବୁ ପ୍ରକାରର ଦୌଡରେ ଜିତିପାରିବି ବୋଲି ଭାବୁଛି। ସେହିପରି ଫାଉଣ୍ଡେସନର କ୍ରୀଡ଼ାବିତ କିଶୋର କୁମାର ଜେନା ଜାଭେଲିନ୍ ଫୋପାଡ଼ିବାରେ ୮୨.୩୭ ମିଟରର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ସହ ରୌପ୍ୟ ପଦକ ହାସଲ କରିଥିବା ବେଳେ ଏସିଆନ୍ ଗେମ୍‌ସ ପାଇଁ ମଧ୍ୟ ଯୋଗ୍ୟତା ହାସଲ କରିଛନ୍ତି। ଜ୍ୟୋତି ୟାରାଜୀ ମହିଳା ୧୦୦ ମିଟର ବାଧାଦୌଡ଼ ଓ ମହମ୍ମଦ ଅଫଜଲ୍ ପୁରୁଷ ୮୦୦ ମିଟର ଦୌଡ଼ରେ ଏସିଆନ୍ ଗେମ୍‌ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ରେକର୍ଡ ଭାଙ୍ଗିବା ଲାଗି ପରିଚିତ ଜ୍ୟୋତି ୧୦୦ ମିଟର ବାଧାଦୌଡ଼କୁ ୧୨.୯୨ ସେକେଣ୍ଡରେ ଶ୍ରେଷ୍ଠ କରି ପ୍ରଥମ ସ୍ଥାନରେ ରହିଥିଲେ। ୧୦୦ ମିଟର ଦୌଡ଼ରେ ମଧ୍ୟ ସେ ଶ୍ରେଷ୍ଠ ସ୍ଥାନ ସହ ପୋଡିୟମ୍ ଦଖଲ କରିଥିଲେ। ଜ୍ୟୋତି ୟାରାଜୀଙ୍କୁ ପ୍ରତିଯୋଗିତାର ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍ ଘୋଷଣା କରାଯାଇଛି। ସେହିଭଳି କାର୍ତ୍ତିକ କୁମାର ୧୦୦୦୦ ମିଟର ବର୍ଗରେ ସଫଳତାର ସହିତ ଏସିଆନ୍ ଗେମ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏସିଆନ୍ ଗେମ୍‌ସରେ ମେଡାଲ୍ ଜିତିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ଅଫଜଲ୍ କହିଛନ୍ତି ଯେ, 'ମୋତେ ନିଶ୍ଚିତ ରୂପେ ଏସିଆନ ଗେମ୍‌ସ ଓ ଏସିଆନ୍ ଚମ୍ପିଆନ୍‌ସିପ୍‌ରେ ଜିତିବାକୁ ପଡ଼ିବ। ମୋର ବିଶ୍ୱାସ ଅଛି ଯେ ମୁଁ ଜିତିପାରିବି ଓ ଜାତୀୟ ରେକର୍ଡ ଭାଙ୍ଗିପାରିବି। ମୁଁ ୧:୪୪ରେ ପହଂଚିବାକୁ ଲକ୍ଷ୍ୟ ରଖିଛି ଓ ମୋର ବିଶ୍ୱାସ ରହିଛି ଯେ ରିଲାଏନ୍ସ ସହଯୋଗରେ ମୁଁ ତାହା କରିପାରିବି। ରିଲାଏନ୍ସ ଫାଉଣ୍ଡେସନର କ୍ରୀଡ଼ାବିତ୍ ତେଜସ୍ ସିର୍‌ଜେ ପୁରୁଷ ୧୧୦ ମିଟର ବାଧାଦୌଡ଼କୁ ୧୩.୮୭ ସେକେଣ୍ଡ୍‌ରେ ଶେଷ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ଏଲାକିୟାଦାସନ ପୁରୁଷ ୧୦୦ ମିଟର ଦୌଡ଼କୁ ୧୦.୪୭ ସେକେଣ୍ଡ୍‌ରେ ଶେଷ କରି କାଂସ୍ୟ ପଦକ ଜିତିଥିବା ବେଳେ ୟମନଦୀପ ଶର୍ମା ପୁରୁଷ ଡିକାଥଲନ୍‌ରେ ନିଜ ବ୍ୟକ୍ତିଗତ ଶ୍ରେଷ୍ଠ ୭୧୬୫ ପଏଣ୍ଟ୍ ହାସଲ କରି ରୌପ୍ୟ ପଦକ ଜିତିଛନ୍ତି। ଫାଉଣ୍ଡେସନର କ୍ରୀଡ଼ାବିତ ଅଭିଷେକ ଦଳବେହେରା, ଲାଲୁପ୍ରସାଦ ଭୋଇ ଓ ଡିଏମ୍ ଜୟରାମଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଓଡ଼ିଶା ପୁରୁଷ ଟିମ୍ ୪୦୦ ମିଟର ରିଲେ ଦୌଡରେ ରୌପ୍ୟ ପଦକ ହାସଲ କରିଛି। ୪୦୦ ମିଟର ରିଲେରେ ସବିତା ଟପ୍ପୋ, ବନିତା ଲାକ୍ରା ଓ ସୁଖି ବାସ୍‌କେ ଭଳି କ୍ରୀଡ଼ାବିତଙ୍କୁ ନେଇ ଓଡ଼ିଶା ମହିଳା ଟିମ୍ କାଂସ୍ୟ ପଦକ ହାସଲ କରିଛି। ୪୦୦ ମିଟର ପୁରୁଷ ରିଲେରେ ତାମିଲନାଡୁର ଏଲାକିୟାଦାସନ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୪୦୦ ମିଟର ମହିଳା ରିଲେରେ ଆନ୍ଧ୍ରପ୍ରଦେଶର ଜ୍ୟୋତି ରୌପ୍ୟ ପଦକ ହାସଲ କରିଛନ୍ତି। ଅନ୍ତିମ ଦିନରେ ମଧ୍ୟ ଓଡ଼ିଶାର ମହିଳା ଆଥ୍ଲେଟ ଶ୍ରାବଣୀ ନନ୍ଦ ୨୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ଓ ପୁରୁଷ ଜାଭେଲିନ୍ ଥ୍ରୋ'ରେ କିଶୋର ଜେନା ରୌପ୍ୟ ପଦକ ଜିତିଥିଲେ। ତାମିଲନାଡୁ ଉଭୟ ମହିଳା ୪ ଗୁଣା ୪୦୦ ମିଟର ଓ ପୁରୁଷ ୪ ଗୁଣା ୪୦୦ ମିଟର ରିଲେରେ ସ୍ୱର୍ଣ୍ଣପଦକ ଜିତିଛି। ପ୍ରବଳ ଗରମ ସତ୍ତ୍ୱେ ଆଥ୍ଲେଟମାନେ ଅସୀମ ଧର୍ଯ୍ୟ ଦେଖାଇ ଏହି ପ୍ରତିଯୋଗିତାରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ। ଆଗାମୀ ଏସିଆନ୍ ଗେମ୍ସ ପାଇଁ ଏହା ଯୋଗ୍ୟତ ପର୍ଯ୍ୟାୟ ପ୍ରତିଯୋଗିତା ହୋଇଥିବାରୁ ଆଥ୍ଲେଟମାନେ ଶେଷ ସୁଯୋଗ ହାତଛଡା କରିବାକୁ ଚାହିଁନଥିଲେ।



ଲାଉ ଜୁସ୍ ପିଉଥିଲେ ସାବଧାନ, ହୋଇପାରେ ପାର୍ଶ୍ୱ ପ୍ରତିକ୍ରିୟା। ଗତ କିଛି ବର୍ଷ ଧରି ସାମ୍ନାକୁ ଆସିଥିବା ଏକ ରିପୋର୍ଟରୁ ଜଣାପଡିଛି ଯେ ଲାଉ ଜୁସ୍ ସେବନ କରିବା ଦ୍ୱାରା ବାନ୍ତି ଏବଂ ଅପର୍ ଗ୍ୟାଷ୍ଟ୍ରୋଷ୍ଟାଇନଲ ରକ୍ତସ୍ରାବ ହୁଏ। ଲାଉ ଜୁସ୍ ସେବନ କରିବା ଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟାଗୁଡିକ ଜାଣିବା ପାଇଁ ଏକ ଅଧ୍ୟୟନ କରାଯାଇଥିଲା, ଯେଉଁଥିରେ ଅନୁସନ୍ଧାନକାରୀମାନେ ଏହା ଜାଣିଥିଲେ ଯେ ଏହାକୁ ସଠିକ୍ ରାନ୍ଧିବା ପରେ ହିଁ ଖାଇବା ଉଚିତ୍। କଞ୍ଚା ଲାଉ କିମ୍ବା ଏହାର ରସ ଶରୀରକୁ କ୍ଷତି ପହଞ୍ଚାଇ ପରେ। ଅଧ୍ୟୟନରେ, ଅନୁସନ୍ଧାନକାରୀଙ୍କ ଦଳ ଜାଣିବାକୁ ପାଇଲେ ଯେ ଲାଉରେ କୁକର୍ବିଟାସିୟା ରହିଛି ଯାହା ବିଷାକ୍ତ ଟେଟ୍ରାସାଇକ୍ଲିକ୍ ଟ୍ରାଇଟରପେନଏଡ୍ ଯୌଗିକ ଥାଇପାରେ। ଏମାନଙ୍କୁ କୁକୁର୍ବିଟାସିନ୍ କୁହାଯାଏ ଯାହା ତିକ୍ତ ସ୍ୱାଦ ଏବଂ ବିଷାକ୍ତତା ପାଇଁ ଦାୟୀ। କଞ୍ଚା ଲାଉ ଜୁସ୍ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଇପାରିବ ନାହିଁ। ଏହାକୁ ରୋଷେଇ କରିବା ପରେ ଖାଇବା ଉଚିତ୍। ଯଦି ଲାଉକୁ ରନ୍ଧା ଯାଇ ସଠିକ୍ ଭାବରେ ଖିଆଯାଏ, ତେବେ ଏହା ଅନେକ ସ୍ୱାସ୍ଥ୍ୟ ଉପକାର ଦେଇପାରେ। ଲାଉ କମ୍ କ୍ୟାଲୋରୀଯୁକ୍ତ ପନିପରିବା ମଧ୍ୟରୁ ଗୋଟିଏ। ୧୦୦ ଗ୍ରାମ ଲାଉରେ ମାତ୍ର ୧୪ କ୍ୟାଲୋରୀ ଥାଏ। ଓଜନ ନିୟନ୍ତ୍ରଣ କରିବାରେ ଏହା ବହୁତ ଲାଭଦାୟକ।



## ଅନ୍ତର୍ଜାତୀୟ ଯୋଗ ଦିବସ

ପ୍ରତିବର୍ଷ ଅନ୍ତର୍ଜାତୀୟ ଯୋଗ ଦିବସ ଜୁନ୍ ୨୧ ତାରିଖରେ ପାଳନ କରାଯାଇଥାଏ। ଏହି ଦିବସ ଏକ ସାମଗ୍ରିକ ଏବଂ ସୁସ୍ଥ ଜୀବନ ପାଇଁ ଆହ୍ୱାନ ଦେଇଥାଏ। ୨୦୧୪ ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ଯୋଗ ଦିବସ ଘୋଷଣା କରାଯାଇଥିଲା, ଏବଂ ପରେ ଏହାକୁ ଜୁନ୍ ୨୧ ରେ ଯୁକ୍ତରାଷ୍ଟ୍ରରେ ମିଳିତ ଜାତିସଂଘ ତାଲିକାରେ ଗ୍ରହଣ କରାଯାଇଥିଲା । ଯୋଗ ଅଭ୍ୟାସର ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହାକୁ ଦୈନନ୍ଦିନ ଜୀବନର ଏକ ଅଂଶ ଭାବରେ ଗ୍ରହଣ କରିବାକୁ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ଆନ୍ତର୍ଜାତୀୟ ଯୋଗ ଦିବସର ଲକ୍ଷ୍ୟ ରହିଛି। ଯୋଗ ଭାରତର ପ୍ରାଚୀନ ସଂସ୍କୃତିର ଏକ ଅମୂଲ୍ୟ ଉପହାର । ଏହା ମନ ଏବଂ ଶରୀରକୁ ସଂଯୋଗ, ଚିନ୍ତା ଏବଂ କ୍ରିୟ. ସଂଯମ ଏବଂ ପୂର୍ଣ୍ଣତା, ମନୁଷ୍ୟ ଏବଂ ପ୍ରକୃତି ସହ ସଂଗତି, ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ଏକ ସିଦ୍ଧ ଉପଚାର ଅଟେ । ଯୋଗ ଆମ ଜୀବନଶୈଳୀରେ ପରିବର୍ତ୍ତନ ଆଣି ଆମ ପାରିପାର୍ଶ୍ୱିକ ଜଗତରେ ସହ ଖାପ ଖୁଆଇ ଚାଲିବାରେ ସହଯୋଗ କରେ। ଯୋଗ କରିବା ଦ୍ୱାରା ନମନୀୟତା, ଶକ୍ତି, ଶାରୀରିକ, ମାନସିକ ଏବଂ ଭାବନାତ୍ମକ ସନ୍ତୁଳନକୁ ଉନ୍ନତ କରେ। ଏହା ଏକ ବ୍ୟାୟାମ । ଏହି ବ୍ୟାୟାମ ଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହିତ ପ୍ରତ୍ୟେକଟି କାର୍ଯ୍ୟରେ ସଫଳତାର ସ୍ୱାଦ ଚଖାଇଥାଏ।



## ଆଲିଆଙ୍କ 'ହାର୍ଟ ଅଫ୍ ଷ୍ଟୋନ'ର ଟ୍ରେଲର ରିଲିଜ

ଆଲିଆ ଭଟ୍ଟଙ୍କ ବହୁ ପ୍ରତିକ୍ଷୀତ ହଲିଉଡ ମୁଭି 'ହାର୍ଟ ଅଫ ଷ୍ଟୋନ'ର ଟ୍ରେଲର ରିଲିଜ ହୋଇଯାଇଛି। ବଲିଉଡ କୁଇନ ଆଲିଆଙ୍କ ଏହା ପ୍ରଥମ ହଲିଉଡ ମୁଭି। ଏହାସହ ପ୍ରଥମ ଥର ଲାଗି ଆଲିଆ ଏକ ହଲିଉଡ ମୁଭିରେ ଭିଲେନ ଭୂମିକାରେ ନଜର ଆସିବାକୁ ଯାଉଛନ୍ତି। ଏହି ଫିଲ୍ମରେ ଗୈଲ ଗୌଡେଟ ଓ ଜେନି ଡାର୍ନନ ଲିଡ ରୋଲରେ ନଜର ଆସିବେ। ଟ୍ରେଲରରେ ସ୍ପଷ୍ଟ ବାରି ହୋଇପଡୁଛି ଯେ, ମୁଭିରେ ଆଲିଅ ଭଟ୍ଟ ଭିଲେନ ରୋଲରେ ନଜର ଆସିବେ। ଫିଲ୍ମରେ ଗୈଲ ଗୌଡେଟ ଜଣେ ସିକ୍ରେଟ ଏଜେଣ୍ଟ ଭୂମିକାରେ ନଜର ଆସିବେ।

ଯିଏକି ନିଜ ମିଶନକୁ ପୁରା କରିବାକୁ ବହୁ କଠିନ ପରିସ୍ଥିତି ଦେଇ ଗତି କରୁଥିବା ଦେଖାଯାଇଛି। ଟ୍ରେଲରରେ ଡାଏଲଗ ବି ଦମଦାର ଲାଗୁଛି। ଆଲିଆ ବି ତାଙ୍କ ଇନଷ୍ଟା ଆକାଉଣ୍ଟରେ 'ହାର୍ଟ ଅଫ ଷ୍ଟୋନ'ର ଟ୍ରେଲର ସେୟାର କରିଛନ୍ତି।

## ଉପକାରୀ କିସ୍‌ମିସ୍



ଆମେ କିସ୍‌ମିସ୍ ଖାଇବା ଦ୍ୱାରା ଶରୀରକୁ ଅନେକ ଉପକାର ମିଳିଥାଏ। ପ୍ରତିଦିନ ୭/୮ଟି କିସ୍‌ମିସ୍ ଖାଇବା ଦ୍ୱାରା ଆଖିର ଦୃଷ୍ଟି ଶକ୍ତି ବୃଦ୍ଧି ପାଇଥାଏ। ତା'ଛଡ଼ା ନିୟମିତ ଏହାକୁ ଖାଇବା ଦ୍ୱାରା ଶରୀରରେ ସୁଗାର ଲେଭଲ୍ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ଓଜନ କମାଇବା, ହଜମ ଶକ୍ତି ବୃଦ୍ଧି କରିବାରେ ବି ଏହା ଖୁବ୍ ଲାଭଦାୟକ ହୋଇଥାଏ। ତ୍ୱଚାରେ ଚମକ୍ ଆଣିବା ସହିତ ହାଡକୁ ମଜଭୁତ କରିବାରେ ଏହାର ରହିଛି ଅନେକ ଭୂମିକା। ସେହିପରି ଶରୀରରେ ଆଇରନ୍‌ର ମାତ୍ରା କମିଗଲେ କିସ୍‌ମିସ୍ ଖାଇବା ଦ୍ୱାରା ବହୁତ ଫାଇଦା ମିଳିଥାଏ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବା ସହ କିସ୍‌ମିସ୍ ଖାଇବା ଦ୍ୱାରା ଆମର ହୃଦ୍‌ସ୍ପନ୍ଦନ ମଧ୍ୟ ଠିକ୍ ରହିଥାଏ।

## ପିଲାଙ୍କୁ କ୍ଷୀର ବିସ୍କୁଟ ଦେଉଛନ୍ତି କି! ହୋଇଯାଆନ୍ତୁ ସାବଧାନ

ପ୍ରତିଦିନ ବିସ୍କୁଟ କ୍ଷୀର ପିଲାଙ୍କୁ ଖାଇବାକୁ ଦେଉଛନ୍ତି କି ? ସାବଧାନ ହୋଇଯାଆନ୍ତୁ...କ୍ଷତି ସହିବ ପିଲା । ଛୋଟବେଳେ ସମସ୍ତଙ୍କ ପ୍ରିୟ ଖାଦ୍ୟ କ୍ଷୀର ବିସ୍କୁଟ। ପ୍ରାୟତଃ ଖାଲି କ୍ଷୀର ଛୋଟପିଲାମାନେ ପସନ୍ଦ କରୁନଥିବାରୁ ମା ବାପା କ୍ଷୀର ସହ ବିସ୍କୁଟ୍ ଏବଂ କୁକିଜକୁ ଖାଇବା ପାଇଁ ଦେଇଥାନ୍ତି। ଏହା ମଧ୍ୟ ଖାଇବା ପାଇଁ ସହଜ ହୋଇଥାଏ। ଯାହାକି ପିଲାମାନଙ୍କୁ କ୍ଷୀର ପ୍ରତି ଆକୃଷ୍ଟ କରିଥାଏ। ଏହା ପାଟିକୁ ସ୍ୱାଦିଷ୍ଟ ଲାଗିଥାଏ ଫଳରେ ପିଲାମାନେ ଏହି ଖାଦ୍ୟପ୍ରତି ଅଭ୍ୟାସରେ ପଡି ଯାଆନ୍ତି। କିନ୍ତୁ ଜାଣିଛନ୍ତି କି ଏହାକୁ ଅତ୍ୟାଧିକ ଖାଇବା ଦ୍ୱାରା କଣ ହୋଇଥାଏ। ଏହାକୁ ଅଭ୍ୟାସ କରିବା ଦ୍ୱାରା ପିଲାଙ୍କମାନଙ୍କଠାରେ ମିଲ୍କ ବିସ୍କୁଟ୍ ସିଣ୍ଡ୍ରୋମ ଦେଖାଦିଏ। ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ। ଯାହାକି ମା ବାପା ଏହି ରୋଗ ବିଷୟରେ ଜାଣି ପାରନ୍ତି ନାହିଁ। ଏହାକୁ ଡାକ୍ତରମାନେ ସାଧାରଣତ ମିଲ୍କ ବିସ୍କୁଟ୍ ରୋଗ ବୋଲି କହିଥାନ୍ତି। ମିଲ୍କ ବିସ୍କୁଟ୍ ସିଣ୍ଡ୍ରୋମ ହେଉଛି ଏପରି ଏକ ରୋଗ ଯାହା ଅଧିକ ପରିମାଣରେ ଖାଇଲେ ହୋଇଥାଏ। ବିସ୍କିଟରେ ପ୍ରଚୁର ପରିମାଣରେ ଚିନି ଏବଂ ମଇଦା ରହିଥାଏ। ଯାହାକି ଆସ୍ୱାସ୍ଥ୍ୟ କର ଚର୍ବି ତିଆରି କରିଥାଏ। ତେବେ ଯଦି ଶୋଇବା ପୂର୍ବରୁ ପିଲାମାନେ କ୍ଷୀର ବିସ୍କୁଟ ଖାଆନ୍ତି ତେବେ ଏହା ପେଟରେ ଏସିଡିଟି କରାଇଥାଏ। ଫଳରେ ପେଟ ଯନ୍ତ୍ରଣା କରାଇଥାଏ। ଏହା



ସହ ଛାତିରେ ଯନ୍ତ୍ରଣା, କାଶ କଫ ଇତ୍ୟାଦି ହୋଇଥାଏ। ଏହା କେବଳ ମିଲ୍କ ବିସ୍କୁଟ୍ ସିଣ୍ଡ୍ରୋମ ଯୋଗୁଁ ହି ଘଟିଥାଏ। ଯଦି ପ୍ରତ୍ୟେକ ଦିନ ଆପଣ ପିଲାମାନଙ୍କୁ କ୍ଷୀର ବିସ୍କୁଟ୍ ଖାଇବାକୁ ଦେଉଛନ୍ତି ତେବେ ଏହା ବନ୍ଦ କରନ୍ତି। ନଚେତ୍ ଗଳା ଯନ୍ତ୍ରଣା, କାଶ , କୋଷ୍ଠକାଠିନ୍ୟ, ଡାଇରିଆ ଭଳି ସମସ୍ୟା ଦେଖାଦେବ।

ମିଲ୍କ ବିସ୍କୁଟ୍ ସିଣ୍ଡ୍ରୋମର ଲକ୍ଷଣ- ଏହି ରୋଗ ହେଲେ ପିଲମାନେ ରାତିରେ କ୍ଷୀର ବିସ୍କୁଟ୍ ଖାଇବା ପାଇଁ ଜିଦ୍ କରିଥାନ୍ତି। ଏମିତିକି ଖାଇସାରିବା ପରେ ମଧ କ୍ଷୀର ବିସ୍କୁଟ୍ ଖାଇବାକୁ ଜିଦ୍ ଧରନ୍ତି। ବିନା ବିସ୍କୁଟରେ କ୍ଷୀର ଖାଆନ୍ତି ନାହିଁ। ଅନ୍ୟ ଖାଦ୍ୟ ଖାଇବା ବଦଳରେ କେବଳ କ୍ଷୀର ବିସ୍କୁଟ୍ ଖାଇବାକୁ ଜିଦ୍ କରିଥାନ୍ତି। ଦିନକୁ ବାରମ୍ବାର କେବଳ କ୍ଷୀର ବିସ୍କୁଟ୍ ଖାଇବାକୁ ଜିଦ୍ କରିଥାନ୍ତି। ଏହି ସବୁ ଲକ୍ଷଣ ଦେଖାଦେଲେ ଜାଣିହେବ ଯେ ପିଲାଙ୍କୁ ମିଲ୍କ ବିସ୍କୁଟ୍ ସିଣ୍ଡ୍ରୋମ ରୋଗ ହୋଇଛି।



## ଗୋଟିଏ ଏପିସୋଡ୍ ପାଇଁ ୫୫ ହଜାର ନିଅନ୍ତି ପ୍ରଣାଳୀ

ଟିଭିରେ ସବୁଠାରୁ ଲୋକପ୍ରିୟ ତଥା ସୋ ମଧ୍ୟରୁ 'ୟେ ରିସ୍ତା କ୍ୟା କେହଲାତା ହେ' ଅନ୍ୟତମ । ଏହି ସିରିଏଲରେ ପ୍ରଣାଳୀ ରାଠୋଡ ଏବଂ ହର୍ଷଦ ଚୋପ୍ରା ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଶୋ'ର ପ୍ରଶଂସକମାନେ ସେମାନଙ୍କ ଯୋଡିକୁ 'ଅଭିରା' ବୋଲି ଡାକନ୍ତି । ଏହି ଶୋ'ରୁ ପ୍ରଣାଳୀ ରାଠୋରଙ୍କୁ ଅନେକ ମାନ୍ୟତା ହାସ କରିଛନ୍ତି ଏବଂ ସେ ଘରେ ଘରେ ପ୍ରସିଦ୍ଧ ହୋଇଛନ୍ତି । ପ୍ରଣାଳୀ ତାଙ୍କର ଚମକଦାର ଅଭିନୟ ପ୍ରଦର୍ଶନ କରି ଦର୍ଶକଙ୍କୁ ପ୍ରଭାବିତ କରିଥାନ୍ତି। ଏହି ସୋ ମାଧ୍ୟମରେ ପ୍ରଣାଳୀ ରାଠୋର ଦର୍ଶକଙ୍କ ହୃଦୟରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି । ତାଙ୍କର ଚମତ୍କାର ଅଭିନୟ ଦକ୍ଷତା ଏବଂ ଇଣ୍ଡଷ୍ଟ୍ରିରେ ଅଧିକ ଚାହିଦା ହେତୁ ସେ 'ୟେ ରିଷ୍ଟା କ୍ୟା କେହଲତା ହେ'ର ପ୍ରତ୍ୟେକ ଏପିସୋଡ୍ ପାଇଁ ୫୫,୦୦୦ ଟଙ୍କା ଧାର୍ଯ୍ୟ କରିଥିବା ଏକ ରିପୋର୍ଟରୁ ଜଣାପଡିଛି। ନିକଟରେ ପ୍ରଣାଳୀ ରାଠୋର ଏକ ଦାମୀ କାର୍ କିଣିଛନ୍ତି। ସୋସିଆଲ ମିଡିଆରେ ସେ ତାଙ୍କ ନୂଆ କାରର ଫଟୋ ସେୟାର କରିଛନ୍ତି। ପ୍ରଣାଳୀ ଦିନକୁ ଦିନ ସଫଳତାର ପାହାଚ ଚଢୁଥିବାବେଳେ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଚର୍ଚ୍ଚାରେ ଅଛନ୍ତି। 'ୟେ ରିସ୍ତା କ୍ୟା କେହଲେତା ହେ'ରେ ଅଭିନେତା ହର୍ଷଦ ଚୋପ୍ରାଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ଆଲୋଚନା ହେଉଛି। କିନ୍ତୁ ଦୁହେଁ ପ୍ରେମ ସମ୍ପର୍କର ଗୁଜବକୁ ପ୍ରତ୍ୟାଖ୍ୟାନ କରିଆସୁଛନ୍ତି। ଲୋକପ୍ରିୟ ଶୋ'ୟେ ରିସ୍ତା କ୍ୟା କେହଲେତା ହେ'ରେ ହର୍ଷଦ ଚୋପ୍ରା, କରିସ୍ମା ସାୱନ୍ତ ଏବଂ ଜୟ ସୋନିଙ୍କ ଭଳି ପ୍ରତିଭାବାନ ଅଭିନେତାମାନଙ୍କ ସହ ପ୍ରନାଲି ରାଠୋର ସ୍କ୍ରିନ ସ୍ପେସ୍ ସେୟାର କରିଛନ୍ତି।



## ଯୁବତୀଙ୍କ ଭଳି ଦେଖାଯାଉଛନ୍ତି ୬୦ ବର୍ଷୀୟ ବୃଦ୍ଧା

ଦୁନିଆରେ ବିଭିନ୍ନ ପ୍ରକାରର ଲୋକ ଅଛନ୍ତି । କିଛି ଲୋକ ଏପରି ଯେ ସେମାନଙ୍କୁ ଦେଖିଲେ ସେମାନଙ୍କର ବୟସ ଜଣାପଡିନଥାଏ, କିନ୍ତୁ କିଛି ଲୋକ ଅଳ୍ପ ବୟସରେ ଯଥେଷ୍ଟ ପରିପକ୍ୱ ଦେଖାଯାନ୍ତି । ଏହାର କାରଣ ହେଉଛି ଖରାପ ଫିଟନେସ୍, ଏବଂ ବେଳେବେଳେ ନିଜ ଶରୀର ପ୍ରତି ଅବହେଳା ହେତୁ ଲୋକମାନେ ବୟସ୍କ ଦେଖାଯିବା ଆରମ୍ଭ କରନ୍ତି । ଆମେ ଏକ ମହିଳାଙ୍କ ବିଷୟରେ କହୁଛୁ ଯିଏ ବୃଦ୍ଧାବସ୍ଥାରେ ମଧ ଯୁବତୀଙ୍କ ଭଳି ଦେଖାଯାଉଛନ୍ତି। ଏହି ମହିଳା ଚାଇନାର। ତାଙ୍କର ଚମତ୍କାର ଫିଟନେସ୍ ହେତୁ ସେ ସୋସିଆଲ ମିଡିଆରେ ହେଡ୍‌ଲାଇନ୍‌କୁ ଆସିଛନ୍ତି। ଅଳ୍ପବୟସର ଲୋକମାନେ ୨ କିଲୋମିଟର ଚାଲିବା ମଧ୍ୟ ତାଙ୍କୁ କଷ୍ଟକର, କିନ୍ତୁ ଏହି ବୟସ୍କା ବୃଦ୍ଧା ପ୍ରତିଦିନ ଜିମ୍ ଓ ଦୌଡନ୍ତି। ସାଉଥ ଚାଇନା ମର୍ନିଂ ପୋଷ୍ଟର ରିପୋର୍ଟ ଅନୁଯାୟୀ, ମହିଳାଙ୍କ ନାମ ବାଓ ଶାଓଲିଙ୍ଗ ଏବଂ ତାଙ୍କୁ ୬୦ ବର୍ଷ ବୟସ ହୋଇଛି। ସେ ଜିଆଙ୍ଗସୁ ପ୍ରଦେଶରେ ରୁହନ୍ତି । ସେ ଏହି ବୟସରେ ମଧ ପାର୍ଟ ଟାଇମ୍ କାର୍ଡିଓ ଟ୍ରେନର ଏବଂ ୫ ଟି ଜିମରେ ଏହି କାମ କରନ୍ତି । ସେ ୩୮ ବର୍ଷ ବୟସରେ ଫିଟନେସ୍ ଟ୍ରେନିଂରେ ଯୋଗ ଦେଇଥିଲେ ଯେତେବେଳେ ସେ ଓଜନ ହ୍ରାସ କରିବାକୁ ଏରୋବିକ୍ସ କ୍ଲାସରେ ଯୋଗ ଦେଇଥିଲେ ସେତେବେଳେ ଲୋକମାନେ ତାଙ୍କୁ କହିଥିଲେ ଯେ କୋଚଙ୍କ ଅପେକ୍ଷା ସେ ଦେଉଥିବା ଶିକ୍ଷା ବହୁତ ଭଲ। ବାଓ ପ୍ରତିଦିନ ସକାଳ ୭ଟା ୩୦ରେ ଉଠନ୍ତି ଏବଂ ଜଳଖିଆ ପୂର୍ବରୁ ବ୍ୟାୟାମ କରନ୍ତି । ସେ ଅପରାହ୍ନ ୩ ଟାରୁ ୪ ଟା ପର୍ଯ୍ୟନ୍ତ ପମ୍ପ ଆଇରନ୍ କରନ୍ତି । ଏପରିକି ଏହି ବୟସରେ ତାଙ୍କ ଅଣ୍ଟା ୨୭ ଇଞ୍ଚ ହୋଇଥିବାବେଳେ ୨୦ ବର୍ଷ ବୟସରେ ଏହା ୨୫ ଇଞ୍ଚ ଥିଲା । ତାଙ୍କର ଅଧିକାଂଶ ପ୍ରଶଂସକ ୨୦-୨୫ ବର୍ଷର ବୟସ ଶ୍ରେଣୀରେ। ସେ କହିଛନ୍ତି ଯେ ଫିଟନେସ୍ ତାଙ୍କ ଜୀବନର ଏକ ଅଂଶ ଏବଂ ଏହା ତାଙ୍କୁ ମାନସିକ ଏବଂ ଶାରୀରିକ ସୁସ୍ଥ ଅନୁଭବ ଦେଇଥାଏ।




Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ଉପଲକ୍ଷେ ଭୁବନେଶ୍ୱର-ପୁରୀ ରାସ୍ତାର ଧଉଳି ଛକ ନିକଟରେ ପଥପ୍ରାନ୍ତ ଥଣ୍ଡା ପାନୀୟ ସେବା ଏବଂ 'ସଡ଼କ ସୁରକ୍ଷା, ଜୀବନ ରକ୍ଷା' ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ଚନ୍ଦ୍ରଶେଖର ପାଲ୍ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ରୂପେ ଉଦ୍‌ଘାଟନ କରିଥିଲେ । ଚିନ୍ମୟୀ ଫାଉଣ୍ଡେସନ୍ ଟ୍ରଷ୍ଟ ସହଯୋଗରେ ଶ୍ରୀଜଗନ୍ନାଥ ଭକ୍ତମାନଙ୍କ ପାଇଁ ମାଗଣାରେ ଥଣ୍ଡା ପାଣି ଓ ଦହି ସର୍ବତ ବିତରଣ କରାଯାଇଥିଲା। ତତ୍‌ସହିତ ଧଉଳି ଚାରୁ ଓ କାରୁକଳା ମହାବିଦ୍ୟାଳୟର ଏନ୍.ଏସ୍.ଏସ୍ କର୍ମୀମାନେ ନିଜର ସକ୍ରିୟ ସେବା ଅର୍ପଣ କରି ପଥଚାରୀ, ଭକ୍ତ, ବାଇକ୍ ଆରୋହୀମାନଙ୍କୁ ଥଣ୍ଡାପାନୀୟ ବଣ୍ଟନ କରିବା ସହ ନିରାପଦ ସଡ଼କ ସୁରକ୍ଷା ଯାତ୍ରା ଉପରେ ଭକ୍ତମାନଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ । ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଚିନ୍ମୟୀ ଫାଉଣ୍ଡେସନର ପ୍ରତିଷ୍ଠାତା ସନ୍ତୋଷୀ ଜୈନ, ଗୌହାଟୀ ଏମ୍‌ସର ଆସୋସିଏଟ୍ ପ୍ରଫେସର ଡ. ରଶ୍ମୀରଞ୍ଜନ ସାହୁ, ଧଉଳି ଚାରୁ ଓ କାରୁକଳା ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ, କବି ଅକ୍ଷୟ ସ୍ୱାଇଁ, ସାମାଜିକ କର୍ମୀ ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରନ ରାଉତ, ପ୍ରିୟବ୍ରତ ପଣ୍ଡା ପ୍ରମୁଖ ସାମିଲ ହୋଇ ଉକ୍ତ ସେବା କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

## ଗୁଜୁରାଟରେ ଅଡାଲଜ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଆୟୋଜନ

ଅହମଦାବାଦ: ଗୁଜୁରାଟର ଅହମଦାବାଦ ଓ ଗାନ୍ଧୀନଗର ମଧ୍ୟରେ ଅବସ୍ଥିତ ଅଡାଲଜ ଠାରେ ଥିବା ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ଉତ୍ସବ ମହାସମାରୋହରେ ପାଳନ କରାଯାଇଛି । ଚଳିତ ବର୍ଷ ଏଠାରେ ଏହି ପବିତ୍ର ପାର୍ବଣ ମହୋତ୍ସବକୁ କେନ୍ଦ୍ର କରି ଭକ୍ତ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଉଲ୍ଲାସ, ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଥିଲା । ସକାଳେ ପାଗ ଅନୁକୂଳ ଥିବାରୁ ଅଡାଲଜ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଗାନ୍ଧୀ ନଗର, କାଲୋଲ ଓ କଡ଼ି ଇଲାକାରୁ ପରିବାର ସମେତ ଆସିଥିବା ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ ମାନଙ୍କର ଭାରି ଭିଡ଼ ନଜରକୁ ଆସିଥିଲା । ମନ୍ଦିରକୁ ପରିଚାଳନା କରୁଥିବା ଶ୍ରୀ ଜଗନ୍ନାଥ ସାଂସ୍କୃତିକ ଏକାଡେମୀ ଓ ଅନୁସନ୍ଧାନ କେନ୍ଦ୍ର(ଜେ.ସି. ଏ. ଆର୍.ସି) ତରଫରୁ ଏହାର ସଦସ୍ୟ ସଚିବ ଡଃ ବଦ୍ରି ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବକ ମାନଙ୍କ ଦ୍ୱାରା ଦର୍ଶକ ମାନଙ୍କୁ ନିୟନ୍ତ୍ରଣ ତଥା ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଥିଲା । ମନ୍ଦିରରେ ବଡ଼ି ଭୋର ରୁ ଠାକୁର ମାନଙ୍କର ଯଥାରୀତି ପୂଜାର୍ଚ୍ଚନା କରାଯାଇ ସକାଳ ୯ଟା ବେଳେ ପହଣ୍ଡି ବିଜେ ଆରମ୍ଭ କରାଯାଇଥିଲା । ପ୍ରଥମେ ପ୍ରଭୁ ସୁଦର୍ଶନ, ତାପରେ ବଡ ଭାଇ ବଳଭଦ୍ର, ପରେ ପରେ ଦେବୀ ସୁଭଦ୍ରା ଓ ସବାଶେଷରେ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କୁ ସାହି ରୋଷଣୀ କରାଯାଇ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ୨୭ଫୁଟ ୨ ଇଞ୍ଚ ଉଚ୍ଚ ସୁନ୍ଦର,



ସୁରମ୍ୟ ଓ ସୁସଜ୍ଜିତ ରଥ ଉପରକୁ ନିଆଯାଇଥିଲା । ଦେବୀ ସୁଭଦ୍ରାଙ୍କର ରୋଷଣୀ ମହିଳା ମାନେ କରୁଥିବାର ଦୃଶ୍ୟ ବେଶ ମନୋରଞ୍ଜକ ଥିଲା । ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଗହ ଗହ ନାଦ ତଥା ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଗଗନ ପବନ ପ୍ରକମ୍ପିତ ହେଉଥିବାର ଭବ୍ୟ ଅନୁଭୂତି ଖୁବ୍ ନିଆରା ଥିଲା । ମୁଖ୍ୟ ଅତିଥି ରାଜ୍ୟ ଜନଜାତି ଉନ୍ନୟନ ମନ୍ତ୍ରୀ ଡଃ କୁବେର ଭାଇ ଦିନଦୋର, ସକାଳ ୯ଟା ୧୫ ମିନିଟରେ ପାରମ୍ପରିକ ଢଙ୍ଗରେ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ । ଶ୍ରୀ ଦିନଦୋରଙ୍କୁ ଏହି କାର୍ଯ୍ୟରେ ସମ୍ମାନିତ ଅତିଥି ବୃନ୍ଦ ଯଥା ସାଂସଦ ନରହରି ଅମିନ, ବିଧାୟକ ଅକ୍ଷେଶ ଠାକୁର ଓ ରୀତାବେନ୍ ପଟେଲ ପ୍ରମୁଖ ସହଯୋଗ କରିଥିଲେ । ଏହା ପରେ ସକାଳ ସାଢ଼େ ୯ଟା ବେଳେ ମନ୍ଦିର ସାମ୍ନାର ବଡ଼ ଦାଣ୍ଡରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରାୟ ୨୦ ହଜାର ଭକ୍ତଙ୍କର ସମାଗମରେ ରଥାରୁଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନଗର ପରିକ୍ରମାରେ ନିଆଯାଇଥିଲା । ରଙ୍ଗାରଙ୍ଗ ରଥ ଟିକୁ ଆଡ଼ାଲଜ ଠାରୁ ୩ କିଲୋମିଟର ଦୂରବର୍ତ୍ତୀ ମା ଅନ୍ନପୂର୍ଣ୍ଣା ମନ୍ଦିରକୁ ନିଆଯାଇ ମଧ୍ୟାହ୍ନ ସୁଦ୍ଧା ପୁଣି ମୁଖ୍ୟ ମନ୍ଦିରର ବେଢ଼ାକୁ ଫେରାଇ ଅଣାଯାଇଥିଲା । ଏହାପରେ ଠାକୁର ମାନଙ୍କୁ ମନ୍ଦିରର ତଳତାଲାରେ ଥିବା କମ୍ୟୁନିଟି ହଲ୍ ପରିସରରେ ବନି ଥିବା ମାଉସୀମା ଘରକୁ ନିଆଯାଇ ସେଠାରେ ଥିବା ସିଂହାସନରେ ବିରାଜମାନ କରାଯାଇଥିଲା । ଆସନ୍ତା ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଦିଅଁ ମାନେ ଏହି ଠାରେ ସର୍ବସାଧାରଣଙ୍କୁ ଦର୍ଶନ ଦେବେ ବୋଲି ମନ୍ଦିର ସୂତ୍ରରୁ ଜଣାଯାଇଛି । ଏଠାରେ ପ୍ରତ୍ୟେକ ଦିନ ସମାଜର ବିଶିଷ୍ଟ ବ୍ୟକ୍ତି ମାନେ ଭଗବାନଙ୍କୁ ପୂଜା ଓ ଆରତୀ କରିବାର ସୁଯୋଗ ପାଇବେ । ରଥଯାତ୍ରା ଅବସରରେ ମା ଅନ୍ନପୂର୍ଣ୍ଣା ମନ୍ଦିର ଓ ଆଡ଼ାଲଜ ମନ୍ଦିରଠାରେ ଆଗନ୍ତୁକ ମାନଙ୍କୁ ମହାପ୍ରସାଦ ବିତରଣ କରାଯାଇଥିଲା । ଚଳିତ ବର୍ଷ ରଥଯାତ୍ରାର ଆୟୋଜନରେ ବିଶ୍ୱ ବ୍ରାହ୍ମଣ ସଂଗଠନର ସଭାପତି ଶଶିକାନ୍ତ ତିୱାରୀ, ମହାସଚିବ ଦୀପକ ଯୋଶୀ ଏବଂ ମାଆ ଅନ୍ନପୂର୍ଣ୍ଣା ଟ୍ରଷ୍ଟର ପରିଚାଳନା କମିଟି ସକ୍ରୀୟ ସହଯୋଗ ପ୍ରଦାନ କରିଥିଲେ । ମହୋତ୍ସବକୁ ସୁଚାରୁ ରୂପେ ଆୟୋଜନ ଓ ସଫଳ ଭାବେ ସମ୍ପନ୍ନ କରିବାରେ ପରିଚାଳନା କମିଟିର ଟ୍ରଷ୍ଟି, ସଦସ୍ୟଗଣ ଓ ଓଡ଼ିଶା ସଂଘରକର୍ମକର୍ତ୍ତା ଯଥା ଜେ. ସି. ଏ. ଆର୍.ସି ର ସଦସ୍ୟ ସଚିବ ଓ ଓଡ଼ିଶା ସଂଘର ସାଧାରଣ ସମ୍ପାଦକ ଡଃ ବଦ୍ରି ମହାପାତ୍ର, ଓଡ଼ିଶା ସଂଘର ସଭାପତି ହରେକୃଷ୍ଣ ଦାଶ, ସଦସ୍ୟ ମହେଶ୍ୱର ସାହୁ, ଡକ୍ଟର ନିବେଦିତା ସାହୁ, ଲୀଳା ଦାଶ, ବାଞ୍ଛାନିଧି ପାଣି, ରବି ପଣ୍ଡା, ଅଶୋକ ସାମଲ, ସତ୍ୟ ମିଶ୍ର, ନାରାୟଣ ସ୍ୱାଇଁ, ଅଜୟ ଦାସ, ମହେନ୍ଦ୍ର ଦାସ, ରାଜେଶ ସାମଲ, ଦିଲ୍ଲୀପ ଜେନା, ରୋହିତ ନାୟକ, ନିଗମାନନ୍ଦ ଦାସ,ଦିଲ୍ଲୀପ ବଳ, ସନ୍ଧ୍ୟା ପଣ୍ଡା ଓ ଗଣେଶ ସାବତ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

## ବିଶିଷ୍ଟ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକଙ୍କୁ ଅନନ୍ତ ପଟ୍ଟନାୟକ ସୃଜନ ସମ୍ମାନ

କଟକ(ଭାସ୍କର ନ୍ୟୁଜ୍): ବିଶିଷ୍ଟ ସାମ୍ବାଦିକ ତଥା ସାରସ୍ୱତ ସ୍ରଷ୍ଟା ପ୍ରଶାନ୍ତ ପଟ୍ଟନାୟକଙ୍କୁ ଚଳିତ ବର୍ଷର 'ଅନନ୍ତ ପଟ୍ଟନାୟକ ସୃଜନ ସମ୍ମାନ' ପ୍ରଦାନ କରାଯିବ । ଓଡ଼ିଶାର ପ୍ରାଚୀନ ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ' ଓ 'ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦ' ମିଳିତ ଅନୁକୂଲ୍ୟରେ ମହାନ୍ ସାରସ୍ୱତ ସ୍ରଷ୍ଟା ତଥା ସ୍ୱାଧୀନତା ସଂଗ୍ରାମୀ ଅନନ୍ତ ପଟ୍ଟନାୟକଙ୍କର ୩୬ତମ ବାର୍ଷିକ ସ୍ମୃତିଉତ୍ସବ ଅବସରରେ ୨୫ ଜୁନ୍ ୨୦୨୩ ରବିବାର ସଂଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ଆୟୋଜିତ କବି ଅନନ୍ତ ପଟ୍ଟନାୟକ ସ୍ମୃତିସଂଧ୍ୟାରେ ଶ୍ରୀ ପଟ୍ଟନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ । ଶ୍ରୀ ପଟ୍ଟନାୟକ ଇଷ୍ଟର୍ଣ୍ଣ ଟାଇମ୍ସ, ଅମୃତ ବଜାର ପତ୍ରିକା, ଦୈନିକ କଳିଙ୍ଗ, ହିନ୍ଦୁସ୍ଥାନ ସମାଚାର, ଦୈନିକ ଇନାଡୁ, ଇଣ୍ଡିଆ ଟିଭି ଆଦିରେ କାର୍ଯ୍ୟ କରି ସାମ୍ବାଦିକତା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ଲାଭ କରିବା ସହ 'ଅନ୍ଧକାରର କାବ୍ୟ', 'ପୁନଶ୍ଚ ଅନ୍ଧାର', 'ରାବଣ ପୋଡ଼ି', 'ଶ୍ରୀ ଲଛମନ ଉବାଚ' ଆଦି କୃତିର ସ୍ରଷ୍ଟା । ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ଉତ୍ସବରେ ଅନ୍ତର୍ଜାତୀୟ ଖ୍ୟାତି ସଂପନ୍ନ କବି ଜୟନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେବେ । ଯୁବ ସାରସ୍ୱତ ସ୍ରଷ୍ଟା କେଦାର ମିଶ୍ର 'ଅନନ୍ତ ପଟ୍ଟନାୟକ ଓ ଓଡ଼ିଆ ପ୍ରଗତିବାଦୀ ସାହିତ୍ୟର ଭୂମି' ଶୀର୍ଷକରେ ଆଲୋଚନା କରିବେ । ଡକ୍ଟର ଦୀପକ କୁମାର ସାମନ୍ତରାୟ. ସୁଶାନ୍ତ କୁମାର ମହାପାତ୍ର, ଅଧ୍ୟାପକ ପ୍ରସନ୍ନ କୁମାର ସ୍ୱାଇଁ ଓ ସଞ୍ଜୟ ପରିଜା ଅନନ୍ତ ପଟ୍ଟନାୟକଙ୍କ କବିତା ଆବୃତ୍ତି କରିବେ ବୋଲି ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ଆଦିତ୍ୟ ପ୍ରତାପ ଧଳ ଓ ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦର ସଂପାଦକ ବିଜୟ କୁମାର ପଢ଼ିହାରୀ ଜଣାଇଛନ୍ତି ।

## ରଥଯାତ୍ରାରେ ଓକିଲ ସଂଘର ପ୍ରଥପାନ୍ତ ସେବା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରଥଯାତ୍ରା ଉପଲକ୍ଷେ ଟଙ୍କପାଣି ସାଇ ମନ୍ଦିରଠାରେ ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ପ୍ରଥପାନ୍ତ ସେବା ଅନୁଷ୍ଠିତ ହୋଇଯାଇଛି । ଶ୍ରୀକ୍ଷେତ୍ରକୁ ଯାଉଥିବା ଶ୍ରଦ୍ଧାଳୁଙ୍କୁ ୫୦ହଜାର ପାଣି ବୋତଲ ସହ ଦହି ପଣା, ଚାହା, ବିସ୍କୁଟ ବଂଟନ କରାଯାଇଥିଲା । ଏହାକୁ ପୁଲିସ କମିସର ସୌମେନ୍ଦ୍ର ପ୍ରୀୟଦର୍ଶୀ ଉଦ୍‌ଘାଟନ କରିଥିଲେ । ଏଥିରେ ଓକିଲ ସଂଘର ସଭାପତି ଧନେଶ୍ୱର ମହାନ୍ତି, ଉପ ସଭାପତି ଅଞ୍ଜନ କୁମାର ସାମନ୍ତରାୟ, ସଂଘର ସମ୍ପାଦକ ତାପସ ରଞ୍ଜନ ଦାସ, କୋଷାଧ୍ୟକ୍ଷ ମନିଶ କୁମାର ନାୟକ, ଯୁଗ୍ମ ସମ୍ପାଦକ ସୁକାନ୍ତ କୁମାର ବେହେରା, ସହ ସମ୍ପାଦକ ପୁଲିନ କୁମାର ମାର୍ଥା, କାର୍ଯ୍ୟକାରୀ କମିଟି ସଭ୍ୟ ସବ୍ୟସାଚି ସୂତାର, ଅଭିନାଶ ମହାନ୍ତି, ଅମିତ କୁମାର ବାରିକ୍, ଆନନ୍ଦ ଚନ୍ଦ୍ର ଜେନାଙ୍କ ସମେତ ଶତାଧିକ ଆଇନଜୀବୀ ସାମିଲ ହୋଇଥିଲେ ।

## ୨୨ ନୁହେଁ ୨୩ରେ ଆସିବେ ନଡ୍ଡା

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବଦଳିଛି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡାଙ୍କ ଓଡିଶା ଗସ୍ତ କାର୍ଯ୍ୟକ୍ରମ । ନଡ୍ଡା ଆସନ୍ତା ୨୨ ତାରିଖ ବଦଳରେ ୨୩ ତାରିଖରେ ଓଡିଶା ଆସିବେ । ଅନିବାର୍ଯ୍ୟ କାରଣବଶତଃ ନଡ୍ଡାଙ୍କ ଗସ୍ତ ଦିନଟିଏ ଘୁଂଚିଥିବା ସାଂସଦ ବସନ୍ତ ପଣ୍ଡା ସୂଚନା ଦେଇଛନ୍ତି । ବସନ୍ତ ପଣ୍ଡା କହିଛନ୍ତି ଯେ ୨୩ ତାରିଖରେ ଜେପି ନଡ୍ଡା କଳାହାଣ୍ଡି ଆସିବେ । ଭବାନୀପାଟଣାର ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ନଡ୍ଡା ଯୋଗ ଦେବେ । ସାଧାରଣ ସଭା ପରେ ସର୍କିଟ ହାଉସରେ ବରିଷ୍ଠ ନାଗରିକଙ୍କୁ ଭେଟିବେ । ଏହାପରେ ନଡ୍ଡା ଟାଉନ ହଲ୍ ରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

## ୧୯ ଓଡିଶା ସୂଚନା ସେବା ଅଧିକାରୀ ବିଭିନ୍ନ ସ୍ଥାନରେ ଅବସ୍ଥାପିତ ହେବେ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡିଶା ସୂଚନା ସେବା (ଦ୍ୱିତୀୟ ଶ୍ରେଣୀ)ବର୍ଗରେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀପଦରେ ନିଯୁକ୍ତି ପାଇଥିବା ୧୯ଜଣ ଅଧିକାରୀଙ୍କୁ ବିଭିନ୍ନ ଉପଖଣ୍ଡ ତଥା ଜିଲ୍ଲାରେ ଅବସ୍ଥାପିତ ହେବା ସଂପର୍କରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଜଣାଯାଇଛି । ଗତକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ କନଭେନସନ ସେଂଟରଠାରେ ସ୍ୱତନ୍ତ୍ର ସମାରୋହରେ ଏହି ଅଧିକାରୀମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ ବିଭିନ୍ନ ଜିଲ୍ଲା ଏବଂ ଉପଖଣ୍ଡ ସଦର ମହକୁମାରେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ (ଏସଡିଆଇପିଆରଓ) ଭାବେ କେ.ଶ୍ରବଣ କୁମାରଙ୍କୁ ଅନୁଗୋଳ, ଐଶ୍ୱର୍ଯ୍ୟା ସାମନ୍ତଙ୍କୁ ବାଲେଶ୍ୱର, ବିନାୟକ ମିଶ୍ର (ପଦମପୁର),ଅମ୍ଳାନ ଦାସ( ବାଙ୍କୀ), ଅଭିଷେକ ବେହେରା (ଢେଙ୍କାନାଳ), ପ୍ରତିଚୀ ତନୟା ମହାନ୍ତି (ଜଗତସିଂହପୁର),ପ୍ରହଲ୍ଲାଦ କାଶଲା(ବାଲିଗୁଡା), ସ୍ୱାଧୀନ କୁମାର ମନ୍ତ୍ରୀ(ଆନନ୍ଦପୁର), ସାର୍ଥକ ଅଭିନନ୍ଦନ ରାୟ(ଚମ୍ପୁଆ), ଅବିନାଶ ପାଣି(ଉଦଳା), ସଂଯୁକ୍ତା କୁଲୁ( ସମ୍ବଲପୁର) ସଦରମହକୁମାରେ ଅବସ୍ଥାପିତ ହେବା ନେଇ ତାଲିକା ଚୂଡାନ୍ତ ହୋଇଛି । ସେହିପରି ସ୍ୱାଗତିକା ବେହେରାଙ୍କୁ ସହକାରୀ ସୂଚନା ଅଧିକାରୀ ପଢିଆରୀ ପାଠାଗାର,କଟକ, ଆଲୋକ କୁମାର ମହାନ୍ତି ଓ ସନ୍ଦିପ କୁମାର ବଳଙ୍କୁ ଯଥାକ୍ରମେ କେନ୍ଦ୍ରାପଡା ଓ ନୂଆପଡା ଜିଲ୍ଲାର ଭାରପ୍ରାପ୍ତ ଡିଆଇପିଆରଓ ଭାବେ ଅବସ୍ଥାପିତ କରାଯାଇଛି । ସରୋଜ କୁମାର ସାହୁ (ପିଆରଓ,ଏଲଆର),ସ୍ୱାତୀ ସ୍ନିଗ୍ଧା ସୁଆର, ତନୁଜା ମହାନ୍ତି, ରୋଜାଲିନ୍ ସାହୁ ଏବଂ ସୁଶ୍ରୀ ସଂଗୀତା ମହାରଣା,ପି.ଆର.ଓ(ଗ୍ରୁପ୍ ଅଫ ଡିପାର୍ଟମେଂଟସ୍) ଭାବେ ଖୋର୍ଦ୍ଧା ଜିଲ୍ଲା(ରାଜ୍ୟ ସଦର ମହକୁମା, ଭୁବନେଶ୍ୱର)ରେ କାର୍ଯ୍ୟ କରିବେ ।

## ପ୍ରଦୀପ୍ତ କୁମାର ନାଏକଙ୍କୁ ଭେଟିଲେ ବିଜେପି ରାଜ୍ୟ ସଭାପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): କୋଭିଡରେ ଆକ୍ରାନ୍ତ ହୋଇ ଗତ ଦୁଇ ବର୍ଷ ଧରି ଜୀବନ ସଂଗ୍ରାମରେ କରୋନାକୁ ପରାଜିତ କରି ସୁସ୍ଥ ହୋଇ ଗତକାଲି ଓଡ଼ିଶାକୁ ଫେରିଛନ୍ତି ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ । ଆଜି ସନ୍ଧ୍ୟାରେ ଶ୍ରୀ ନାଏକଙ୍କୁ ତାଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ରାଜ୍ୟ ସଭାପତି ମନମୋହନ ସାମଲ ଭେଟି ତାଙ୍କର ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ । ଏଥି ସହିତ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିଲେ । ଏହି ଅବସରରେ ବରିଷ୍ଠ ନେତା ସଜ୍ଜନ ଶର୍ମା, ବିରଞ୍ଚି ତ୍ରିପାଠୀ, ଦିଲ୍ଲୀପ ମଲ୍ଲିକ, ଶାରଦା ଶତପଥୀ, ନିରଞ୍ଜନ ମିଶ୍ର, ସରୋଜ କର, ସୁଜିତ୍ ଦାସ, ରତିକାନ୍ତ ଦାସ, ଲାଲା ମନୋଜ ରାୟ, ଦୂର୍ଗା ନାୟକ, ଦୀପକ ରାୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବିଶ୍ୱବାସୀଙ୍କୁ ପବିତ୍ର 'ରଥଯାତ୍ରା'ର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପବିତ୍ର ରଥଯାତ୍ରା ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସହ ରଥଯାତ୍ରାରେ ସାମିଲ ହୋଇ ଓଡ଼ିଶା ଓ ବିଶ୍ୱବାସୀଙ୍କୁ ଏହି ପୁଣ୍ୟ ଦିବସର ଶୁଭେଚ୍ଛା ଜଣାଇଛନ୍ତି । ରଥ ସମ୍ମୁଖରେ ଆଭୂମି ପ୍ରଣିପାତ ହେବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ପବିତ୍ର ରଥଯାତ୍ରା ଅବସରରେ ମହାପ୍ରଭୁଙ୍କ ପହଣ୍ଡି ଦର୍ଶନ ଏକ ଅପୂର୍ବ ମୁହୂର୍ତ୍ତ । ସେ ଲୀଳାମୟ, ତାଙ୍କ ଲୀଳା ଅପାର । ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଧନ ପରିପୂର୍ଣ୍ଣ ହେଉ । ଓଡ଼ିଆ ଜାତି ଓ ଅସ୍ମିତାର ପରିଚୟ ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ଭାବର ଠାକୁର ଓ ଧାର୍ମିକ ସମନ୍ୱୟର ଦେବତା । ଆଜି କୋଟି କୋଟି ଶ୍ରଦ୍ଧାଳୁଙ୍କ ଗ୍ରହଣରେ ତାଙ୍କୁ ଦର୍ଶନ କରି ମୁଁ ବିମୋହିତ । ଶ୍ରୀ ପ୍ରଧାନ ପ୍ରଭୁ ବଳଭଦ୍ର, ମାଆ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ମାନବ କଲ୍ୟାଣ ଓ ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା କରିଛନ୍ତି । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପୁରୀ ଗୋବର୍ଦ୍ଧନ ପୀଠକୁ ଯାଇ ଶଙ୍କରାଚାର୍ଯ୍ୟ ଜଗତଗୁରୁ ପରମପୂଜ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜାଙ୍କୁ ସାକ୍ଷାତ୍ କରି ତାଙ୍କ ଆଶୀର୍ବାଦ ନେଇଥିଲେ । ସେ କହିଥିଲେ ଦେବା ଦେବୀଙ୍କର ଦର୍ଶନ ଯେତେ ପବିତ୍ର, ପୂଜ୍ୟ ସାଧୁ ସନ୍ଥଙ୍କ ଦର୍ଶନ ମଧ୍ୟ ସେତିକି ପବିତ୍ର । ଆଜି ଦେବ ଦର୍ଶନ ସହ ଗୁରୁ ଦର୍ଶନ କରିବା ଆନନ୍ଦର ବିଷୟ ।

## ନନ୍ଦପୁର ନାଥସାହିରେ ସପ୍ତା ପୂଜା

ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଚକ ପଞ୍ଚାୟତ ଅଧୀନ ନନ୍ଦପୁର ନାଥସାହି ଗ୍ରାମରେ ସପ୍ତାପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ଏହି ସପ୍ତା ପୂଜା ଜୁନ୍ ୧୩ ତାରିଖ ଠାରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ସପ୍ତାପୂଜାରେ କଳସବୁଡ଼ା ସହିତ ଜଗନ୍ନାଥଙ୍କ ମୂର୍ତ୍ତି ପୂଜା କରାଯାଇଥିଲା । ପ୍ରଥମ ଦିନରୁ ୭ଦିନ ପର୍ଯ୍ୟନ୍ତ ଭାଗବତ ପାଠ ସମେତ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ତ୍ତା ଭାବେ ରାଜକିଶୋର ନାଥ, ଧର୍ମପତ୍ନୀ ମନୋରମା ନାଥ ପୂଜା କାର୍ଯ୍ୟ ସମାପନ କରିଥିବା ବେଳେ ପୂଜକ ଭାବେ ବୈରାଗି ଶତପଥି, ତ୍ରିଲୋଚନ ଦାସ, କମଳଲୋଚନ ପଣ୍ଡା ଓ ସଞ୍ଜୟ କୁମାର ନାଥ ପୂଜା କାର୍ଯ୍ୟ ସହିତ ଭାଗବତ ପାଠ କରିଥିଲେ । ଭାଗବତ ପାଠରେ ଶ୍ରୋତା ଭାବେ ସନାତନ ମଳିକ, ବୁଦ୍ଧି ବେହେରା, ସାବିତ୍ରୀ ନାଥ ପ୍ରମୁଖ ଯୋଗ ଦେଇଥିଲେ । କମିଟିର କର୍ମକର୍ତ୍ତା ଅନ୍ତର୍ଯ୍ୟାମୀ ନାଥ, ସୁବାସ ନାଥ, ଖଗେଶ୍ୱର ନାଥ, ପ୍ରକାଶ ଚନ୍ଦ୍ର ନାଥ, ନରହରି ନାଥ, ଗୌରାଙ୍ଗ ନାଥ, ବାବୁଲି ନାଥ, ଦିନେଶ କୁମାର ଦାସ, ଶରତ କୁମାର ନାଥ, ପ୍ରମୋଦ କୁମାର ନାଥ, ସୀତାକାନ୍ତ ନାଥ, ହୃଦାନନ୍ଦ ନାଥ, ମାନସ ନାଥ, ଦୋଳଗୋବିନ୍ଦ ବେହେରା, ଗଣେଶ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପ୍ରତିଦିନ ସପ୍ତା ପୂଜାରେ ଶହ ଶହ ଭକ୍ତ ପ୍ରସାଦ ସେବନ କରିଥିଲେ ।

## ସୁବର୍ଣ୍ଣଜୟନ୍ତୀ ପାଳନ କମିଟି ବୈଠକ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଏହି ବ୍ଲକର ବିଷ୍ଣୁପୁର ପଞ୍ଚାୟତ ଅନ୍ତର୍ଗତ ଚିଙ୍ଗୁଡିପୁର ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ସୁବର୍ଣ୍ଣଜୟନ୍ତୀ ପାଳନ କମିଟି



ବୈଠକ ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ନିର୍ମଳ ଚନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ସରପଞ୍ଚ ଅମୂଲ୍ୟ କୁମାର ନାୟକ ସଂଯୋଜନା କରିଥିଲେ । ଏଥିରେ ବାସୁଦେବ ଗୋଛାୟତ, ରାମଚନ୍ଦ୍ର ରାଉତ, ମନୋରଞ୍ଜନ ପାତ୍ର, ଜ୍ୟୋତିରଞ୍ଜନ ପତି, ରତିକାନ୍ତ ବରାଳ, ସୁଶାନ୍ତ କୁମାର ପଣ୍ଡା, ପ୍ରମୋଦ ପରିଡା, ସୁଧାକର ମହାପାତ୍ର, ଅଶୋକ ପଣ୍ଡା, ପ୍ରସନ୍ନ ଖିଲାର, ବଦ୍ରୀ ପଣ୍ଡା, ହିମାଂଶୁ ପଣ୍ଡା, ହରେକୃଷ୍ଣ ସେଠୀ, ବିଜୟ ପାଣିଗ୍ରାହୀ, ମହେଶ୍ୱର ରାଉଳ, ଜୟଦେବ ଲେଙ୍କା, ଭାସ୍କର ସାମଲ, ବିନୋଦ ମହାରଣା, ଅଜିତ ଦାସ, ରାଜେନ୍ଦ୍ର ନାୟକ, ଅମିତାଭ ଖିଲାର, ବିଜୟ କୁମାର ଖିଲାର, ଅରବିନ୍ଦ ନାୟକ, ସରସ୍ୱତୀ ପାତ୍ର, ତ୍ରିଲୋଚନ ନାୟକ, ନିରୋଦ ନାୟକ, ରଘୁନାଥ ଦାସ ପ୍ରମୁଖ ଯୋଗଦେଇ ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ରୂପରେଖ ଚୂଡାନ୍ତ କରିଥିଲେ । ପ୍ରାରମ୍ଭରେ ପରୋପକାରୀ ଯୁବକ ଶମ୍ଭୁନାଥ ପେଡାଙ୍କ ବିୟୋଗରେ ନିରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା । ପ୍ରଫୁଲ୍ଲ କୁମାର ନାୟକ ଧନ୍ୟବାଦ ଦେଇଥିଲେ ।

## ପାରାଦୀପଗଡ଼ ରଜ ମହୋତ୍ସବ ଉଦ୍‌ଯାପିତ

କୁଜଙ୍ଗ,(ଭାସ୍କର ନ୍ୟୁଜ): କୁଜଙ୍ଗ ବ୍ଲକ ପାରାଦୀପ ଗଡ ଗ୍ରାମ ପଞ୍ଚାୟତ ଆନୁକୁଲ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ରଜ ମହୋତ୍ସବ -୨୦୨୩ ଉଦଯାପିତ ହୋଇଯାଇଛି । ସାତଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ଉକ୍ତ ମହୋତ୍ସବ ରେ ପ୍ରତେକ୍ ସନ୍ଧ୍ୟାରେ ଆଞ୍ଚଳିକ, ରାଜ୍ୟ ଓ ରାଜ୍ୟ ବାହାରର କଳା ଓ ସାଂସ୍କୃତିକ ଅନୁଷ୍ଠାନ ମାନେ ପାରମ୍ପରିକ ନାଚ ଗୀତ ଯଥା: ଓଡ଼ିଶୀ, ଛଉ, ଘୁମୁରା, ରଣପା, ଡାଲଖାଇ, ବାଘ ନାଚ, ସମ୍ବଲପୁରୀ, ଗୋଟିପୁଅ, ପ୍ରିନ୍ସ ଦ୍ୟାନ୍ସ, ବଜଶୋଲ, ପାଇକ ଆଖଡ଼ା, ଦୂଲ୍ ଦୂଲ୍ଲି, ମେଲୋଡି ଆଦି ପରିବେଷଣ କରାଯାଇଥିଲା । ଲୋକମାନଙ୍କ ମନୋରଞ୍ଜନ ସହିତ ଉତ୍ସବ ରେ ପସରା ମେଲିଥିବା ୧୦୦ ରୁ ଉର୍ଦ୍ଧ ଦୋକାନ ଖୋଲିଥିବା ମୀନା ବଜାର, ପଲିଶ୍ରୀ ମେଳା ରୁ ଦର୍ଶକ ମାନେ ଘର କରଣ ଉପକରଣ କିଣିବାକୁ ଭିଡ଼ ଜମାଉଥିଲେ । ୫୦ ରୁ ଉର୍ଦ୍ଧ ଖାଇବା ଦୋକାନ ରେ ଦର୍ଶକ ମାନେ ସୁଆଦିଆ ଖାଦ୍ୟର ମଜା



ନେଉଥିଲେ । ପ୍ରତେକ ଦିନ ସନ୍ଧ୍ୟାରେ ସରକାରୀ ଅଧିକାରୀ, ରାଜ ନେତା ଓ ଆଖ ପାଖ ଅଞ୍ଚଳ ରେ ଥିବା କଳା କାରଖାନା କର୍ତୃପକ୍ଷ ମାନେ ଅଂଶ ଗ୍ରହଣ କରି ଦର୍ଶକ ମାନଙ୍କୁ ରଜ ପର୍ବର ଉଦ୍ଦେଶ୍ୟ, ମହତ୍ ସମ୍ପର୍କରେ ବକ୍ତବ୍ୟ ରଖୁଥିଲେ । ଆଧୁନିକ ଯୁଗ ରେ ଏପରି ପାରମ୍ପରିକ ରଜ ମହୋତ୍ସବ ଦେଖି ଅତିଥି ଓ ଦର୍ଶକ ମାନେ ହତ ଚକିତ ହୋଇଯାଇଥିଲେ, ଏହା ରାଜ୍ୟ ର ସବୁଠାରୁ ବଡ ରଜ ମହୋତ୍ସବ ଓ ପାରାଦୀପ ବାଲିଯାତ୍ରା ଠାରୁ କୌଣସି ଗୁଣରେ କମ୍ ନୁହେଁ ବୋଲି ଅଭିହିତ କରିଥିଲେ । କେବଳ ମନୋରଞ୍ଜନ କାର୍ଯକ୍ରମ ଅନୁଷ୍ଠିତ ହେଉଥିଲା ତା ନୁହେଁ ପ୍ରତିଦିନ ୬ ପଞ୍ଚାୟତର ଝିଅ ଓ ପୁଅ ମାନଙ୍କୁ ନେଇ ପୁଚି, କବାଡି, ରଙ୍ଗୋଲି, ରଜ ରାଣୀ, ରଜ ଭାଉଜ, ପିଠା, ହୁଳୁହୁଳି, ସାଧରଙ୍ଗାନ, ଶଙ୍ଖ ବାଦନ, ନୃତ୍ୟ, ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା । ଏହାବେତିତ ୬ ପଞ୍ଚାୟତ ରେ ବିଭିନ୍ନ କ୍ଷେତ୍ରରେ ପ୍ରତିଭା ଅର୍ଜନ କରିଥିବା ବ୍ୟେକ୍ତି ମାନଙ୍କୁ ମାନ ପତ୍ର ସହିତ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଉଦଯାପନ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବିଜେପି ନେତା ସମ୍ପଦ କୁମାର ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ସାଂସଦ ବିଭୁ ପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ସୁରଥ ବିଶ୍ୱାଳ, ଅଶ୍ରୁମୋଚନ ମହାନ୍ତି, ଜଗବନ୍ଧୁ ସାମଲ, ସଚିତ୍ର କୁମାର ରାଉତ୍, ରାଜେନ୍ଦ୍ର କୁମାର ଦାସ, ରୋଜାଲିନ ନାୟକ, ରଶ୍ମି ରଞ୍ଜନ ସାମନ୍ତରାୟ, ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ସସ୍ମିତା ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିବା ବେଳେ ମହୋତ୍ସବ ର ସଭାପତି ତଥା ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ସଭାପତିତ୍ୱ କରିଥିଲେ । ବ୍ରଡକାଷ୍ଟର ସରଣାର୍ବିନ୍ଦ ଓଝା ମଞ୍ଚ ସଞ୍ଚାଳନ କରିଥିଲେ । ସଂପାଦକ ଦେବ ଦୁର୍ଲ୍ଲଭ କର ଧନ୍ୟବାଦ୍ ଅର୍ପଣ କରିଥିଲେ । ରଜ ମହୋତ୍ସବକୁ ସରସସୁନ୍ଦର କରିବା ପାଇଁ ସର୍ବ ଶ୍ରୀ ମାନକ ମଧ୍ୟରେ ସତ୍ୟ ନାରାୟଣ ମହାପାତ୍ର, ଜୟନ୍ତ ସେନାପତି, ନିରଞ୍ଜନ ପରିଡ଼ା, ରାଜେନ୍ଦ୍ର ବେହେରା, ଶୁକଦେବ ତରାଇ, ସଂଗ୍ରାମ ବେହେରା, ସାରଦା ପ୍ରସନ୍ନ ସ୍ୱାଇଁ, ନିର୍ଭୟ ମହରଥା, ରଞ୍ଜନ ସାମଲ, ଧରମାନନ୍ଦ ସାହୁ, ଫକିର ତରାଇ, ସନ୍ତୋଷ ଦୋରା, ପ୍ରଭାତ ବେହେରା, ନବ କିଶୋର ସାହୁ, ରାକେଶ ଦଳାଇ, ସୁବାସ ସେନାପତି, ଗୋଲାପ ରାଣୀ ସାହୁ, ବିଚିତ୍ର ପ୍ରଧାନ, ଚନ୍ଦ୍ରକାନ୍ତ ସ୍ୱାଇଁ, ପ୍ରକାଶ ଦଳାଇ, ରମେଶ ବେହେରା, ନୀଳାଦ୍ରି ବିହାରୀ ମହାନ୍ତି, ସୁଧାଂଶୁ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ନୂଆଗାଁ ରଜ ମହୋତ୍ସବ ଉଦ୍‌ଯାପିତ

ଏରସମା,(ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ନୂଆଗାଁ ପଞ୍ଚାୟତ ସିଦ୍ଧ ଗୁମ୍ଫା ଆଶ୍ରମ ସମ୍ମୁଖରେ ଡ୍ରିମ୍ସ ଲାଇଫ କ୍ଲବ ପକ୍ଷରୁ ଆୟୋଜିତ ରଜ ମହୋତ୍ସବ ଉଦଯାପନ ହୋଇଯାଇଛି ।ଏହି ଉଦଯାପନୀ ସନ୍ଧ୍ୟାର ସାଂସ୍କୃତିକ ସଭାରେ ଡ଼ ତାମିଲ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ଡ଼ ରାଜଶ୍ରୀ ମଲ୍ଲିକ, ସଂମ୍ମାନୀତ ଅତିଥି ଭାବେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ରଘୁନନ୍ଦନ ଦାସ,ଏରସମା ବ୍ଲକ ବିଜେଡି ସଭାପତି ତଥା ୩ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ପୀତବାସ ଗୋଛାୟତ, ଏରସମା ବ୍ଲକ ଚେୟାର ମ୍ୟାନ ଲାଷ୍ମୀପ୍ରିୟା ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁ, ଏରସମା ବ୍ଲକ ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା, ଅଭୟଚାନ୍ଦପୁର ଥାନା




ଅଧିକାରୀ ରାଜ କିଶୋର ବେହେରା ପ୍ରମୁଖ ଯୋଗଦେଇ ରଜ ମହୋତ୍ସବର ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସାଂସଦ ଜଗନ୍ନାଥଙ୍କ ଜଣାଣ ବୋଲି ଦର୍ଶକଙ୍କ ମନ ମୋହିଥିଲେ । ପରେ ଗୋଟିପୁଅ ନୃତ୍ୟ ,ଗାଁର କୁନି କୁନି ପିଲାଙ୍କ ଦ୍ୱାର ନାଚ ଗୀତ ପରିବେଷଣ କରାଯାଇଥିଲା । କୃତି ଛାତ୍ର ଛାତ୍ରୀମାନଙ୍କ ସହିତ ସମାଜସେବୀ ଡ଼ ତାମିଲ ପ୍ରଧାନଙ୍କୁ ଏହି ସାଂସ୍କୃତିକ ସଭାରେ ସାଂସଦ ଓ ବିଧାୟକ ସଂମ୍ମାନୀତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମାଜସେବୀ ଆଦିତ୍ୟ ଭୂୟାଁ, ପୂର୍ବତନ ସମିତି ସଭ୍ୟ କେଶବ ରାଉତ, ପ୍ରହଲ୍ଲାଦ ସ୍ୱାଇଁ, ବାଲିତୁଠ ପୂର୍ବତନ ସରପଞ୍ଚ ବିଭୁରଞ୍ଜନ ସାମନ୍ତରାୟ, ସୁବର୍ଣ୍ଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ବାଲିତୁଠ, ନୂଆଗାଁ, ଗଡ଼କୁଜଙ୍ଗ, ବଳେଇପୁରୁ, ବାମଦେଇପୁର, ଚଟୁଆ, ଢିଙ୍କିଆ ଅଞ୍ଚଳର ଶତାଧିକ ଦର୍ଶକ ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ ।

## ବିଶାଳ ନାଗସାପକୁ ବନବିଭାଗ କର୍ମଚାରୀ ଜଙ୍ଗଲରେ ଛାଡିଲେ

ରାଜନଗର ,(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଈଶ୍ୱରପୁରୁ ପଞ୍ଚାୟତ ପଞ୍ଚୁପଲେଇ ଗ୍ରାମରେ ତିନିଫୁଟରୁ ଊର୍ଦ୍ଧ୍ୱ ଗୋଖର ବିଶାକ୍ତ ସାପକୁ ବନବିଭାଗ କର୍ମଚାରୀ କାବୁ କରି ଜଙ୍ଗଲରେ ଛାଡିଥିବା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ ପଞ୍ଚୁପଲେଇ ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ବାରିପଟୁ ଏହି ବିଶାକ୍ତ ସାପ ଆଜି ଦିନ ସମୟରେ ତାଙ୍କ ଘରଭିତରକୁ ଯିବାକୁ ଆକ୍ରମଣ କରୁଥିବା ବେଳେ ପରିବାର ସଦସ୍ୟ ଦେଖି ଲୋକମାନଙ୍କୁ ଡାକପକାଇଥିଲେ । କେହିଜଣେ ବନ୍ୟିଭାଗକୁ ଖବର ଦେଇଥିଲେ । ଖବର ପାଇ ବନକର୍ମଚାରୀ ବିଭୁତି ତରାଇ, ଅଲେଖ ପରିଡା ଓ ପ୍ରଶାନ୍ତ କୁମାର ସିଂହ ପ୍ରମୁଖ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଅତି ଚତୁରତା ସହିତ ସାପକୁ କାବୁ କରି ଜଙ୍ଗଲରେ ଛାଡିଛନ୍ତି । ବନ୍ୟିଭାଗ କର୍ମଚାରୀଙ୍କର ଏପରି ବିପଦ ମୁକ୍ତ ସ୍ୱୋ ପାଇଁ ସାଧାରଣରେ ଭୂୟସୀ ପ୍ରଶଂସା କରିଛନ୍ତି ।

## କୁନି ହାତରେ କୁନି ରଥ



ଅସ୍ତରଙ୍ଗ,(ଭାସ୍କର ନ୍ୟୁଜ): କୁନି ହାତରେ ବଡ଼ କାରିଗରୀ. ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥ ପରି ଅବିକଳ ବଡ଼ ଦାଣ୍ଡର ବଡ଼ ରଥ ନୁହେଁ, କୁନି ରଥରେ ବିରାଜିତ ଚତୃର୍ଦ୍ଧାମୂରତି । ଏମିତି ଛୋଟ ରଥ ପ୍ରସ୍ତୁତ କରିଛନ୍ତି ସାଇ ପ୍ରତୀକ । ରଥରେ ସାରଥୀ, ପାରା, ଚକ ଓ ଘୋଡା ବି ରହିଛି । ରଥ ଯାତ୍ରା ଦେଖିବାକୁ ପୁରୀ ନ ଯାଇ ପାରିବାରୁ ଚତୃର୍ଥ ଶ୍ରେଣୀ ଛାତ୍ର ନିଜେ ତିଆରି କରିଛନ୍ତି ୩ ରଥ । ଅବିକଳ ପୁରୀ ରଥ ଭଳି ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କ ରଥ ଭଳି କରିଛନ୍ତି । ଭାବ ବିନୋଦିଆ ବଡ଼ ଠାକୁର ଙ୍କ ଭାବ ବିହ୍ୱଳ ଭକ୍ତ. ଏମିତି ଭାବ ବିହ୍ୱଳ ହୋଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଈଗୁଆଁ ପଞ୍ଚାୟତ ନଈଗୁଆଁ ଗ୍ରାମର ସୁଶାନ୍ତ ତ୍ରିପାଠୀଙ୍କ ଦଶ ବର୍ଷର ପୁଅ ସାଇପ୍ରତୀକ ତ୍ରିପାଠୀ । ଦଶ ଦିନ ମଧ୍ୟରେ ଅଦରକାରୀ କାର୍ଟୁନ୍ ରେ ନିର୍ମାଣ କରିଛନ୍ତି କୁନି ରଥ । ୩ ରଥର ଉଚତା ୨ ଫୁଟ ରହିଛି । ଆଗକୁ ଜଗନ୍ନାଥଙ୍କ ସେବା କରି ନିଜ କାରିଗରୀ ଆଉ କଳାର ପ୍ରସାର କରିବାକୁ ସ୍ଥିର କରିଛନ୍ତି ସାଇପ୍ରତୀକ ।